Split by PDF Splitter



ପ୍ରକାଶେ ଅପେକ୍ଷା ଚଳ ନେଥିଯାଏ ନାହିଁ । ଓଡ଼ିଶାରେ ନାଳଜଳଦ୍ୱାର ଅଧିକ ଫସଲ ହୁଅଇ ଯଥା ତାଳଦଣ୍ଡା କାଳକୁ ମା , ୧୬୯ ଶ ଏବଂ କେନ୍ଦ୍ରାପଡ଼ା ଓ ହାଇଲେବଲ କାଳମାନଙ୍କରୁ ମା ୫୬୭ ଶ ଭୂମିରେ ଗତବର୍ଷ ଚଷ ମାଡ଼ିଥିଲା । କେବଳ ପାରଣ ଓ ଖାଦ୍ୟାବାଦ ଜଲରେ ପ୍ରାୟ ବଳବର୍ଷ ୬୧ ହଜାରମାଣ ଓ ତହିଁ ପୂର୍ବବର୍ଷ ପ୍ରାୟ ୫୦ ହଜାରମାଣ ଭୂଇଁ ଫସଲ ନିମିତ୍ତ ଜଳ ନିଆଯାଇ ଥିଲା ।

---

ହୁଗ୍ଲୋଜରୁ ଗତ ଛୋଟନାଗପୁର ଓ ବୃଷ୍ଟି ବିଷୟରେ କତିପୟ ସମ୍ବାଦ ପାଇଅଛୁଁ । ତହିଁରୁ ପ୍ରକାଶ ଯେ ଛୋଟନାଗପୁରରେ ଅନେକ ସ୍ଥଳ ଭାଙ୍ଗିଯିବା ଓ କୂଅ ଭାଙ୍ଗିଯିବାରୁ ଲୋକଙ୍କର ଭାରି କଷ୍ଟ ହୋଇଥିଲେ ହେଁ ଅଳ୍ପ ବୃଷ୍ଟି କୃଷିପ୍ରତି ଉପକାର କରିଅଛି ଏବଂ ମୋଟରେ ଆଗାମି ଫସଲର ଅବସ୍ଥା ମନ୍ଦ ନୁହେ । ଗତବର୍ଷ ଫସଲର ଅବସ୍ଥା କେଉଁଠାରେ ବାବୁ ଗୋବର୍ଦ୍ଧନ ଘୋଷାଲ୍ ସ୍ୱୟଂ ମୋଫସଲ ଭ୍ରମଣକରି ଦେଖି ଆସି ଥିଲେ । ଏବର୍ଷ ଉକ୍ତ ଅଭାବ ସମୟରେ ରାଜମାନଙ୍କର ଶସ୍ୟସମ୍ବନ୍ଧୀୟ କଷ୍ଟ ଲାଘବାର୍ଥେ ଅନେକ ସମେ ଖଜଣା ଛାଡ଼ିଦେଇ ଅଛନ୍ତି ଏମନ୍ତ କି ଏକ୨ ମୌଜାରେ ଅଠପଣ ଖଜଣା ମାଫ ହୋଇଅଛି । ଗତବର୍ଷରେ ଯେତେବେଳେ ମହାଜନମାନେ ଋଣ ନ ଦେବାରୁ ପ୍ରଜାମାନେ ଅତ୍ୟନ୍ତ ଅନ୍ନକଷ୍ଟରେ ପଡ଼ିଥିଲେ ସେତେବେଳେ ମୋଫସଲର ଖଜଣା ସମାହର୍ତ୍ତାମାନଙ୍କରୁ ଧାନ ଋଣ ଦେଇ ପ୍ରଜାଙ୍କର ପ୍ରାଣ ରକ୍ଷା କଲେ । ଏ ବିଷୟ ପ୍ରଜାଙ୍କର ଏବଂ ଦେବାନ ଖାନସୁବଙ୍କ ପକ୍ଷରେ ପ୍ରଶଂସନୀୟ ଅଟଇ ।

---

## ଖୋର୍ଦ୍ଧାର ଅନ୍ନକଷ୍ଟ ।

ଅମ୍ଭେମାନେ ପ୍ରଥମରୁ କହିଅଛୁଁ ଯେ ଖୋର୍ଦ୍ଧାର ବର୍ତ୍ତମାନ ଅନ୍ନକଷ୍ଟର କାରଣ ବନ୍ଦୋବସ୍ତମାନଙ୍କରେ ହାଲବନ୍ଦୋବସ୍ତର ଉଚ୍ଚହାର ଜମା ଏବଂ ପ୍ରଧାନରୂପେ ଜଙ୍ଗଲସମ୍ପର୍କୀୟ କଠିନ ବ୍ୟବସ୍ଥା ଅଟଇ । ଶ୍ରୀଯୁକ୍ତ ଟେଲର ସାହେବଙ୍କ ଅମଳରେ ଏହି ଦୁଇ ଘଟଣା ହୋଇଥିବାରୁ ତାହାଙ୍କର ଦାୟିତ୍ୱ ସମ୍ପୂର୍ଣ୍ଣରୂପେ କହିଅଛୁ ସନ୍ଦେହ ନାହିଁ ଏବଂ ଯଦ୍ୟପିତ ସେ ସେଥିସମୟରେ ଗବର୍ଣ୍ଣମେଣ୍ଟଙ୍କୁ ଉଚିତରୂପେ ପରାମର୍ଶ ନ ଦେଇ ମହାଭ୍ରମରେ ପଡ଼ିଥିଲେ

ଏବଂ ତହିଁପାଇଁ ସାଧାରଣମତ ତାହାଙ୍କ ପ୍ରତିକୂଳରେ ହୋଇଥିଲା ତଥାପି ଖୋର୍ଦ୍ଧାବାସିଙ୍କର ଏହି ଦୁଃଖସମୟରେ ଉପଯୁକ୍ତ ସାହାଯ୍ୟକାର୍ଯ୍ୟରେ ବନ୍ଦୋବସ୍ତ କରି ଦେଇ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଅଛନ୍ତି ଏବଂ କୃଷକଙ୍କ ଭାବରେ ପ୍ରକୃତଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଆପଣା ସରଳହୃଦୟର ସୁନ୍ଦର ପରିଚୟ ଦେଇଅଛନ୍ତି । ଖୋର୍ଦ୍ଧାର ଅନ୍ନକଷ୍ଟ ସମ୍ପର୍କରେ ସେ ଯେଉଁ ପତ୍ର ଲେଖିଅଛନ୍ତି ଓ ଯାହା ଗବର୍ଣ୍ଣମେଣ୍ଟଗେଜେଟରେ ଛପା ହୋଇଅଛି ତହିଁରେ ସେ ୬୭।୬୭ ଓ ୬୮ ଦଫାରେ ସେ ସ୍ପଷ୍ଟ ଲେଖିଅଛନ୍ତି ଯେ ସନ ୧୮୮୬ ସାଲରେ ଗବର୍ଣ୍ଣମେଣ୍ଟ ଜଙ୍ଗଲସମ୍ପର୍କରେ ଯେଉଁ ନିୟମାବଳୀ ପ୍ରଚାର କରିଅଛନ୍ତି ତଦ୍ୱାରା ଲୋକେ ଜଙ୍ଗଲରୁ ସାମାନ୍ୟ ଜାଳକାଠ ଘାସ ପତ୍ର ଫଳ ଶାଗ ଇତ୍ୟାଦି ଆଣି ବ୍ୟବହାର କରିବାରୁ ବଞ୍ଚିତ ହୋଇଅଛନ୍ତି ଗଞ୍ଜାମ ଲୋକମାନେ ପ୍ରାୟ ସମ୍ପୂର୍ଣ୍ଣରୂପେ ସଂରକ୍ଷିତ ଜଙ୍ଗଲରୁ ବହିଷ୍କୃତ ହୋଇଅଛନ୍ତି ଏବଂ ଜଙ୍ଗଲଚୋରିଦାର ପାଇକମାନଙ୍କଦ୍ୱାରା ସଂଅଭିଜ୍ଞରୂପେ ପ୍ରପୀଡ଼ିତ ହୋଇଅଛନ୍ତି । ଖବର ଓ କାଉସିଲମାନେ ଗତବର୍ଷରୁ ହାଠଗୋଲ ବହୁଗୁ ବନ୍ଦବାଇ ଖତ ଦେଇଅଛନ୍ତି ଏଥିପାଇଁ ଅତଏବ ସେମାନଙ୍କ ଅନ୍ନକଷ୍ଟ ବାଧିଅଛି । ସେ ଅଧିକ ଲେଖିଅଛନ୍ତି ଯେ କମିଶନରସାହେବଙ୍କ ଆଦେଶମତେ ସଂରକ୍ଷିତ ଜଙ୍ଗଲମାନ ଛାଡ଼ି ଦିଆହେବାରୁ ଗରିବମାନଙ୍କର ବିଶେଷ ଉପକାର ହୋଇଅଛି ଏବଂ ଜେଲାସମ୍ପର୍କୀୟ ନିୟମାବଳୀରେ ଯେସମସ୍ତ ଅଟକ ଥିଲା ସେସମସ୍ତ ଉଠାଇ ଦେବାରୁ ଅନେକଭୂମିରେ ଲୋକେ ମାଣ୍ଡିଆ ହରଡ଼ ଲୋଇଥ ବାଇଗଣ ଇତ୍ୟାଦି ଫସଲ କରିବାରୁ ଏଥିମଧ୍ୟରେ ବାଇଗଣ ବଜାରକୁ ଆସି ତହିଁ ରଜାର କଷ୍ଟ ଦୂର କରୁଅଛି ଏବଂ ମାଣ୍ଡିଆଫସଲ ପ୍ରଚୁରପରିମାଣରେ ହୋଇଅଛି ଯେ ତଦ୍ୱାରା ଅନ୍ନକଷ୍ଟ ବିଶେଷରୂପେ ଘୁଞ୍ଚିଛି । ଏଥିନିମନ୍ତେ ଶସ୍ୟ ବାହୁଲ୍ୟରୂପେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ଅମ୍ଭେମାନେ ତାହାଙ୍କୁ ବିଶେଷ ଧନ୍ୟବାଦ ଦେଉଅଛୁଁ ଏବଂ ଅମ୍ଭମାନଙ୍କର ଆଶା ହେଉଅଛି ଯେ ବର୍ତ୍ତମାନ ଲେଫ୍ଟେନାଣ୍ଟ ଗବର୍ଣ୍ଣର ବାହାଦୁର ଯ ଯାହାଙ୍କର ପ୍ରଜାବତ୍ସଳତାର ପରିଚୟ ନାହିଁ ଏତବିଷୟରେ ଉପଯୁକ୍ତ ଅନୁଶାସନ ପ୍ରଚାର କରି ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଗଡ଼ଜାତର ଗରିବପ୍ରଜାମାନଙ୍କୁ ସ୍ଥାୟୀ ପ୍ରତିକାର ଦାନ କରିବେ ।

---

## ଲେଫ୍ଟେନାଣ୍ଟ ଓ ଦୁର୍ଭିକ୍ଷ ।

ଅମ୍ଭମାନଙ୍କ ଲେଫ୍ଟେନାଣ୍ଟସାହେବ ସର ଷ୍ଟିବାର୍ଟ ବେଲି ବାହାଦୁର ଆଗାମି ନବେମ୍ବରମାସରେ ଓଡ଼ିଶାକୁ ଶୁଭାଗମନ କରିବେବୋଲି ଏକପ୍ରକାର ସ୍ଥିର ହୋଇଅଛି ଏବଂ ତାହାଙ୍କ ଅଭ୍ୟର୍ଥନା ନିମନ୍ତେ କରିବାକୁ ତାହା ତନ୍ତ୍ରାର ବିଷୟ ହୋଇଅଛି । ସମ୍ଭ୍ରାନ୍ତ ରାଜପୁରୁଷଙ୍କୁ ଯେ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରାଇବା ଅବଶ୍ୟ କର୍ତ୍ତବ୍ୟ ଏବଂ ଯେପରି ବ୍ୟକ୍ତି ବିଶେଷର ଘରକୁ କେହି ବନ୍ଧୁ ବାନ୍ଧବ ବା ପରିଚିତ ସମ୍ଭ୍ରାନ୍ତବ୍ୟକ୍ତି ଆସିଲେ ତାହାଙ୍କ ମର୍ଯ୍ୟାଦା ନିମନ୍ତେ କରୁ ଅଧିକା ବ୍ୟୟ ପଡ଼ଇ ସେମନ୍ତ ଶାସନକର୍ତ୍ତାଙ୍କ ଶୁଭାଗମନ ସମୟରେ ସାଧାରଣ ଲୋକଙ୍କର ମଧ୍ୟ ଅଧିକା ବ୍ୟୟ ପଡ଼ଇ ଏ ପ୍ରଦେଶୀୟ ଲୋକମାନେ ତାହା ବିଲକ୍ଷଣ ହୃଦୟଙ୍ଗମକରି ପୂର୍ବ୨ ଲେଫ୍ଟେନାଣ୍ଟଙ୍କ ଶୁଭାଗମନ ସମୟରେ ଯେଉଁ ଆଡ଼ମ୍ବରର ପୂର୍ବକ ସମୁଚିତ ସମ୍ମାନ ଦେଖାଇ ଆସି ଅଛନ୍ତି । କିନ୍ତୁ ଏବର୍ଷ ଗୋଟିଏ ବିଷମ କଥା ଉପସ୍ଥିତ ହୋଇଅଛି । ଗଡ଼ଜାତର ଅନେକସ୍ଥଳରେ ଏଥର ଦୁର୍ଭିକ୍ଷ ପଡ଼ିଅଛି । ରାଜାମାନେ ଆପଣା ଏଲାକାରେ ସାହାଯ୍ୟଦାନରେ ବ୍ୟସ୍ତ ଅଛନ୍ତି । ସେମାନଙ୍କୁ ଏ ସମୟରେ ଭେଟା ମାଗିବା ଦମ୍ଭ ଗଡ଼ ଖଣ୍ଡ ଏଠାକୁ ଆସିବାକାରଣ ଅମନ୍ତ୍ରଣ କରିବା କଦାଚ ସୁନ୍ଦର ଦଶିବ ନାହିଁ । ସରକାରୀ ଖାସ ଗଡ଼ଜାତ ମଧ୍ୟରେ ଖୋର୍ଦ୍ଧାରେ ସାହାଯ୍ୟ କାର୍ଯ୍ୟର ଉପଯୁକ୍ତ ବ୍ୟବସ୍ଥା ହୋଇଅଛି । ବାଙ୍କିରେ ମଧ୍ୟ କଷ୍ଟ ହୋଇଅଛି କିନ୍ତୁ ଅନୁଗୁଳରେ, ଅନ୍ତେ କଷ୍ଟ ହୋଇ ନାହିଁ ଏବଂ ସେଠା ଲୋକେ ସାହାଯ୍ୟନିମିତ୍ତ ଉଡ଼ି ପଳାଇ ଅଛନ୍ତି । ଅମ୍ଭମାନଙ୍କ କମିଶନର ଓ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ସେହି ସ୍ଥାନରେ କର୍ଣ୍ଣପାତ କରୁ ନାହାନ୍ତି ସତ୍ୟ ଏବଂ ତାହାଙ୍କ ଆଖରୁ ଅନୁମାନ ହେଉଅଛି ଯେମନ୍ତ ସେଠାରେ ବହୁମାତ୍ର କଷ୍ଟ ହୋଇ ନାହିଁ । କିନ୍ତୁ ଯେଉଁଲେ ଖୋର୍ଦ୍ଧା ଓ ଅନ୍ୟାନ୍ୟ ଗଡ଼ଜାତରେ ଲୋକଙ୍କର କଷ୍ଟ ହୋଇଅଛି ବୋଲି ସରକାର ଓ ରାଜାମାନେ ସାହାଯ୍ୟ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ଏବଂ ସମାଚ ଅନୁଷ୍ଠାନର ଅନୁଗୁଳରୁ ଦୁଃଖର କନ୍ଦନଧ୍ୱନି ଅନବରତ ଶୁଣା ଯାଉଅଛି ଅଥଚ ଏ ପର୍ଯ୍ୟନ୍ତ ଗଡ଼ଜାତ-ସୁପ୍ରିଣ୍ଟ କମା

Digitized by srujanika@gmail.com

ତାହାଙ୍କ ଅଭିଷ୍ଟମ୍ବ ସେଠାର ଅବସ୍ଥା ସ୍ୱଚକ୍ଷୁରେ ଦେଖି ନାହାନ୍ତି ସେମାନେ କେମନ୍ତ କରି ବୋଧ ଯିବ ଯେ ସେଠାରେ କେହି କଷ୍ଟ ନାହିଁ । ସୁପରିଣ୍ଟେଣ୍ଡେଣ୍ଟ ସାହେବ ବ ମ୍ୟୁନିସିପାଲଟିରେ ଜ ଜଥା ବୁଝିଅଛନ୍ତି ତାହାସବୁ ଅବଶ୍ୟ ପ୍ରକାଶ କରିବାକୁ ଅନୁରୋଧ କରୁ ତାହାନ୍ତି ଯେ ଉଦ୍ଧାର ସାଧାରଣଙ୍କ ମନ କଷ୍ଟ ଅଶ୍ରୁ ହେବ । ଫଳତଃ ଯେପର୍ଯ୍ୟନ୍ତ ଅନୁ ସ୍ଥଳର ଅବସ୍ଥା ଦୂର ହେବାର ଜଣା ଯାଇ ନାହିଁ ସେ ପର୍ଯ୍ୟନ୍ତ ସେଠାଲୋକଙ୍କ ସାହାଯ୍ୟ ପ୍ରାର୍ଥନା ପ୍ରତି ମନୋଯୋଗୀ ହେବା ଏବଂ ତହିଁ ନିମିତ୍ତ ଦେବା ସମସ୍ତ ଓ ଦାନ କରିବା ଉଚିତ । ସେମାନେ ଅଳ୍ପଙ୍କିଁ ବାରମ୍ବାର କରୁଅଛେ ଅତ ଅମ୍ଭେମାନେ ସେଷନାର ଅଭିସକାଙ୍କୀ ଇତ୍ୟାଦ ସଭାରେ ଦେବା ସମ୍ମତ କରୁଥିବା କୌଣସି ଭୂଦସ୍ଥବାନ୍ ବ୍ୟକ୍ତି ଏ ପରାମର୍ଶ ଦେବେ ନାହିଁ । ଯେଉଁମାନେ ସେଟ୍ଲମେଣ୍ଟଙ୍କ ଅଭ୍ୟର୍ଥନା ନିମିତ୍ତ ଦେବା ସମ୍ମତ କରିବାକୁ ବସିଅଛନ୍ତି ସେମାନେ ଯେବେ ସେହି ଦେବା ଅନୁଗ୍ରହର ସାହାଯ୍ୟନିମିତ୍ତ ପଠାଇଦେବେ ଏବଂ ଲେଫ୍ଟେନାଣ୍ଟ ଏଠାରେ ଉପସ୍ଥିତମାନ ହେବା ସମୟରେ ତାହାଙ୍କୁ କହିବେ ଯେ ତାହାଙ୍କ ସମ୍ମାନାର୍ଥ ଏଥିର ଏଭଳି କାର୍ଯ୍ୟ କରିଅଛନ୍ତି ତେବେ ସର ଷ୍ଟୁଆର୍ଟ ବେଲି ଯେମନ୍ତ ସାଧୁ ଓ ଧର୍ମପରାୟଣ ପ୍ରଜାପାଳକ ଅଟନ୍ତି ସେ ଯେ ଏଥିରେ ଅଧିକତର ଆନନ୍ଦ ଏବଂ ଆହ୍ଲାଦିତ ସନ୍ତୁଷ୍ଟ ହେବେ ଏଥିରେ ଅନୁମାନ ସନ୍ଦେହ ନାହିଁ । ଅତଏବ ଅମ୍ଭେମାନେ ସର୍ବାଗ୍ରେ ଅନୁକୂଳ ଦୁର୍ଭିକ୍ଷ ସଭାରେ ଦେବା ଦେବାକୁ ଅନୁରୋଧ କରୁଅଛୁଁ ।

✓

---

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଅଳ୍ପ ବୃଷ୍ଟି ହୋଇ ଖାଦ୍ୟ ଏବଂ ଉତ୍ତାପ ତାରୁ କଟକର ଶୀତ ଓ ରଥ ହୋଇଅଛି ।

ଦୁର୍ଗୋତ୍ସବ ଉପଲକ୍ଷରେ ଆସନ୍ତା ଶୁକ୍ରବାରଠାରୁ ଅର୍ଥାତ୍ ଭଦ୍ର ଦିନଗୁଡ଼ା ଏକମାସ ଅଦାଲତ ବନ୍ଦରେମାନ ବନ୍ଦ ହେବ ।

ବର୍ତ୍ତମାନ ଏ ନଗରରେ ଓଳଉଠା ପ୍ରାୟ ଉଦର୍ଦ୍ଧ ହୋଇଅଛି ମାତ୍ର ଜ୍ୱର କାଶ ଓ ଶରଦ ବଡ଼ ଡ଼ରବର କରୁଅଛି ।

ମାଜିଷ୍ଟ୍ରେଟ ଲେଟ୍‌ଲେଟ ସାହେବଙ୍କର ଓଡ଼ିଶାକୁ ପୁନରାଗମନ ଉପଲକ୍ଷେ ତାହାଙ୍କର ଅଭିନନ୍ଦନାର୍ଥ କଟୋକସ୍ଥ ସଭାରେ ଆସନ୍ତ ବାର ସକାଶ ସମୟରେ ଟ୍ରେନିଂ ସ୍କୁଲ ଗୃହରେ ବୈଠକ ହେବ ।

ହୋଷ୍ଟେଲ ନୂତନ ଗୃହର ଭିତ୍ତି ଏବ

ପିତାଙ୍କ ଅନୁରୂପ ସ୍ଥାନରେ ଦାୟିତ୍ୱ ହେଲେହେଁ ଶିକ୍ଷା-ଧାନପ୍ରତି ତାହାଙ୍କର ଯଥୋଚିତ ଉତ୍ସାହ ଅଭାବ ଦୃଷ୍ଟି ଅନୁଭବ ହେଉଁ । ଏଥିମଧ୍ୟରେ ଉଚ୍ଚ ସ୍କୁଲକୁ ମାସିକ ୫୪ ଟଙ୍କା ଓ ମୋହରିରଙ୍କ ମୂଳ ସ୍କୁଲକୁ ୫ ୩ ଟଙ୍କା ଲେଖାଏଁ ସାହାଯ୍ୟ ଦାନ କରିବା ଏବଂ ଅଳ୍ପଦିନ ଭିତରେ କୋଟିଏ ସ୍କୁଲ ଓ ମାଇନର ସ୍କୁଲ ବସାଇବାକୁ ମାନସ ରଖିଅଛନ୍ତି ଜଣେ ପଣ୍ଡିତଙ୍କ ଲେଖିଅଛନ୍ତି । ଅମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ସେ ରାଜା ଶୀଘ୍ର ଗୁଣ ପରିତୋଷ କରି ସାଧାରଣ ହିତକାର୍ଯ୍ୟରେ ବ୍ରତୀ ହେଉନ୍ତୁ ।

ଗତମାସ ତା ୧୪ ରଖରେ ସାଲେପୁରଥାନା ଅନ୍ତର୍ଗତ ଅରଙ୍ଗାବାଦ ନିବାସୀ ଶ୍ରୀ ଅନୁନାଥ ଦାସ ଦେଲାଙ୍ଗ ମାଇନରସ୍କୁଲ ସ୍କୁଲରେ ଅଭିନୟ ଦେଖାଇଥିଲେ ।

ବାଲେଶ୍ୱରଶାସନ ହାଟକୁ ଲୋକଏ ନଡ଼ିଆଛଡ଼ା ଅଣିଥିଲା ସେ ତହିଁରେ ଚଉଦଗଣ୍ଡା ଗଣା ବାହାରିଥିଲା । ଓ ମଧ୍ୟରେ ଗଣା ପ୍ରାୟ ଅର୍ଦ୍ଧହସ୍ତ ଲମ୍ବା ହେବ ତହିଁରେ ୦ ୮ ଜ ହେଲ ତଥିରୁ ବାହାର କେତେଗୁଡ଼ିଏ ଫଳ ପୁଷ୍ପଅଙ୍କୁର ଦେଖି ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହେଲେ ।

ଗଣାହଟାର ବାଉଦାବଦ୍ୟାଳୟ ସଭ ଦୋଷାକରେ ବହୁ ଷଡ ସ୍ଥଳ ଅଛି । ସ୍ଥଳରେ ଅଟ୍ଟାଳୀ କୃଷ୍ଣ ୫ ୧ ଓ ବୃକ୍ଷଭଗରେ ବହୁ ପ୍ରଭେଦ ଅନେକ ଘର ନଷ୍ଟ ହୋଇଅଛି ।

ଏକମାସ ହେବ କାଇତାଠି ଗ୍ରାମର ଏକ ବାହ୍ମଣ ମୂଳରେ ଏକ ପରମଯୋଗୀ ଅସି ବାସ କରିଅଛନ୍ତି । ଏ ମହାତ୍ମା ଜଣା ସବୁ ଅସି ଭୂଙ୍କ ଧାନ କରୁଅଛନ୍ତି ଅହାର ନିଦ୍ରା ନାହିଁ । ସେମାନେ ଶାନ୍ତିବାକୁ ଦେଲେ ସୁବା ଖାଇ ନାହାନ୍ତି ଜମ୍ୱା ଘର କରିଦେଲେ ଚନ୍ତୁ ନାହାନ୍ତି । ତେବେ ଶନ୍ନିଷ୍ଠର ଖରି ସାମନ୍ତବାହିଁକ ଅସି ଅଛନ୍ତି ?

### କଣ୍ଟ୍ରାକ୍ଟ-ଫେରେନ୍ସ ।

ବୋର୍ଡ ଅଫ୍ ରେଭେନିଉର ଏକଟିଂ ଜୁନିୟର ସେକ୍ରେଟେରୀ ଜେ. ଇ. ସ୍ପ୍ରିସାହେବ ବି, ଉ ଜନ୍‌ସନ୍‌ସାହେବଙ୍କ ଅନୁପସ୍ଥିତିକାଳରେ ଅଥବା ଅନ୍ୟାଜ୍ଞାପର୍ଯ୍ୟନ୍ତ ଅପଣା କାର୍ଯ୍ୟଛଡ଼ା ବୋର୍ଡର ସେକ୍ରେଟେରୀ କାର୍ଯ୍ୟ ମଧ୍ୟ କରିବେ ।

ମୁଜଫରପୁର ଗୋର୍ଖା, ଜାଜପୁର, ସାରଣ, ଚମ୍ପା ଓ ପିପିଲିଙ୍କାନମାନଙ୍କରେ ଦେଶୀ ଟୀକା ଦିବାରେ ଅନେକ ପ୍ରଚଳିତ କରିବାକୁ ଲେଫ୍ଟେନାଣ୍ଟ ଉଚ୍ଚା ପ୍ରକାଶ କରିଅଛନ୍ତି । ଏକମାସମଧ୍ୟରେ ନୂତନ ଅପତ୍ତି ନ ଦର୍ଶିଲେ ଉକ୍ତ ଅନେକ ପ୍ରଚଳିତ ହେବ ।

ଶ୍ରୀଯୁ ମିଉନିସିପାଲିଟୀ କେତୋଟିମାନ ପଦରେ ସ୍ୱତନ୍ତ୍ର ନାଇ ଅଫିସର ଗ୍ରି ଏ, ଏମ, ଜେଭନ୍‌ସ୍ନ ନିଯୁକ୍ତ ହୋଇଅଛନ୍ତି ।

---

ପାରଲ୍ୟାମେଣ୍ଟର ସେଭମାନେ ପ୍ରତିନିଧିଦ୍ୱାରା ଭେଟ ବାଛାଠାରୁ କାଉନ୍ସିଲ ରେଲକାଟ କରିବା ଉଦ୍ଦେଶ୍ୟରେ ବଙ୍ଗଦେଶୀୟଙ୍କଠାରୁ ପାର୍ଲାମେଣ୍ଟକୁ ଯେଉଁ ଅବେଦନପତ୍ର ପଠା ଯାଇଅଛି ତାହା ସମର୍ଥନ କରି ଅନେକ ଏକ ଅବେଦନପତ୍ର ପଠାଇଅଛନ୍ତି । ଉତ୍ତମ ।

ଅମ୍ଭମାନଙ୍କର ଛୋଟ ବଡ଼ଲାଟ ଲର୍ଡ ଲେନ୍ସଡାଉନ ବାହାଦୁର ଆଗାମୀ ନବମ୍ବରମାସ ତା ୧୧ ରଖରେ ହବଡ଼ାକୁ ଅଭ୍ୟର୍ଥନାକୁ ଯାତ୍ରା କରିବେ ।

ଗତମାସ ତା ୧୨ ରଖ ରାତ୍ରିରେ ଦ୍ୱାରଭଙ୍ଗ ପିଣ୍ଡ ସମୟରେ ମୁଦଠାରେ ଭୟାନକ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳିଲା ।

ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଥାନାଗାର ଏକଟିଂ ପୋଲିସ ବାବୁ କୃଷ୍ଣଚନ୍ଦ୍ର ମୁଖୋପାଧ୍ୟାୟ ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇ

ଅଛନ୍ତି ଏବଂ ତାହାଙ୍କ ବଡ଼ଭାଇ ପ୍ରଥମଶ୍ରେଣୀର ଡେପୁଟି ମାଜିଷ୍ଟ୍ରେଟ ହୋଇଅଛନ୍ତି ।

ଉକ୍ତ ଜିଲ୍ଲା ଅନ୍ତର୍ଗତ ସିମଲାର ଏକଟିଂ ଡେପୁଟିକଲେକ୍ଟର ସମ୍ପ୍ରତି ଅବସ୍ଥା ଏବଂ ତହିଁର କ୍ଷମତା ପାଇଅଛନ୍ତି ।

ସାଲେପୁରର ଏକଷ୍ଟ୍ରା ଅସିଷ୍ଟାଣ୍ଟ କମିଶନର ବାବୁ ଜାନକୀ ଘର ଦେଓଆନୀ ଦେବାର ଅପିଲ ବିଚାର କରିବାର କ୍ଷମତା ପାଇଅଛନ୍ତି ।

ଅବସ୍ଥା ଜନନ ନାମକ ଏକ ଷ୍ଟେସନ ମଧ୍ୟରେ ୧୮୭୨ ସାଲ ଠାରୁ ଶ୍ରୀ ଶ୍ରୀମତୀ ମହାରାଣୀ ମହାରାଣୀଙ୍କର ମଞ୍ଜୁରୀ ସୁଦ ଷ୍ଟେସନ ବଙ୍ଗଳାରୂପରେ ସଂଯୁକ୍ତ ହୋଇଅଛନ୍ତି । ଏହିପରି ହିସାବ କ୍ରମେ ୫ ୩୧୭୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବ ।

ମହାରାଣୀଙ୍କର ଲୋଟିଏ ପଣ୍ଡିତ ନୃତ୍ୟମାନ ଲୁଚି ଜନଗଣ ପୀଡ଼ା ହେବାରେ ମା ୨ ସେର ଗୁଣ୍ଡି ନେଇ ଦେଶକୁ ଅଛିଅଛି । ମହାରାଣୀ ଉକ୍ତ ଦ୍ରବ୍ୟରେ ପଢ଼ ଦେଖି ସେହ ଭୁତାର କୂପର ପ୍ରଶ୍ନ କରିଅଛନ୍ତି । ମହାରାଣୀ ଦେଖ ।

ଅମ୍ଭେମାନେ ଶୁଣି ଯତ୍ପରୋନାସ୍ତି ଖୁସି ହେଉଁ ଯେ କଲିକତାର ମୂଳ ବାଜକୋଟର ବୃତ୍ପତ୍ତି ଚତୁର୍ଥ ଜଜ ମୂତ ସ୍ୱର୍ଗୀୟ ରେଜଙ୍କ ପୁତ୍ର ଶ୍ରୀ ପ୍ରକାଶ ଲେଖ ଦସଦରେ କୃତକାର୍ଯ୍ୟ ସ୍ୱର୍ଗତ ବର୍ଣ୍ଣୀୟ ଲଣ୍ଡନ ଏସୋସି କଲେଜରେ ଶେଷ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରେ ତାହାର ସ୍ଥାନ ହୋଇଅଛନ୍ତି ।

ଲେଫ୍ଟେନାଣ୍ଟର ଦକ୍ଷିଣ ଓ ମଧ୍ୟପ୍ରଦେଶରେ ଭୟାନକ ବନ୍ୟା ଓ ଝଡ଼ ହୋଇଥିଲା । ଧନଂସବୁ ଅନେକ ଖଣ୍ଡ ହୋଇଅଛି ।

ମହାସ୍କାରଭର ଦଂସ୍ଥା ଅନୁବାଦର ସାହାଯ୍ୟାର୍ଥେ ବୃତ-ଚହାଲ ମହାରାଜା ୫ ୧୦୦୦୯ ଟଙ୍କା ପ୍ରଦାନ କରିଥିବାର କଥିତ ହୁଅଇ ।

ଅଗ୍ରୋଲ (ଜଲପାଇଗୁଡ଼ି) ଦଳୁଙ୍ଗରେ ପୃଥିବୀ ମଣ୍ଡଳ ହୋଇଅଛି । କର୍ଣ୍ଣେଲ ନେକ୍ସିଉଇଙ୍କ ଅଧୀନରେ ସାଠିଏ ସୈନ୍ୟ ଅଗାମି ବସନ୍ତକାଳରେ ଉପସ୍ଥିତ ହେବେ । କର୍ଣ୍ଣେଲ ଗଲବ୍ରେଥ୍ ଦଳପତି ଅଧ୍ୟକ୍ଷ ହେବେ ।

ପଞ୍ଜାବ ବିଶ୍ୱବିଦ୍ୟାଳୟର ସୂତପୂର୍ବ ରେଜିଷ୍ଟ୍ରାର ପର୍ଷେଣ୍ଟ ସାହେବ ଏକଟିକାର ଟଙ୍କା ମାସିକ ବେତନରେ ପାଲଓନ୍‌ସିପ ପଦବୀର ସହକାରୀ ଷଣ୍ଡ ପଦ ନିଯୁକ୍ତ ହୋଇଥିବାର ଶୁଣା ଯାଉଅଛି ।

ତ୍ରିପୁର ଶ୍ରୀମନ୍ମହାରାଜ ଚେମ୍ବର୍ସ କନ୍ଫେନ୍ସଙ୍କ ଉଦାର-ଚରିତ୍ରେ ଉଦ୍ୟୋଗୀ ଲୋଟିଏ ଅନାଥଙ୍କ ପାଇଁ ଘରଟିଏ ଗଢ଼ିବାର ସାଥ ଅଠ-ଅଣା ସ୍ୱତ ପ୍ରାର୍ଥନା କରଥିବା ଅନୁଷ୍ଠାନରେ ଲୋକସବୁ ଦାନ-ବାସ ପଦ୍ମ ପ୍ରାପ୍ତ ହୋଇଅଛି । ବିଦ୍ୟାଳୟମାନେ ସାହାଯ୍ୟ-ହେବେ କ ।

ଗତ ମାସ ପ୍ରଥମସପ୍ତାହରେ ଲଣ୍ଡନ ନଗରରେ ଲୋକଟି କେଉଁଶା ଖୁନ ହୋଇଥିବାର ସମ୍ବାଦ ଲଣ୍ଡନରର ତଦ୍ଦନ୍ତ ହୋଇଅଛି କଣେପାଇଁ ଏ ଦେଶମାନଙ୍କ ଭୂତ କରିବାକୁ କରତ ହୁଏ ।

ବୃଷ୍ଟି ଅଭାବରୁ ସ୍ଥାନଠାରେ ଦୁର୍ଭିକ୍ଷ ହେବାର ଅଶଙ୍କା ଜାତ ହୋଇଅଛି ଏବଂ ସେଠା ବଲେକ୍ଟର ଏହି ନିଶ୍ଚୟ ଜଣାଇ ଡାଇରେକ୍ଟରରେ ଦୁର୍ଭିକ୍ଷଜନିତ ମୃତ୍ୟୁନିବାରଣୋଚିତ କାର୍ଯ୍ୟ ଆରମ୍ଭ କରିଅଛନ୍ତି । ବାଲେଶ୍ୱରଠାରେ ମଧ୍ୟ ସଦ୍ୟ ବର୍ଷା ହୋଇ ନ ଥିବାରୁ ଦୁର୍ଭିକ୍ଷର ଅଶଙ୍କା ଜାତ ହୋଇଅଛି । ଏଥିରୁ ଅଶେଷ ଭୟର କାରଣ ଅଛନ୍ତି ।

କଲିକତାର ବାବୁ ପ୍ରତାପଚନ୍ଦ୍ର ରାୟଙ୍କ ମହାଭାରତର ସଂସ୍କୃତ ଅନୁବାଦକାର୍ଯ୍ୟର ସାହାଯ୍ୟାର୍ଥେ ପଞ୍ଜାବର ମହାରାଜା ୫୧୦୦ ଟଙ୍କା ଦାନ କରିଅଛନ୍ତି । ଏହାର ପ୍ରଶଂସା ଅଛି ।

Digitized by srujanika@gmail.com

Split by PDF Splitter



## ପୁରୀ-ସମ୍ବାଦ ।

ଗତ ସପ୍ତାହରେ ଶ୍ରୀ ସରସ୍ୱତୀ ଦେବୀ ଠାକୁରାଣୀଙ୍କ ଦେଉଳ ମଧ୍ୟରୁ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ଠାକୁରାଣୀଙ୍କ ଅକ୍ଷି ଓ ଗଡା (ସୁବର୍ଣ୍ଣର) ଚୋରି ନେଇ ଚୋରମାନେ ରାତ୍ର ୫ ଟା ସମୟରେ ପଳାଉ ଯାଉଥିଲେ ମାତ୍ର ଧରାପଡ଼ି ଚାଲାଣ ହୋଇ ଦଣ୍ଡାଧୀନରେ ଅଛନ୍ତି ।

ଖୋର୍ଦ୍ଧା ଦୁର୍ଭିକ୍ଷ ନିବାରଣ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଶ୍ରୀଯୁକ୍ତ ବାବୁ ଗଗନଚନ୍ଦ୍ର ଦାସ ଡେପୁଟୀ ମହାଶୟ ଅପଣା କାର୍ଯ୍ୟକୁ ଫେରି ଆସିଅଛନ୍ତି ।

ସାଧାରଣ ରାସ୍ତାରେ ଗୋରୁମାନେ ଯଥାସ୍ଥିତ ଥିଲେ ଯେପରି ଖାଣ୍ଡିହାଉସକୁ ଧରି ନେଇଯାଉଅଛନ୍ତି ସେହିପରି ଷଣ୍ଢମାନଙ୍କୁ ଖାଣ୍ଡିହାଉସକୁ ନେବା ପାଇଁ ଶ୍ରୀଯୁକ୍ତ ମେଜେଷ୍ଟର ସାହେବ ଇଚ୍ଛା କରି ଯେଉଁ ଷଣ୍ଢମାନଙ୍କର ମାଲିକ ଅଛନ୍ତି ଓ ଯାହାଙ୍କର ମାଲିକ ନାହାନ୍ତି ସେମାନଙ୍କର ତାଲିକା କରିବା ଓ ଉକ୍ତ ଷଣ୍ଢମାନଙ୍କ ସମ୍ବନ୍ଧେ କି ଉପାୟ କରାଯାଉଅଛି ଏତଦ୍‌ବିଷୟର ରିପୋର୍ଟ ଦେବା ପାଇଁ ଚେଅରମାନଙ୍କୁ ଲେଖିଅଛନ୍ତି ।

## ବଉଦ-ସମ୍ବାଦ ।

ଗତ ମାସ ତା ୧୫ ଦିନ ରାତ୍ରିରେ ସାମାନ୍ୟ ବର୍ଷା ଓ ପରଦିନ ପ୍ରାତଃକାଳରେ ଖୁବ ବର୍ଷା ଓ ତୋଫାନ ହୋଇଥିବାରୁ କନ୍ଥା ଧାନ ଓ ବେସଣ ହବାର ସୁବିଧା ହୋଇଅଛି ।

କାଙ୍ଗାଳମାନଙ୍କର ଦୁଃଖ ଦର୍ଶନରେ ଦୁଃଖିତ ହୋଇ ସେମାନଙ୍କର ଉପକାରାର୍ଥ ରାଜା ଗୋଟିଏ ଅନ୍ନଛତ୍ର ଗଡ଼ ମଧ୍ୟରେ ସ୍ଥାପନ କରିଅଛନ୍ତି ଅନେକ ମା ୧ ସ ହେଲା କ୍ରମଶଃ ବୃଦ୍ଧି ହୋଇ ପ୍ରତିଦିନ ୧୦ ଶତାଧିକ କାଙ୍ଗାଳମାନଙ୍କର ୪୦୦ ଶତ କାଙ୍ଗାଳ ଛତ୍ରରେ ଅନ୍ନ ଭୋଜନ କରି ପ୍ରାଣରକ୍ଷା କରୁଅଛନ୍ତି । ଦେୱାନ ବାବୁ ରାଜାଙ୍କର ଏହି ଧର୍ମ୍ମ କାର୍ଯ୍ୟଟିକୁ ଉତ୍ତମରୂପେ ନିର୍ବାହ କରିବା ସକାଶେ ଏକଜଣ ଭାଲୁର ଓ ଦୁଇଜଣ ଭିନ୍ନବ୍ୟକ୍ତିଙ୍କୁ ନିଯୁକ୍ତ କରି ପ୍ରତ୍ୟହ ପରିଦର୍ଶନ କରୁଅଛନ୍ତି ।

ଅନେକ ୪ ୫ ବର୍ଷ ହେଲା ଏହି ଗଡ଼ ମଧ୍ୟରେ ଗୋଟିଏ ମାଇନର ସ୍କୁଲ ସ୍ଥାପନ ହୋଇଅଛି । ଗତ ବର୍ଷରେ ରାଜା ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପନ କରିଅଛନ୍ତି ।

ଗଡ଼ ମଧ୍ୟରେ ସର୍ବସାଧାରଣଙ୍କ ଶିକ୍ଷୋପଯୋଗି କେତେକ ଗୋଟି ଲାଇବ୍ରେରୀ ଓ ଅପରପ୍ରାଇମେରୀ ସ୍କୁଲ ସ୍ଥାପନ କରିବା ବିଷୟରେ ୫୦୦୯ ଟା ଖର୍ଚ୍ଚ କରି ଗଡ଼ଜାତ ସମୂହର ମାନ୍ୟବର ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋଦୟଙ୍କ ନିକଟକୁ ରପୋର୍ଟ ପଠାଇଅଛନ୍ତି, ଏ ପ୍ରଦେଶର ଲୋକଙ୍କ ... ଖୁବ ସମ୍ଭବ ସର ଇନ୍‌ସ୍ପେକ୍ଟର ଆସିଲେ ... ଉକ୍ତ ସ୍କୁଲମାନ ସ୍ଥାପନ ହେବ ।

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ—
ସମୀପେଷୁ ।

ମହାଶୟ !

ଅନୁଗୁଳ ଦୁର୍ଭିକ୍ଷ କୌଣସି ପ୍ରକାରେ ପ୍ରଶମିତ ହୋଇଥିବାର କଦାପି ଅନୁମାନ କରାଯାଇ ନ ପାରେ । ଇତମଧ୍ୟରେ କେତେକ ଅସ୍ତ୍ର ଜଳବୃଷ୍ଟି ହୋଇଥିବାରୁ ( ପ୍ରତ୍ୟେକ ମୌଜାର ସମୁଦାୟ ଧାନଜମି ମଧ୍ୟରେ ପ୍ରଥମକୁ ବୃଷ୍ଟି ଅଭାବ ଓ ବହନ ଅଭାବରୁ ପ୍ରାୟ ଦଶଅଣା ଭୂମି ପଡ଼ିଆ ରହିଁ ଅବଶିଷ୍ଟ ଛଅଣା ଗୃହଜମିରେ କୃଷି ହୋଇଅଛି ) କ୍ଷେତରେ ମୌଜୁଦ ଥିବା ଫସଲର ଯେ ଅନେକ ଉପକାର ହୋଇ ଅଛି ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଏହି ଛଅଣା ଗୃହରୁ ପ୍ରାୟ ଆଠପଣ ଏବର୍ଷ ଅମଦାନୀ ହେବାର ସମ୍ଭବ । ପୂର୍ବ ଗତବର୍ଷ ହେଲା କ୍ରମାନ୍ୱୟେ ଫସଲ ହାନି ହୋଇ ଆସୁଥିବା ଓ ଏବର୍ଷ ମୋଟରେ ଛପଣ ଫସଲରୁ ନ୍ୟୂନ ଅମଦାନୀ ହେବାର ଅନୁମାନ କରାଯାଉଥିବାରୁ ଦୁର୍ଭିକ୍ଷ ଆଗାମି ୧୨୯୭ ବା ୧୨୯୮ ସାଲର ପୂର୍ଣ୍ଣ ଫସଲ ହେବାଯାଏ ଚଳିବ । ବର୍ତ୍ତମାନସମୟରେ କେତେକ ପରିମାଣରେ ମନ୍ଦ୍ରା, ମାଣ୍ଡିଆ, ସୁଆଁ ଓ ବାଉଁଶଗଜାଦ୍ୱାରା ଉଦର ପୂରଣ ହେଉଅଛି କରୁ କଷ୍ଟ କୌଣସିପ୍ରକାର ହ୍ରାସ ହୋଇ ନାହିଁ । ଶାରଦଫସଲ ଯାହା ଅଛି ଅମଦାନୀ ହେବ ତହିଁର ସକାଶ ଅଛି ବ ନାହିଁ । ଯଦ୍ୟପି ଯଥା-ଇଥାପ୍ରକାରେ ମାଘ ଫଗୁଣ ପର୍ଯ୍ୟନ୍ତ ମରି ବଞ୍ଚି ଲୋକେ କଟାଇପାରିବେ ମାତ୍ର ତେଣିକି ଉପାୟ ନାହିଁ । ସରକାରୀ ତଦନ୍ତ ଉପଯୁକ୍ତରୂପେ ନ ହେବାରୁ ପ୍ରାୟ ବର୍ଷାଧିକ ହେଲା ସମ୍ବାଦପତ୍ରରେ ଆନ୍ଦୋଳନ ହେଉଥିଲେ ମଧ୍ୟ ପ୍ରତିକାର ହେବା ଦୂରେ ଥାଉ କର୍ତ୍ତୃପକ୍ଷ ଅନୁକୂଳ ଅବସ୍ଥା ଥରେ ମନରେ ପକାଇଲେ ନାହିଁ । ମନୁଷ୍ୟ ୨।୩।୧୦ ହୋଇ କ୍ରମଶଃ ମରିବାକୁ ଲାଗିଲେ-ପ୍ରାୟ ଶତସଂଖ୍ୟା ପୂରଣ ହେଲା ମାତ୍ର ତମକ ଭାଙ୍ଗିଲା ନାହିଁ । ଗତଭାଦ୍ରମାସ ତା ୨୩ ରଖେ ଏହି ଗଡ଼ଠାରେ ଦୁଇଜଣ ଲୋକ ଅନ୍ନକଷ୍ଟ ଭୋଗ କରି ମରିଗଲେ ସେମାନଙ୍କର ବିବରଣ ଯଥା ।—

୧ । ମାଖିଆ ବେହେରା ଜାତିରେ ଇଥୁଁଲା ବୟସ ପ୍ରାୟ ବ ୫୦ ବର୍ଷ ହେବ । ବାସସ୍ଥାନ ଉପରବସ କେରଡାଙ୍ଗ ଅଭାବେ ନିତାନ୍ତ କଷ୍ଟ ପାଇ କେବଳ ଅସ୍ଥିଚର୍ମ୍ମ ନେଇ ସରକାରୁ ସାହାଯ୍ୟ ପାଇବା ଆଶାରେ ଏଠାକୁ ଆସିଥିଲା । ଏହାକଥାରୁ ପ୍ରକାଶ ଯେ ଏହା ସ୍ତ୍ରୀ ଏଥିପୂର୍ବେ ଅନ୍ନାଭାବରେ ମରିଯାଇଥିଲା । ଗୋଟିଏ ବ ୨୦ ବର୍ଷର କନ୍ୟା ସଙ୍ଗେ ନେଇ ଏଠାରେ ପହଞ୍ଚି ଥିଲା । କରୁ ସାହାଯ୍ୟ ପାଇବା ସମୟକୁ ତାହାର ଅନ୍ତ ଏକାବେଳକେ ଶୁଖି ଯାଇଥିଲା ଜୀର୍ଣ୍ଣଶକ୍ତି ହୀନ ହୋଇଥିବାରୁ ପେଟରେ ଅନ୍ନ ପଡ଼ିବାମାତ୍ରକେ ରକ୍ତ ଝାଡ଼ା ହୋଇ ମରିଗଲା । ସରକାରୁ ସାହାଯ୍ୟ ପାଇଲା ପୂର୍ବରୁ ଏହାର କୌଣସି ରୋଗ ନ ଥିଲା ସୁତରାଂ ଏ ବ୍ୟକ୍ତି ଯେ ଅନ୍ନାଭାବେ ମରିଅଛି ଏଥିରେ କେହି କୁତର୍କ କରି ନ ପାରେ । ଏହାର ବାଳିକା କନ୍ୟାଟିର ମଧ୍ୟ ତଦ୍ରୂପ ଅସ୍ଥି ଚର୍ମସାର ଅବସ୍ଥା, ମାତ୍ର ସାହାଯ୍ୟ ଯଥାମତ ପାଇଲେ ବଞ୍ଚି ପାରିପାରେ ।

୨ୟ । ଚଇଲାବେଓ୍ୱା—ଜାତିରେ ପାଲୁଣୀ ବୟସ ଅନାଜ ବ ୨୫ ବର୍ଷ ଘର ବଡ଼ଦାଣ୍ଡସାହି ଏହା ଗୋଡରେ କୁଷ୍ଠରୋଗ ଥିଲା ଏ ଭିକ୍ଷାବୃତ୍ତିଦ୍ୱାରା ଜୀବନ ଧାରଣ କରୁଥିଲା ମାତ୍ର ଭିକ୍ଷା ପୂର୍ବପ୍ରାୟ ନ ମିଳିବାରୁ ଦୁର୍ବଳ ହୋଇ ପଡିଲା ଓ ରୋଗର ପ୍ରକୋପ ବୃଦ୍ଧି ହୋଇ ଘରେ ପଡି ମରିଗଲା । ଏହାକୁ ସାହାଯ୍ୟ ଦିଆ ଯାଇଥିଲେହେଁ ସମୟ ଅତୀତ ହୋଇ ଯାଇଥିବାରୁ ଫଳ ଦର୍ଶିଲା ନାହିଁ । ଏହାର ଗୋଟିଏ ବ ୧୫ ବର୍ଷର ବାଳକ ଅଛି ।

ସରକାରୁ ଯେଉଁମାନେ ସାହାଯ୍ୟ ପାଉଅଛନ୍ତି ତନ୍ମଧ୍ୟରେ ପ୍ରାୟ ଜ ୭।୮ ଜଣଙ୍କର ଅବସ୍ଥା ଉକ୍ତ ମାଖିଆ ବେହେରା ପରି ବଞ୍ଚିବାର ପ୍ରାୟ ସମ୍ଭବ ନାହିଁ । ଅପର ଯେଉଁ ଅସ୍ଥି ଚର୍ମସାର ଅନ୍ନଶୁଷ୍କ ବାଳକ ବାଳିକା ସ୍ତ୍ରୀ ପୁରୁଷ ଓ ବୃଦ୍ଧ ଦେଖା ଯାଉଅଛନ୍ତି ସେମାନଙ୍କର ଅଧିକାଂଶର ଅବସ୍ଥା ଅତି ଶୋଚନୀୟ ପ୍ରାୟ ବଞ୍ଚିବାର ଆଶା ନାହିଁ ।

ଏଥି ମଧ୍ୟରେ ତହସିଲଦାର ବାବୁ ଉପରବସ ତରଫକୁ ଗସ୍ତରେ ଯାଇଅଛନ୍ତି । ତାଙ୍କ ତଦନ୍ତର ଫଳ କିଛି ଜଣା ପଡି ନାହିଁ ।

ସଭାର ପାଣ୍ଠି ପ୍ରାୟ ଶେଷ ହୋଇ ଆସିଲା ଅସଂଖ୍ୟ ପ୍ରାଣୀ ସାହାଯ୍ୟ ପାଇବା ଆଶାରେ ଲୁଣ୍ଠ ହେଉଅଛନ୍ତି । ସେମାନଙ୍କ ଜୀବନ ବର୍ତ୍ତମାନ କେବଳ ଦେଶୀୟ ଲୋକଙ୍କ ବଦାନ୍ୟତା ଉପରେ ନିର୍ଭର କରେ । ଅତଏବ ପ୍ରାର୍ଥନା ଯେ ସଦାଶୟ ବ୍ୟକ୍ତି ମାତ୍ରକେ ଏକ ପଇସାଠାରୁ ସାଧ୍ୟମତ ସାହାଯ୍ୟ କରିବାକୁ ବିଳମ୍ବ କରିବେ ନାହିଁ ।

---

ମହାଶୟ !

କଟକର ପ୍ରାୟ ସବୁଗଳି ଓ ବଡ଼ରାସ୍ତାରେ କଙ୍କର ଅନେକ ପ୍ରାୟ ଛଅମାସ ହେଲା ଜମା ହୋଇ ରହିଅଛି, କେବେ ଯେ କାର୍ଯ୍ୟ ସମାପ୍ତି ହେବ ତାହା କୁହାଯାଇ ନ ପାରେ । ଯେଉଁ ନିୟମରେ କାର୍ଯ୍ୟ ହେଉଅଛି ଏଥିରୁ ଜଣାଯାଏ ଯେ ସମସ୍ତ ବର୍ଷରେ ଏ କାର୍ଯ୍ୟ ଶେଷ ହେବ କି ନା ସନ୍ଦେହ ।

ସଡ଼କର ଦୁରବସ୍ଥା ଦେଖିକି ଆଉ

Digitized by srujanika@gmail.com

Split by PDF Splitter

324



କଟକର ପ୍ରଧାନ ରାସ୍ତାସବୁ କେଖ ଅପରିଷ୍କାର ହୁଇ ଏଣ୍ଡ ଗାଡ଼ି ଯିବାଆସିବା ଭଲ ହେଲେ ଅତ୍ୟନ୍ତ ଅସାବଧାନ ହେବାରୁ ହୁଏ ଏଥିରେ ଯେତେ ଅଧେସ୍ତା ବର୍ଷକ ମଧ୍ୟରେ ୬ ମାସ ଗୋଡ଼ି ବିଛାଇବାରେ ବଦଳିଥିଲ ହେବେ ସ୍ପର୍ଧାଇନ ଅନ୍ତ ସୀମା ନାହିଁ !

ଏପର ମଲାଗାଡ଼ି ଯିବା ପୂର୍ବରୁ ଅର୍ଥାତ୍ ପ୍ରାତ ଛଅଘଣ୍ଟା ପୂର୍ବରୁ ଲୋକଙ୍କୁ ସଡ଼କ ପାଶରେ ଷ୍ଟାଣ୍ଡ ଓଭେର ପଡ଼ା-ବାବୁ ପଦବ ଓଁଧାରମାନେ ବୁଝାଇଦେଲେ ଓ ଗାଡ଼ିଓଁଧାଳିମାନଙ୍କ ଭାବର ହଇଦେଲେ ଘାଇଘଣ୍ଟା ମଧ୍ୟରେ ସବୁସଡ଼କ ସଫା ହୋଇଯିବ । ଇଛି ତୁଳ ହଜ ଅମ୍ଭେ ଭ୍ରମଣ କରି ଦେଖିଛୁଁ ସେ ପ୍ରଧାନ ରାସ୍ତାମାନଙ୍କର ଉଭୟ ପାର୍ଶ୍ୱରେ ଦଶ ର ୧୨ ସ୍ଥାନରେ ସ୍ତୂପାକୃତ ହୋଇ ଷ୍ଟେସ ଶ୍ରଦ୍ଧାଳୁଙ୍କଠାରୁ କଣ୍ଟକଶ୍ରେଣୀ ପର୍ଯ୍ୟନ୍ତ ଜମା ହୋଇଥାଏ ।

କଟକ ଅପଣଙ୍କର ବଶମ୍ବଦ
୨୦।୯।୮୮ କେହି ଦୈନ୍ୟସହାୟ

---

ମହାଶୟ !

ନିମ୍ନ ଲିଖିତ ପତ୍ରଖଣ୍ଡି ଆପଣଙ୍କ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ । ସୁ । ଅଙ୍କୁଡ଼ା ଓ । ହୁ । କେନ୍ଦ୍ରାଳ ପ୍ରାୟ ଦଶପଣ ମୌଜାର ଧାନ ଫସଲ ଗତ ବଢ଼ବଡ଼ିରେ ନୋକସାନ ହୋଇଥିଲା ପରେ ଦେହ୍/ ଶନ୍ତ୍/ ଜମି ରୋପଣ କରଥିଲେ, ମାଷ ଲଗ ଶଳବାଇଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ବୃଷ୍ଟି ହୋଇ ପୁନଶ୍ଚ ବଢ଼ି ହୋଇ ଅନେକ ୩ ୮ ଦ ଦେଇ ସମସ୍ତ ବୁଡ଼ି-ଅଛି ଏଥର ଅନ୍ତ ଭଲ ନାହିଁ ଏ ଅଞ୍ଚଳରୁ ସନ ୧୨୯୩ ସାଲରେ ଲୁଣା ଓ ସନ ୧୨୯୪ ସାଲରେ ବଢ଼ି ଓ ସନ ୧୨୯୫ ସାଲରେ ମରୁଡ଼ି ହୋଇଥିବାରୁ ପ୍ରତି ମୌଜାରେ ୨।୧ ଜଣ ପ୍ରଜାଙ୍କ ଘରେ ଧାନ ଥିଲା ବ ନା ସତେବ ଏହା ଉପରେ ହାଲ ସବନ୍ତୁ ପ୍ରଣି କଞ୍ଚି ହୋଇଅଛୁ ମହାଜନମାନଙ୍କଠାରୁ ଋଣ-କର୍ଜ ହେଲ ଖାଇ ହେଲ ଯାଉ ନାହାନ୍ତି ଅନ୍ୟ ମହାଜନଙ୍କ ଘରେ ଧାନ ସୁଦ୍ଧା ନାହିଁ ଓ ସାବାସରେ ଅଛୁ ସେ ଦେବାକୁ ନାସ୍ତ ପ୍ରଜାମାନେ ୨।୩ ଉପବାସ କଲେଣି । ଯେଉଁଠାରୁ ଲାଭ ହେବଲ ଥାଇ/ ବୋଲି ପ୍ରଜାଙ୍କ ବଳାର ଲୁଡ଼ା ପଲ କନ୍ଥ ଶୁଣାଯାଉ ନାହିଁ । ପ୍ରଶ୍ଚ ଅଙ୍କୁଡ଼ାର ସେ ଜମିଦାର ଯେଉ ଦୂରଦେଶୀ ମଧ୍ୟ ନ ୩ଣ ଅଂଶିଦାର ଅଛନ୍ତି ସେ ବା ଧାନ ନାହିଁ ପାଇବେ ତାରୁ ମଅଧ୍ରମୋହନ ପାଢ଼ୀ ଓ ବାବୁ କୃତକୃଷ୍ଣ ପାଢ଼ୀ ମହାଶୟମାନେ ନିଜ ପ୍ରଜାଙ୍କର ଇଜାରଦାର ଅଛନ୍ତି ସେମାନଙ୍କର ଯେ ରେ ୩୦୦୦ ଲ ଧାନ ଥିଲା ତାହା ମଧ୍ୟ ସେ ଦେଇ ପ୍ରାୟ ମା ୪ ସ ଦେଲ ବଞ୍ଚାଇଲେଣି ଏଣିକ ଅନ୍ନ ରକ୍ଷା ନାହିଁ ଏ ବିଷୟରେ କର୍ତ୍ତୃପକ୍ଷମାନେ ପୂର୍ବରୁ ସାବଧାନ ନ ହେଲେ ଶୀଘ୍ର ଅନ୍ନକଷ୍ଟ ଓ ଦୁର୍ଭିକ୍ଷ ହେବାର ସମ୍ଭାବନା । ଇତି ।

୨୧।୯।୮୮ } ଅପଣଙ୍କର
ବାସୁଦେବପୁର } ଜଣେ ସ୍ୱ ଉମ୍ଭରେ ଦର୍ଶକ

---

ମହାଶୟ !

ଆପଣଙ୍କର ଗତଲମାସ ତା ୧୫ ରସ ପତ୍ରିକାରେ ଅନନ୍ତବ୍ରତ ବିଷୟରେ ଯେଉଁ ବ୍ୟବସ୍ଥା ବାହାରଅଛି ତାହା ଭ୍ରମାତ୍ମକ ଓ ଶାସ୍ତ୍ରବିରୁଦ୍ଧ ହୋଇଥିବାରୁ ପ୍ରତିବାଦ ନ କରି ଶାନ୍ତ ରହି ପାରିଲୁଁ ନାହିଁ ।

ଇତ୍ଥପ୍ରସଙ୍ଗରେ ମାଧବାଚାର୍ଯ୍ୟ ବଚନଂ ଯଥା—
ଚତୁର୍ଦ୍ଦଶ୍ୟବ୍ରତ ଶୁକ୍ଳା ପୂର୍ବା କୃଷ୍ଣଚତୁର୍ଦ୍ଦଶୀ ।
ଉଦୟେ ତ୍ରିମୁହୂର୍ତ୍ତାପି ଗ୍ରାହ୍ୟାନନ୍ତବ୍ରତେ ତିଥିଃ । ଇତି ।

ଟୀକା ।—" ତ୍ରିଧାନ୍ତରେଣ ଉଦୟେ ତ୍ରି-ମୁହୂର୍ତ୍ତବତୀ-ଶୁକ୍ଳଚତୁର୍ଦ୍ଦଶୀ ପୂର୍ବବିଦ୍ଧା ଗ୍ରାହ୍ୟା,- ଅନନ୍ତବ୍ରତେତୁ ନାସ୍ତି ତ୍ରିମୁହୂର୍ତ୍ତ ନିୟମଃ" । ଇତି ।

ଅର୍ଥ ।—ସାଧାରଣ ଚତୁର୍ଦ୍ଦଶୀର ଦ୍ୱୈଧ ହେଲେ କୃଷ୍ଣ ଓ ଶୁକ୍ଳପକ୍ଷରେ ଯଥାକ୍ରମ, ପୂର୍ବ ଓ ପରବିଦ୍ଧ ଗ୍ରହଣ—ଏବଂ ଅନନ୍ତବ୍ରତ ଛଡ଼ା ଅନ୍ୟାନ୍ୟବ୍ରତମାନଙ୍କରେ ଉଦୟରେ ତ୍ରିମୁହୂର୍ତ୍ତ ବ୍ୟାପ୍ତିର ଆବଶ୍ୟକ ହୁଅନ୍ତି କିନ୍ତୁ ଅନନ୍ତବ୍ରତସ୍ଥଳେ ତ୍ରିମୁହୂର୍ତ୍ତ ନିୟମର ଅବଶ୍ୟକତା ରହିଲା ନାହିଁ ଅର୍ଥାତ୍ ଦୁଇମୁହୂର୍ତ୍ତ ମାତ୍ର ଚତୁର୍ଦ୍ଦଶୀ ଉଦୟରୁ ପ୍ରାପ୍ତ ହେଲେ ମଧ୍ୟ ସେହିଦିନ ସେହିବ୍ରତ କରିବା ଉଚିତ ।

ଅତିଏବ ଶାସ୍ତ୍ରରେ " ଉଦୟେ ତ୍ରିମୁହୂର୍ତ୍ତାପି ଗ୍ରାହ୍ୟାନନ୍ତବ୍ରତେ ତିଥିଃ" ଏପରି ଲେଖା ପ୍ରତ୍ୟକ୍ଷ ଅଛି ।

ଅତଏବ ବୁଧବାରଦ ୨୦ଃ ଦ୧୦ ଣ୍ଡ ଥିବା-ପ୍ରଯୁକ୍ତେ ସେହିଦିନ ବ୍ରତ ହେବାର ସ୍ଥିର ହୋଇ ପୁରୀ ଓ ଶାସନମାନଙ୍କରେ ଅନୁଷ୍ଠିତ ହେଲା । ତାଲନିର୍ଣ୍ଣୟସ୍ତ ନିବନ୍ଧ୍ୟାନ୍ତରେ ଯଥା ।

"ଯୋବଶ୍ୟ ତ୍ରିମୁହୂର୍ତ୍ତାୟାଂ କ୍ରିୟାତାନଂ ତୁଲ-ଚେତେତ" ତ୍ରିମୁହୂର୍ତ୍ତାସ୍ମକଃ ପୂର୍ବାହ୍ଲୋ ତତ-ସାମାନ୍ୟୋକ୍ତିଃ ନମଙ୍କାନଃ ।" ଉଦୟେ ତ୍ରିମୁହୂର୍ତ୍ତାପି ଗ୍ରାହ୍ୟାନନ୍ତବ୍ରତେ ତିଥିଃ" ଇତି ବିଶେଷ-ବଚନାତ୍—ଦ୍ୱୈଧ ଦୁପ୍ରଦର୍ଶିତ୍ୟାମପ୍ୟବ୍ରତ-ଷଷ୍ଠ୍ୟାୟାଂ ଚତୁର୍ଦ୍ଦଶ୍ୟାମନନ୍ତବ୍ରତଂ କାର୍ଯ୍ୟଂ । ପରେ-ଦ୍ୟୁର୍ମୁହୂର୍ତ୍ତ ବସ୍ତ୍ରା ନ୍ୟୁନତାଳ ତଶ୍ୟିବ୍ରତଷେ ପୂର୍ବବିଦ୍ଧାୟାଂ ବ୍ରତଂ କାର୍ଯ୍ୟମିତ୍ୟଭିପ୍ରାୟଃ । "

ପୁନଶ୍ଚ ଯଥା ନୀଳସାଗରେ ।" ମଧ୍ୟାହ୍ନ ଭୋଜ୍ୟବେଳାୟାଂ " ଇତ୍ୟାଦ ବଚନାତ୍ ମଧ୍ୟାହ୍ନ କର୍ମ୍ମକାଳ ଇତ୍ୟବେକ ।" ପୂର୍ବାହ୍ଲେ ଚେ ଦେବାନାମିତ୍ୟୁକ୍ତେଃ" ଦୈବକୃତ୍ୟେ ବହ୍ନି-ନିଷ୍ୟ ପୂର୍ବାହ୍ନସ୍ୟ ବିଧେସମତ୍ୱାତ୍ପୁତାର୍ଥିବାଦେନ ବାଧାଯୋଗାତ୍" ।

ଅନ୍ତୁ ଇତ୍ଥଂ ତ୍ରିମୁହୂର୍ତ୍ତ ଗୌଣକାଳବୋଧକଂ ତତ୍ରୈବ । "ଅନନ୍ତବ୍ରତବର୍ତ୍ତିମୁହୂର୍ତ୍ତେ ମୁଖ୍ୟଃ ।" ଦେବିବେଦ୍ୟେବଧିକ ଗ୍ରାହ୍ୟା"ଇତି-ବଚନେନ ତ୍ରିମୁହୂର୍ତ୍ତସ୍ତୁ ନ କଲ୍ପଃ । "ଉଦୟେ ତ୍ରିମୁହୂର୍ତ୍ତାପି" ଇତ୍ୟାଦ ମାଧବାଚାର୍ଯ୍ୟବଚନାତ୍ ।" ଏବମପି " ନୀଳସାଗରେ ।—ପଣ୍ଡିତସ୍ୱର୍ଗଧାମେ ମୁ ଭଦର୍ଶନେତ ପ୍ରମାଣଂ ଦ୍ରଷ୍ଟବ୍ୟଂ ।

ବସ୍ତୁତାଲଂ— ବା—

ଶାରଳେରହିବପୁର } ଶ୍ରୀଗୋପୀନାଥକାବ୍ୟତୀର୍ଥ
ପଣ୍ଡିତ ସମ୍ପାଦକ । ଅର୍ଯ୍ୟଗତ
୧୮।୯।୮୮ } ପ୍ରକାଶ ସମାଜ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଭାଗବତ ଚାଷ ଭିଲ୍ଲକେ | ଅଗ୍ରୀମ | ୫୫୯ |
| „ ସହୁନାଥ ମିତ୍ର ଧର୍ମ୍ମସାଲିପୁର | „ | ୬୩୯ |
| „ ତ୍ରିପୁରାଣ ଗୋଷ୍ଠୀ ଦଉଚ | „ | ୬୦୯ |
| ଶ୍ରୀଶ୍ରୀ ମୈଣ୍ଡକ ଦେବ ମହାରାଜା ଜୟପାଶ୍ରାମ | „ | ୬୩୯ |
| ବାବୁ ଲକ୍ଷ୍ମୀଧର ପଟ୍ଟନାୟକ ଜାଇପୁର | „ | ୬୩୯ |
| „ ଗୋଲକବିହାରୀ ଦାଶ ନୋଲଗଡ଼ | „ | ୬୧୨ |
| „ ଶ୍ରୀଧର ପଟ୍ଟନାୟକ ପାଟିମୋଲ | „ | ୬୧୪ |

---

# ବିଜ୍ଞାପନ ।

## NOTICE.

Tenders are hereby invited for the supply of about 18000 cubic feet of good metal for the undermentioned Municipal roads.

The work to be commenced on the 20th October next and completed by the 15th of November following.

Digitized by srujanika@gmail.com

Rupees twenty in currency notes to accompany each tender.

Tenders will be opened by the Chairman only on the 15th October next. For further particulars apply to the Chairman.

| Name of Roads | c. ft. |
|---|---|
| 1. Mansing Patna Road | 400 |
| 2. Kazi Bazar Do. | 2200 |
| 3. Ganesh Ghat Do. | 500 |
| 4. Katjori River side road | 700 |
| 5. Stoney Road | 3000 |
| 6. Civil Court cross road | 2000 |
| 7. Nyasadak Cross Do. | 300 |
| 8. Jagannath Ballabh Do. | 400 |
| 9. Tulsipore Road | 3000 |
| 10. Backrabad Road | 900 |
| 11. Ganesh Mandir Road | 800 |
| 12. Uriyah Bazar Do. | 900 |
| 13. Banka Bazar Do. | 1200 |
| 14. Pooree Approach Road | 1200 |

Rates for stacking, spreading and consolidating will also accompany each tender.

DWARKANATH CHAKRABURTY
*Chairman.*

23. 9. 88.

## ବିଜ୍ଞାପନ ।

କଟକ ମ୍ୟୁନିସିପାଲିଟିର ରାସ୍ତାମାନଙ୍କ ଉପରେ ୧୮୦୦୦ ଘନଫୁଟ ଖୋଆ ଗୋଡ଼ି ଯୋଗାଇବାର ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଉଅଛି ।

ଆଗାମୀ ଅକ୍ଟୋବର ମାସ ତା ୨୦ ରିଖରେ କାର୍ଯ୍ୟ ଆରମ୍ଭ ହୋଇ ନଭେମ୍ବର ମାସ ତା ୧୫ ରିଖରେ ସମାପ୍ତ ହେବ ।

ଆବେଦନକାରୀମାନେ ସେମାନଙ୍କ ପ୍ରତ୍ୟେକ ଆବେଦନପତ୍ର ସହିତ ଟ ୨୦ ଙ୍କା କରେନ୍‌ସିନୋଟ୍‌ଯୋଗେ ପଠାଇବାକୁ ହେବ ।

ଅକ୍ଟୋବର ମାସ ତା ୧୫ ରିଖରେ କାଉନସିଲ ଗୃହରେ ପ୍ରାର୍ଥୀମାନଙ୍କର ଆବେଦନପତ୍ର ଖୋଲାଯିବ ଅନ୍ୟାନ୍ୟ ବିଷୟମାନ ଯାହା ଜାଣିବାର ଆବଶ୍ୟକ ହେବ ଚେୟାରମାନଙ୍କ ନିକଟରେ ଆବେଦନ କଲେ ଜାଣି ପାରିବେ ।

| ସଡ଼କର ନାମ | | ଘନଫୁଟ |
|---|---|---|
| ୧ ମାନସିଂହପାଟଣା | ରୋଡ଼ | ୪୦୦ |
| ୨ କାଜିବଜାର | " | ୨୨୦୦ |
| ୩ ଗଣେଶଘାଟ | " | ୫୦୦ |
| ୪ କାଠଯୋଡ଼ିନଦୀକୂଳର | " | ୭୦୦ |
| ୫ ଷ୍ଟୋନି | " | ୩୦୦୦ |
| ୬ ଅଦାଲତକ୍ରସ | " | ୨୦୦୦ |
| ୭ ନୟାସଡ଼କ | " | ୩୦୦ |
| ୮ ଜଗନ୍ନାଥବଲ୍ଲଭ | " | ୪୦୦ |
| ୯ ତୁଳସୀପୁର | " | ୩୦୦୦ |
| ୧୦ ବାକରାବାଦ | " | ୯୦୦ |
| ୧୧ ଗଣେଶମନ୍ଦିର | " | ୮୦୦ |
| ୧୨ ଓଡ଼ିଆବଜାର | " | ୯୦୦ |
| ୧୩ ବାଙ୍କାବଜାର | | ୧୨୦୦ |
| ୧୪ ପୁରୀଘାଟ | | ୧୨୦୦ |

ପ୍ରତ୍ୟେକ ଆବେଦନପତ୍ରରେ ଗୋଡ଼ି ଗଦା କରିବା, ବିଛାଇବା ଓ ଜମାଇବାର ଦରମାନ ଉଲ୍ଲେଖ କରିବାକୁ ହେବ ।

କଟକ } D. N. CHAKRAVUTTY
୨୩।୯।୮୮ } *Chairman.*

ଓଡ଼ିଆ

# ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକିଆ ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୵ ପଡ଼ିବ ।

ଅମ୍ଭର ଉତ୍ତରଧୂସରବଜାର ସ୍ଥିତ ଦୋକାନରେ ଉତ୍ତମ ଉତ୍ତମ ମେଵା ଓ ଅନ୍ୟ ଦଶକର୍ମବାଣିଜ୍ୟ ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ସୁଲଭ ଇତ୍ୟାଦି ଉକ୍ତ ବଜାରରେ ପ୍ରାୟ ମିଳିବ ନାହିଁ ଅଥବା ଯାହାଙ୍କର ବିବାହ କର୍ମ ପାଇଁ ବେଶୀ ମେଵା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ଉତ୍ତମ ଦିଆଇଦେବୁ (ଫଇଲ ପଇଠାଯୁକ୍ତ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୯।୮୮ } ଶ୍ରୀ ଅରତବନ୍ଧବଦନ ।
କଟକ }

### ପ୍ରଶଂସା ପତ୍ରଦ୍ୱୟ

କଟକଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ରୋଗୀ ଆରୋଗ୍ୟ ଲଭ ଅଛନ୍ତି । ତାହାଙ୍କ ନିର୍ମିତ ଓଲାଓଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ଯଥାସମୟରେ ସେବନ କଲେ କାଳର ହସ୍ତରୁ ନିଶ୍ଚୟ ତ୍ରାହି ପାଇବେ । ତାହାଙ୍କ ନିର୍ମିତ ହେମାଦ୍ରି ବଟୀ ନାମକ ଜ୍ୱରଘ୍ନ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ର ବଡ଼ପଣ୍ଡାଙ୍କର ଗୋଟିଏ ଜ୍ୱରରୋଗୀ ଅଗ୍ନିମାନ୍ଦ୍ୟରୁ ଜେଠ ମା ୭ ଖ, ଜେଠ ମା ୫ ଖ, ଦେହ ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହି ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାଶୟ କଲେ ବୋଧ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କର ରାୟ ଓଲାଓଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜମାନଙ୍କ ଏବଂ କଣ୍ଠାଗ୍ରତ-ପ୍ରାଣଗତ ମୂର୍ଚ୍ଛାକାଳ ରୋଗରୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପର ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯାଜପୁର, ଭଦ୍ରକ, ମାଣିକପଟ୍ଟଣା, ଆଞ୍ଚଆପଡ଼ା, ଏକମା, କେନ୍ଦ୍ରାପଡ଼ା, ଜୋଥ, ବାଲିପଟ୍ଟଣା, ରଣାହାଟ୍ଟା, ଓ ନମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ବାତଅର୍ଶ, ଓଲାଓଠା, ଆମାଶୟ, ମେଲେରିଆଜ୍ୱର, ଦୀର୍ଘକାଳସ୍ଥାୟିଜ୍ୱର, ଚନ୍ଦ୍ରାକର୍ଷିତଜ୍ୱର, ପାଳିଜ୍ୱର, ଦାଦୁ, କାଳଗିର୍ଣ୍ଣି, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷୀମାନେ ବିସ୍ତାରକାର୍ଡ଼ ବା ଡାକଟିକଟସହ ପତ୍ର ଲେଖିଲେ ଅଶ୍ୱଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

ପ୍ରଧାନ ସର୍ବଦେଶୀୟ ଔଷଧ ଡାକ୍ତର ଜ, ବ, ସାହାଙ୍କ ସାମେଉଟାଇକନ୍ ଔଷଧ ।

ଏତଦ୍ୱାରା ନାଡ଼ୀ ସ୍ତ୍ରୀ ଧାତୁର ବଳ ବୃଦ୍ଧି ହୁଏ ଉଦର, ମୂତ୍ରାଧାର କୋଷବୃଦ୍ଧି, ଫୁସଫୁସ ଓ ଯକୃତ ଉତ୍ତମରୂପ ଗୁଣର ଓ ବଳପ୍ରାପ୍ତ ହୁଏ ଓ ନିମ୍ନଲିଖିତ ପୀଡ଼ାସବରେ ପ୍ରଧାନ ଔଷଧ ହୋଇ ଉତ୍ତମରୂପେ ପରୀକ୍ଷିତ ଓ ସମସ୍ତଙ୍କଦ୍ୱାରା ବିଶେଷରୂପେ ଆଦୃତ ଯଥା; କାଶ, କଫ, ଉଦରୀ, କୁର୍ମି, ପାଥୁରି, ବହୁଦିନବ୍ୟାପି ଜ୍ୱର, ଯକୃତର ଅସ୍ୱାସ୍ଥ୍ୟ, ହୃଦୟ କମ୍ପନ, ମସ୍ତକଘୂର୍ଣ୍ଣନ, ଧାତୁ ବା ନାଡ଼ୀ ଦୌର୍ବଲ୍ୟ, ମସ୍ତକବ୍ୟଥା, ଅନ୍ତ୍ରର ଘା, ଶୂନ୍ୟସନ୍ଧୟ, ମୂତ୍ରରେ ରକ୍ତ, ମେହ, ମେହବିକାର, ମୂତ୍ରାଧାରର ପୀଡ଼ା ଓ ଶ୍ଳେଷ୍ମା ।

ଡାକ୍ତର ଜ, ବ, ସାହାଙ୍କ ସାମାଇଟାନ ଔଷଧ ବାହ୍ୟିକ ଲେପନଦ୍ୱାରା କମ୍ପନଶୀଳ

Split by PDF Splitter
Digitized by srujanika@gmail.com

Split by PDF Splitter



ଯାତ୍ରୀପକ୍ଷରେ ବହୁମୂଲ୍ୟ ବୋଲି ବବେଚନ, ଯଥା;—ଫୋଡ଼ାଘା, ବହୁଦିବସର ଘା, ପୀଡ଼ାଦାୟକ ଘା, କୁଷ୍ଠ, ଭଗନ୍ଦର, ଦଦ୍ରୁ, ପକ୍ଷାଘାତ, କୁଷ୍ଠ, ଅଣ୍ଡଗନ୍ଥିପୀଡ଼ା, ବାତ, ଗରମି ଘା, ଓ ନାନାପ୍ରକାର ଚର୍ମରୋଗ,

ବ୍ୟବହାର କରିବାର ସମ୍ପୂର୍ଣ୍ଣ ଉପଦେଶ ପ୍ରତ୍ୟେକ ଶିଶିସହିତ ପ୍ରାପ୍ତବ୍ୟ,

ପ୍ରତ୍ୟେକ ଶିଶିର ମୂଲ୍ୟ ଟ ୧, ୨, ଟ ୩ ୫ ଓ ୧୦ ଙ୍କା ଅଟେ ଏହଦ୍ବ୍ୟତୀତ ପଠାଇବାପାଇଁ ଟ ୦। ବେଶୀ ଖର୍ଚ୍ଚ ପଡ଼ିବ । ଯଦି କେହି ଏ ଔଷଧ ନେବାକୁ ଇଚ୍ଛା କରନ୍ତି ତେବେ ନିମ୍ନଲିଖିତ ଠିକଣାକୁ ପତ୍ର ଲେଖିବେ ।

କଲିକତା ଅଲ୍ଲିପାଗ } ଏ, ଡ଼ି, ମୁଖର୍ଯ୍ୟା
କରନଗର, }

# ମେହରୋଗ ।

ସାତଦିନମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଲାର୍ଦ୍ଧ ରୋଗିଣୀରହିବାର ଉଚିତ ନୁହେଁ ସାମାନ୍ୟ ଅର୍ଥବ୍ୟୟ ସହାଯେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସମୟରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ସେଉଁମାନେ ଆରୋଗ୍ୟ ନ ହେବେ ଲୋକଙ୍କୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏହାର ବ୍ୟବହାରରେ ପରଣତ ନ ହେଲେ ଆଉ ଔଷଧ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୋର ନଂ ୩ ର ବବନରେ ଏ, କେ, ଘୋଷ କମ୍ପାନଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନଙ୍କ ପୁସ୍ତକାଲୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨୷ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

# ବାଲିକାଗଜ ।

ଉଲ୍ଲିଖିତ ଖସ୍ରା ବଲ୍ଲଭ ଷଦ୍ର ନେତନ ଚୌଧୁରୀ କଟାଇ ବାବୁ ଗୋପାଳଙ୍କର ପୁସ୍ତକ ବସାଉଦ୍‌ଷ୍ଟ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୭ ପତି ବାଇ | ଟ ୧୬ ଟ ୨୷ | ଟ ୧୬ ଟ ୦ ୬୭ |
| ୧୮ ପତି „ | „ ଟ ୭ | „ ଟ ୦ ୬୮ |
| ୧୨ ପତି „ | „ ଟ ୨ | „ ଟ ୦ ୬ |
| ୨୨ ପତି ଉକଲପୁଲସ୍କେପ୍ „ | ଟ ୩ | „ ଟ ୦ ୬୭ |

ଶ୍ରୀଯୁତ ବାବୁ ଗୋପାଳଙ୍କର ଗ୍ରନ୍ଥର ଚନ୍ଦ୍ରଧୂପବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତକନବୋଣା ଓ ଚୁଇଗ ଓ ରେସମାଓ୍ୱାରେଗର ଲୁଗା ଓ ଷ୍ଟ୍ରୀମଚଲା ଓ ଜନ୍ମ ବଗ ଇମାମ ସତସତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍‌ଭିନ୍ନ ଅଛି କେତେକ ଫେସନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଲେଇ ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଜୋତାମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଜୋତା ଲୋଡ଼ାନ୍ତି ତେବେ ଏକ ଗ୍ରହକୁ ଫି ବଗ ଟ ୦୬୭ ହିସାବରେ ଜମା ଦେଲେ ପାଇ ପାରିବେ ! ମାତ୍ର ତାହାର ଖଦ ଖର୍ଚ୍ଚାଇତର ଭାର ତାଙ୍କ ଉପରେ ଥିବ । ଖତ ଦେଲେ ଜୋତାର ପତ୍ର ମୂଲ୍ୟ ତାଙ୍କ ଦେବାକୁ ହେବ ।

ଫର୍ଦ୍ଦଫିଲ ।

| | |
|---|---|
| ବଲନ ଖେଲଣା ବ ଲାଇବେ ସବ ଦେଲେ ସୁଲେ। | ବସର ଅର୍ଦ୍ଧ । |
| ଚସେଇଫୋଲ | ହୋମିଓପାଥିକ୍ । |
| କ୍ରେସିନ୍ ତେଲ ଛଲବା ଖେଳ ସାବା ଓ ବୋମ ଷଷ୍ଠ । | ଡାକ ଟିକଟ ଓ ବଢ ଉଶିକ ଓ ସ୍ୱାରା ସଢ଼ା |
| ଲୁଡ଼ୁ ଅର୍ଥାତ୍ ଲଟ୍ଟୁଆ କଢବା ବାଲକ ପେନ୍ସିଲ ଓ କଲମ । | ଉଡର୍ଷ ବୁଲଷସକ୍ଲସ ଏବଷସ ବୁକ |
| ସେଟ୍ଟିଲ ବାହ୍ବା ଗଛ । | କର୍ମିଲରେ ଚକୋଲ ଷସ କେସର ଅବଲ |
| ଜାଗ ପ୍ରକାରର ଉପିଲ ବାଲକ ଓ ଇଫାଗା ରେଶମ ସୁଥ | ଏ ଯୋଗଲ ସମ୍ବେଦନ ବାମଳ ଓ ବୁଲୁକା । |
| ଦେଉତ ଛତା । | କଗଜ ଅବଲୋକ ଏକତ ବାଲିସ । |
| ଚମରା ପାକର । | ଅକ୍ଷୋକ ସେନସିଲ ଅଛି ଏ ଦେହିରିରେ |
| ବାରାଚି ପାଦାନ ଭାଣ୍ଡେ ଦୁଗା ପରଖାଇ ଛୁରୀ । | ଲେଖି କହେଁ ଯେଉଁ ଲହୁ ସମାନ ହେବ |
| ଚକୋଲ ସ୍ୱେଟ—ଅର୍ଥାତ୍ ପୁଇଷୀ ଦ୍ରୁହଁ । | ସେନସିଲ ଲେଖାର ତଲେ ଦେଖ ଭଗାର |
| ଅଚଳ ଭୁଷ । | ଦେଖେ ଦେଇ ନ ବଜ |
| ଔଷଧ ସୁଧୁ ଛୁରୀ । | ଲ ଏବେ । |

| | |
|---|---|
| ଶୋର୍ଷବୁହଳ ଓ ପିଚ୍ଚଳର କେଶୁଲ ମେଜ ଓ ଉଉନ ଭଲେ ଘରେ | ଛଡି ଓ ପାଲକରଚୌକା ଖିଳା |
| ଭୁକ୍ତାର ବାଡ ଉଥାଡ଼ ଲେଞ୍ଚିବାଜଲେ ଖଡ ଓ ଖୁଣିଲେ କଣା ଯିବ । | କବୈଷିକ ଚେଲରେ ଖଣ ଡାଉଳର ଥାଳ ମମ୍ପାମା |
| ଅଏନା ଦର୍ପଣ ୧୨×୧୦ ଇଞ୍ଚ ୧୮×୧୨ ଇଞ୍ଚ ୧୫×୧୫ „ | ରେଲ ବୁ ପେନ୍ସିଲ କବାଘା ଖାଳି ଓ ସୋଲ ଓ ଢଳ |
| ମୋଜା ଓ ମୋଜାବନ୍ଧ ଜଙ୍ଗଳ ଧୁଆ ତଳଗଦ ଉଷଣ ସାଟିନ କଳା ଓ ସବୁଜ । | ଖଦୁଣିଆଷ ଓ ଲିର ପାଦ ସାବୋଲ ଓ ଘାଲି । |
| ଲେମୋନେଡ୍ ବୋତଲ । | ବିଲ ବାଡ ଏସିମୋର ଅର୍ଥାତ୍ ରଖା-ଛୁକ ଇପାକ ଅକ୍ଷର ଉପରେ ବହିବା ଜନରେ ଦରକାର ହୁଏ । |

# ପିଚକାରି ।

ଏ ଯାକକୁ ନେହୁଏଷ ଆଦରେ ଲକି ହାଁଙ୍କରେ ଲକାଳ ଦୋଫାଡ଼ାର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଏହାର ମଦ୍ଧ୍ୟେ ଅଲେ ଟିପିଦେଲେ ମଇଳା ଓ ଭୂଇ ଧଇବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର ତେଲ ମଧ୍ୟ ଅଛି ।

ଅଭୟଚରଣ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ପ୍ରତି | ଟ ୧୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଶୁଦ୍ଧ ହେଲେ ତହିଁର ଖର୍ଚ୍ଚ ଟ ୦୩ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଏକ ଉତ୍କଳଯନ୍ତ୍ରରେ କଟକ ଟ୍ରେଡିଂକମ୍ପାନି ସଶ୍ଳେଷଣ ମୁଦ୍ରିତ ଓ ପ୍ରକାଶିତ ହେଲା.

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୩ ଶ ୪୦ ସଂଖ୍ୟା } ତା ୭ ଦଶ ମାହେ ଅକ୍ଟୋବର ସନ ୧୮୮୮ ମସିହା ମୁ । ଅଶ୍ୱିନ ୨ ୨୩ ୨ ୪ଙ୍କ ୧୨୯୬ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ପଶ୍ଚାଦେୟ ଟ ୩୲

ବାର୍ଷିକ ଦୁର୍ଗୋତ୍ସବ ଉପସ୍ଥିତ । ଆଗାମୀ ମଙ୍ଗଳବାରଠାରୁ ସରକାରୀ କାର୍ଯ୍ୟାଳୟମାନ ବନ୍ଦ ହେବ ଏବଂ ହିନ୍ଦୁ ପ୍ରଧାନଦେଶରେ ଘରେ ଘରେ ଆନନ୍ଦର ଧୂମ ଲାଗିଯିବ । ବର୍ତ୍ତମାନଠାରୁ ତହିଁର ଆୟୋଜନରେ ଲୋକମାନେ ବ୍ୟସ୍ତ ହୋଇଅଛନ୍ତି । ଛାପାଖାନାର କର୍ମଚାରୀମାନେ ମଧ୍ୟ ଏହି ସମୟରେ ଅବସର ପାଇ ଆସୁଅଛନ୍ତି । ଅତଏବ ଆଗାମୀ ଦୁଇସପ୍ତାହ ନିମିତ୍ତ ଆମ୍ଭେମାନେ ପାଠକମାନଙ୍କଠାରୁ ବିଦାୟଗ୍ରହଣ କରୁଅଛୁଁ ।

---

ଗତ ଅନାବୃଷ୍ଟି ଅତିବୃଷ୍ଟି ଏବଂ ଜୋଆର ଦ୍ୱାରା ବଙ୍ଗଦେଶର କେତେସ୍ଥାନରେ ବହୁପ୍ରକାର କ୍ଷତି ହୋଇଅଛି ଏବଂ ଲୋକଙ୍କ ସ୍ୱାସ୍ଥ୍ୟ ନିମିତ୍ତ କେଉଁସ୍ଥାନରେ କିପ୍ରକାର ବନ୍ଦୋବସ୍ତ କରିବାକୁ ହେବ ତହିଁର ତାଲିକା ଶୀଘ୍ର ପ୍ରସ୍ତୁତ କରି ପଠାଇବା କାରଣ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ରେଭିନ୍ୟୁବୋର୍ଡ଼ଙ୍କୁ ଅନୁରୋଧ କରିଅଛନ୍ତି । ପ୍ରତିସପ୍ତାହରେ ଖଣ୍ଡିଏ ଲେଖାଏଁ ରିପୋର୍ଟ ପଠାଇବାକୁ ହେବ । ଏହାର ନାମ ପ୍ରଜାବତ୍ସଳତା । ମାନ୍ୟବର ସରଷ୍ଟିବାର୍ଟ ବେଲିଙ୍କର ଏପ୍ରକାର ଦୟାପୂର୍ଣ୍ଣ କାର୍ଯ୍ୟ ପ୍ରଶଂସାର ବିଷୟ ଅଟଇ ।

---

ଏ ନଗରରେ ସଂଗୀତବିଦ୍ୟାର ଅବନତି ବିଷୟରେ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶ କରି ପାଠକମାନଙ୍କୁ ତହିଁରେ ମନୋଯୋଗ କରିବାକୁ ଅନୁରୋଧ କରୁଅଛୁଁ । ବର୍ତ୍ତମାନ ଏ ନଗରରେ ସଂଗୀତର ଉସ୍ତାଦ ବାବୁ ମଧୁସୂଦନ ଦାସ ଏବଂ ବାବୁ ହରାଶଙ୍କର ପଣ୍ଡିତ ଅଟନ୍ତି ଲେଖକ ଏମାନଙ୍କ ନାମ ଛାଡ଼ିଯାଇ ଥିବାରୁ ଭ୍ରମ ସଂଶୋଧନ କରୁଅଛୁଁ ଯେ ଆମ୍ଭମାନଙ୍କର ବିଶେଷ ଆଶା ସେମାନଙ୍କଠାରେ ଅଛି ଓ ଭରସା କରୁଁ ସେମାନେ ଏନଗରବାସିଙ୍କର ଆଶା ପୂର୍ଣ୍ଣ କରିବେ ।

---

ସମ୍ପାଦକ ଓ ସେବକ ଉଡ଼ିଶା ପେଟ୍ରିଅଟ ସଙ୍ଗେ ଯୋଗ ଦେବା ପୂର୍ବରୁ କେତେକାଳ ବାମଣ୍ଡାମହାରାଜାଙ୍କ ପ୍ରସାଦଭୋଗୀ ହୋଇଥିବାର ପରିଚୟ ଦେଇଥିଲେ । ମିଶିଯିବା ହେତୁରୁ ରାଜାଙ୍କର ପ୍ରସାଦ ଲାଭର କଥା ଉଠି ଯାଇଥିଲା । ପୁଣି ଗତସପ୍ତାହର ଉଡ଼ିଶାପେଟ୍ରିଅଟରେ ଉକ୍ତ ବିଷୟ ମୁଦ୍ରିତ ହୋଇଅଛି ମଧ୍ୟରେ ଏତେଦିନ ସହଯୋଗୀ ରାଜାଙ୍କୁ ବା ରାଜା ସହଯୋଗୀଙ୍କି ଛାଡ଼ିଥିଲେ କିଛି ବୁଝା ଯାଉ ନାହିଁ ସୁତରାଂ ତାହାକୁ ଅଧିକ ପ୍ରଶଂସା କରିବା ସ୍ଥିର କରିପାରୁ ନାହୁଁ ।

---

ଗତ ଧୋଲଣ୍ଡିବର୍ଷରେ ଏ ନଗର ଚୌଧୁରୀବଜାରରେ ଯେଉଁ ଡକାଇତି ଓ ହତ୍ୟାକାଣ୍ଡ ହୋଇଥିଲା ତହିଁରେ ଫୌଜଦାରୀରୁ ଯେଉଁମାନେ ଦଣ୍ଡ ପାଇଥିଲେ ଗତସପ୍ତାହ ଶୁକ୍ରବାର ସେମାନେ ଅପିଲରେ ଖଲାସ ପାଇ ପାଟଲୁଗା ପିନ୍ଧି ଓ ବାଜା ଇତ୍ୟାଦି ସହିତ ମହାସମାରୋହରେ ଦେବତାଦର୍ଶନ ଓ ନଗର ଭ୍ରମଣ କରିଥିଲେ । ଫଉଜଦାରୀ ଅପରାଧରୁ ମୁକ୍ତପାଇ ଏତେ ଆମୋଦ କରିବାର ପରମ୍ପରା ଦେଖାଯାଏ ନା । ଜଣେ ଅନାଥା ସ୍ତ୍ରୀ ଜଘନ୍ୟ ଯନ୍ତ୍ରଣା ସହି ମରଗଲ ପୁଲିସ କମ୍ପା ମାଜିଷ୍ଟ୍ରେଟ ଜଣେମୁଖା ଅପରାଧୀ ଧରି ପାରିଲେ ନାହିଁ ଠିକ ଯେମନ୍ତ ସେମାନଙ୍କ ଅଯୋଗ୍ୟତା ଉକ୍ତ ସମାରୋହଦ୍ୱାରା ଘୋଷଣା ହେଉଥିଲା । ଭରସା କରୁଁ ପୁଲିସ ଗୁପ୍ତସର୍କ୍ୟୁଲରର ଅନୁସାରେ ଯେଉଁ ରିପୋର୍ଟ କରିବେ ତହିଁରେ ଏହି ବ୍ୟାପାରକୁ ଭଲକରି ଲେଖିବେ ଯେ ଉପରସ୍ଥ ହାକିମମାନେ ତାହାଙ୍କର କାର୍ଯ୍ୟର ସମୁଚିତ ପରିଚୟ ପାଇବେ ।

---

ଖୋରଧାର ଜଙ୍ଗଲସମ୍ପର୍କରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ନିୟମ କରିଅଛନ୍ତି ଯେ ଯେଉଁ କୃଷ୍ୟାରମାନେ ସରକାରଙ୍କ ରଇତ ଏବଂ ଖୋରଧା ଖାସମହାଲରେ ବାସକରନ୍ତି ସେମାନେ ଆପଣା ଘର ପଟା ନିମିତ୍ତ ବାର୍ଷିକ ଯେବେ ଟ ୦। ଫିସ ଦିଅନ୍ତି ତାହାଛଡ଼ା ଆପଣାର ବ୍ୟବସାୟ ଉପଲକ୍ଷରେ ସଂରକ୍ଷିତଜଙ୍ଗଲମାନଙ୍କରୁ ଯେତେ କାଠ ନେବେ ତହିଁ ନିମିତ୍ତ ବାର୍ଷିକ ଏକଟଙ୍କା ଲେଖାଏଁ ଫିସ ଦେବେ । ସରକାର କେବଳ ଆପଣା ରଇତପ୍ରତି ଏ ଅନୁଗ୍ରହ ପ୍ରକାଶ କରୁଅଛନ୍ତି ଯେଉଁମାନେ ସରକାରଙ୍କ ରଇତ ନୁହନ୍ତି ଅର୍ଥାତ୍ ଲାଖରାଜ-

Digitized by srujanika@gmail.com

ଦାର ପ୍ରକୃତରେ ଭଲର ଅଟନ୍ତି ସେମାନେ ଏଥିର ଫଳଭୋଗୀ ହୋଇପାରିବେ ନାହିଁ ! ଆମ୍ଭେମାନେ ଏହାକୁ ବିଚାରସଙ୍ଗତ କହି ନ ପାରୁଁ । ଖୋରଧା ଖାସମହାଲର ସମସ୍ତ କୁମ୍ଭାରଙ୍କପ୍ରତି ଏ ନିୟମ କରିଥିଲେ କେଉଁ କ୍ଷତି ହୁଅନ୍ତା କି ?

---

ଗୁମୁସର ଡେପୁଟି ଏକଜାମିନର ଖିରୋଦାବାବୁ ପେନସେନ ନେବା ଏବଂ ଧର୍ମକୋଟର ମାଜିଷ୍ଟ୍ରେଟର ପରଲୋକ ଗମନକରିବାରୁ ସେମାନଙ୍କର ପଦ ଶୂନ୍ୟ ଅଛି । ଉକ୍ତ ଦୁଇପଦରେ ବାଙ୍ଗାଳିର ଅନ୍ୟ ଅର୍ଦ୍ଧଶିକ୍ଷିତ ଡେପୁଟିଇନସପେକ୍ଟର-ମାନଙ୍କୁ ଅଥବା ଅନ୍ୟ ଯୋଗ୍ୟ ଓଡ଼ିଆଙ୍କୁ ନିଯୁକ୍ତ କରିବା ପାଇଁ ଜଣେ ପତ୍ରପ୍ରେରକ ଗଞ୍ଜାମର କଲେକ୍ଟର ସାହେବଙ୍କୁ ଅନୁରୋଧ କରୁଅଛନ୍ତି ଏବଂ ଏ ସମ୍ପର୍କରେ ଗଞ୍ଜାମର ଶିକ୍ଷିତ ଲୋକଙ୍କୁ ପ୍ରାର୍ଥନା କରୁଅଛନ୍ତି ଯେ ସ୍ଥାନୀୟ ଓଡ଼ିଆଙ୍କୁ ସରକାରୀ କର୍ମ ଦେବା ବିଷୟରେ ମାନ୍ଦ୍ରାଜର ଇଂରାଜୀସମ୍ବାଦପତ୍ରମାନଙ୍କରେ ଆନ୍ଦୋଳନ କରନ୍ତୁ ତାହା ହେଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଆକର୍ଷିତ ହେବ । ଏ-ପ୍ରସ୍ତାବ ଉତ୍ତମ ଅଟେ ଏବଂ ଆମ୍ଭେମାନେ ଆଶା କରୁଁ ଗଞ୍ଜାମର ଶିକ୍ଷିତମାନେ ଅଳ୍ପ ହେଲା ନ କରି ସ୍ଥାନୀୟ ଓଡ଼ିଆଙ୍କ ନିଯୋଗ ବିଷୟରେ ଯଥାସାଧ୍ୟ ଚେଷ୍ଟା ଓ ଆନ୍ଦୋଳନ କରିବେ ।

---

ଢାକାର ମିଉନିସିପାଲ କମିଶନରମାନେ ବଙ୍ଗଦେଶର ଲୁଟେଣ୍ଟ ଗୋଭର୍ଣ୍ଣରଙ୍କ ଅଭ୍ୟର୍ଥନାରେ ଯେଉଁ ଟଙ୍କା ଖର୍ଚ୍ଚ କରିଥିଲେ । କେତେକ କରଦାତା ନାଲିସ୍ କରିବେ ସେଠା ମଫସଲ କୋର୍ଟ ଖର୍ଚ୍ଚ ବେଆଇନ ଥିବାର ସିଦ୍ଧାନ୍ତ କରି କମିଶନରମାନେ ଆପଣା ହାତରୁ ସେ ଟଙ୍କା ଦେବାର ଡିକ୍ରୀ କରିଥିଲେ । ଅପିଲରେ ଜଜ ସାହେବ ମଧ୍ୟ କମିଶନରମାନଙ୍କ କାର୍ଯ୍ୟ ବେଆଇନ ଥିବାର ସିଦ୍ଧାନ୍ତ କଲେ ମାତ୍ର କମିଶନରମାନେ ସଦ୍ଭାବ ଉଦ୍ଦେଶ୍ୟ କରି ନାହାନ୍ତି ସୁତରାଂ ଦାୟରୁ ମୁକ୍ତ ହେବେ ନାହିଁ । କରଦାତାମାନେ ଏହି ନିଷ୍ପତ୍ତି ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରିବାର ଉଦ୍ୟମ ଲଗାଇଅଛନ୍ତି ଆମ୍ଭମାନଙ୍କ ବିବେଚନାରେ ତାହା କରିବାର ଉଚିତ ତାହା ହେଲେ ଗୋଟିଏ ନଜିର ହୋଇ ସର୍ବସାଧାରଣଙ୍କର ଉପକାର ହେବ ଏବଂ ତାହାର କରଦାତାମାନେ ଏଥିପାଇଁ ଧନ୍ୟବାଦର ପାତ୍ର ହେବେ ।

---

ଆସାମକୁଲିଙ୍କ ସମ୍ବନ୍ଧରେ ପାଦ୍ରି ଡେକଲ-ଲେଟସାହେବ ଇଂଲିସମାନଙ୍କୁ ଖଣ୍ଡିଏ ପତ୍ର ଲେଖି ତହିଁର ପ୍ରତିଲିପି ପ୍ରକାଶ କରିବା କାରଣ ଆମ୍ଭମାନଙ୍କ ନିକଟକୁ ପଠାଇଅଛନ୍ତି । ଯେ-ହେତୁ ଉକ୍ତ ପତ୍ରର ମର୍ମ ତାହାଙ୍କ ବକ୍ତୃତାର ସମାଲୋଚନାରେ ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇଅଛୁଁ ଓ ଇଂଲିସମ୍ୟାନରେ ଉକ୍ତ ପତ୍ର ପ୍ରକାଶ ହୋଇଥିବ ଅତଏବ ତାହା ଆଉଥରେ ପ୍ରକାଶ କରିବାର ପ୍ରୟୋଜନ ନାହିଁ ବିଶେଷତଃ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନର ଅଭାବ । ଆସାମ ଚାବଗିଚାମାନଙ୍କର କର୍ତ୍ତାଙ୍କର ପ୍ରଶସ୍ତ ଲୋକ ହେଲେ ସାହେବଙ୍କ କହିବାରୁ ଉତ୍ତମ-ରୂପେ ଜଣା ପାଉଅଛି ଏବଂ ତାହାଙ୍କ ଶୃଙ୍ଖଳ ପ୍ରମାଣ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ତଥାପି ଅଭ୍ୟାସର କୌଣସିଠାରେ ଅଭାବ ନାହିଁ ମାତ୍ର ସେ ଯାହା ଦେଖିଅଛନ୍ତି ତହିଁରୁ ବୁଝିଅଛନ୍ତି ଯେ ଲୋକେ ସେକଥାକୁ ଅନେକ ବଢ଼ାଇ କହୁଅଛନ୍ତି ।

---

ଫତେପୁରପଡ଼ାଠାରେ ଗୋଟିଏ ପୁଲିସ ଫାଣ୍ଡି ବସାଇବାର ପ୍ରସ୍ତାବକୁ ଜଣେ ପୁଲିସଭୋଗୀ ଅନୁମୋଦନ କରି ଲେଖିଅଛନ୍ତି ଯେ ଅଞ୍ଚଳରେ ଚୋର ଓ ବଦମାସଙ୍କ ଦୌରାତ୍ମ୍ୟରେ ଲୋକେ ଥରହର କମ୍ପୁଅଛନ୍ତି । ଚିହ୍ନାଚୋର ଛଡ଼ା ଏମାନେ ବଳପୂର୍ବକ ଲୋକଙ୍କ ଗୋରୁ ଗାଈ ଧନ ନେଇ ଚାନ୍ଦାମାନ ଅଦାୟ କରନ୍ତି ଏବଂ ଲୋକଙ୍କୁ ଚୋରୀ ଇତ୍ୟାଦିର ଧମକ ଦେଇ ଲାଞ୍ଚ ଅଦାୟ କରନ୍ତି । ଗରିବ ପ୍ରଜାମାନେ ଭୟରେ ମାମଲା କରିବାକୁ ଆସନ୍ତି ନାହିଁ କାରଣ ଖର୍ଚ୍ଚ କରି ମୋକଦ୍ଦମା ଚଳାଇବା କଠିନ ଏବଂ ହାରିଲେ ଅଧିକ ଅତ୍ୟାଚାରର ସମ୍ଭାବନା । ପତ୍ରପ୍ରେରକ ଆହୁରି ଲେଖିଅଛନ୍ତି ଯେ ପୁଲିସ-ଫାଣ୍ଡିର ସୀମା ମଧ୍ୟ ଏ ଅଞ୍ଚଳରେ ଭଲ ହୋଇ ନାହିଁ । ଯଥା କାରଡ଼ା ଗ୍ରାମ ପ୍ରଭୃତି କଟକ ଫାଣ୍ଡିର ଅନ୍ତର୍ଗତ ଏବଂ ନିକଟବର୍ତ୍ତୀ ବ୍ରାହ୍ମଣବାଡ଼ ଅବଧପୁର ପ୍ରଭୃତି କଟକର ଅନ୍ତର୍ଗତ । ଏପରି ବନ୍ଦୋବସ୍ତ ଭଲ ହୋଇ ନାହିଁ ।

---

'ଆଶା' ନାମରେ ପୁଣି ଗୋଟିଏ ଷାଣ୍ମାସିକ-ପତ୍ରିକା ଏଠା ଭିକ୍ଟୋରିଆ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବାହାରିବାର ଆରମ୍ଭ ହୋଇଅଛି ଏବଂ ଆମ୍ଭେମାନେ ତହିଁର ପ୍ରଥମସଂଖ୍ୟା ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏଥିର ପ୍ରକାଶକ ଓ ନବସମ୍ପାଦକ ସମ୍ପାଦକ ବାବୁ ସାଧୁଚରଣ ରାୟ ଅଟନ୍ତି । ପ୍ରବନ୍ଧ ଉତ୍କଳ-ଭାଷାରେ ଅଧିକ ଗ୍ରନ୍ଥ ହୋଇବାର ଆବଶ୍ୟକ ନାହିଁ ଏବଂ ବିଷୟ ଗୌରବରେ ଏହାକୁ ସାମ୍ୟ-ବାଦର ସ୍ଥାନ ଅଧିକାର କରିବାର ଯୋଗ୍ୟ-ତା ଦିଆଯାଇପାରେ । ମୂଲ୍ୟ ଅଗ୍ରିମ ବାର୍ଷିକ ୪୦ ଧାର୍ଯ୍ୟ ହୋଇଅଛି ଅତଏବ ସୁଲଭ ବୋଲିବାକୁ ହେବ ଉତ୍କଳରେ ସାମୟିକପତ୍ରିକା ଚଳାଇବାର ଚେଷ୍ଟା ପୁନଃ ବିଫଳ ହେବାର ଦେଖି ଯେ ବ୍ୟକ୍ତି ହତାଶ ନ ହୋଇ ଆଶା ଲଗାଇ ରଖଇ ସେ ଅବଶ୍ୟ ସାଧୁ ଏଥିରେ ସନ୍ଦେହ ନାହିଁ । ଏହି ଆଶା ଏଥର ସଫଳ ହେଲେ ଆମ୍ଭେମାନେ ବଡ଼ ଆନନ୍ଦିତ ହେବୁଁ ଏବଂ ଅନ୍ତଃକରଣସହିତ ତାହାର କାମନା କରୁଅଛୁଁ ।

---

## ଉତ୍କଳସଭା ।

ଆଗାମୀ ପ୍ରଦେଶୀୟ ଏବଂ ମହାସମିତିମାନଙ୍କ ନିମିତ୍ତ ପ୍ରତିନିଧି ନିର୍ବାଚନ କରିବା ଏବଂ ଓଡ଼ି-ଶାର କୌଣସି ସ୍ଥଳରେ ଅନ୍ନକଷ୍ଟ ଉପସ୍ଥିତ ହୋଇଥିବା କଥା ବିଚାର କରିବା କାରଣ ଗତମଙ୍ଗଳବାର ସନ୍ଧ୍ୟାସମୟରେ ଉତ୍କଳସଭାର ଗୋଟିଏ ଅଧିବେଶନ ହୋଇଥିଲା । ସଭାପତି ବାବୁ ମଧୁସୂଦନ ଦାସ ସଭାର କାର୍ଯ୍ୟା-ରମ୍ଭ କରି ଜଣାଇଲେ ଯେ ଗତବର୍ଷ ଯେଉଁ ସମୟରେ ମାନ୍ଦ୍ରାଜରେ ମହାସମିତି ବସିଥିଲା ସେତେବେଳେ ପ୍ରାଦେଶୀୟସମିତିର କଳ୍ପନା ହୋଇଅଛି । ମହାସମିତିରେ ସମସ୍ତ ଭାରତ-ବର୍ଷର ସାଧାରଣ ଦୁଃଖର ଚର୍ଚ୍ଚା ହୁଅଇ କିନ୍ତୁ ଏକ ପ୍ରଦେଶର ଦୁଃଖ ଓ ଅଭାବର ଚର୍ଚ୍ଚା ହୁଅଇ ନାହିଁ । ଏହା କରିବାକୁ ହେଲେ ପ୍ରତ୍ୟେକ ଦେଶର କେଉଁ ଦୁଃଖ ବା ଅଭାବ ଗୁରୁତର ତାହା ଅଗ୍ରେ ଆପଣାମଧ୍ୟରେ ସ୍ଥିର ନ କଲେ ମହାସମିତିରେ କିରୂପେ ଉପସ୍ଥିତ ହେବ ? ଅତଏବ ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଗୋଟିଏ ପ୍ରାଦେଶୀୟସମିତି ହେବାର ଆବଶ୍ୟକ ହୋଇ ଜାତୀୟ ପ୍ରତିନିଧିମାନେ ଦୁର୍ଦ୍ଦଶା-ପଞ୍ଚାନ୍ତରି ସମୟରେ କଲିକତାରେ ପ୍ରଦେଶୀ-ସମିତିର ଅଧିବେଶନ ହେବାର ଅର୍ଥ କଲେ ।

Digitized by srujanika@gmail.com

ଅନୁସାରେ ବଙ୍ଗଳାର ପ୍ରଥମ ପ୍ରଦେଶୀୟ ସଭାର ଏହି ଅକ୍ଟୋବର ମାସ ତା ୨୫।୨୬ ଓ ୨୭ ଦିନରେ ବସିବ ଏବଂ ଏଥିରେ ଖାସମହାଲ ଅବକାରୀ ପୁଲିସ ଓ ଆସାମକୁଲିଙ୍କ ଅବସ୍ଥା ଇତ୍ୟାଦି ବିଷୟର ବିଚାର ହେବ । ଉତ୍କଳରୁ ଏସମସ୍ତ ପ୍ରତିନିଧି ପଠାଇବାର ଆବଶ୍ୟକ ଏବଂ ଉତ୍କଳର ଅବସ୍ଥା ସମ୍ବନ୍ଧରେ ବାବୁ ଜଗନ୍ମୋହନ ରାୟଙ୍କର ଯେପରି ଜ୍ଞାନ ଓ ବହୁଦର୍ଶିତା ଅଛି ସେପରି ଆଉ କାହାରି ମିଳିବାର କଠିନ ଅତଏବ ତାହାଙ୍କୁ ପ୍ରତିନିଧି ନିର୍ବାଚନ କଲେ ଉତ୍ତମ ହେବ । ଏ ବିଷୟରେ ଉତ୍କଳସଭାର ସଭ୍ୟମାନେ ମତବ୍ୟକ୍ତ କରିବାରୁ ବାବୁ ଜଗନ୍ମୋହନ ରାୟ ବାବୁ ମଧୁସୂଦନ ଦାସ ବାବୁ କପିଳେଶ୍ୱର ମିଶ୍ର ବାବୁ ଜଲେଶ୍ୱର ଘୋଷ ଏବଂ ବାବୁ ଜାନକୀନାଥ ବୋଷ ପ୍ରତିନିଧି ମନୋନୀତ ହେଲେ । ମହାସମିତି ସଭାରେ ପ୍ରତିନିଧି ନିର୍ବାଚନ କରିବା ପ୍ରସ୍ତାବ ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ସ୍ଥଗିତ ରହିଲା ।

ଦୁର୍ଭିକ୍ଷ ସମ୍ପର୍କରେ ସଭାରେ ଏହି କଥା ସ୍ଥିର ହେଲା ଯେ ଖୋର୍ଦ୍ଧାରେ ସାହାଯ୍ୟଦାନର ଯଥୋଚିତ ବନ୍ଦୋବସ୍ତ ହୋଇଅଛି । ତାହାର ଅବସ୍ଥା ଉତ୍ତମରୂପେ ଜଣାଉଥିବା ଏବଂ ଆବଶ୍ୟକମତେ ସାହାଯ୍ୟଦାନ କରିବା କାରଣ ଶ୍ରୀଯୁକ୍ତ ଡେପୁଟୀକଲେକ୍ଟର ସାହେବ ଆବଶ୍ୟକୀୟ ଅର୍ଥସହିତ କଲେକ୍ଟରସାହେବଙ୍କଦ୍ୱାରା ପ୍ରେରିତ ହୋଇଅଛନ୍ତି । କେବଳ ଅନୁଗୁଳ ସମ୍ବନ୍ଧରେ ମତଭେଦ ରହିଅଛି ଅର୍ଥାତ୍ ସେଠା ଲୋକଙ୍କ ପକ୍ଷରୁ ସାହାଯ୍ୟ ସକାଶେ ପୁନଃ ପୁନଃ ପ୍ରାର୍ଥନା ହେଉଅଛି କିନ୍ତୁ ସରକାରୀକର୍ମଚାରୀମାନେ ସେଠାରେ ଅନ୍ନକଷ୍ଟ ଘଟିଥିବାର ଅସ୍ୱୀକାର କରୁଅଛନ୍ତି । ଅତଏବ ସଭାରେ ଧାର୍ଯ୍ୟ ହେଲା ଯେ ଅଭିଜ୍ଞ ସୁପ୍ରଶସ୍ତ ଅଥବା ତଦ୍ରୂପ କୌଣସି କର୍ମଚାରୀଙ୍କୁ ଅନୁଗୁଳର ଅବସ୍ଥା ଅନୁସନ୍ଧାନ କରିବାକୁ ପଠାଇବା କାରଣ ଶ୍ରୀଯୁକ୍ତ ଗଡ଼ଜାତ-ସୁପ୍ରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ଏବଂ ଏ ସଭାରୁ ବାବୁ ଭୂପତିନାଥ ବସୁଙ୍କୁ ପଠାଯାଉ ଯେ ସେ ଅନୁଗୁଳର ଅବସ୍ଥା ଦେଖିଆସି ସଭାକୁ ଜଣାଇବେ । ସେଠାର ପ୍ରକୃତ ଅବସ୍ଥା ସ୍ପଷ୍ଟ ଜାଣିବାରୁ ସାହାଯ୍ୟଦାନ ବିଷୟରେ ସଭା ଯଥାସାଧ୍ୟ ଚେଷ୍ଟା କରିବେ ।

---

## ଓଡ଼ିଶାର ଗତ ବାର୍ଷିକବିବରଣ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ବଙ୍ଗୀୟ ବାର୍ଷିକବିବରଣ ସମ୍ବନ୍ଧରେ ଷ୍ଟେଟଲଙ୍କ ମନ୍ତବ୍ୟ ଏଥର ଅତିସଂକ୍ଷେପ ହୋଇଅଛି ସୁତରାଂ ପୂର୍ବପ୍ରାପ୍ତ ବିସ୍ତାରିତ ବିବରଣମାନ ପ୍ରକାଶ ହେଉ ନାହିଁ । ଓଡ଼ିଶା ସମ୍ବନ୍ଧରେ କେବଳ ନିମ୍ନଲିଖିତ କଥାମାନ ଲେଖାଅଛି ଯଥା ।

ବୃଷ୍ଟି ପୂର୍ବଠାରୁ ଊଣା ଥିଲେହେଁ ପୁରୀ ଛଡ଼ା ଅନ୍ୟାନ୍ୟ ଜିଲ୍ଲାରେ ଫସଲ ଭଲ ହୋଇଥିଲା । ପୁରୀର ଯେଉଁସମସ୍ତ ସ୍ଥାନରେ ଗତବର୍ଷ ଫସଲ ଊଣା ହୋଇଥିଲା ସେହିସବୁ ସ୍ଥାନରେ ଏ ବର୍ଷ ମଧ୍ୟ ବୃଷ୍ଟି ଊଣା ହେବାରୁ ଖୋର୍ଦ୍ଧା ଓ ସଦର-ସବ୍‌ଡିଭିଜନର କେତେକ ଅଂଶ ଏବଂ ଚିଲିକାର ଦକ୍ଷିଣକୂଳର ଅବସ୍ଥା ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କର ଚିନ୍ତାର ବିଷୟ ହୋଇଅଛି ।

ପୁରୀରେ ଓଲାଉଠା ହେତୁ ମୃତ୍ୟୁସଂଖ୍ୟା ଅଧିକ ହୋଇଥିଲା । ସ୍ୱାସ୍ଥ୍ୟରକ୍ଷା ସମ୍ପର୍କୀୟ ବ୍ୟବସ୍ଥାର ଅଭାବରୁ ଯାତ୍ରିମାନଙ୍କ ମଧ୍ୟରେ ଏ ରୋଗ ମାଡିଥିଲା । ବସାଘର ଆଇନ ପୁରୀସହରରେ ଦୃଢରୂପେ କାର୍ଯ୍ୟରେ ପରିଣତ ହୋଇଥିଲା । ଉକ୍ତଆଇନ ଏଥିମଧ୍ୟରେ ବୃନ୍ଦାବନରେ ଜାରି ହୋଇଅଛି ଏବଂ ସମ୍ଭବତଃ ଜଗନ୍ନାଥ ସଡ଼କରେ ତାହା ଜାରି କରିବାର ପ୍ରସଙ୍ଗ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ।

ଆମଦାନୀ ଓ ରପ୍ତାନୀ ଦ୍ରବ୍ୟର ମୋଟମୂଲ୍ୟ ଗତ ତିନବର୍ଷରୁ କ୍ରମଶଃ ଊଣା ହୋଇ ଆସୁଅଛି । ବନ୍ଦରର ବାଣିଜ୍ୟ ସର୍ବାପେକ୍ଷା ଊଣା । ବାଲେଶ୍ୱର କଲେକ୍ଟର ବିବେଚନା କରନ୍ତି ଯେ ସେଠା ସାମୁଦ୍ରିକ ବାଣିଜ୍ୟରେ ଯାହା ଊଣା ପଡ଼ିଅଛି ତହିଁର କେତେକ ଅଂଶ ଓଡ଼ିଶା କୋଷ୍ଟକେନାଲ ବାଟରେ ଯିବା ଆସିବା କରୁଅଛି । ଯାତ୍ରି ବ୍ୟବସାୟ ମଧ୍ୟ ଊଣା ପଡ଼ିଅଛି । ଗତ ପୂର୍ବବର୍ଷ କେନାଲରେ ୧୪୯୬୭୦ ଜଣ ଯିବା ଆସିବା କରୁଥିବାସ୍ଥଳେ ଗତବର୍ଷର ସଂଖ୍ୟା କେବଳ ୧୨୨୦୫୬ ଜଣ ହୋଇଅଛି । ସରକାର ଲଞ୍ଚେର୍ସ ଜାହାଜ ବୁଡ଼ିଯିବାରୁ ଏପରି ଘଟିବାର କଥିତ ହୁଏ ।

ଖୋର୍ଦ୍ଧା ଛଡ଼ା ଅନ୍ୟ ସକଳସ୍ଥାନର ରାଜସ୍ୱ ଉସୁଲ ସନ୍ତୋଷଜନକ ଅଟେ । ଷ୍ଟାମ୍ପ, ଅବକାରୀ ଓ ଇନ୍‌କମଟାକ୍ସ ପ୍ରାପ୍ୟ ପୂର୍ବପରି ରହିଅଛି । ଓଡ଼ିଶାର ଅବକାରୀ ରାଜସ୍ୱର ପ୍ରଧାନ ଉତ୍ପାଦ୍ୟ ଅଫିମ ଓ ଗଞ୍ଜେଇ ଅଟେ । ମୋଟ ରାଜସ୍ୱ ଟ ୫୩୦୨୫୦୮ ଙ୍କା ମଧ୍ୟରୁ ଏକା ଅଫିମର ଭାଗ ଟ ୩୫୮୭୮୫୮ ଙ୍କା ଅଟେ ।

ଓଡ଼ିଶାର ଶିକ୍ଷାର ଅବସ୍ଥା ବଙ୍ଗଳାର ଅନେକ ଜିଲ୍ଲାଠାରୁ ଭଲ । ଯେତେ ବାଳକଙ୍କର ସ୍କୁଲରେ ପଢ଼ିବାଉଚିତ ବୟସ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେ ପଢ଼ୁଅଛନ୍ତି କେବଳ ବାଳିକାଶିକ୍ଷା ବହୁତ ଊଣା ଅଛି । ମୁସଲମାନମାନଙ୍କର ମଧ୍ୟ ଭଲ ଶିକ୍ଷା ହେଉଅଛି ଏବଂ ସରକାରୀ ଚାକରି ଦେବା ବିଷୟରେ ମୁସଲମାନମାନଙ୍କର ଦାବିର ସୁବିଚାର ହେଉଅଛି ।

ଜଗନ୍ନାଥଙ୍କ ମନ୍ଦିରର ମୋକଦ୍ଦମା ରଫା ହୋଇଅଛି । ଗତବର୍ଷ ରଥଯାତ୍ରାରେ ତୋଡ଼ିଏହଜାର ପଞ୍ଚକରେ ଅଧିଲକ୍ଷ ଏବଂ ଦୋଳଯାତ୍ରାରେ ୧୦ ହଜାର ଯାତ୍ରି ପୁରୀରେ ହୋଇଥିଲେ ।

କଟକରେ ଡିଷ୍ଟ୍ରିକ୍ଟବୋର୍ଡ ଓ ମିଉନିସିପଲ କମିଟୀର ମେମ୍ବରମାନେ ମନୋଯୋଗସହିତ କାର୍ଯ୍ୟ କରୁଅଛନ୍ତି । ପୁରୀ ଓ ବାଲେଶ୍ୱର ଏ ବିଷୟରେ କଟକଠାରୁ ଊଣା ବିଶେଷତଃ ବାଲେଶ୍ୱରର ସମିତିମାନଙ୍କରେ ସ୍କୁଲର ଓ ସାଧାରଣ ହିତାକାଂକ୍ଷୀ ଲୋକଙ୍କର ସଂଖ୍ୟା ନିତାନ୍ତ ଊଣା । ଜମିଦାରଙ୍କ ଚରିତ୍ର ସମ୍ବନ୍ଧରେ କମିଶ୍ନର ସାହେବ କହୁଅଛନ୍ତି ଯେ ଓଡ଼ିଶାରେ ବିଶେଷରୂପେ ଶାନ୍ତ ଓ ଗୁରୁତର ଅତ୍ୟାଚାର ଅତିଅଳ୍ପ ମାମଲାରେ ଶୁଣାଯାଏ ।

---

## ଅନୁଗୁଳର ଦୁର୍ଭିକ୍ଷ ।

ଏସମ୍ବନ୍ଧରେ ଆମ୍ଭେମାନେ ଗତ ସପ୍ତାହରେ ଯେସମସ୍ତ ସମାଚାର ଜାଣିବାକୁ ଇଚ୍ଛା କରିଥିଲୁଁ ଅନୁଗୁଳଦୁର୍ଭିକ୍ଷନିବାରଣୀସଭାର ସମ୍ପାଦକ ତାହା ସମସ୍ତ ଲେଖି ପଠାଇଅଛନ୍ତି । ତାହାଙ୍କପତ୍ର ଅବିକଳ ନିମ୍ନେ ପ୍ରକାଶିତ ହେଲା । ତହିଁରୁ ଜଣା ଯାଉଅଛି ଯେ ସେଠାରେ ଅନ୍ନକଷ୍ଟ ବାଧିଅଛି ଏବଂ ସାହାଯ୍ୟର ବିଶେଷ ପ୍ରୟୋଜନ ହୋଇଅଛି । ଅତଏବ ଯେଉଁମାନଙ୍କର ସାହାଯ୍ୟ କରିବାକୁ ଇଚ୍ଛା ସେମାନେ ତାହା ପଠାଇବାକୁ ଅଗ୍ରସର ହେଉନ୍ତୁ ଏହି ଅମ୍ଭମାନଙ୍କର ପ୍ରାର୍ଥନା । ସପ୍ତାହରେ ଆଉ ପାଞ୍ଚ ନାହିଁ ସୁତରାଂ କଲମ ହେଲେ କଷ୍ଟବୃଦ୍ଧି ହେବ ।

ପତ୍ରର ପ୍ରତିଲିପି ଯଥା—

ଆପଣଙ୍କ ଗତ ୩୯ ସଂଖ୍ୟକ ପତ୍ରିକାର ମନ୍ତବ୍ୟ ଅନୁସାରେ ଆବଶ୍ୟକ ହୋଇ ଜଣାଉଅଛୁଁ ଯେ ସେପ୍ଟେମ୍ବରମାସ ତା ୭ ରିଖଠାରୁ ସଭାର ସାହାଯ୍ୟକାର୍ଯ୍ୟ ଆରମ୍ଭ ହୋଇଅଛି । ଏ ମଧ୍ୟମ ବିଗମ ଅଧିକାଂଶଲୋକଙ୍କର ଅବସ୍ଥା ନିତାନ୍ତ

ଶେଷ ହୋଇଥିବାରୁ ପ୍ରାୟ ସମସ୍ତଶ୍ରେଣୀର ଲୋକମାନେ ସାହାଯ୍ୟପ୍ରାର୍ଥୀ ହୋଇ ପ୍ରତ୍ୟହ ହାରାହାରି ନ ୫୦୦ ଣ ଲୋକ ସତ୍ରରୁ ସାହାଯ୍ୟ ପାଇବା ନିମନ୍ତେ ଭୁଣ୍ଡ ହୁଅନ୍ତି ମାତ୍ର ସତ୍ରର ପାଣ୍ଠି ଅତିଅଳ୍ପ ଥିବାରୁ ରୁଗ୍ଣ, ଜୀର୍ଣ୍ଣ, ଶୀର୍ଣ୍ଣ ଦୁର୍ବଳ ନିରାଶ୍ରୟ ଓ ପରିଶ୍ରମଅକ୍ଷମବ୍ୟକ୍ତିମାନଙ୍କୁ ଯେଉଁମାନଙ୍କୁ କେବଳ ନ ଦେଲେ ନ ଚଳେ ସେହିମାନଙ୍କୁ ପ୍ରାଣ ବଞ୍ଚାଇବା ନିମନ୍ତେ ଏକ-ମାଣି ହିସାବରେ ଚାଉଳ ଦିଆ ଯାଉଅଛି । ସତ୍ରର ଦୁଇଜଣ ସଭ୍ୟ ସାହାଯ୍ୟପ୍ରାର୍ଥୀଙ୍କ ଅବସ୍ଥା ସମ୍ୟକ୍ ତଦନ୍ତ କରି ଟିକେଟ ଦେଲେ ତାକୁ ସାହାଯ୍ୟ ଦିଆ ଯାଇଥାଏ ଦୂରବର୍ତ୍ତୀ ସ୍ଥାନରୁ ସାହାଯ୍ୟ ପାଇବା ଆଶାରେ ଆସି ଏ-ସ୍ଥାନରେ ରହି ଶୋଷାଇ କରି ଖାଉଥିବା ବ୍ୟକ୍ତିମାନଙ୍କ ସକାଶେ କଞ୍ଚା ଲୁଣ ଓଗେରେ ଦିଆ ଯାଇଥାଏ । ପ୍ରତିସପ୍ତାହଶେଷରେ ସାହାଯ୍ୟ ପାଉଥିବା ଲୋକଙ୍କ ଅବସ୍ଥା ସଭିହାସ୍ତ ତଦନ୍ତ ହୋଇ ସାହାଯ୍ୟ ହ୍ରାସ ବୃଦ୍ଧି କରାଯାଇ-ଥାଏ ଚଳନ୍ତି ନକସାରୁ ସାହାଯ୍ୟ ପ୍ରାର୍ଥୀଙ୍କର ସଂଖ୍ୟା ଓ ଖରଚ ପ୍ରକାଶ ପାଇବ ।

ସିତମ୍ବରମାସ ତା୨ରିଖ ଠାରୁ ତା ୩୦ ରିଖ-ଯାକ ସାହାଯ୍ୟ ପାଇଥିବା ବ୍ୟକ୍ତିଙ୍କ ମୋଟ ସଂଖ୍ୟା ୨୭୭୩

ମୋଟ ଚାଉଳ ଖରଚ ମ ୨୨।୧୪ ର

ମୋଟଟଙ୍କା ଟ ୭୪୧୩

ଦୈନିକ ହାରାହାରି ସାହାଯ୍ୟ ପାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦୩

ଦୈନିକ ହାରାହାରି ଚାଉଳ ଖରଚ ସେ୩୨

ଦୈନିକଟଙ୍କା ଖରଚ ଟ ୨୷

ପ୍ରତ୍ୟେକବ୍ୟକ୍ତି ହାରାହାରି ପାଇଥିବା ଚାଉଳର ପରିମାଣ ସେ ୦।/୧୦

କୈଫିୟତ, ମୋଟ ଜମା ଉସୁଲ ଟ ୮୩।୬ ଚାଉଳଖରିଦ ଟ ୬୪୧୩ ବାଦେ ଖରଚହି ଟ ୬୯ ପ୍ରାଇଭେଟର ଟଙ୍କାଯାଏ ଚାଉଳମୌଜୁଦ ମ ୩।୨୨ ସେର ଟ ୧୦। ନଗଦ ମୌଜୁଦ ଟ ୧୷ ୬୦

ସରକାରୀ ସାହାଯ୍ୟ ବନ୍ଦ ହୋଇଥିବାରୁ ସାହାଯ୍ୟପ୍ରାର୍ଥିସଂଖ୍ୟା ଦିନକୁଦିନ ଅତିଶୟ ବୃଦ୍ଧି ହେଉଅଛି ମାତ୍ର ସତ୍ରର ପାଣ୍ଠି ଶେଷ ହୋଇଥିବାରୁ ସାହାଯ୍ୟଅଭାବରୁ ସେମାନଙ୍କର କଷ୍ଟ ମଧ୍ୟ ବୃଦ୍ଧି ହେଉଅଛି । ତା ୩୦ ରିଖ-ଶେଷରେ ହାତରେ ମୌଜୁଦ ଥିବା ମ ୩।୨୨ ସେର ଚାଉଳ ଓ ନଗଦ ଟ ୧୷ ପ୍ରାୟ ଚାରିଦିନମଧ୍ୟରେ ଶେଷ ହୋଇଯିବ ।

ଗତସପ୍ତାହରୁ ଏଠାରେ ବୃଷ୍ଟି ହୋଇ ନାହିଁ ଲୋକଙ୍କ ଅବସ୍ଥା ପୂର୍ବପ୍ରାୟ ରହିଅଛି । ଏସପ୍ତାହରେ ଚଳକେରିଙ୍କାଙ୍କ ମୌଜାରେ ଜ୪ ଣ ଅନାହାରରେ ମରିଥିବାର ସମ୍ବାଦ ଆସିଅଛି ।

ପରଶେଷରେ ହତଭାଗ୍ୟ ଅନୁଗୁଳବାସିଙ୍କ ପ୍ରତି ଆପଣ ସହାନୁଭୂତି ପ୍ରକାଶ କରି ନିଃସ୍ୱାର୍ଥ ପରୋପକାରରେ ବ୍ରତୀ ହୋଇଥିବାରୁ ଆମ୍ଭେମାନେ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହି ଅନ୍ତରର ସହିତ ଧନ୍ୟବାଦ ନ ଦେଇ ଶାନ୍ତ ରହି ନ ପାରିଲୁଁ । ୨।୧୦।୮୮

---

### ଲେଃଲାଟଙ୍କ ଅଭ୍ୟର୍ଥନାର ବିବରଣ ।

ମାନ୍ୟବର ଲେଃଲାଟ ବାହାଦୁର ଆଗାମୀ ନବମ୍ବରମାସରେ ଏନଗରକୁ ଶୁଭାଗମନ କରିବାର ସମ୍ବାଦ ଆସିଅଛି ତାହାଙ୍କର ଅଭ୍ୟର୍ଥନାର କି ବନ୍ଦୋବସ୍ତ ହେବ ତହିଁର ବିଚାରକାରଣ ଗତ ରବିବାର ସନ୍ଧ୍ୟାସମୟରେ ପ୍ରିଣ୍ଟିଂକୋମ୍ପାନୀଙ୍କ କୋଠାରେ ଗୋଟି ସଭା ହୋଇଥିଲା । ରାଏ ବାହାଦୁର ବୈଦ୍ୟନାଥ ପଣ୍ଡିତ କନକାରାଜା ଚୌଧୁରୀ କୃତ୍ତିବାସଦାସପ୍ରଭୃତି ସହର ଜମିଦାର ଓ ହାକମ ଓକିଲ ମୁକ୍ତାର ଅମଲାପ୍ରଭୃତି ସକଳଶ୍ରେଣୀର ଦେଶୀୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ବାବୁ ଜଗନ୍ମୋହନ ରାୟ ସଭାପତିତ୍ୱରେ ବରଣ ହୋଇ କାର୍ଯ୍ୟାରମ୍ଭ ହେଲାରୁ ବାବୁ କାଳୀପଦ ବାନାର୍ଜ୍ଜୀ କହିଲେ କି ମାନ୍ୟବର କମିଶନରସାହେବଙ୍କଠାରୁ ଏପର୍ଯ୍ୟନ୍ତ ଯେତେ ଲେଃଲାଟ ଏନଗରକୁ ଆସିଅଛନ୍ତି ସମସ୍ତଙ୍କର ଯଥାଯୋଗ୍ୟ ଅଭ୍ୟର୍ଥନା କରି ଦେଶୀୟଲୋକମାନେ ରାଜଭକ୍ତିର ପରିଚୟ ଦେଇ ଆସିଅଛନ୍ତି । ବିଶେଷତଃ ବର୍ତ୍ତମାନର ଲେଃଲାଟ ସର ଷ୍ଟିବର୍ଟବେଲି ବାହାଦୁର ଯେପରି ଜ୍ୟାପୃତଙ୍କର ଦୟା ଓ ପରୋପକାରିତାର କାର୍ଯ୍ୟ କରି ବଙ୍ଗଦେଶର ହୃଦୟରେ ପ୍ରଶଂସାର ଅର୍ଜିଅଛନ୍ତି ସେ ଯେ ଅଧିକ ସମ୍ମାନର ପାତ୍ର ଏଥିରେ ସନ୍ଦେହ ନାହିଁ ଅତଏବ ତାହାଙ୍କର ଅଭ୍ୟର୍ଥନା ସମୁଚିତରୂପେ କରିବାକୁ ହେବ ଏପ୍ରସ୍ତାବ ଏକବାକ୍ୟରେ ସମସ୍ତ ବ୍ୟକ୍ତିମାନେ ଉଚ୍ଚସ୍ୱରରେ ଆନନ୍ଦପ୍ରକାଶପୂର୍ବକ ଅନୁମୋଦନ କଲେ ଏଥିଉତ୍ତାରୁ ଅଭ୍ୟର୍ଥନା କିପ୍ରକାରେ କରିବାକୁ ହେବ ଏପ୍ରସଙ୍ଗ ଯେତେବେଳେ ତର୍କ ବିତର୍କ ଉପସ୍ଥିତ ହେଲା ଏବ ତହିଁରେ ବାବୁ ଜଗନ୍ମୋହନଲାଲ ବାବୁ ମଧୁସୂଦନ ଦାସ ବାବୁ ଦିନକୃଷ୍ଣ ବସୁ ପ୍ରଭୃତି ଯୋଗ ଦେଇଥିଲେ । ଏସମସ୍ତ କଥାପାରିରୁ ମୂଳ କଥା । ସଭାରେ ସ୍ଥିର ହେଲା ଯେ ହେତାହାର ଅନ୍ତତଃ ଦୁଇହଜାରଟଙ୍କା ଉଠାଇବାକୁ ହେବ ଏବଂ ଉକ୍ତ ଟଙ୍କା ଉଠାଇବା ଓ ଦ୍ୱାରା ଅଭ୍ୟର୍ଥନା-ସମ୍ପର୍କୀୟ ସମସ୍ତ କାର୍ଯ୍ୟ ନିର୍ବାହ କରିବା କାରଣ ଗୋଟିଏ କମିଟୀ ନିଯୁକ୍ତ ହେଲ ଓ ବାବୁ କାଳୀପଦ ବାନାର୍ଜ୍ଜୀ ଓ ବାବୁ ଗଣେଶପ୍ରସାଦ ସିଂହ ତହିଁର ଯୁଗ୍ମ ସମ୍ପାଦକ ନିଯୁକ୍ତ ହେଲେ । ଏନଗରବାସି ପ୍ରାୟ ସକଳଜାତୀୟ ଓ ସକଳଶ୍ରେଣୀର ଲୋକ ଉକ୍ତ କମିଟୀରେ ବସ୍ତ ହୋଇ ନିଯୁକ୍ତ ହୋଇଅଛନ୍ତି ଏବଂ ଏଥିରୁ ଅନାୟାସରେ ବୋଧଯାଇପାରେ ଯେ ଯଥାଯୋଗ୍ୟ ଅଭ୍ୟର୍ଥନାରେ ତ୍ରୁଟି ହେବ ନାହିଁ ଏବଂ ଯେଉଁ ସକଳ ବ୍ୟୟ ହେବା ସ୍ଥିରକୃତ ହେଲା ସେସବୁ ଉତ୍ସାହସହିତ ସଭାରେ ଉପସ୍ଥିତ ନ ଥିବା ଧନୀ ଓ ସମ୍ଭ୍ରାନ୍ତବ୍ୟକ୍ତିମାନେ ଯେବେ ଦେଲେ ପ୍ରୟୋଜନୀୟ ଟଙ୍କା ଅନାୟାସରେ ସଂଗ୍ରହ ହୋଇପାରିବ । ସଭାସ୍ଥଳେ ଚାଲିଲିଖିତରୂପେ ଚେନ୍ଦା ସ୍ୱାକ୍ଷରିତ ହୋଇଅଛି ଯଥା ସ୍ୱର୍ଗ ପଦ୍ମନାଭ ଦେବ ରାଏ ବୈଦ୍ୟନାଥ ପଣ୍ଡିତ ବାହାଦୁର ଓ ଚୌଧୁରୀ କୃତ୍ତିବାସ ଦାସ ଟ ୧୦୦ ଙ୍କା ଲେଖାଏଁ ; ବାବୁ ହରବଲ୍ଲଭ ଓ ବାବୁ କାଳୀପଦ ବାନାର୍ଜ୍ଜୀ ଟ ୫୦ ଙ୍କା ଲେଖାଏଁ ; ବାବୁ ମଧୁସୂଦନ ଦାସ ଟ ୪୦ଙ୍କା ବାବୁ ରମାକ୍ଷୟ ଭଟ୍ଟାଚାର୍ଯ୍ୟ ଟ ୨୦ଙ୍କା ବାବୁ କେଦାରନାଥ ଦତ୍ତ ଟ ୨୦ଙ୍କା ବାବୁ ଶ୍ୟାମସୁନ୍ଦର ରାୟଙ୍କରୁ ଟ ୧୦ ଙ୍କା ବାବୁ ଯୋଗେଶ୍ୱର ଚନ୍ଦ୍ର ଚୌଧୁରୀ ଗୋପୀନାଥ ମିଶ୍ର ଏବଂ ବାବୁ କୃପାଲଚନ୍ଦ୍ର ଟ ୧୦ଙ୍କା ଲେଖାଏଁ ଏବଂ ବାବୁ ହରେକୃଷ୍ଣ ଦାସ ଟ ୫ଙ୍କା ଗାଏ ଟ ୬୧୫ଙ୍କା ।

ଏପ୍ରଦେଶର ନାନା ସ୍ଥାନରେ ଦୁର୍ଭିକ୍ଷ ଉପସ୍ଥିତ ହୋଇଥିବା ଅଥବା ହେବାର ଆଶଙ୍କା ଥିବାରୁ ଲୋକେ ପୂଜାପର୍ବ ନୂତନବସ୍ତ୍ର ହୋଇ ପାରିବେ ନାହିଁ ଏବଂ କେବଳ ଭଣା ହେଲେ ଅଜ୍ଞାନର ମଧ୍ୟ ପଣା ହେବ । ଏହି ଆଶଙ୍କାରେ କେହି କେହି ସଭ୍ୟ ଆମମାନଙ୍କର ଗତସପ୍ତାହର କଥାକୁ ଅନୁମୋଦନ କରି ପ୍ରସ୍ତାବ କରିଥିଲେ କି ଲେଃଲାଟ ଯେଉଁ ସମୟରେ ଆସିବେ କେବଳ

Digitized by srujanika@gmail.com

Split by PDF Splitter



ପତାକା ଉତ୍ତୋଳନରେ ତାହାଙ୍କୁ ସହାୟ ହୋଇ-ଥିବ ଏବଂ ଆବଶ୍ୟକମତେ ଅନେକ ହୋଇଥିବ ମାତ୍ର ଆତସବାଜିପ୍ରଭୃତି କିଛି ନ କରି ବରଂ ତେହାଙ୍କାରୁ ଯାହା ଉଦ୍‌ବର୍ତ୍ତ ହେବ ତାହା ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିଙ୍କି ଦେଇଥିବ । ଏଥିରେ ଏହି ପ୍ରସ୍ତାବ ହେଲା କି ଦୁର୍ଭିକ୍ଷନିବାରଣ ଉତ୍କଳରେ ଏସବୁ ହୋଇ ନାହିଁ ସୁତରାଂ ସେକଥା ଏଠାରେ ଉତ୍ଥାପନ କରିବା ଅପ୍ରାସଙ୍ଗିକ । ପୁଣି ଦୁର୍ଭିକ୍ଷନିବାରଣ ସାମାନ୍ୟକଥା ନୁହଇ ଯେ ଏସବୁରେ ଯତିକିଞ୍ଚିତ ଯାହା ଉଦ୍‌ବୃତ୍ତ ହେବ ତଦ୍ଦ୍ୱାରା ସେ କାର୍ଯ୍ୟ ନିର୍ବାହ ହେବ । ଯେବେ ଦୁଇ ଏକଲକ୍ଷଟଙ୍କା ଏହି-ଦ୍ୱାରା ପ୍ରାପ୍ତ ହୋଇ ସର୍ ଷ୍ଟୁଆର୍ଟ ବେଲିଙ୍କ ନାମରେ ଗୋଟିଏ ଦୁର୍ଭିକ୍ଷସାହାଯ୍ୟଫଣ୍ଡ ହୋଇ ପାରନ୍ତା ତେବେ ତାହା ବଡ଼ ସୁଖର ବିଷୟ ହୁଅନ୍ତା ସନ୍ଦେହ ନାହିଁ । ତାହା ହେବ ନାହିଁ ଓ ଅବଶ୍ୟ ଦୁର୍ଭିକ୍ଷ ସାହାଯ୍ୟବିଷୟରେ ଅଗ୍ରସର କେହି ହୋଇ ନାହାନ୍ତି । ଅନ୍ୟ ଉତ୍ସବକାର୍ଯ୍ୟରେ ମଗ୍ନ ହେବାରୁ ସମସ୍ତଙ୍କ ମନ ଉତ୍ଫୁଲ୍ଲ ପଡ଼ିଲା ଏ କେମନ୍ତ କଥା । ଅତଏବ ଦୁର୍ଭିକ୍ଷକଥା ମନେ ନ କରି ଅର୍ଦ୍ଧରାତ୍ରିରେ ଶ୍ରେଣୀଭାଇ ଆତସ-ବାଜି ଇତ୍ୟାଦି ଯେପରି ହୋଇ ଅଛି ସେପରି କରିବାର ଉଚିତ । ବିଶେଷତଃ ସର-କାରୀ ଉଚ୍ଚପଦସ୍ଥମାନେ ଓ ଯାହାଙ୍କର ଅନ୍ନ-ସଂସ୍ଥାନ କରିବାର ବିଶେଷ ସୁବିଧା ଅଛି ଅନ୍ନ-କଷ୍ଟ ସୃଷ୍ଟ କି ପ୍ରକାର ଜାଣୁଅଛନ୍ତି ସେମାନେ ସାହାଯ୍ୟଦାନର ପ୍ରୟୋଜନତା ବିଷୟ ସ୍ୱୀକାର କରିଯିବ । ଆଉ ଯେ କିଛି କଷ୍ଟ ପଡ଼ିଅଛି ତାହା ସରକାରିଙ୍କର ଖାସମହାଲରେ ଓ ତହିଁର ପ୍ରତିକାର କରିବାକୁ ସରକାର ସମ୍ପୂର୍ଣ୍ଣ-ରୂପେ ସକ୍ଷମ ଅଛନ୍ତି ।

ଉପରଲିଖିତ ପ୍ରସ୍ତାବଟି ଯେତେ ଦକ୍ଷ-ତାର ସହିତ ବ୍ୟକ୍ତ ହୋଇଥିଲେହେଁ ଅମ୍ଭେ-ମାନେ ବାଧ୍ୟ ହୋଇ ସ୍ୱୀକାର କରୁଅଛୁଁ ଯେ ତହିଁରେ ଅମ୍ଭମାନଙ୍କ ମନ ମାନିଲା ନାହିଁ । ଆଗନ୍ତୁକ ସମ୍ଭ୍ରାନ୍ତବ୍ୟକ୍ତିର ସମ୍ମାନ କରିବା ଅବଶ୍ୟ କର୍ତ୍ତବ୍ୟ ମାତ୍ର ସୁଖ ସମୟରେ ଯେପରି ଆଡ଼ମ୍ବର ସହିତ ତାହା ହେବ ଦୁଃଖସମୟରେ ସେପରି ହୋଇ ପାରିବ ନାହିଁ । ସୁତରାଂ ଦୁର୍ଭି-କ୍ଷର କଥା ସଙ୍ଗେ ୨ ଉଠାଇବାକଥା ମନେ କରିବା ଅପ୍ରାସଙ୍ଗିକ ବୋଲିଯାଇ ନ ପାରେ ଆଉ ଅନ୍ନକଷ୍ଟ ନିବାରଣ କରିବା କେତୁଦ୍ୟୁଦ୍-ସାପେକ୍ଷ ଓ ତାହା ଯୋଗାଇବାକୁ ଅମର ସଙ୍ଗତ ନାହିଁ ବୋଲି ଆମ୍ଭମାନଙ୍କରେ ଅଳ୍ପ ଯାହା ଅଛି ତାହା ଆମୋଦପ୍ରମୋଦରେ ବ୍ୟୟ କରିବା କି ଯୁକ୍ତିସଙ୍ଗତ ହେଉଅଛି ? ସର-କାରୀ କର୍ମଚାରୀମାନେ ବୁଝି ସୁଝି ଅପବାଦ ଭ୍ରମରେ ପଡ଼ି ଅନ୍ନକଷ୍ଟ ଅସ୍ତିତ୍ୱ ସ୍ୱୀକାର କରୁ ନାହାନ୍ତି କିନ୍ତୁ ଯେବେ ଅମ୍ଭେମାନେ ଜାଣୁଅଛୁଁ ଯେ ବାସ୍ତବରେ ଅନେକଲୋକ ଅନାହାର ଯନ୍ତ୍ରଣା ଭୋଗ କରୁଅଛନ୍ତି ତେବେ ସେ କଥାକୁ ଉପେକ୍ଷା କରି କି ଆମୋଦରେ ମାତିବାକୁ ମନ ବଳିବ ? ନିର୍ମଳସୁଖଠାରୁ ଦୁଃଖ ମିଶ୍ରିତ ସୁଖ ଅବଶ୍ୟ ଊଣା ହେବ । ବର୍ତ୍ତମାନସ୍ଥଳେ ତାହାହିଁ ଘଟିବା ହୋଇଅଛି । ଅତଏବ ଅମ୍ଭେମାନେ କହୁଅଛୁଁ ଯେ ଆଗେ ଦୁଃଖ ଦୂର କରିବାର ଉପାୟ ହେଉ ପଛେ ସୁଖରେ ମାତିବାକୁ କେହି କୁଣ୍ଠିତ ହେବେ ନାହିଁ ।

---

# ସାପ୍ତାହିକ ସଂବାଦ ।

କଲିକତାର କାଶୀପଞ୍ଜିକା ମହାକୁମାରୀ ଗତ ଶୁକ୍ରବାର ତାରଯୋଗେ ସମ୍ବାଦ ଅସିଅଛି କି ଉତ୍କଳ ଉପକୂଳର ଉତ୍ତରାଂଶରେ ତୋଫାନ ଆଗମ ଜଣା ଯାଉଅଛି । ଉତ-ରାଂଶରେ ନଗରବାସିମାନଙ୍କୁ ସାବଧାନ ରହିବା କାରଣ ମ୍ୟାଜିଷ୍ଟ୍ରେଟ ମିଉନିସିପାଲିଟିର ଚେୟାରମ୍ୟାନ ଜଣାଇ ଦେଇ ଥିଲେ । ଶୁକ୍ରବାର ସନ୍ଧ୍ୟାରେ ଆକାଶ ପରିଷ୍କାର ଥିଲା । ଗତ ଗତ କାଲି ପ୍ରାତଃକାଳରୁ ଆକାଶ ଅଳ୍ପମେଘା-ଛନ୍ନ ରହିଲା ଏବଂ ବଡ଼ ଗ୍ରୀଷ୍ମ ହୋଇଥିଲା । ଅପରାହ୍ନ ୪ ଘଣ୍ଟା ଉତ୍ତାରୁ ଧୀମାନ ବତାସ ସହିତ ବୃଷ୍ଟି ଆରମ୍ଭ ହେଲା । ଶେଷକୁ ଯାହା ହେବ ପଶ୍ଚାତ୍ ଜଣାଇବୁଁ ।

ବୁଢ଼ଙ୍ଗ ଡେପୁଟିକଲେକ୍ଟରଙ୍କ ଏକାଉଣ୍ଟାଣ୍ଟ ପ୍ରିୟନାଥ ବାବୁ ଏଥିପୂର୍ବେ ଏଠା କଲେକ୍ଟରଙ୍କଦ୍ୱାରା ଭୁଣାବେତନରେ ସଦର ମୁନ୍‌ସିଙ୍କୁ ଦତ୍ତ ହୋଇଥିବାରୁ କମିଶନରଙ୍କ ଅପ୍ରିୟକର ଅପଗାରି କାର୍ଯ୍ୟ ପାଇଥିଲେ ମାତ୍ର ଦୁଃଖର ବିଷୟ ଏହି ଯେ ଅଧିକଦିନ ଭୋଗ କରି ପାରିଲେ ନାହିଁ । ଅତଏବ ପାନଦୋଷ ଓ କାର୍ଯ୍ୟରେ ହେଳା ହେତୁରୁ କଲେକ୍ଟରସାହେବ ତାହାଙ୍କୁ ଏକାବେଳକେ ବରଖାସ୍ତ କଲେ ଏବଂ ଅପିଲରେ କମିଶ୍ନର-ସାହେବ ଉକ୍ତ ଆଜ୍ଞା ବାହାଲ ରଖିଲେ ।

ଜଗନ୍ନାଥ ବୈଦ୍ୟନାଥ ମହାପାତ୍ରଙ୍କ ଅପାଦତଃ ଉଠି-ଗଲା ରାଜାଙ୍କ ଦ୍ୱାରା ମହାପାତ୍ର ହେଲେ ଏବଂ ଅନନ୍ତବାବୁ ତାହାଙ୍କ ବର୍ଗ ବୁଝାଇଦେଲେ ।

ବାବୁ ନନ୍ଦକିଶୋର ଦାସ ପାଲଟିତା ଗଞ୍ଜରୁ ଗତ ଶୁକ୍ରବାର ଏ ନଗରକୁ ଫେରି ଅସି ଅଛନ୍ତି ।

ପାଲିତହଟାରେ ମାସକୁ ଟ ୮୦ ଙ୍କା ବେତନରେ ଜଣେ ମାନେଜର ରଖିବାର ପ୍ରସ୍ତାବ ହେଉଅଛି ।

ଅମ୍ଭମାନଙ୍କର କମିଶନରସାହେବ ଅତକାଲ ଖୋରଧାସତ୍ର କରିବାକୁ ଯିବେ । ବୋଧ ହୁଅଇ ଛୁଟିଟି ସେହିଠାରେ କଟା-ଇବେ ।

ଏଠା ମିଉନିସିପାଲିଟୀର ଓଭରସିଅର ବାବୁ ଯଦୁମୋ-ହନ ଘୋଷ ସସ୍ପେଣ୍ଡ ହୋଇ ଅଛନ୍ତି କି ଦୋଷରୁ ଏହା ଘଟି-ଅଛି ଠିକ ଜଣାଯାଇ ନାହିଁ ମାତ୍ର ଷଡ଼ଙ୍ଗମପଲନଦିକାର୍ଯ୍ୟରେ ଏଥର ଭଲ ହେଲା ହୋଇ ଓ ତହିଁପାଇ ଘୋର ଅସନ୍ତୋଷ ହୋଇଅଛି ।

କାଶୀକ୍ଷେତ୍ରନିବାସୀ ହାକିମ ଶ୍ରୀ ଗୌରପ୍ରସାଦ କେତେକ ଦିନ ହେଲା ଏନଗରର ନୟାସଡ଼କରେ ବସତି କରି ବିନା-ମୂଲ୍ୟରେ ଅକ୍ଷମାନଙ୍କ ଆରୋଗ୍ୟ କରୁଅଛନ୍ତି । ଯେଉଁମାନେ ଗୃହ ପାଞ୍ଚବର୍ଷ ହେବ ଦର୍ଶନଶକ୍ତିହୀନ ହୋଇଥିଲେ ଏପର୍ଯ୍ୟନ୍ତ ପ୍ରାୟ ୨୦ । ୨୧ ଜଣ ଲୋକଙ୍କ ସେ ବିନା ଅସ୍ତ୍ରସାହାଯ୍ୟରେ କେବଳ ମଲମଦ୍ୱାରା ଆରୋଗ୍ୟ କରିଅଛନ୍ତି । ଚକ୍ଷୁରୋଗଗ୍ରସ୍ତ ବ୍ୟକ୍ତିମାନେ ଏହି ସମୟରେ ଆପଣା ୨ ର କପାଳ ପରୀକ୍ଷା କରି ନଥିଲୁ ।

ଧର୍ମଶାଳା ଅପର ପ୍ରାଇମେରୀସ୍କୁଲର ଛାତ୍ରସଂଖ୍ୟା କମନ୍ତି ଊଣା ହୋଇ ନ ଥାଇବାରେ ରହିବାରୁ ତାହା ଉଠାଇ ଦେଇଯାଇ ଲମ୍ବପ୍ରାଇମେରୀସ୍କୁଲ ବସାଇବାର ପ୍ରସ୍ତାବ ହେଉ-ଅଛି ଏବଂ ଡେପୁଟୀ ଇନସ୍ପେକ୍ଟରଙ୍କ ତାହା ଜଣାଇ ଦିଆ ଯାଇଅଛି ବୋଲି ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

ପୁରୀର କଲେକ୍ଟରୀନାଜର ଖେଡ଼ବେସ ଟଙ୍କା ଅପହାର କରିବା ଅଭିଯୋଗରେ ସେଠା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦଣ୍ଡିତ-ହୋଇ ଅପିଲ କରିଥିଲେ । ଜଜସାହେବ ଉକ୍ତ ଦଣ୍ଡାଜ୍ଞା ରହିତକରି ମୋକଦ୍ଦମା ପୁନର୍ବିଚାରନିମିତ୍ତ ପଠାଇ ଅଛନ୍ତି ।

ରସୁଲକୁଣ୍ଡାର ଡେପୁଟୀ ପୋଷ୍ଟର ବାବୁ ମଧୁକାର୍ଯ୍ୟ ଯୁଞ୍ଜ-ଥିଲେ ଓ ଜନସ୍ତରସିଦ୍ଧିଲ ଶ୍ରୀଙ୍କ ବନ୍ଦପ୍ତ ନବାବାକାରଣ ପଞ୍ଚା-ନନ୍ଦ କଲେକ୍ଟରଙ୍କଦ୍ୱାରା ନିଯୁକ୍ତ ହୋଇଅଛନ୍ତି । ତାହାଙ୍କ-ଠାରେ ସକଳପ୍ରକାର ଶ୍ରୀଙ୍କ ପାଯାଯାଇଅଛି ।

ଗତ ତୋଫାନରେ ବୋଡ଼ାଅଞ୍ଚଳରେ କେତେକ ବର୍ଷପ-ର୍ଯ୍ୟନ୍ତ ସମୁଦ୍ରଜଳ ମାଡ଼ି ଆସିଥିଲା । ଏଥିରେ ଏବଂ ବର୍ଷାଜଳରେ କେତେ ଅନ୍ନଡ଼ା ଓ ବୁଡ଼ିବାଇଆନାରୁ ଅନେକ କ୍ଷେତ ନଷ୍ଟ ହୋଇଅଛି ।—କାହ୍ନୁଁ ।

କଲ୍ୟାଣସିଂହପୁରରେ ଗୋଟିଏ ଉନ୍ନତିବିଧାୟିନୀ ସମାଜ ସ୍ଥାପିତ ହୋଇଅଛି । ମହାରାଜା ଶ୍ରୀଶ୍ରୀ ଗୌରଚନ୍ଦ୍ର ଗଜ-ପତି ନାରାୟଣ ଦେବଙ୍କଠାରେ ଉକ୍ତସଭାର ସ୍ଥାୟିତ୍ୱ ବିଷୟରେ ଖଣ୍ଡିଏ ଆବେଦନପତ୍ର ହୋଇଅଛି । ଅମ୍ଭେମାନେ ଏକାନ୍ତ ଭରସା କରୁଁ ମହାରାଜା ଏ ବିଷୟରେ ବିଶେଷ ଅନୁକୂଳ୍ୟ ପ୍ରକାଶକରି ଉତ୍କଳର ମୁଖୋଜ୍ଜ୍ୱଳ କରିବେ ।

ଗତମାସ ତା ୨୨ ରିଖ ଅପରାହ୍ଣ ପ ୫ ଘ ସମୟରେ ବାଲେଶ୍ୱରରେ ଶିଳାବୃଷ୍ଟି ହେବା ଏବଂ ପୁରୁଣାବାଲେଶ୍ୱରରେ ଦୁଇଜଣ ଲୋକ ବଜ୍ରାଘାତରେ ମରିଥିବାର ଦୁଃଖର ସହିତ ସମ୍ବାଦବାହିକାରେ ପାଠକଲୁଁ ।

## କଲିକତାଗେଜେଟ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ପ୍ରାଣକୃଷ୍ଣ ଘୋଷ ଛଅମାସର ଛୁଟି ପ୍ରାପ୍ତ ହୋଇ ଅଛନ୍ତି ।

ହୁଗଳିର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ମହୀମଣି ଗୁପ୍ତ ବାଲେଶ୍ୱରକୁ ବଦଳି ହୋଇ ପ୍ରତିନିଧିରେ ସ୍ଥାପିତ ହୋଇଅଛନ୍ତି ।

ପୁରୀର ଅଫିସିଏଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର କୁମାର ଶିବପ୍ରସାଦ ସିଂହ ଦେବ ଛଅମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ନୂଆପଲ୍ଲୀର ଡିଷ୍ଟ୍ରିକ୍ଟ ବେସମଗଞ୍ଜର ମୁନ୍‌ସଫ ବାବୁ କ୍ଷେତ୍ରମୋହନ ମିତ୍ର କଟକ ଡିଷ୍ଟ୍ରିକ୍ଟର ମୁନ୍‌ସଫ ପଦରେ ନିଯୁକ୍ତ ହୋଇ ବାଲେଶ୍ୱରରେ ସ୍ଥାପିତ ହେଲେ ଓ ସେଠାକାର ମୁନ୍‌ସଫ ବାବୁ ଯୋଗେନ୍ଦ୍ରନାଥ ମିତ୍ର ଖାଇରୁମକୁ ବଦଳି ହେଲେ ।

ଦେଶିଣ୍ଟାର ନରସିଂହର ଯଦିଓ ବ୍ୟଲେନ୍ସର, ଯୋଗ...

Digitized by srujanika@gmail.com

Split by PDF Splitter



ଉତ୍ତମ ବାସୁଦେବପୁର ଧାର୍ମିକର ଓ ଗୁଡବାଲରେ ପ୍ରଚଳିତ ହେବାପାଇଁ ଷେଃଲଃ ବ'ଡାହୁର ଇଚ୍ଛା ପ୍ରକାଶ କରଅଛନ୍ତି ବାହାର ଅପରି ଦୂଲେ ଏକମାତ୍ର ମଧ୍ୟରେ ତାହା ପରୀକ୍ଷାରୁ ହେବ ।

୧୮୮୦ ଓ ୧୮୮୧ ଗଣିତା ଜନରେ ଏକ୍ଟେଣ୍ଟକୋର୍ଟର ତାଲିକା ଓ ୧୮୮୧ ସହିତ୍ୟ ଜନରେ ଏଫ୍.ଏ, ବି.ଏ, ଏମ.ଏ ଓ ବଳଲ୍ କୋର୍ଟର ତାଲିକା ଗତ ଗେଜେଟରେ ପ୍ରକାଶିତ ହୋଇଅଛି ।

---

ମାନ୍ଦ୍ରାଜ ଅଞ୍ଚଳରେ ଅଛ ଏକ ଇନ୍ଲୋର ଗ୍ରହଣର ମୋକ-ଦମା ଜଣେ ହାକିମଜାମରେ ଅଭିଯୋଗର ହସ୍ତାନ୍ତ ମିଳଇ । ସଳାମୁର ଜେ। ମାସବାରର କଲେକ୍ଟରଙ୍କ ନାମରେ ମିଥ୍ୟା ଅପବାଦର ମୋକଦମା ଚଳାଇବା ଜନର ଅନେକ ପାଇ ମୋକଦମା ଦାଏର କରନ୍ତୁ ତାହା ବସ୍ତ୍ରର କରିବା କାରଣ ଜଣେ ଡେପୁଟି ତପୋଷ୍ଠୀ କଲେକ୍ଟରଙ୍କ ସ୍ପର୍ଶ ହୋଇଥିଲ । ତପୋଷ୍ଠୀ କଲେକ୍ଟର ମୋକଦମା ବସ୍ତ୍ରର କରିବା ସମସ୍ତରେ ଲୋକଙ୍କଠାରୁ ଇନ୍ଲୋର ଗ୍ରହଣ କର ଥିବାରୁ ସରକାର ସମସ୍ତ ତାହାଙ୍କନାମରେ ଫୌଜଦାରି ଅଦାଲତରେ ମୋକଦମା ଚଳାଇବାର ଅଦେଶ ହୋଇଅଛି ।—ହାକିମମାନେ ସାବ-ଧାନ !

କାଣ୍ଡିବାଇପ୍ରଦେଶର ତଣଠାରେ ଜଣିଙ୍କର ଏକ ଘୋଡ଼ା କାହାଙ୍କୁ । ସେନା ଉତ୍ପାଦନସମୟରେ ତଣ୍ଡବାସିମାନେ ସେମାନଙ୍କ ଅନୁମଣ କରିବାକୁ କର୍ତ୍ତବ୍ୟ ହେବାଏ ଉତ୍କରଣରକୁ ଧ୍ୱଂସ କର ପକାଇଅଛନ୍ତି । ଜଣ୍ଟା ଖାବରେ ସେଠା ଲୋକ-ଙ୍କର ବନ୍ଦୁକ ଉମାଣ ବୃଦ୍ଧି ହେଉଥିବାର କଥିତ ହୁଏ ।

ମାନ୍ଦ୍ରାଜଠାରେ ଯେ ହିନ୍ଦୁଧର୍ମ୍ମବଳନ୍ତ୍ର କଲେଜ ସ୍ଥାପନ ହେବାର ପ୍ରସ୍ତାବ ହୋଇଥିଲା ତାହା ଶୀଘ୍ରରେ ସମ୍ପନ୍ନ ହେବାର ଲକ୍ଷଣ ଦେଖା ଯାଉଅଛି । ଏଥିନିମନ୍ତେ ଉକ୍ତ କଲେଜ ନିମନ୍ତ ୪୦୦୦୦ ଟଙ୍କା ଚାନ୍ଦା ଉଠିଅଛି । ଏହା ଶୁଭଲକ୍ଷଣ ଅଟଇ ।

ଡେରଲେରର ସହରରେ ଉତ୍କୋଚ ଗ୍ରହଣ ଅପରାଧରେ ୨ ୨ ଗୁଡ ମୋକଦିମାରେ ସଜା ପାଇ ମାଦ୍ରାଜହାଇକୋ-ର୍ଟରେ ମୋ ୨ ଟି ଅପିଲ୍ ଦାଏର କରିଥିଲେ । କୋର୍ଟରେ ତତ୍‌ପରେ ସକଳଙ୍କୁ ମୁକ୍ତି ଦେଇ ଅପରାଧରେ ସଜା ବାହାଲ ରଖିଲେ ।

କାନପୁର ଜିଲ୍ଲାରେ ଯୋଡ଼ିଏ ବ୍ରାହ୍ମଣୀ ସ୍ୱେଚ୍ଛାପୂର୍ବକ ସତୀ ହୋଇଥିବାର ସମ୍ବାଦ ମିଳଇ । ସ୍ୱାମିଙ୍କ ମୃତ୍ୟୁ ହେବାରୁ ଶବକୁ ଦାହ ହେଉଥିବା ସମୟରେ ବ୍ରାହ୍ମଣୀ ଅଗ୍ନିରେ ଝାସ ଦେଇ ଉପରେ ନିକ୍ଷେପ ହେଲ । ପୁଲିସ ପରିଦର୍ଶକ ତାହା ଜୀବନ ଦେବାକୁ ମନାଇବାର ସଙ୍କେତ ହେଲ, ନ ଶୁଣିବାର ସଚୋଷ୍ଟ ଦେଇଅଛି । କଣିବାଇରେ ସତୀ ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଲଗ୍ନ ସ୍ୱମକାସ୍ୱପ୍ନୀ ସ୍ୱସ୍ଥ—ଅଭ୍ୟାସ କରିଲେ ଭଲପଦ୍ୟ ଲେଖିପାରିବେ । ସ୍ଥାନାଭାବରୁ ଅପଣଙ୍କ ରଚନା ପ୍ରକାଶିତ ନ ହେଲା ।

Doubting castle—would do well to communicate personally with some of the missionaries of this place. It is impossible for us to find space for discussion of much questions.

ଗଞ୍ଜାମରପଥିକ—ଓଡ଼ିଆଙ୍କ ଗୁଡ଼ଙ୍କ ହେବା ବିଷୟରେ ଭିନ ପ୍ରସ୍ତାବ ଲେଖା ଯାଇଅଛି । ଅତଏବ ଅପଣଙ୍କପତ୍ର ଉପେକ୍ଷିତ ହେଲା ।

ଶ୍ରୀମୁକ୍ତିସ୍ୱପ୍ନ ସ୍ୱର ଓ ଭୃତ୍ୟମାନେ—ବାବୁ ଦର୍ପନାସ୍ୱପ୍ନୀ ଦାସ ଓ ବାବୁ ଗଗନଚନ୍ଦ୍ର ଦାସ ସୁବିଚାର ଓ ଦୟାପୂର୍ବକ ସାହାଯ୍ୟ ବିତ-ରଣ କରିଥିବାରୁ ସେମାନଙ୍କର ପ୍ରଶଂସା ଲେଖି ଅଛନ୍ତି । ସମ୍ପ୍ରତି କଲେକ୍ଟରସାହେବ ଏମାନଙ୍କୁ ଆପଣା କାର୍ଯ୍ୟକୁ ପଠାଇ ଦେଇ ବାବୁ ହରି-ଲାଲ ମୁଖୁର୍ଯ୍ୟା ପୁଲିସ ଇନସ୍ପେକ୍ଟରଙ୍କୁ ସାହାଯ୍ୟ-ବଣ୍ଟନକାର୍ଯ୍ୟରେ ନିଯୁକ୍ତ କରିଅଛନ୍ତି । ପତ୍ର-ପ୍ରେରକ ଆଶା କରନ୍ତି ଯେ ହରିଲାଲ ବାବୁ ଉପରଲିଖିତ ବାବୁମାନଙ୍କପରି କାର୍ଯ୍ୟ କରି ସୁଖ୍ୟାତିର ଯୋଗ୍ୟ ହେବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଶୁଣିଲି ଯେ ବାବୁ ଯାନନାଥ ବନ୍ଦ୍ୟୋପାଧ୍ୟାୟ ସମ୍ପ୍ରତି ଉପବୀତ ପୁନର୍ଗ୍ରହଣ କରି ଅଛନ୍ତି । ଯାନୁବାବୁ ୨୫।୨୬ ବର୍ଷ ହେବ ବ୍ରାହ୍ମଧର୍ମ ଗ୍ରହଣ କରି ପ୍ରକାଶ୍ୟରୂପେ ବ୍ରାହ୍ମ ରୀତି ନୀତି ଅନୁସାରେ ଚଳୁଥିଲେ ଓ ସେହିକାଳରୁ ଉପବୀତ ପରି-ତ୍ୟାଗ କରିଥିଲେ ଏବେ ବୃଦ୍ଧବୟସରେ ସେ ତାହା ପୁନର୍ଗ୍ରହଣ କରିବାରୁ ସ୍ପଷ୍ଟ ଜଣା ଯାଉ-ଅଛି ଯେ ସେ ତାଙ୍କର ପୂର୍ବକାଳର ଅନୁଷ୍ଠିତ ଓ ସମଦର୍ଶିତା ଦ୍ୱାରା ଉପାର୍ଜିତ ପବିତ୍ରତାକୁ ଅଶ୍ରେୟ ଜ୍ଞାନ କରି ଅଛନ୍ତି ଓ ଉପବୀତ ଯେ ଅନାବଶ୍ୟକ ନୁହେ ଏହା ବୁଝିପାରି ଅଛନ୍ତି । ପାଠକ ମାନଙ୍କର ସ୍ମରଣ ଥିବ ଯେ କୋଇନଗର ସ୍କୁଲର ହେଡ଼ମାଷ୍ଟର ବାବୁ ମନ୍ମଥନାଥ ମୁଖୋ-ପାଧ୍ୟାୟ ମଧ୍ୟ ଅଳ୍ପଦିନ ହେଲା କଥମତେ ପ୍ରାୟ-ଶ୍ଚିତ୍ତ କରି ପୁନର୍ବାର ଉପବୀତ ଧାରଣ କରି-ଥିଲେ । ଲୋକମାନଙ୍କ ଦୂରଦର୍ଶିତାଦ୍ୱାରା ଯାହା ଅନ୍ୟାୟ ବୋଲି ପ୍ରତିପନ୍ନ ହେଉଅଛି କେତେକ-ମତ ଯୁବକମାନେ ସାମୟିକ ଉନ୍ମାଦରେ ପଡ଼ି ସେହିପରି କାର୍ଯ୍ୟ କରୁଅଛନ୍ତି ଏବଂ ଶେଷ ଦୃଷ୍ଟାନ୍ତ ଦେଖିଥିବା ଲୋକଙ୍କର ପରିଣାମର ବିଷୟ ଚିନ୍ତା ନ କରି ତାହାଙ୍କ ଅନୁ-ସଂର ବିଷୟ । ଉପରୋକ୍ତ ବାବୁମାନଙ୍କ ଦୃଷ୍ଟା-ନ୍ତରୁ କି ସେମାନେ କିଛି ଶିକ୍ଷା ପାଇବେ ନାହିଁ ?

ସତ୍ୟଦାସ

---

ମହାଶୟ !

ଅମ୍ଭେ ନିମ୍ନଲିଖିତ ପଣ୍ଡିତମାନଙ୍କ ଓ ଅନ୍ୟାନ୍ୟ ଉଦ୍‌ଯୋଗୀମାନଙ୍କ ଅନୁମତି ପ୍ରାପ୍ତହୋଇ ସର୍ବ-ସାଧାରଣଙ୍କ ଜ୍ଞାତାର୍ଥେ ଲେଖିଲୁଁ ଅପଣ ପତ୍ରି-କାରେ ପ୍ରକାଶକରି ବାଧିତ କରିବା ହେବେ ।

ଅଗଷ୍ଟ ତା ୧୧ ନ ସୋମବାର ରାତ୍ରିରେ ।

ଶ୍ରୀ ଶ୍ରୀ ବିମଳା ଦେବୀଙ୍କ ମନ୍ଦିରରେ ନିମ୍ନଲି-ଖିତ ପଣ୍ଡିତମାନେ ନୀଳପଥ, ସ୍ମୃତିଦର୍ପଣ, ସ୍ମୃତିସାର ଦୁର୍ଗୋତ୍ସବତତ୍ତ୍ୱ ଇତ୍ୟାଦି ଧର୍ମ-ଶାସ୍ତ୍ରମାନଙ୍କ ପର୍ଯ୍ୟାଲୋଚନା କରି ଏହା ସ୍ଥିରକ-ଲେ ଯେ ବିମଳାଦେବୀଙ୍କର ଏବଂ ପିଠଦେବ-ତାମାନଙ୍କର ( ଯେଉଁମାନଙ୍କର ଷୋଡ଼ଶଦିନ ପୂଜା ହୁଏ ) ସେମାନଙ୍କର ସପ୍ତମୀପୂଜା ଓ ବଳି-ଦାନ ଅଗଷ୍ଟ ତା ୨୭ ନ ବୁଧବାର କରାଯିବ । ଅଷ୍ଟମୀପୂଜା ଓ ବଳିଦାନ ତା ୨୮ ନ ଗୁରୁବାର କରାଯିବ । ନବମୀପୂଜା ଓ ବଳିଦାନ ତା ୨୯ ନ ଶୁକ୍ରବାର କରାଯିବ । ତା ୩୦ ନ ଶନିବାର ଦଶମୀ ହେବ ଏବଂ ବଙ୍ଗଦେଶୀୟ ସାଧାରଣ ପୂଜାମଧ୍ୟ ବୁଧବାର, ଗୁରୁବାର, ଶୁକ୍ରବାର ଉପରୋକ୍ତ ପ୍ରାପ୍ତ କରାଯିବ । ଏତଦ୍‌ଭିନ୍ନ କନକଦୁର୍ଗା ଷ୍ଟା-ଡଳ ପୂଜା ଗୁରୁବାର ସପ୍ତମୀରାତ୍ରି ଅଷ୍ଟମୀ ହୋଇ ଶୁକ୍ରବାରଦିନ ମହାଷ୍ଟମୀ ଓ ଶନିବାରଦିନ ମହା ନବମୀ ପୂଜା ହେବ ।

### ପଣ୍ଡିତମାନଙ୍କ ନାମ ।

ସ୍ମାର୍ତ୍ତ ଶ୍ରୀ ଗଦାଧର ଗୋସ୍ୱାମୀ, ପଣ୍ଡିତ ଶ୍ରୀ ଗୋ-ପିନାଥ ମିଶ୍ର, ପଣ୍ଡିତ ଶ୍ରୀ ଭୁବନେଶ୍ୱର ବଡ଼ପଣ୍ଡା, ପଣ୍ଡିତ ଶ୍ରୀ ଦାମୋଦର ଦାସ, ପଣ୍ଡିତ ଶ୍ରୀ ଗୋବିନ୍ଦ-ମିଶ୍ର, ପଣ୍ଡିତ ଶ୍ରୀ ଜଗନ୍ନାଥ, ପଣ୍ଡିତ ଶ୍ରୀ ବଣ୍ଟମିଶ୍ର, ପଣ୍ଡିତ ଶ୍ରୀ କୃଷ୍ଣମହାପାତ୍ର ( ବଡ଼ ), ପଣ୍ଡିତ ଶ୍ରୀ ଗୋପାଳ ରଥ, ପଣ୍ଡିତ ଶ୍ରୀ କୃଷ୍ଣମହାପାତ୍ର ( ସାନ ), ଶ୍ରୀ ଶିବମିଶ୍ର ଏମାନଙ୍କ ଯଥ ଭଦ୍ର ପଣ୍ଡିତ ଜ ୨୫ ଣ ଉପସ୍ଥିତ ଥିଲେ ।

ଶ୍ରୀ ସୁନନ୍ଦନ ପ୍ରଦ ବ୍ରହ୍ମଚାରୀ
ଶ୍ରୀ ଗଦାଧର ମିଶ୍ର ଶର୍ମା
ଭଦ୍ୟାବରୁ ବବର୍ତ୍ତମାନ ଷଣ୍ଡ
ର ସମ୍ପାଦକ ଓ ସମ୍ପାଦକ
୨୫।୫।୮୮ ପୁରୀ

---

Digitized by srujanika@gmail.com

Split by PDF Splitter



ମହାଶୟ !

ଏ ନଗରରେ ଅଜ ପ୍ରାୟ ବ ୨୦ ବର୍ଷପୂର୍ବରୁ ବାବୁ ରଘୁନାଥ ସୋମ ଓ ବାବୁ ଜାନକୀବଲ୍ଲଭ ଗୁପ୍ତ ଓ ଆଉ କେତେକ ଗାନ୍ଧର୍ବବିଦ୍ୟାବିଶାରଦ ବ୍ୟକ୍ତିମାନେ ବାସ କରୁଥିବାରୁ ବିଦେଶୀୟ ଉତ୍କୃଷ୍ଟ ଗାୟକ ଓ ବାଦକବୃନ୍ଦ ଯେତେବେଳେ ଶ୍ରୀ ଜଗନ୍ନାଥ ଦେବଙ୍କ ଦର୍ଶନୋପଲକ୍ଷେ ଏ ନଗରକୁ ଆସୁଥିଲେ ଉକ୍ତ ମହାତ୍ମାମାନଙ୍କ ସହିତରେ ସେମାନେ କିଛିଦିନ ରହି ଏ ନଗରବାସି ଯୁବକବୃନ୍ଦଙ୍କୁ ଶିକ୍ଷା ଦେଉଥିଲେ ତତ୍ପରେ ଗତ ବ ୨୭ ବର୍ଷମଧ୍ୟରେ ବାବୁ ଗୌରୀଶଙ୍କର ରାୟ ଏକ ପଞ୍ଜାବ ଓସ୍ତାଦ ରଖି ଆପେ ଶିକ୍ଷା କରି ଅନ୍ୟ କେତେକ ବ୍ୟକ୍ତିଙ୍କୁ ଶିକ୍ଷାଦାନ କରାଇ ଥିଲେ ଏ ନଗରବାସୀ ବାବୁ ବଳଭଦ୍ରଦାସ ତହିଁମଧ୍ୟରେ ଏକ ଉତ୍ତମ ଗାୟକ ହୋଇ ଉଠିଲେ ଗତ ବ ୧୦ ବର୍ଷମଧ୍ୟରେ ଗାୟନ ବାଦନ ମଜଲିସ ହେଲେ ଉକ୍ତ ବାବୁଙ୍କୁ ଅଗ୍ରେ ଆଦରର ସହିତ ବରଣ କରାଯାଉଥିଲା ବାଲିବଜାରଠାରେ ଏକବର୍ଷ ହେଲା ଉକ୍ତ ମହାଶୟ ଓ ଜଗନ୍ନାଥବଲ୍ଲଭନିବାସୀ ଆଉ କେତେକ କୃତବିଦ୍ୟ ଯୁବକଙ୍କ ସହାନୁଭୂତି ଓ ଯତ୍ନରେ ଏକ ମିୟୁଜିକ୍ସ୍କୁଲ ଅର୍ଥାତ ଗାନ୍ଧର୍ବବିଦ୍ୟାର ଶିକ୍ଷା କରିବାର ବିଦ୍ୟାଳୟ ହୋଇ ପ୍ରତିଦିନ ସନ୍ଧ୍ୟାଠାରୁ ରାତ୍ର ଘ ୧୦ ଘଣ୍ଟାପର୍ଯ୍ୟନ୍ତ ଶିକ୍ଷା କାର୍ଯ୍ୟ ହେଉଥିଲା ବାବୁ ବଳଭଦ୍ର ଦାସ ତହିଁରେ ଶିକ୍ଷକ ସ୍ୱରୂପ ଗାନ ଶିକ୍ଷା ଦେଉଥିଲେ କାରଣ ତାଙ୍କ ବ୍ୟତୀତ ଏ ନଗରରେ ଗାନ ଶିକ୍ଷା ଦେବା କାରଣ ଆଉ କେହି କେତେ ଉଦ୍ୟୋଗୀ ନ ଥିଲେ ଯେଉଁମାନେ ନ୍ୟୂନାଧିକରେ ତାଙ୍କ ତୁଲ୍ୟ ଅଛନ୍ତି ଓ ଏନଗରର ବର୍ତ୍ତମାନ ମାଣିକ୍ୟ ଅଟନ୍ତି ଅର୍ଥାତ ବାବୁ ଶିବନାରାୟଣ ଦତ୍ତ ବାବୁ ଗୌରୀଶଙ୍କର ରାୟ ବାବୁ ଦୁର୍ଗାପ୍ରସାଦ ଗୁପ୍ତ ଓ ବାବୁ ପରମାନନ୍ଦ ଘୋଷ ଓ ନବ୍ୟ ଶିକ୍ଷିତ ବାବୁ ଆଶୁତୋଷ ଦତ୍ତ ଏ ବ୍ୟକ୍ତିମାନେ କାର୍ଯ୍ୟାନ୍ତରରେ ସର୍ବଦା ବ୍ୟାପୃତ ଥିବାରୁ ସମୟାଭାବରୁ ଶିକ୍ଷାକାର୍ଯ୍ୟ ସମ୍ପାଦନ କରାଇବା ହେତୁ ଅପାରଗ ଅଟନ୍ତି ଅଳ୍ପଦିନ ହେଲା ବାବୁ ବଳଭଦ୍ରଦାସ ପରଲୋକ ଗମନ କରିବାରୁ ଶିକ୍ଷକାଭାବରେ ବିଦ୍ୟାଳୟଟି ଏକାବେଳକେ ବନ୍ଦ ହୋଇ ଯାଇଅଛି ଓ ଆଉ ହେବାର ମଧ୍ୟ ଆଶା ନାହିଁ ଯଦି ନୂତନ ଯୁବକବୃନ୍ଦ ଗାନ ବାଦ୍ୟ ବିଷୟରେ ଶିକ୍ଷାଲାଭ ନ କରନ୍ତି ତେବେ ଆଉ ବ ୨୦ ବର୍ଷ ଉତ୍ତାରୁ ଏ ନଗରରେ ଗାନ ବାଦ୍ୟ ଚର୍ଚ୍ଚା ଏକାବେଳକେ ରହିତ ହୋଇ "ଯିବ ଆଉ " ଗାନାତ ପରତରଂ ନହି " ଏହି ବଚନର ଅର୍ଥପ୍ରତି ବିବେଚନା କରନ୍ତୁ କେଡ଼େ ସାରବାକ୍ୟ ଅଟେ ଏପରି ବିଷୟରେ ଯତ୍ନବାନ ହେବା ସର୍ବତୋଭାବେ କର୍ତ୍ତବ୍ୟ ଅତଏବ ଦେଶହିତୈଷି ଗୁଣିଗଣାଗ୍ରଗଣ୍ୟ ମହାଶୟମାନଙ୍କୁ ବିନୀତଭାବରେ ନିବେଦନ ଯେ ସେମାନେ କୃପାପରବଶ ହୋଇ କୌଣସି ଏକ ଉତ୍କୃଷ୍ଟ ବିଦେଶୀୟ ଗାୟକଙ୍କୁ ଆଣାଇ ଏ ନଗରରେ ସ୍ଥାପନ କରାନ୍ତୁ ଯେ ତାହାଙ୍କଠାରୁ ବହୁସଂଖ୍ୟକ ଯୁବକ ଶିକ୍ଷାଲାଭ କରିପାରିବେ ଏ ବିଷୟରେ ବାବୁ ଗୋଲୋକଚନ୍ଦ୍ର ଘୋଷ ଅଗ୍ରଗାମୀ ଅଟନ୍ତି ମାତ୍ର ବାବୁ ମହାଶୟଙ୍କର ବର୍ତ୍ତମାନ ବିଦେଶରେ ଥିବା ଇତ୍ୟାଦି କାରଣମାନଙ୍କରୁ ତାହାଙ୍କର ମନ ସେ ବିଷୟରେ ଦ୍ରବୀଭୂତ ହେବ କି ନା ସନ୍ଦେହର ସ୍ଥଳ ଅଟେ ବର୍ତ୍ତମାନ ବାବୁ ଗୌରୀଶଙ୍କର ରାୟ ଏ ସମସ୍ତ ବିଷୟରେ ଅଦ୍ୱିତୀୟ ଅଟନ୍ତି ମାତ୍ର ଏକାକେ ସମସ୍ତ ବ୍ୟୟଭାର ବହନକରା ଦୁଃସାଧ୍ୟ ଅଟେ ଅତଏବ ଏ ନଗରର ସମସ୍ତ ମାନ୍ୟ ଗଣ୍ୟ ଓ ବଦାନ୍ୟ ଗୁଣଗ୍ରାହି ବ୍ୟକ୍ତିମାନଙ୍କ ନିକଟେ ବିନୀତଭାବରେ ନିବେଦନ ଯେ ସେମାନେ ଏ ବିଷୟରେ ସାହାଯ୍ୟ କରି ଦେଶର ଉପକାର ସାଧନ କରନ୍ତୁ ପତ୍ର ବାହୁଲ୍ୟ ଭୟରେ ଏହିଠାରେ ରଖିଲୁଁ ବାରାନ୍ତରେ ଏ ବିଷୟରେ ଆଉ କେତେକ ପ୍ରସ୍ତାବ ସର୍ବସାଧାରଣଙ୍କ ବିବେଚନାନିମନ୍ତେ ପ୍ରକାଶ କରିବାର ବାଞ୍ଛା ରହିଲା । ଇତି ।

ବଶମ୍ବଦ

୨୭।୯।୮୮    ଶ୍ରୀ କ୍ଷେତ୍ରମୋହନ ରାୟ
କଟକ

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ମୁନସି ଅହମ୍ମଦଭକ୍ସଖାଁ | କଟକ | ଅଗ୍ରିମ | ଟ ୧୨ |
| ବାବୁ ଜଗବନ୍ଧୁମିଶ୍ର | ହୋଗଲ | " | ଟ ୩୯ |
| " ଭଗବଚ୍ଚରଣସେନ | ବାଲେଶ୍ୱର | ବକେୟା | ଟ ୧୫୯ |
| " ଗୋପୀନାଥଶ୍ରୀଚନ୍ଦନ | ତାଲଚେର | ଅଗ୍ରିମ | ଟ ୬୯ |
| " ପରମାନନ୍ଦ କାନୁନଗୋ | ଭେଲାନାଲ | " | ଟ ୬୯ |
| " କୃଷ୍ଣବଲ୍ଲଭ ହେଡ଼ପଣ୍ଡିତ | କେଶୁନଥ | " | ଟ ୧୪ |
| " ସୂର୍ଯ୍ୟମଣି ରାୟ | କୁନ୍ଥପିପୁଲ | " | ଟ ୧୯ |
| କୁମାର ବ୍ରଜରାଜ ସିଂହ ଦେଓ | ଗଡ଼ିପୁର | " | ଟ ୬୯ |
| ବାବୁ ଦୈତାରି ମିଶ୍ର | ଅନୁଗୋଳ | " | ଟ ୬୯ |
| " ମଧୁସୂଦନ ମହାପାତ୍ର | କଟକ | " | ଟ ୫ |

# ବିଜ୍ଞାପନ ।

## ସଚିତ୍ର ଚିଠିର କାଗଜ

ଚିଠି ଲେଖିବାର ଏପରି କାଗଜ ଓଡ଼ିଶାରେ ଏହି ନୂତନ । ପ୍ରତ୍ୟେକ କାଗଜରେ ହିନ୍ଦୁ-ଦେବଦେବୀ ଅର୍ଥାତ ରାଧାକୃଷ୍ଣ, ଜଗନ୍ନାଥ, ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ପ୍ରତିମୂର୍ତ୍ତିମଧ୍ୟରୁ ଗୋଟିଏ ଲେଖାଏ ଓ ତହିଁତଳେ ତାଙ୍କର ବନ୍ଦନା ସଂସ୍କୃତଶ୍ଳୋକରେ ଦିଆ ଯାଇଅଛି ଯାହା କି ପତ୍ର ଆରମ୍ଭରେ ଲେଖିବା ବିଧେୟ । ଆଉ ମଧ୍ୟ ଗୋଟିଏ ପକ୍ଷୀ ପତ୍ର ନେଇ ଯାଉଅଛି ତାହା ତଳେ ଗୋଟିଏ କବିତା । ଅବିଳମ୍ବେ ଆହୁରି ଅନେକ ପ୍ରକାର କାଗଜ ବାହାରୁଅଛି । ମୂଲ୍ୟ ୧୦୦ କୁ ଟ ୦୴; ପଇସାରେ ଦୁଇଖଣ୍ଡ ; " କଟକ ପ୍ରିଣ୍ଟିଂକୋମ୍ପାନୀର ସେକ୍ରେଟରୀ " ଙ୍କ ନିକଟରେ ପ୍ରାପ୍ତବ୍ୟ ।

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦/ ପଡ଼ିବ ।

ଆମ୍ଭର ଚଉଧୁରୀବଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟ୍ଟା ଭକ୍ଷୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ତଲାସକଲେ ପାଇପାରିବେ । ସେଥିରେ ଗୁଣ୍ଡିଲ ଇତ୍ୟାଦି କିଛି ବଜାରପ୍ରାୟ ମିଶ୍ରିତ ନାହିଁ ଆଉ ଯାହାଙ୍କର ବୃହତ କର୍ମ ପାଇଁ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଆଠଦଶ ଦିନ ପୂର୍ବରୁ ଫରମାସଦେଲେ ଅମ୍ଭେ ତିଆର କରାଇଦେବୁଁ (ଫଳେନ ପରିଚୀୟତେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୯।୮୮ }
କଟକ } ଶ୍ରୀ ଅରତବଲ୍ଲଭଲାଲ ।

ଶ୍ରବ୍ୟଂ ପଠିତବ୍ୟଂ

କଟକଜିଲ୍ଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଚିକିତ୍ସାରେ

Digitized by srujanika@gmail.com

Split by PDF Splitter



ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ରୋଗୀ ଆରୋଗ୍ୟ ଲଭ କରିଅଛନ୍ତି । ତାହାଙ୍କ କଣ୍ଠ ଓଲାଉଠା ରୋଗର ଔଷଧ ଅତ୍ୟନ୍ତ ପ୍ରଶଂସନୀୟ । ଏହା ବ୍ୟବହାରରେ ସେବନ କଲେ କାଳର କବଳରୁ ନିସ୍ତାର ପାଇବେ । ତାହାଙ୍କ ନିର୍ମିତ ହେମାଦି ବଟୀ ନାମକ ଜ୍ୱରସଂହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ପୁତ୍ରଗୋଷ୍ଠି ଜ୍ୱରରୋଗମଧ୍ୟରୁ କେହି ମା ୭ ସ, କେହିବା ମା ୫ ସ, କେହି ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକ୍କ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାସ୍ଥଳ କଲେ କୌଦ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜମାନଙ୍କ ଏବଂ ଦଶାପ୍ରାପ୍ତ-ପ୍ରାଣଗତ ମୂତ୍ରକୃଚ୍ଛ୍ରାନାମ୍ନ ରୋଗରୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯାଜପୁର, ବଦରଖ, ମାଣିକପଟ୍ଟଣା, ଆଞ୍ଜୁଅପଦା, ଏକମା, ମେଦନୀପୁର, କୌଦ, ବାଲିପଟ୍ଟଣା, ଚଣାହଟ୍ଟା, ଓ ଇମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ରକ୍ତଅର୍ଶ, ଓଲାଉଠା, ଆମାଶୟ, ମେଲେରିଆଜ୍ୱର, ସର୍ବକାଳସ୍ଥାୟିଜ୍ୱର, ତନ୍ଦ୍ରାକଣ୍ଠିତଜ୍ୱର, ପାଳିଜ୍ୱର, ଦାଦୁ, କାଳାଗ୍ନି, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂର୍ଚ୍ଛା, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ କଟକସହ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ପାରନ୍ତି । ଅତଏବ [illegible] ଷ୍ଟାମ୍ପକାର୍ଡ଼ ବା ଡାକଟିକଟସହ ପତ୍ର ଲେଖିଲେ ଅଳ୍ପମୂଲ୍ୟର ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## ବାଲିକାଗଣ ।

ଉଲ୍ଲିଖିତ ଶସ୍ତା ଦରରେ ସବୁ ପ୍ରକାର ଚୌଧୁରୀ ବଜାର ବାବୁ ଗୋପାଳଙ୍କର ପଦ୍ମ ବଜାରଠାରେ ବାବୁ ଅର୍ଜୁନ ଦାସ ଦାସଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୨ | ଗଣ୍ଡ | ବାକ୍ସ | ଠ ୧୬ ଟ ।୶ | ଠ ୧୬ ଟ ୦ ।୨ |
| ୧୦ | ଗଣ୍ଡ | ,, | ,, ଟ ।୯ | ,, ଟ ୦ ।୭ |
| ୧୨ | ଗଣ୍ଡ | ,, | ,, ଟ ।୨ | ,, ଟ ୦ ।୦ |
| ୧୨ | ଗଣ୍ଡି ଭଲଫଇଷ୍ଟେପ୍ | ,, | ଟ ୶ | ,, ଟ ୦ ।୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ତତ୍ତ୍ୱାବଧାନରେ କଟକସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ବଲଗ ଓ ରେଶମାଓଗେର ଲୁଗା ଓ ଷ୍ଟେସନରି ଓ କାଳି କଲମ ଇତ୍ୟାଦି ସରଞ୍ଜାମର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉତ୍କଳର ଆଉ କେଉଁଠି ସେପରି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଭଡ଼ା ଗ୍ରାହକମାନେ ଏକ ଦିନକୁ ଯେ କୌଣସି ଟ ୦।୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଡ଼ି ଖଣ୍ଡାଳଙ୍କର ଭାର ତାଙ୍କ ଉପରେ ରହିବ । ଖଡ଼ି ହେଲେ ଗାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତଫସିଲ୍ ।

ଜରିର ଫେଟଣା ଓ ଚାଦରେ ଖଞ୍ଜ ହେଲେ ସ୍ତ୍ରୀରେ ।
ଚଦରକୋଣା
ଇଂରେଜୀ ଟେବିଲ ଢାଙ୍କୁଣୀ ସେଜ ଗାଦି ଓ ଢୋକ ଖଞ୍ଜିବା ।
ରୂଢ଼ ଅଛିଡ ନକ୍ସା ଜରିକା କାଳକ ଟେବିଲ ଓ କଲମ ।
ଟେବିଲ୍ କାନ୍ତା ଖଣ୍ଡ ।
ଚାବିଟା ଟବାଡଙ୍ଗ ଅଠା ଭାଜନ ଓ ରୋଗା ଟେଷ ଭୁଅ
ଟିକଣ ଭୂଷ
ବଟକା ଖାକୁଡ ।
ତାରାଭ ସାବାନ ଇଷ୍ଟି ନା ନୂଆ ପଟକ୍ଷାର ଜୁତା ।
ଅଣୋଚ ରେଶମ—ଅର୍ଥାତ୍ ମୁକ୍ତାମାଳୀ ଚଦର ।
ଅବଲା ଲୁଗ ।
ଓଣ୍ଡେର ବୁଟ୍ ଜୁତା ।
କସ୍ତୁରୀ ଅତର ।
ଟୋବାକୋଡବ୍ ।
ଖାତ ଇଞ୍ଚେଇ ଓ ଭଗ ଭଙ୍ଗ ଓ ଖାଗ ସଣ୍ଢା
ଉଚ୍ଚ ଦୁନ୍ଦଳଡ଼୍ ଏକଗଣ ଜୁଡ଼ି
ଟେଲିଗ୍ରାଫ ଉପୋକ ଶୁଦ୍ଧ ଦେଶର ଅରଇ
୪, ସୋନେଲ ଅନୁସରେଇ ଡାମୀଜ ଓ କୁଲୁପ ।
ଦରଜା ଅଗ୍ରୁଳୋନ ଏବଂ ଭାଇଚ ପ୍ଲାଷ୍ଟର ପେନ୍ସିଲ ଆଉ ୪ ରେଟେଡ଼ିଲ୍ ଲେ ଲେଖି ଅପେକ୍ଷା ଦେବ ଭଲ ଲଗାଇ ଦେଖ ପେନ୍ସିଲ ଲେଖା ଲ ପାଇ ଦେଖ ଅପଦ ଟେବଲୋ ଭକ ର ତକ ଲାଗିବ ।
ଗୋର୍ଷ୍ଟସୁଟ୍ ଓ ପିରାଣର ଜେବୁର ମେଳ ଓ ପଇତ ଭଲେ ସଦେ
ଦୁଇଟି କାଠ ଅର୍ଥାତ୍ ଲେଖିବାକେଲେ ସର ଓ ଶୁଖିଲେ ଭଲ ହେବ ।
ଆଇନା ଫେମ୍
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
୧୬ × ୧୪ ,,
ମୋଜା ଓ ମୋଜାଜିବ
ଇତମୁ ଏଅ ଜଜଷେଇ ଜଉଡ଼ି ସାଟିନ କଳା ଓ ଧଳା
ଜେନେପ୍ଲାଏଜ ।
ଜଙ୍ଗି ଓ ପାଇକବଇଗୋଲା ସିଡା
କସ୍ତୁରୀ ଟେଇଲରେ ଭଲ ଆଦିତାର ଯୋଗ ମନ୍ଦସାନା ।
ରେଡ଼ ଡୁ ପେନ୍ସିଲ
କାଗଜଗୀ ଖାତା ଓ ଲୋଭ ଓ ଭଡ଼
ମନ୍ଦ୍ରମ୍ୱଡାଗାର ଓ ଟିକଂ ପାଡ ପାଞ୍ଚଯୋଡ ଓ ଖାତା ।
ଟିକେଟ କାଡ
ଏକ୍ଟିମୋସ୍ ଅର୍ଥାତ୍ ରସା- ୟନ ଛପାନ୍ ଅକ୍ଷର ତାପର ନାନା କେନେଇ ତରବାର ଜୁଏ ।

## ଇସ୍ତାହାର ।

ଏ ତାରିଖ ବେହେରାଣୀ ଯାହାରେ ଭର୍ତ୍ତି ନଥିଲେ ଭଲାଇ ବୋଠାଇବର ଫାଟରେ ଦେଲେ ଯାଉଥିଲା କର ହେବ ଦରକ୍ ମଣି- ଅରେ ଲେପିଦେଲେ ମଇଳାତ ଓ ଭଳ ଥିଲ ନାହିଁ ।

କବିଉ ଚମଡ଼ା ଓ ସାଜରେ ଲଗାଇବାକୁ କାନ୍ଥ ମଧ୍ୟ ଅଛି ।

ଅବ୍ଲକାଟିର ଭବ ଲମ୍ବାମ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୶ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୪ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳଦୀପିକା ଯନ୍ତ୍ରରେ [illegible] ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା. ୨୩ ଶ | ତା ୨୭ ଇଙ୍ଗ ମାହେ ଅକ୍ଟୋବର ସନ ୧୮୮୮ ଇହିଁରୀ । ମୂ । କାର୍ତ୍ତିକ ଦି ୧୩ ଚ ସନ ୧୨୯୬ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

ସଂ ୪୧ ସଂଖ୍ୟା | | ପଶ୍ଚାଦେୟ ଟ ୨

ଦୁର୍ଗୋତ୍ସବ ଶେଷ ହେଲା । ଅଦ୍ୟ ଆମ୍ଭେମାନେ ଆପଣା କାର୍ଯ୍ୟରେ ପୁନର୍ବାର ଉପସ୍ଥିତ ହୋଇ ଗ୍ରାହକ ପାଠକ ଓ ବନ୍ଧୁବର୍ଗଙ୍କୁ ବିଜୟାର ଆଲିଙ୍ଗନ ସହିତ ଅଭିବାଦନ କରୁଅଛୁଁ । ଅବନାଭାଙ୍କ ପ୍ରସାଦରୁ ନିର୍ବିଘ୍ନରେ ଆମୋଦ ପ୍ରମୋଦରେ କାଳାତିପାତ କରି ପୁଣି ତାଙ୍କ ଆଗମନ ପ୍ରତୀକ୍ଷାରେ ରହିଲୁଁ ସେ ଏବର୍ଷ ଯେପରି ଆମ୍ଭମାନଙ୍କୁ ରକ୍ଷାକଲେ ପୁଣି ବର୍ଷକଉତ୍ତାରୁ ତାଙ୍କ ପଦସେବନସେବାରେ ଉପସ୍ଥିତ ହେବୁଁ । ଅମୋଦ ଆହ୍ଲାଦ ଆନନ୍ଦମୟୀଙ୍କ ଇଚ୍ଛାନୁସାରେ ଶେଷ ହେଲା କିନ୍ତୁ ଏଣିକି ବୃଷ୍ଟିର ଅଭାବ ଦେଖି ଲୋକେ ହାହାକାର କରୁଅଛନ୍ତି । ଆନନ୍ଦମୟୀ ଏ ଆପଦରୁ ରକ୍ଷାକରି ନିଜ ନାମର ସାର୍ଥକତା ସମ୍ପାଦନ କରନ୍ତୁ ତାଙ୍କ ପାରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ରହିଲା ।

---

ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇଅଛନ୍ତି ଯେ ଚଳନ୍ତିମାସ ତା ୧୫ ରିଖଠାରୁ ଅତ୍ର ସଦରଡାକଘରର କାର୍ଯ୍ୟ ସକାଳ ଘ ୭ ଘଣ୍ଟାଠାରୁ ଅପରାହ୍ଣ ଘ ୭ ଘା ପର୍ଯ୍ୟନ୍ତ ଜାରୀ ହେବ । ପୁରୀ ଓ କଲିକତା ଡାକ ସନ୍ଧ୍ୟା ଘ ୭ ଘାସମୟରେ ବନ୍ଦ କରାଯିବ ଓ ପ୍ରତି ରବିବାରେ ଦିନ ପୁରୀ ଓ କଲିକତା ଡାକ ଘ ୮ ଘା ସମୟରେ ବନ୍ଦ କରାଯିବ । ମନିଅର୍ଡର କାର୍ଯ୍ୟ ରବିବାର ଭିନ୍ନ ଅନ୍ୟ ଦିନମାନଙ୍କରେ ସକାଳ ଘ ୧୦ ଘାଠାରୁ ଅପରାହ୍ଣ ଘ ୪ ଘା ପର୍ଯ୍ୟନ୍ତ ହେବ ।

---

ଅନୁଗୁଳ ବନ୍ଦୋବସ୍ତଇଲାକାର ସର୍ଭେଅଫିସର ଶ୍ରୀମାନ୍ ଉଇଣ୍ଡସାହେବ ଅଫିସମଧ୍ୟରେ କଣେ ମୋହରରଙ୍କୁ କାଳମୋଡ଼ା ଓ ଅର୍ଦ୍ଧଚନ୍ଦ୍ର ଦେଇ ଅପମାନିତ କରିଥିବାରୁ ମୋହରର ତାଙ୍କନାମରେ ଫୌଜଦାରୀ ଅଦାଲତରେ ନାଲିସ କଲା । ସାହେବ ମାରିବା କଥାଟା ସ୍ୱୀକାର କରି କହିଲେ ଯେ ସେ ମୋହରରକୁ କେବଳ ଶିକ୍ଷା ଦେବା ଅଭିପ୍ରାୟରେ ମାରିଥିଲେ ମାଜିଷ୍ଟ୍ରେଟଙ୍କ କଚେରିରେ ସାହେବ ଖଲାସ ପାଇ କଚେରୀରୁ ଆସି ସେହି ମୋହରର ଓ ମୋକଦ୍ଦମାରେ ସାକ୍ଷ୍ୟ ଦେଇଥିବା ସେ ଅଫିସର ଅନ୍ୟ ଦୁଇଜଣ କର୍ମଚାରୀଙ୍କୁ ବରଖାସ୍ତ କଲେ । ସାହେବତ ଅନେକ ପ୍ରକାର ଶିକ୍ଷା ଦେବାକୁ ଜାଣନ୍ତି ?

---

ଆମ୍ଭମାନଙ୍କର ମାନନୀୟ କମିଶନରସାହେବ ଦୁର୍ଗାପୂଜା ଛୁଟୀ ସମୟରେ ଖୋର୍ଦ୍ଧାର ଅନ୍ନକଷ୍ଟ ବିଷୟ ତଦନ୍ତ କରିବାକୁ ଯାଇଥିଲେ ସେଠାରେ ସେ ପ୍ରାୟ ସାତ ଅଠଦିନ ଥିଲେ । ବର୍ତ୍ତମାନ ଖୋର୍ଦ୍ଧାର ହାଲ ସେ ବିଶେଷରୂପେ ଅବଗତ ହୋଇଅଛନ୍ତି ସନ୍ଦେହ ନାହିଁ । ଶୁଣାଯାଉଅଛି ଯେ ଖୋର୍ଦ୍ଧାରେ ସାହାଯ୍ୟ ଆବଶ୍ୟକ ନ ହେବାରୁ ସାହାଯ୍ୟକର୍ମଚାରୀମାନେ ଯଥା ସ୍ଥାନକୁ ଫେରି ଆସିଅଛନ୍ତି । ଯଦ୍ୟପି ଅନ୍ନକଷ୍ଟ ଦୂରୀଭୂତ ହୋଇଥିଲେ ସାହାଯ୍ୟ କର୍ମଚାରୀମାନଙ୍କ ପ୍ରତ୍ୟାଗମନରେ କୌଣସି କ୍ଷତି ନାହିଁ କିନ୍ତୁ ଜଳର ଅଭାବ ଯେପ୍ରକାର ପ୍ରତୀୟମାନ ହେଉଅଛି ସେଥିରୁ ସ୍ପଷ୍ଟ ଅନୁମାନ ହେଉଅଛି ଯେ ଖୋର୍ଦ୍ଧାରେ ଅନ୍ନକଷ୍ଟ ପୂର୍ବରୁ ବାଢ଼ିଥିଲେ ବର୍ତ୍ତମାନ କୌଣସି ପ୍ରକାରରେ ମୋଚନ ହୋଇ ନ ଥିବ । ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ସେଠାରେ ବର୍ଷା ନ ହେଲେ ଫସଲ ନଷ୍ଟ ହେବ ତାହା ।

---

ଢାକାରେ ଜାତୀୟସମିତିରେ ଯୋଗ ଦେବାବିଷୟରେ ଗୋଟିଏ ତର୍କଟସଭା ହୋଇ ଯାଇଅଛି । ସେଥିରେ ହିନ୍ଦୁ ମୁସଲମାନ ସମସ୍ତେ ଯୋଗ ପ୍ରଦାନ କରିଥିଲେ ଏଥିଉତ୍ତାରୁ ଅଳଖାନ୍ୟ ସେଠାର ମୁସଲମାନମାନେ ଏହି ମହାସମିତିବିରୁଦ୍ଧରେ ଏକ ସଭା ଆହ୍ୱାନ କରିଥିଲେ । ଯୋକ୍ତ ସଭାରେ ଅନେକ ମାନ୍ୟବାନ୍ ମୁସଲମାନ ଉପସ୍ଥିତ ଥିଲେ । ଏହି ସଭାରେ ଜାତୀୟସମିତିର ଆନ୍ଦୋଳନ ଓ ଉଦ୍ଦେଶ୍ୟ ଯେ କ୍ଷତି ହେବ ତାହା ବିଶେଷରୂପେ ଆନ୍ଦୋଳିତ ହୋଇଥିଲା । ପରିଶେଷରେ ଏକ କମିଟୀ ସ୍ଥାପନ ହୋଇ ସ୍ଥିର ହେଲା ଯେ ତା ୧୧ ରିଖ ନବମ୍ବରରେ ଏକ ମୁସଲମାନମାନଙ୍କ ତର୍କଟସଭା ଆହ୍ୱାନ କରି ମହାସମିତିର କାର୍ଯ୍ୟକୁ ନିନ୍ଦା କରିବେ । କେବଳ ମୁସଲମାନମାନଙ୍କର ମହାସମିତିପ୍ରତି ଏପ୍ରକା-

Split by PDF Splitter

Digitized by srujanika@gmail.com

ସ୍ୱଗ ଛାଡ଼ିଣ କେଉଁ ଯୁଝାପାଣ୍ଡ ନାହିଁ । ସେମାନେ ତ ଏହିପ୍ରକାର କାର୍ଯ୍ୟ ଦେଖାଇ ଇଂରେଜଙ୍କ ପ୍ରତି ଭକ୍ତିର ପରିଚୟ ଦେଉଅଛନ୍ତି । ଇଂରେଜ ତ ଏହି ଭକ୍ତିରେ ଭୁଲିବେ ?

---

ଅମ୍ଭେମାନେ ଅତିଶୟ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଗତ ତା ୨୦ ରିଖ ରବିବାର ରାତ୍ରରେ ଇହଲୀଳା ସମ୍ବରଣ କଲେ । ରାଜା ପ୍ରଶଂଶିତ ପ୍ରାୟ ଏକମାସ ରୋଗ ପୀଡ଼ିତ ଥିଲେ । ତାଙ୍କର ବୟସ ମଧ୍ୟ ପ୍ରାୟ ସତୁରୀର ଉପର ହୋଇଥିଲା । ସେ ଜଣେ ଅତିଶୟ ଦୟାବାନ୍ ଓ ଦେଶହିତୈଷୀ ଲୋକ ଥିଲେ । ତାଙ୍କ ମୃତ୍ୟୁରେ ଅକାଳ ଦୁଃଖ ନଗରବାସୀ ସମସ୍ତେ ଦୁଃଖିତ ହେବାର ଆଶ୍ଚର୍ଯ୍ୟ ନୁହଇ । ତାଙ୍କର ଗୁଣଯୋଗ ହେତୁ ଗବର୍ଣ୍ଣମେଣ୍ଟ ତାଙ୍କୁ ରାଜାପଦ ପ୍ରଦାନ କରିଥିଲେ ଓ ବର୍ତ୍ତମାନ ରାଜା ବାହାଦୁର ପଦ ପ୍ରଦାନାର୍ଥେ ଖିଲତ ଆସିଥିଲା । ତାଙ୍କ ଶରୀର ଅସୁସ୍ଥ ହୋଇଥିବାରୁ ଲେପ୍ଟେନାଣ୍ଟ ବାହାଦୁରଙ୍କ ଆଗମନ ହେତୁ କଟକରେ ଯେଉଁ ଦରବାର ହେବ ସେଥିରେ ସେ ଉପସ୍ଥିତ ହେବାରୁ ଅସମର୍ଥ ଥିବାର ଜଣାଇବାରେ ବାଲେଶ୍ୱର ଦରବାରରେ ତାଙ୍କୁ ରାଜା ବାହାଦୁରିପଦ ଓ ଖିଲତ ଦେବାର କଥା ହୋଇଥିଲା କିନ୍ତୁ ତାହା ତାଙ୍କ କପାଳରେ ଘଟିଲା ନାହିଁ । ଅମ୍ଭେମାନେ ବର୍ତ୍ତମାନ ତାଙ୍କ ଆତ୍ମା କୁଶଳରେ ଥାଉ ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛୁଁ ।

---

ପୁରୀ ମନ୍ଦିର ଉପରେ ପାଇଖାନା ଟାକ୍ସ ଧାର୍ଯ୍ୟ ହେବା ସମ୍ବନ୍ଧରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଉକ୍ତ ଟାକ୍ସ ବାର୍ଷିକ ଟ ୪୮ ଙ୍କା ଧାର୍ଯ୍ୟହୋଇ ନୋଟିସ ଦିଆଯାଇ ଅଛି ମାତ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ କୌଣସି ଆପତ୍ତି ହୋଇ ନାହିଁ । ପତ୍ରପ୍ରେରକଙ୍କ ମତରେ ଏ ଟାକ୍ସ ଏବଂ ମନ୍ଦିର ବେଢ଼ାମଧ୍ୟରେ ଥିବା ସରାଘରମାନଙ୍କ ଉପରେ ଧାର୍ଯ୍ୟ ହେବା ଟାକ୍ସ ଉଭୟ ଅନ୍ୟାୟ ସଙ୍ଗତ ଅଟଇ ଓ ଇତିପୂର୍ବରେ ଯେସବୁ ପ୍ରସ୍ତାବ ଅମ୍ଭେମାନେ ପ୍ରକାଶ କରୁଅଛୁଁ ସେସବୁ ଅକର୍ମଣ୍ୟ ଅଟଇ । ସେ ଆହୁରି ଲେଖିଅଛନ୍ତି ଯେ ମନ୍ଦିରକୁ ପବିତ୍ର ରଖିବା କଥାରେ ଅଲ୍ପ ହେବାର ଗ୍ରବ ମିଉନିସପାଲିଟୀଉପରେ ବହିଲେ ଭଲ ହେବ । ଅମ୍ଭେମାନେ ଏହିମତରେ ଐକ୍ୟ ହୋଇପାରୁ ନାହୁଁ । ଯେଉଁସ୍ଥଳେ ଧର୍ମମନ୍ଦିର ଅଇନଦ୍ୱାରା ଟାକ୍ସରୁ ଖଲାସ ପାଇଅଛି ଏବଂ ପୁରୀ ମନ୍ଦିର ମଧ୍ୟରେ ପାଇଖାନା ନାହିଁ ସେ ସ୍ଥଳେ ଉକ୍ତ ଦୁଇ ଟାକ୍ସ ମଧ୍ୟରୁ କୌଣସିଟି ସେଠାରେ ଆଇନସଙ୍ଗତରୂପେ ହୋଇ ନ ପାରେ । ଯେବେ ମନ୍ଦିର ପକ୍ଷରୁ ଏ ପର୍ଯ୍ୟନ୍ତ ଆପତ୍ତି ହୋଇ ନ ଥିବ ତେବେ ନୂତନମାନେଜର ଗଲେ ଅବଶ୍ୟ ତନ୍ମଧ୍ୟରେ ଆପତ୍ତି କରିବେ ଏବଂ ମନ୍ଦିର ପରିଷ୍କାର ଓ ଶୁଦ୍ଧରେ ଉତ୍ତମ ରଖିବାର ଉଚିତ ବନ୍ଦୋବସ୍ତ ତାହାଙ୍କଦ୍ୱାରା ହେବ । ମିଉନିସିପାଲିଟୀକି ତହିଁନିମିତ୍ତ ବ୍ୟସ୍ତ ହେବାର ଆବଶ୍ୟକ ନାହିଁ । କମିଶନର ମାନଙ୍କୁ ଅଇନଦ୍ୱାରା ଯେଉଁ ଅଧିକାର ପ୍ରଦତ୍ତ ହୋଇଅଛି ତହିଁରେ ସନ୍ତୁଷ୍ଟ ରହିବାର ଉଚିତ । ମନ୍ଦିରଉପରେ ଅଧିକାର ଦେଖାଇବାରୁ ଯାଇ ସମସ୍ତ ହିନ୍ଦୁମଣ୍ଡଳୀର ଅପ୍ରୀତିକର ହେବା କଦାଚ ଭଲ ନୁହଇ ।

---

ଗଭର୍ଣ୍ଣର ବୋର୍ଡ ଅଫ୍ ବାର୍ଡସର କାର୍ଯ୍ୟବିବରଣ ସମ୍ପର୍କରେ ମାନ୍ୟବର ଲେପ୍ଟେନାଣ୍ଟଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରୁ ପ୍ରକାଶ ଯେ କୁଜଙ୍ଗର ଜମା ଟ ୧,୧୯,୧୭୨୮ ଙ୍କା ମଧ୍ୟରୁ କେବଳ ଟ ୧୩୨୨୩୮ ଙ୍କା ଅର୍ଥାତ୍ ଶତକଡ଼ା ଟ ୨୨୮ ଙ୍କା ଲେଖାଏଁ ଅଦାୟ ହୋଇଅଛି । କଣକାରେ ସନ ୧୮୮୭ ସେପ୍ଟମ୍ବର ମାସରେ ଲୁଣାପାଣି ମାଡ଼ିବା ଓ ସନ ୧୮୮୭ ସାଲର ଦଇମାସିର ତୋଫାନହେତୁ ବଡ଼ ଖତ ହୋଇଥିବାରୁ ବାଧିଥିବା ସ୍ଥାନମାନଙ୍କର ଖଜଣା ମାଫ ଦିଆଯାଇଅଛି ତଥାପି ଏଠାରେ ଶତକଡ଼ା ଟ ୮୮ ଙ୍କା ଲେଖାଏଁ ଖଜଣା ଅଦାୟ ହୋଇଅଛି । କଲେକ୍ଟର ସାହେବ ଲେଖିଅଛନ୍ତି ଏ କଲର ଖଜଣା ବନ୍ଦୋବସ୍ତ ଉତ୍ତମରେ ହୋଇଅଛି ଏବଂ ନରମ ଅଟଇ କିନ୍ତୁ ମସ୍ତାଜର ଓ ସରବାରମାନେ ଅନ୍ୟାୟରୂପେ ଅଦାୟ କରୁଥିବାରୁ ବିଜ୍ଞାପନ ପ୍ରଚାରଦ୍ୱାରା ସେମାନଙ୍କୁ ନିଷେଧ କରାଯାଇ ଅଛି ।

ଅନ୍ୟାନ୍ୟ ମାହାଲ ମଧ୍ୟରେ କୁଜଙ୍ଗ ଏବଂ କନିକାର ଜରିବ ଓ ବନ୍ଦୋବସ୍ତ ମଞ୍ଜୁର ହୋଇଅଛି କନିକାର ଭୂମି ପରିମାଣ ମା ୨୧୩୨୨୩ ଏଥିମଧ୍ୟରୁ ପ୍ରାୟ ଏକଲକ୍ଷମାଣ ଜଙ୍ଗଲ । ଏହାକୁ ଜରିବ କରିବାପାଇଁ ୭୦ ହଜାର ଟଙ୍କା ଇଷ୍ଟିମେଟ ହୋଇଅଛି କନିକାର ମୋଟଜମି ମା ୩୩୩୨୧ ଏଥିମଧ୍ୟରେ କେବଳ ୮ ହଜାର ମାଣ ଆବାଦ ଅଟଇ । ଏଥିର ଜରିବାଦି କାର୍ଯ୍ୟ ସକାଶେ ୬୫ ହଜାର ଟଙ୍କା ଇଷ୍ଟିମିଟ ହୋଇଅଛି । କେବଳ ଯେଉଁ ମାହାଲରେ ଗୋଳମାଳ ଅଛି ସେହିମାହାଲରେ ଜରିବ ହେବା ଉଚିତ ବୋଲି ଗବର୍ଣ୍ଣମେଣ୍ଟ କହିଅଛନ୍ତି ।

---

ଅମ୍ଭମାନଙ୍କର ମାନନୀୟ ଲେପ୍ଟେନାଣ୍ଟ ଶ୍ରୀଯୁକ୍ତ ବେଲିସାହେବଙ୍କ ଓଡ଼ିଶା ଆଗମନ ଏକପ୍ରକାର ନିଶ୍ଚୟ ଜଣାଯାଉଅଛି । ଆଗାମୀ ନବମ୍ବରମାସ ତା ୧୬ ରିଖ ଶୁକ୍ରବାର ପ୍ରାତଃକାଳ ସ ୯ ବା ୧୦ ଟିକା ସମୟରେ ଏ ନଗର ଯୋବରା ଘାଟଠାରେ ତାଙ୍କର ପହୁଞ୍ଚିବାର କଥା ଅଛି । ଘାଟଠାରେ ତାମ୍ବୁ ପଡ଼ି ସେଠାରେ ମାନ୍ୟବରଙ୍କୁ ସମାଦର କରିବାର କଥା ହେଉଅଛି । ଶୁଣିବାରେ କମିସନର ସାହେବ ଘାଟଠାରୁ କୌଣସି ଭଦ୍ରଲୋକଙ୍କୁ ଅହ୍ୱାନ କରିବେ ନାହିଁ । ଏ ନଗରରେ ଯେଉଁ ଅଭ୍ୟର୍ଥନା ସମ୍ପର୍କୀୟ କମିଟୀ ସ୍ଥାପିତ ହୋଇଅଛି ବୋଧହୁଏ ସେମାନେ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରିବାର ବନ୍ଦୋବସ୍ତ କରିବେ ବନ୍ଦୋବସ୍ତ ଯେପ୍ରକାର ହେଉ ସାଧାରଣ ଭଦ୍ରଲୋକେ ଓ ସରକାରୀ କର୍ମଚାରୀମାନେ ଲେପ୍ଟେନାଣ୍ଟଙ୍କ ଅଭ୍ୟର୍ଥନା ସକାଶେ ଘାଟଠାରେ ଉପସ୍ଥିତ ହେବେ ସନ୍ଦେହ ନାହିଁ । ତା ୧୭ ରିଖ ପରଦିନ ଦରବାର ହେବ । ଏ ଦରବାରରେ ରାଜା ଜମିଦାର ଓ ଅନ୍ୟାନ୍ୟ ସ୍ୱାଧୀନ କର୍ମଚାରୀ ନିମନ୍ତ୍ରିତ ହେବେ ମୋଫସଲସ୍ଥ ରାଜା ଜମିଦାରମାନେ ହୁକୁମ ଅନୁସାରେ କଟକ ନଗରରେ ପହୁଞ୍ଚିବେ ସନ୍ଦେହ ନାହିଁ ଏ ଅବସ୍ଥାରେ ଦୁଃସମୟରେ ଅଧିକ ଲୋକ ଯୁଟି ହେଲେ ସୁଭିକ୍ଷ ମିଳିପାରିବ କି ନା ସନ୍ଦେହ ଅମ୍ଭେମାନେ ଲେପ୍ଟେନାଣ୍ଟ ବାହାଦୁରଙ୍କ ଆଗମନର ବିଶେଷ ବିବରଣ ପ୍ରାପ୍ତ ହୋଇ ନ ଥିବାରୁ ଯାହା ଶୁଣିଅଛୁଁ ପାଠକଙ୍କୁ ଜଣାଇଲୁଁ ଆଶା କରୁଁ ବିଶେଷ ସମ୍ବାଦ ଆଗାମି ସପ୍ତାହରେ ଜଣାଇବାକୁ ସମର୍ଥ ହେବୁଁ । ଯେରୂପରେ ହେଉ ଲେପ୍ଟେନାଣ୍ଟଙ୍କ ଆଗମନ ଉପଲକ୍ଷରେ ସହରରେ ଅଧିକ ଲୋକେ ଯୁଟି ହେବେ ସନ୍ଦେହ ନାହିଁ ରସଦ ଯୋଗାଇବାର ବନ୍ଦୋବସ୍ତ କର୍ତ୍ତୃପକ୍ଷମାନେ ଏ ସମୟରୁ ନ କଲେ ପଶ୍ଚାତ ବଡ଼ ଦରବରରେ ପଡ଼ିବାକୁ ହେବ । ଆଶା କରୁଁ ଅମ୍ଭମାନଙ୍କର

Split by PDF Splitter

Digitized by srujanika@gmail.com

Split by PDF Splitter



ସୁଦକ୍ଷ କମିଶ୍ନର ଓ କଲେକ୍ଟରସାହେବମାନେ ଏ ବିଷୟ ଭୁଲିବେ ନାହିଁ ।

---

✓ଅତ୍ୟନ୍ତ ଦୁଃଖର ସହିତ ଚଳିତମାସ ତାଂରିଖ ଓଡ଼ିଆରେ ପାଠକଙ୍କୁ ଜ ବାସୁଦେବପୁର ଓ ଭଦ୍ରକବାଲ ଥାନା ଇଲାକାରେ ଅତିବୃଷ୍ଟି ଓ ବନ୍ୟା ହେବାରୁ ଏପରି କଷ୍ଟ ହୋଇଅଛି ଯେ ଚାଉଳସେର ଦୁଇଅଣାଲେଖାଏଁ ବିକ୍ରୟ ହେଉଅଛି । ଅନେକ ଲୋକ ଏକବେଳ ଖାଇ ଅନ୍ୟବେଳ ଉପବାସ ରହୁଅଛନ୍ତି ଏବଂ କେତେଲୋକ କଲିକତା ପ୍ରଭୃତିସ୍ଥାନକୁ ପଳାଇ ଯାଉଅଛନ୍ତି । ଏମାନଙ୍କ ସାହାଯ୍ୟନିମିତ୍ତ ବାଲେଶ୍ୱରରେ ଗୋଟିଏ ସଭା ହୋଇଥିଲା । କୁମାର ବୈକୁଣ୍ଠନାଥଦେ ଏ ସଭାର ସଭାପତି ହୋଇଥିଲେ । ଶ୍ରୀଯୁକ୍ତ କଲେକ୍ଟରସାହେବ ସ୍ୱୟଂ ଗସ୍ତକରି ଲୋକଙ୍କର ଯେପରି ଦୁରବସ୍ଥା ଦେଖି ଆସିଥିଲେ ସଭାରେ ଜଣାଇଲେ ଏବଂ ତହିଁରୁ ଜଣାଗଲା ଯେ ଏହି ସ୍ଥଳେ ୮ ପଣ ବା ୧୪ ପଣ ଫସଲ ନଷ୍ଟ ହୋଇଅଛି ଏବଂ ଲୋକେ ଏମନ୍ତ କଷ୍ଟରେ ଅଛନ୍ତି ଯେ ଶୀଘ୍ର ସାହାଯ୍ୟ ନ ପାଇଲେ ମରି ପଡ଼ିବେ । ଏ ବିଷୟ ସେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ମାତ୍ର ସେଠାରୁ ମଞ୍ଜୁରୀ ଆସିବା ବିଳମ୍ବ ହେବ ଅତଏବ ଏଥିମଧ୍ୟରେ କୌଣସି ବନ୍ଦୋବସ୍ତ କରିବାର ଉଚିତ । ଏ କଥା ଶୁଣି ସଭା ଧାର୍ଯ୍ୟ କଲେ ଯେ ସର୍ବସାଧାରଣଙ୍କ ଠାରୁ ଚାନ୍ଦା ସଂଗ୍ରହ କରିବାକୁ ହେବ ଏବଂ ତହିଁରେ ଯେତେଟଙ୍କା ପ୍ରାପ୍ତ ହେବ ତାହା ଗରିବ ଲୋକଙ୍କ ସାହାଯ୍ୟନିମିତ୍ତ କଲେକ୍ଟର ସାହେବଙ୍କୁ ଦିଆଯିବ । ଚାନ୍ଦାସଂଗ୍ରହ କରିବା କାରଣ ଗୋଟିଏ କମିଟୀ ଗଠିତ ହେଲା ଓ ଶ୍ରୀଯୁକ୍ତ ଘୋଷସାହେବ ତହିଁର ସଭାପତି ଓ କୁମାର ବୈକୁଣ୍ଠନାଥଦେ ସେକ୍ରେଟେରୀ ହେଲେ । ସଭାସ୍ଥଳରେ ଟ୧୯୧୮ଙ୍କା ସ୍ୱାକ୍ଷରିତ ହେଲା ତହିଁମଧ୍ୟରେ ରାଜା ଶ୍ୟାମାନନ୍ଦଦେ ଟ ୫୦୦ ଙ୍କା କୁମାର ବୈକୁଣ୍ଠନାଥଦେ ଓ ଦର୍ତ୍ତିସସାହେବ କଲେକ୍ଟର ଟ ୧୦୦ ଙ୍କା ଲେଖାଏଁ ଶ୍ରୀଯୁକ୍ତ ଘୋଷସାହେବ ଓ ବାବୁ ଶ୍ରୀକାନ୍ତକର ଟ ୫୦ ଲେଖାଏଁ ଦେଇଅଛନ୍ତି । ଅନ୍ୟ ଲୋକମାନେ ୫ ୧୦ ଙ୍କା ଓ ତହିଁରୁ ଊଣା ଦେଇ ଅଛନ୍ତି ।

---

ଗତ ଦଶହରା ସମୟରେ ଏଠା ମୋଫସଲର ନାନା ସ୍ଥାନରେ ସ୍କୁଲର ଛାତ୍ରବୃନ୍ଦ ଓ ଅନ୍ୟାନ୍ୟ ବିଦ୍ୟୋତ୍ସାହୀ ଯୁବକମାନେ ମିଳି ନାଟକାଭିନୟ କରିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଅସୁରେଶ୍ୱର ଖଣ୍ଡିତପଡ଼ା ଗ୍ରାମରେ ଓଡ଼ିଆ 'କାଞ୍ଚିକାବେରୀ' ରଘୁନାଥପୁର ଗ୍ରାମରେ ବଙ୍ଗଳା ପ୍ରହସନ ନାମାଇ-'ଚୋରକ' ଓ ବାବୁ ନାରାୟଣ ପ୍ରସାଦ ମିତ୍ରଙ୍କ ନବ ରଚିତ 'ପାରିଜାତ ହରଣ' ନାମକ ଓଡ଼ିଆ ନାଟକ ଏବଂ ଗୋପାଳପୁର ଗ୍ରାମରେ ବଙ୍ଗଳା 'ସମାଜଭେଦ' ନାଟକ ଅଭିନୀତ ହୋଇଥିଲା । ରଘୁନାଥପୁର ଓ ଗୋପାଳପୁର ଗ୍ରାମରେ ନାଟକାଭିନୟ କିପରି ହୋଇଥିଲା ତହିଁର ବିଶେଷ ସମ୍ବାଦ ଆମ୍ଭେମାନେ ପାଇ ନାହୁଁ ମାତ୍ର ଶୁଣିବାରେ ମନ୍ଦ ହୋଇ ନ ଥିଲା । ଖଣ୍ଡିତପଡ଼ା ଗ୍ରାମରେ ଯେଉଁ ଅଭିନୟ ହୋଇଥିଲା ତାହା ଆମ୍ଭେମାନେ ସ୍ୱଚକ୍ଷୁରେ ଦେଖିଅଛୁଁ ଏବଂ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ ଯେ ଏଠା ଅଭିନୟ ଅତି ସୁନ୍ଦର ହୋଇଥିଲା । ଏସ୍ଥାନର ଅଭିନେତାମାନେ ଦଶହରା ପର୍ବର ନବମୀଦିନ ରାତ୍ରିକୁ ଅଭିନୟ କରିବାର ସ୍ଥିର କରିଥିଲେ ମାତ୍ର ରଙ୍ଗମଞ୍ଚର ଅସମ୍ପୂର୍ଣ ଇତ୍ୟାଦି ଯୋଗୁଁ ଦର୍ଶକ ଲୋକଗହଳ ହେବାରୁ ଅଭିନୟ ଏକାବେଳକେ ଅସମ୍ଭବ ହୋଇପଡ଼ିଲା । ତହୁଁ ଦୁଇ ଗୃହ ଦୃଶ୍ୟ ଉତ୍ତାରୁ ଶେଷ ଦୃଶ୍ୟର ଶ୍ରୀଜଗନ୍ନାଥ ଦେବଙ୍କ ପଟଦର୍ଶି ଦେଖାଇ ସେ ଦିନର କାର୍ଯ୍ୟ ବନ୍ଦ ରଖାଗଲା ଓ ଦର୍ଶକେ " ହରିବୋଲ " ପକାଇ ସନ୍ତୁଷ୍ଟ ହେଲେ । ଦଶହରା ବାସି ଏକାଦଶୀଦିନ ଉକ୍ତ 'କାଞ୍ଚିକାବେରୀ' ନାଟକର ଅଭିନୟ ହୋଇଥିଲା ଏବଂ ଅତି ପରିପାଟୀରୂପେ ଅଭିନୟ କାର୍ଯ୍ୟ ସମ୍ପନ୍ନ ହେବାରୁ ଦର୍ଶକମଣ୍ଡଳୀ କରତାଳି ଇତ୍ୟାଦିଦ୍ୱାରା ଆପଣା୨ର ସନ୍ତୋଷ ପ୍ରକାଶ କରିଥିଲେ । ନାଟକାଭିନୟ ବଡ଼ ଗୁରୁତର କାର୍ଯ୍ୟ । ପରିପାଟୀରୂପେ ଏବଂ ଦକ୍ଷତା-ସହକାରେ ସମ୍ପନ୍ନ ନ ହେଲେ ତହିଁର ମର୍ଯ୍ୟାଦା ରହେ ନାହିଁ । ଓଡ଼ିଶାରେ ନାଟକ ଅବା ନାଟକାଭିନୟର ଅଳ୍ପଦିନ ହେଲା ସୂତ୍ରପାତ ହୋଇଅଛି ଏମନ୍ତ ଅନେକ ମୋଫସଲର ଲୋକେ ଏଥିର ନାମଗନ୍ଧ ପାଇ ନାହାନ୍ତି । ଏପରି ସ୍ଥଳରେ ପରିପାଟୀରୂପେ ନାଟକାଭିନୟ ଦେଖାଇ ନ ପାରିଲେ ତହିଁର ଉଦ୍ୟମ କରିବା ବୃଥା କାରଣ ତାହା ହେଲେ ସାଧାରଣ ଲୋକେ ତହିଁରେ ବୀତଶ୍ରଦ୍ଧ ହେବେ ଓ ଫଳରେ ଦେଶର ଗୋଟିଏ ମହଦୁନ୍ନତି ସୁଦୂରବର୍ତ୍ତିନୀ ହୋଇଯିବ । ପୁଣି ମୋଫସଲର ଲୋକେ ଅଧିକାଂଶ ଓଡ଼ିଆ । ସେଠାରେ ବଙ୍ଗଳା ନାଟକର ଅଭିନୟ ନ କରି ଓଡ଼ିଆ ନାଟକର ଅଭିନୟ କଲେ ଯେମନ୍ତ ସମସ୍ତ ଲୋକେ ସହଜରେ ବୁଝି ପାରିବେ ତେମନ୍ତ ନାଟକ ଓ ନାଟକାଭିନୟ ପ୍ରତି ଲୋକଙ୍କର ଶ୍ରଦ୍ଧା କ୍ରମେ ବୃଦ୍ଧି ହେବ । ଆମ୍ଭେମାନେ ଭରସା କରୁଁ ନବ୍ୟଯୁବକମାନେ ଏଥିପ୍ରତି ଦୃଷ୍ଟି ରଖି ନାଟକାଭିନୟ ଦେଖାଇବାରେ ଉତ୍ତରୋତ୍ତର ଯତ୍ନଶୀଳ ହେବେ ।

---

### କଟକର ଦୁର୍ଗାପୂଜା ।

ଦୁର୍ଗାପୂଜା ଗତବର୍ଷ ପ୍ରାୟ ଏବର୍ଷ ନିର୍ବିଘ୍ନରେ ସମାପ୍ତ ହୋଇଅଛି । ମୋଫସଲର କୌଣସି୨ ସ୍ଥାନରେ ଦଶହରା ରାତ୍ରରେ ବୃଷ୍ଟି ହେବାରୁ ଆମୋଦ ପ୍ରମୋଦର କିଞ୍ଚିତ ବିଘ୍ନ ହୋଇଥିଲା କିନ୍ତୁ କଟକରେ ବୃଷ୍ଟିପତନ ଆଦୌ ହୋଇ ନାହିଁ । ଦୁର୍ଗାଙ୍କ ମେଢ଼ ଏ ନଗରରେ ଗତବର୍ଷପରି ଛଅଗୋଟି ଓ କାଳୀ ମେଢ଼ ଦଶଗୋଟି ହୋଇଥିଲା । ପ୍ରତିମା ଓ ସାଜ ଯେପରି ଉତ୍କୃଷ୍ଟ ଓ ସୁରୁଚିସମ୍ପନ୍ନ ହୋଇଥାଏ ତଦନୁରୂପ ହୋଇଥିଲା । ପ୍ରତିମାମାନଙ୍କ ନିକଟରେ ନୃତ୍ୟ ଗୀତାଦିର ଅଭାବ ଯେପରି ବର୍ଷକୁବର୍ଷ ଅନୁଭୂତ ହୋଇଥାଏ ଏବର୍ଷ ମଧ୍ୟ ତଦନୁରୂପ ତଥାପି ଏଠା ନିବାସିମାନେ ଦୁର୍ଗୋତ୍ସବ ଅତି-ଆହ୍ଲାଦସହକାରେ ଉପଭୋଗ କରିଥିବାର ଜଣାଗଲା । ଚାନ୍ଦିବଜାରର ମେଢ଼ ଗତବର୍ଷଭଳି ଅତ୍ୟୁତ୍କୃଷ୍ଟ ହୋଇଥିଲା ଓ କାଳୀମେଢ଼ମଧ୍ୟରେ କଲିକତାବସ୍ଥ ସଦାଶିବର ମେଢ଼ ଉତ୍ତମ କାରିଗିରି ଓ ନୂତନତ୍ୱର ପରିଚୟ ପ୍ରଦାନ କରିଥିଲା । ଉକ୍ତ ମେଢ଼ରେ କଂସର ମଲ୍ଲଦ୍ୱୟଙ୍କ ସ୍କନ୍ଧଦେଶରେ କୃଷ୍ଣ ଓ ବଳରାମ ବେଣୁ ଓ ଶିଙ୍ଗାଦ୍ୱାରା ଆଘାତ କରୁଥିବାର ପ୍ରତିମା ସନ୍ନିବେଶିତ ହୋଇଥିଲା । ଏବର୍ଷ ପ୍ରତିମାମାନଙ୍କ ଭାସିବାରେ ଲୋକମାନଙ୍କ ସମାଗମ ଅତ୍ୟନ୍ତ ଅଧିକ ହୋଇଥିଲା ଓ ଏ ଉତ୍ସବରେ ସେମାନେ ଅତ୍ୟନ୍ତ ଆହ୍ଲାଦ ସହିତ ଯୋଗପ୍ରଦାନ କରୁଥିବାର ଦେଖାଗଲା । ଯାଗ ବଳ ଥିବା ଏଥିର କାରଣ ଅଟଇ । ଦଶହରା ରାତ୍ରରେ କୌଣସି ଗୋଳମାଳ ନ ହୋଇ ତାହା ନିର୍ବିଘ୍ନରେ ସମାପନ ହୋଇଅଛି । ମେଢ଼ମାନ ଅତିବିଳମ୍ବରେ ବାଲୁବଜାର ନିକଟରେ ଏକତ୍ରିତ ହେବାରୁ ନଦୀକୂଳକୁ ଯାଉ୨ ସକାଳ ହୋଇ ଯାଇଥିଲା ସୁତରାଂ ବାଜିସ୍ତ ମିଳନ ହୋଇ ପାରିଲା ନାହିଁ ।

Digitized by srujanika@gmail.com

Split by PDF Splitter

338



ଏଠା ସାହେବମାନେ ମଧ୍ୟ ଏ ସମୟରେ ଆପଣା୨ର ଆମୋଦ କରି ନେଉଅଛନ୍ତି । ପୂର୍ବ୨ବର୍ଷ ପ୍ରାୟ ଏବର୍ଷ ଜୁବିଲିଗଞ୍ଜ ପଡ଼ିଆଟରେ ଘୋଡ଼ା ଦଉଡ଼ ଓ କଣ୍ଢା ପଡ଼ିଆରେ ମନୁଷ୍ୟ ଦଉଡ଼ ଓ ନଦୀରେ ବୋଟ ଦଉଡ଼ ଇତ୍ୟାଦି ନାନାପ୍ରକାର ଖେଳ ଏବଂ ତମ୍ବାଖେଳଙ୍କର ନାଟ୍ଟକାଭିନୟରେ ଛୁଟିରି ଅନେକଦିନ ଆମୋଦରେ ଅତିବାହିତ ହୋଇଗଲା । ସ୍କୁଲରେ ଛାତ୍ରଠାରୁ ପ୍ରଜାପର୍ଯ୍ୟନ୍ତ ଦଶହରାରେ ସମସ୍ତେ ଆମୋଦ ଅହ୍ଲାଦ କରି ଆନନ୍ଦମୟୀଙ୍କ ନାମ ସାର୍ଥକ କରୁଅଛନ୍ତି ।

---

## ଲୁଣ ଶସ୍ତା ହେବାର ଉପାୟ ।

ଏସମ୍ବନ୍ଧରେ 'ହେରେଲ୍ଡ ସମ୍ବାଦ ପତ୍ରରେ ଆମ୍ଭେମାନେ ଗତ୍ରଏ ପ୍ରେରିତପତ୍ର ପ୍ରକାଶ କରିଥିଲୁଁ ଯହିଁରେ ଲେଖକ ଗୋଟିଏ ପାରସିକଙ୍କାର ଉଦାହରଣ ଦେଇ ଲେଖିଥିଲେ ଯେ ସରକାର ପ୍ରତିମହଣରେ ଅଠଅଣା ମାସୁଲ ବୃଦ୍ଧି କଲେ ବୋଲି ଗଞ୍ଜାମର ବେପାରୀମାନେ ଲୁଣର ମୂଲ୍ୟ ପ୍ରତିମହଣ ଟ ୨।୷ ସ୍ଥଳେ ୨୦ ଟଙ୍କା ଓ ଟଙ୍କାଏ ପର୍ଯ୍ୟନ୍ତ ବୃଦ୍ଧି କଲେ ଯାଜପୁରରେ କେତେଜଣ ଲୁଣଚୋରୀ ଅପରାଧରେ ଧରାପଡ଼ି ଦୁର୍ମୂଲ୍ୟ ହେତୁ ତାହା କରିଥିବାର ସ୍ୱୀକାର କରିବାରୁ ଲେଖକ ସେଥିପାଇଁ ବ୍ୟଙ୍ଗ କରି କହିଅଛନ୍ତି ଯେ ମାସୁଲବୃଦ୍ଧି ଲୋକଙ୍କୁ ନ ବାଧିବାର କଥାଟା କେଉଁଠାରେ ରହିଲା । ଏଥିରୁ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଲେଖକଙ୍କର ଏ ମତଗୁଡ଼ିକ ସମ୍ପୂର୍ଣ୍ଣ ଭୁଲ ଅଟଇ ଏବଂ ବହାରିସ୍ଥାନର ଉକ୍ତ ଘଟନାର ତାହାଙ୍କୁ ଜଣା ନାହିଁ । ମୋଫସଲର ମୂର୍ଖଲୋକଙ୍କୁ କେତେବେଳେ କେହି କେପାଇ ସବୁଦାଗ ମାସୁଲବୃଦ୍ଧି ଛଳରେ ଦର ଅଧିକ ନେଇପାରେ ଯେବେ ନଗରମାନଙ୍କରେ ସେପରି ଘଟିବା ଅସମ୍ଭବ ଅଟେ । ଯେଉଁମାନେ ଶସ୍ତାଲୁଣ ନ ପାଇବାରୁ ଚୋରି କଲେ ସେମାନେ ସେ ଚୋର ପ୍ରତି ପଇସାଏ ଉଣା ହୋଇଥିଲେ ଚୋରି ନ କରନ୍ତେ ଏପରି କହିବାକୁ ଲେଖକ ସାହସୀ ନୁହନ୍ତି । ପ୍ରକୃତରେ ଯେଉଁମାନେ ସରକାର ଏକପଇସା ବଢାଇଲେ ବୋଲି ମହାଗର୍ଜ୍ଜନ କରୁଥିଲେ ସେମାନେ ବେପାରୀମାନଙ୍କର ଦୁଇପଇସା ବଢାଇବାର ଦେଖି ହତାଶ ହୋଇ ରହିଅଛନ୍ତି । ଲୁଣ ପରି ଅବଶ୍ୟକୀୟ ଦ୍ରବ୍ୟ ଉପରେ ସରକାରଙ୍କର ମାସୁଲ 'ନେବା ଉଚିତ କି ନା ଓ ନେଲେ କି ପରିମାଣ ମାସୁଲ ଉଚିତବ୍ୟ ସହିପାରେ ଏସବୁ ସ୍ୱତନ୍ତ୍ର ବିଷୟର ବିଷୟ । ବର୍ତ୍ତମାନର ପ୍ରସଙ୍ଗ କେବଳ ଲୁଣର ବିଷୟ ଉପରେ ନିର୍ଭର କରୁ ନ ଥିବାରୁ ତାହା ପରିତ୍ୟାଗ କରି ଟ୍ୟୁଟ୍ସାହେବ ଯେଉଁ ଉପାୟରେ ଲୁଣ ଶସ୍ତା ହୋଇପାରେ ବୋଲି କହିଅଛନ୍ତି ସେଥିର ବିଷୟରେ ପ୍ରବୃତ୍ତ ହେଲୁଁ ।

ଟ୍ୟୁଟ୍ସାହେବ ଏକଥର କଲେକ୍ଟର ମାଜିଷ୍ଟ୍ରେଟ ଲୁଣର ଦର ବଢିବାରୁ ଲୋକଙ୍କର କଷ୍ଟ ହେବାର ଦେଖି ସେ ଯେ ଇହିଁର ପ୍ରତିକାର ଚିନ୍ତା କରୁଅଛନ୍ତି ଏଥିପାଇଁ ସେ ଆମ୍ଭମାନଙ୍କର ଧନ୍ୟବାଦର ପାତ୍ର ସନ୍ଦେହ ନାହିଁ । କିନ୍ତୁ ତାହାଙ୍କର ଅନ୍ତଃକରଣ ଯେମନ୍ତ ଦୟାପୂର୍ଣ୍ଣ ତାହାଙ୍କ ଚିନ୍ତାଶକ୍ତି ତେମନ୍ତ ଗମ୍ଭୀର ଥିବା ଓ ସେ ଏଠାର ଅବସ୍ଥା ମନୋଯୋଗପୂର୍ବକ ଅବଗତ ହୋଇଥିବାର ପ୍ରକାଶ ହେଉ ନାହିଁ । ସେ କହିଅଛନ୍ତି ଯେ ଉତ୍କଳବେପାରୀମାନେ ବଙ୍ଗଳାକୁ ଯେଉଁସବୁ ଚାଉଳ ଆଣୁଅଛନ୍ତି ଇହିଁରେ ପଥରକଳମ ବଦଳରେ କରକଚଲୁଣ ଆଣିଲେ ବଙ୍ଗଳାର ଓ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ସେ ଲୁଣ ମହଣ ଟ ୦ ଯ ଲେଖାଏଁ ପ୍ରାପ୍ତ ହେବ ଏବଂ ଅଲ୍ପଖର୍ଚ୍ଚରେ ନୌକା ଯୋଗେ ମୋଫସଲର ନାନାସ୍ଥାନକୁ ଯିବ ସୁତରାଂ ଦର ଶସ୍ତା ହେବ ଏବଂ ଯେଉଁ ବଡ଼ଲୋକମାନେ ଏ ବ୍ୟବସାୟ କରିବେ ସେମାନଙ୍କର ଉତ୍ତମ ଲାଭ ହେବ । କିନ୍ତୁ ସାହେବ ଯେବେ ଟିକିଏ ଗମ୍ଭୀରଭାବରେ ଚିନ୍ତା କରିଥାନ୍ତେ ତେବେ ଅନାୟାସରେ ବୁଝିପାରନ୍ତେ ଯେ କଲିକତାକୁ ଠିକ ଏହି ଉପାୟ ଓ ଏହି ଦର ଅର୍ଥାତ ମହଣ ୨ । ୦ ଯ ଦ ଟ ୦ ଯ/ ଭାଡ଼ାରେ ଲିଭରପୁଲ–ଲୁଣ ଆମଦାନୀ ହେଉଅଛି ଅଥଚ ସେଠାରେ ମୋଟକରି ମହଣ ୨ ।୷ ଓ ଖୁଚୁରାବିକ୍ରୀ ଟଙ୍କାକୁ ସେ ୧୦ ଭ ବା ମହଣ ଟ ୪୲ ଲେଖାଏଁ ହେଉଅଛି । ବଙ୍ଗଳାର ବାଟେ କଥାନଖରୁ ଅସିବାରେ ଅନ୍ତ ହନ୍ତୁ ଅନ୍ତତଃ ମହଣ ପ୍ରତି ଟ ୦ । ଖର୍ଚ୍ଚ ପଡ଼ିବ ଓ ଖୁଚୁରା ବେପାରୀର ଅନ୍ତ ଦନ୍ତ ଲାଭ ଅଛି ସୁତରାଂ ମହଣ ଟ୩।୷ ବା ଟ ୪ ରୁ ଉଣା ହେବ ନାହିଁ । ଗଞ୍ଜାମଲୁଣର ମହଣ ବର୍ତ୍ତମାନ ସ୍ୱଦେଶୀରୁ ଉଣା ଅଛି ବୋଲି କରକଚଲୁଣର ଆଦର ନାହିଁ କିନ୍ତୁ ଗତ ପଞ୍ଚଦଶରେ ଯେତେବେଳେ ଟ ୪୲ ଙ୍କାରୁ ଅଧିକ ହୋଇଥିଲା ତେତେବେଳେ କଲିକତାରୁ କରକଚଲୁଣ ଚାନ୍ଦବାଲିବାଟେ ଆସି ଏକଥର ମୋଫସଲରେ ବିକ୍ରୟ ହୋଇଥିଲା ଏବଂ ଗଞ୍ଜାମାର ଲୋକେ ତାହା କିଣିଥିଲେ । ଏପରି ଏଠାରେ ଏମନ୍ତ କେହି ବଡ଼ମହାଜନ ନାହିଁ ଯେ କଲିକତାରୁ ଜାହାଜ ଭଡ଼ା କରି ବଙ୍ଗଳାକୁ ଆଣିବ । ଉତ୍କଳସ୍ଥ ମହାଜନଙ୍କର ଜାହାଜମାନ ଅଧିକାଂଶ କଲିକତାରୁ ବା ମାନ୍ଦ୍ରାଜ ଓ ବମ୍ବାଇରୁ ବଡ଼ା ହୋଇ ଆସଇ । ସୁତରାଂ କଲିକଲୁଣ ବଙ୍ଗଳାରକୁ ଆସିବାର ସୁବିଧା ନାହିଁ ଓ ଆସିଲେ ମଧ୍ୟ ଶସ୍ତାରେ ମିଳିବ ନାହିଁ । ଏକଥର ଉତ୍ତରାଂଶ ଏବଂ ବାଲେଶ୍ୱରରେ ଗୋଡ଼ାଲୁଣର ଆଦର ନାହିଁ । ସେଠାରେ ପୂର୍ବେ ପଙ୍ଗାଲୁଣ ଖର୍ଚ୍ଚ ହେଉଥିଲା । ସ୍ଥାନୀୟ ପୋଲ୍ଭାଙ୍ଗ ଉଠିଯିବାରୁ ସେ ସ୍ଥାନକୁ କଲିକତାଲୁଣ ଆସୁଅଛି ଏବଂ ବାଲେଶ୍ୱରରେ ବଡ଼ ୨ ମହାଜନମାନେ ସୁଦ୍ଧା ଅଛନ୍ତି । ଯେବେ କଲିକତାଲୁଣ ଅଧିକ ସୁଲଭରେ ଆମଦାନୀ ହେବାର ସୁବିଧା ଆନ୍ତା ତେବେ ସେମାନେ ସେ ସୁଯୋଗ ଛାଡ଼ନ୍ତେ ନାହିଁ । ମୂଳକଥା ସର୍ବପ୍ରଧାନ ବନ୍ଦର କଲିକତାରେ ଯେବେ କରକଚଲୁଣ ଶସ୍ତା ହୋଇ ନ ପାରିଲା ତେବେ ଆଉ କେଉଁଠାରେ ହେବ ?

ଶ୍ରୀ ଯୁତ ଟ୍ୟୁଟ୍ସାହେବ ଏବଂ ପତ୍ରପ୍ରେରକଙ୍କ ଅନ୍ୟାନ୍ୟ ପ୍ରସ୍ତାବମାନ ବାରାନ୍ତରେ [illegible] କହିବା ।

---

## ଦୁର୍ଭିକ୍ଷର ଆଶଙ୍କା ।

ଆକାଶମଣ୍ଡଳ ଅତିଶୟ ନିର୍ମଳ ହୋଇଅଛି । ନିକଟରେ ବୃଷ୍ଟି ହେବାର ଚିହ୍ନ ସୁଦ୍ଧା ଲକ୍ଷିତ ହେଉ ନାହିଁ । ରଜନୀରେ ଶରତ୍କାଳୀନ ଚନ୍ଦ୍ରମାର ନିର୍ମଳ ଜ୍ୟୋତ୍ସ୍ନା ଓ ଦିବସରେ ସୂର୍ଯ୍ୟଦେବଙ୍କ ପ୍ରଖର ରୌଦ୍ରର ପ୍ରକାଶ ହେଉଅଛି ଏବଂ ରାତ୍ରକାଳରେ ଉତ୍ତମଶୀତ ଅନୁଭୂତ ହେଉଥିବାରୁ ବୃଷ୍ଟିର ଯେ ଆଶା ଥିଲା ତାହା ନିର୍ମୂଳ ହୋଇଅଛି । ସୁତରାଂ ଲୋକେ ଦୁର୍ଭିକ୍ଷର ଭୟ ଗୁଡ଼ିକା ଆଶ୍ଚର୍ଯ୍ୟ ନୁହଇ । ଅନେକଦିନ ହେଲା ବୃଷ୍ଟି ନୋହିଥିବାରୁ ଧାନକିଆରି ଫାଟି ଫାଲଫାଲ ହୋଇ ଗଲାଣି ଏବଂ ସବୁଶୀ ଧାନ ଗଛର ଶିଷା ଶୁଖି ଯାଇଥିବାର ଦେଖା ଯାଉଅଛି । ଏବେ ମଧ୍ୟ ଦୁଇ ଏକଦିନରେ ବୃଷ୍ଟି ହେଲେ କଅଣ ଲାଭ ହେବ ମାତ୍ର ସେପରି ଆଶା କରିବା ବୃଥା । ନାଇଲନ୍ତ ଧାନଗଛମାନ ଜଳପାଣି ପାଇ କାହିଁ ଅଛି ସତ୍ୟ କିନ୍ତୁ ସେ କେତେ ? ବୃଷ୍ଟି ନ ହେଲେ କାଲଚକ୍ରହାତରୁ ଯେ ଫସଲ

Digitized by srujanika@gmail.com

ହେବ ତାହା ସମୁଦ୍ରକୁ ଶଙ୍ଖେ ପାଣି ସ୍ୱରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ୍ଭେମାନେ ସ୍ୱଚକ୍ଷୁରେ ମୋଫସଲର ଅନେକଦୂର ଦେଖି ଆସିଅଛୁଁ । ଅନେକସ୍ଥାନକୁ ନାଉକାନ ଯିବ ନାହିଁ ନ ଯିବାର ଅଟେଦୀ ସୁବିଧା ନାହିଁ ଲୋକେ କବା ଘର ନିକଟସ୍ଥ ପୋଖରୀଆଦିରୁ ପାଣି ବୁହାଇ ଅଛନ୍ତି ନାଉ କ ହେବ ? ମାଗି ଅଣିଲ କାଣ୍ଡ ଯୁବକୁ ପାଏ ? ଟଷାଏ ଥରେ ଜଳଭୂମିର ବୃଦ୍ଧିଅଛନ୍ତି, ଥରେ ଅକାଶରୁ ବୃଷ୍ଟିଅଛନ୍ତି ଖଇ ମୁଣ୍ଡରେ ହାତଦେଇ କାନ୍ଦୁଅଛନ୍ତି । ଖାଇବାକୁ ଧାନ ମିଳୁ ନାହିଁ । ଯେଉଁ ହାଟମାନଙ୍କରେ ହଜାର୨ ଟଙ୍କାର ଚାଉଳ ବିକ୍ରୟ ହେଉଥିଲା ସେଠାରେ ଦଶଟଙ୍କାର ହୋଇ ଚାଉଳ ଦେଖିବା ସ୍ୱପ୍ନ । ମୋଫସଲର କଥା ଛେଣିକ ଥାଉ କଟକସହର ଯେ ଯେଉଁଠାରେ ଅନେକଟଙ୍କାର ଚାଉଳର ନିତି୨ ଆମଦାନି ଚାଲଇ ତହିଁର ଅବସ୍ଥା ଅତୀବ ଶୋଚନୀୟ । ବୃଷ୍ଟିପତନର କୌଣସି ଚିହ୍ନ ନ ଦେଖିବାରୁ ତା ୧୯ ଖିଖ ଶନିବାର ଦିବସରୁ ଏଠାରୁ ଦୋକାନଦାର ମୂଦମାନେ ଚାଉଳ ଲୁଚାଇ ଦେଇଅଛନ୍ତି ଓ ଦୋକାନମାନଙ୍କରେ ଅଳ୍ପ ଚାଉଳ ରଖି ଗୋଟାକେତେ ଏକପ୍ରକାର ଖାଲି ଟୋକାଇରେ ଦୋକାନ ଖଞ୍ଜ ଦେଇଅଛନ୍ତି । ଏହା ଦେଖି କେତେମାନଙ୍କମଧ୍ୟରେ ହାହାକାର ପଡ଼ି ଯାଇଅଛି । ଯେଉଁମାନେ ଧନୀ ସେମାନେ ଟଙ୍କା ଦେଇ ଚାଉଳ ଧରିବାକୁ ବୁଲୁଅଛନ୍ତି କାହିଁ ଚାଉଳ ନାହିଁ ? ଫୁଟ ଟଙ୍କାଙ୍କର ଚାଉଳ ମିଳିବା କଠିନ ମଜୁରିଆର ଓ ଅନ୍ୟାନ୍ୟ ଲୋକେ ଚାଉଳର ଦର, ଷୋଳସେର ସ୍ଥାନରେ ନଅ ବା ଏଗାରସେର ହୋଇଯିବାରୁ ମୁଣ୍ଡରେ ହାତ ଦେଇ ଚିନ୍ତାରେ ପଡ଼ି ଅଛନ୍ତି ଏପରି ଅବସ୍ଥାରେ ଯେ କେହି କେହି ଦୁଇ ତିନିଓଳି ଉପବାସ ରହୁଅଛନ୍ତି ତାହା ବିଚିତ୍ର ନୁହଇ । ସେଦିନ ଜଣେ ଦୋକାନଦାରର ଦୋକାନରେ କେହି ଅବିବେଚନାଲୋକ ଦୁଷ୍ଟଲୋକ ଅଗ୍ନି ଲଗାଇ ଦେବାରୁ ଦୋକାନସ୍ଥ ସମସ୍ତ ଜିନିଷ ପୋଡ଼ି ଯାଇଅଛି ଜଣେ ଏକଗାଁର ବ୍ରାହ୍ମଣ ଯେଉଁ ଅସ୍ଥିର ବଜାରମାନେ ତାହାଙ୍କ ବ୍ରାହ୍ମଣର ଲୁଟ କରି ନେଲେ ଅନ୍ୟାୟରୂପେ ଚାଉଳ ଦୋକାନରେ ଲୋକେ ଭଗ୍ନ ଲୁଣ୍ଠ ହେଉଅଛନ୍ତି ଓ ଦୋକାନଦାରଙ୍କ ପକ୍ଷରୁ ଉତ୍ତରେ ଦେବା ସକାଶ ଧମକାଉଅଛନ୍ତି ଓ କେହି ଅପତ୍ତି କଲେ ସେ ଉତ୍ତମ ମଧ୍ୟମ ମଧ୍ୟ ପ୍ରାପ୍ତ ହେଉଅଛି । ସହରର ଲୋକମାନେ ଏହିପରି ଜୁଲୁମ କରି ଦଶ ଏଗାରସେର ଭାଉରେ ଚାଉଳ କଣୁଅଛନ୍ତି । ଏସବୁ ଦୌରାତ୍ମ୍ୟ ଓ ଚାଉଳର ଚଢ଼ା ଭାଉ ଦେଖି ଆମ୍ଭମାନଙ୍କ ମନରେ ଏକ ବିଷମ ଆଶଙ୍କା ଉପସ୍ଥିତ ହୋଇ-ଅଛି । ସହରବାସିମାନଙ୍କର ଏପରି ଜୋର-ଜୁଲୁମ ବିଶେଷ ନିବାରଣର କୌଣସି ଉପାୟ ହେବାର ଦେଖା ଯାଉ ନାହିଁ । ଏସବୁ କାଣ୍ଡ ଦେଖି ମୋଫସଲରୁ ଯାହା ଖଣ୍ଡେ ଅଧେ ଡଙ୍ଗା ଆସୁଥିଲା ତାହା ବନ୍ଦ ହେବାର ଦେଖା ଯାଉ-ଅଛି । ଫଳରେ ଅଚିରେ ମହାବିଭ୍ରାଟ ଘଟିବାର ଲକ୍ଷଣ ଦେଖାଯାଏ । ଦୋକାନଦାରମାନଙ୍କୁ ଉଚିତମୂଲ୍ୟରେ ଚାଉଳ ବିକ୍ରୟ କରିବା ଓ କ୍ରେତାବଜାରମାନେ ଯେପରି କୌଣସି ଜୁଲୁମ ନ କରନ୍ତି ସେ ବିଷୟରେ କଠିନ ଆଦେଶ ପ୍ରଚାରିତ କରିବା ଏବଂ ଏ ସମୟରୁ ଚାଉଳ ରପ୍ତାନୀ ବନ୍ଦ କରି ଦେବା ଉଚିତ ହେଉଅଛି । ଆମ୍ଭମାନଙ୍କର ବର୍ତ୍ତମାନ କମିଶନରସାହେବ ଦୟାଳୁ ଓ ବିଚକ୍ଷଣ ଅଟନ୍ତି ଏବଂ ଆମ୍ଭେମାନେ ସମ୍ପୂର୍ଣ୍ଣ ଆଶା ରଖି-ଅଛୁଁ ଯେ ସେ ଏବଂ ଆମ୍ଭମାନଙ୍କର ସୁଯୋଗ୍ୟ ମାଜିଷ୍ଟ୍ରେଟସାହେବମାନେ ଏହିବିଷୟପ୍ରତି ଶୀଘ୍ର ମନୋଯୋଗ ପ୍ରଦାନ କରି ଦୁର୍ଭିକ୍ଷ ଦୁଃଖ ନିବାରଣର ବିହିତ ଉପାୟ ଅବଲମ୍ବନ କରିବେ ମଧ୍ୟ ମୋଫସଲର ଫସଲ ଏବଂ ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖି ରିପୋର୍ଟ କରିବା କାରଣ ଉପଯୁକ୍ତ କର୍ମଚାରୀ ନିଯୁକ୍ତ କରି ସର୍ବସାଧାରଣଙ୍କର କୃତଜ୍ଞତାଭାଜନ ହେବେ ।

ଏ ପ୍ରସ୍ତାବ ଲେଖା ହେଲା ଉତ୍ତାରୁ ଗତ ବୁଧବାର ଅପରାହ୍ଣକାଳରୁ ଏକପ୍ରକାର ଖଣ୍ଡି-ଖଣ୍ଡିଆ ମେଘ ବାହାରିଅଛି ମାତ୍ର ବର୍ଷାସଙ୍ଗେ ଅଦ୍ୟାପି ଦେଖା ନାହିଁ । ତଥାପି ମେଘ ବାହା-ରିବା ସୁଲକ୍ଷଣ । ଏବେହେଁ ଏଠା ବଜାର ମଧ୍ୟ କେତେକ ଶାନ୍ତ ହୋଇଅଛି ଅଦ୍ୟ ମାଛ ତରକାରି ଆଦି ବଜାରରୁ ଭତ୍ୟାଦି ସମ୍ବାଦମାନ ଆସିବାର ବନ୍ଦ ନାହିଁ ପୁରୀଠାରୁ ସମ୍ବାଦ ଆସିଅଛି ଯେ ଜଗନ୍ନାଥଙ୍କ ଓ ଅନ୍ୟାନ୍ୟ ସତ୍ରର ନିକଟସ୍ଥ ଛତ୍ରମାନଙ୍କରେ ଚାଉଳ ମିଳୁ ନାହିଁ । ଆମ୍ଭେ-ମାନେ ଆଶାକରୁ ଯାତ୍ରୀ ଓ ଅନ୍ୟାନ୍ୟ ଲୋକମା-ନଙ୍କୁ ପୁରୀ ଯିବା ପକ୍ଷେ ବିଶେଷ ସାବଧାନ କରାଇ ଦେଉଅଛୁଁ ଯେ ସଙ୍ଗରେ ଚାଉଳ ଯେପରି ନ ଗଲେ ନିଶ୍ଚୟ ଅଳ୍ପକଷ୍ଟକରବରରେ ପଡ଼ିବାକୁ ହେବ ।

---

# ସାପ୍ତାହିକ ସମ୍ବାଦ ।

କଟକ ଡିଷ୍ଟ୍ରିକ୍ଟ ବୋର୍ଡ଼ର ଅଧୀନସ୍ଥ ପାଉଣ୍ଡ ସବୁ ପୋଲିସ-ପାଖରୁ ବାହାର କରି ନେଇ ସ୍କୁଲର ଶିକ୍ଷକମାନଙ୍କ ଜିମ୍ମାରେ ରକ୍ଷା ହୋଇଅଛି ।

କଣିକାରେ ଚାଉଳ ଅପ୍ରାପ୍ୟ ହେବାର ରିପୋର୍ଟ ଅସି ପହଞ୍ଚିବାରୁ କଲେକ୍ଟର ଶ୍ରୀଯୁକ୍ତ ଟୁଇଟସାହେବ ଗତ ବୁଧ-ବାର ଦିବସ ସେଠାର ଅବସ୍ଥା ତଦନ୍ତ କରିବା ସକାଶେ ଗମନ କରିଅଛନ୍ତି । ଶୁଣିବାରେ ଚାଉଳ ଟଙ୍କାକୁ ତିନି ସେର ହୋଇ ସୁଦ୍ଧା ଦୁଷ୍ପ୍ରାପ୍ୟ ହେଉଅଛି । ଅନ୍ୟ ସ୍ଥାନରେ ପ୍ରକାଶିତ ପ୍ରେରିତପତ୍ରରୁ ଜଣାଯାଉଅଛି ଯେ ଗଞ୍ଜାମରେ ମଧ୍ୟ ଅନ୍ନକଷ୍ଟ ପଡ଼ିଲାଣି ।

ଗତ ରବିବାର ପ୍ରାତଃକାଳରେ ଅନୁମାନ ବ ୧୨ ବର୍ଷର ଗୋଟିଏ ମୁସଲମାନ ବାଳକ ଏଠା ମିଉନିସିପାଲିଟୀ-ଗୋଦାମ ସନ୍ନିକଟସ୍ଥ ପୋଖରୀରେ ବୁଡ଼ି ପ୍ରାଣ ହରାଇଅଛି ପ୍ରାୟ ମି ୧୪ ଘଣ୍ଟା ପର୍ଯ୍ୟନ୍ତ ସେ ପାଣିରେ ଥିଲା ତହୁଁପରେ ତାକୁ ବାହାର କରି ମିଉନିସିପାଲିଟୀର ଡାକ୍ତରଙ୍କଦ୍ୱାରା ପରୀକ୍ଷାରେ ଜଣାଗଲା ଯେ ତାହାର ପ୍ରାଣବାୟୁ ଉଡ଼ିଯାଇ-ଅଛି ।

## କଲିକତା-ଗେଜେଟ ।

ପୁରୀର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଗଗନଚନ୍ଦ୍ର ଦାସ ସାରଣର ସଦର ବଦଳକୁ ବଦଳି ହେଲେ ।

ଡାକ୍ତର ଯେ, ଅର, ଅଡ଼ି ପୁରୀ ମିଉନିସିପାଲିଟୀର କମିଶନର ପଦରେ ନିଯୁକ୍ତ ହେଲେ ।

ଓଡ଼ିଶା ମେଡିକେଲ ସ୍କୁଲରୁ ନିମ୍ନ ଲିଖିତ ବାଳକମାନେ ସନ ୧୮୮୮ ସାଲର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ-ଅଛନ୍ତି ।

| | |
|---|---|
| ୧ ପ୍ରିୟନାଥ ନନ୍ଦୀ | ୯ ପ୍ରିୟନାଥ ଘୋଷ |
| ୨ ବନୋଦବିହାରି ବର୍ଦ୍ଧନ | ୧୦ ବୃନ୍ଦାବନ ଦାସ |
| ୩ ବିଶ୍ୱନାଥ ଦାସ | ୧୧ ଭଗବାନ ପଣ୍ଡା |
| ୪ ଦାଶରଥିପ୍ରସାଦ ଦାସ | ୧୨ ମଧୁସୂଦନ ଦାସ |
| ୫ ନାରାୟଣପ୍ରସାଦ ମହାପାତ୍ର | ୧୩ କୃଷ୍ଣବିହାରୀ ପଟ୍ଟନାୟକ |
| ୬ ଗୋକୁଳାନନ୍ଦ ମହାନ୍ତି | ୧୪ ବଂଶୀଧର ଦାସ |
| ୭ ସୁଧିରନାଥ ଚକ୍ରବର୍ତ୍ତୀ | ୧୫ ପ୍ରବୋଧନାଥ ସେନ |
| ୮ ଭବତୃଚନ୍ଦ୍ର କର | |

---

ଆମ୍ଭେମାନେ ଟେଲିଗ୍ରାମରୁ ଅତ୍ୟନ୍ତ ଦୁଃଖଚିତ୍ତରେ ଅବଗତ ହେଲୁଁ ଯେ ସମ୍ବଲପୁରର ବନୋବସ୍ତବିଭାଗର କୌଣସି ଅଜ୍ଞାନିକ ଦୁର୍ଘଟନାଦ୍ୱାରା ଦସ୍ୟୁଗଡ଼ ଓ ସମ୍ବଲପୁରର ମଧ୍ୟସ୍ଥାନରେ ମୁହୂର୍ତ୍ତମାତ୍ରରେ ପତିତ ହେଲେ । ଦୁଇଦିନପର୍ଯ୍ୟନ୍ତ ତାଙ୍କୁ ଅଚେତନ ଅବସ୍ଥାରେ ତାଙ୍କ ଚାକରମାନେ ସମ୍ବଲପୁରକୁ ନେଇଯାଇଥିଲେ କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ପ୍ରାଣବାୟୁ ଉଡ଼ିଯାଇଥିଲା । ସେ ଜଣେ ବିଚକ୍ଷଣ ଓ ଉପଯୁକ୍ତ କର୍ମଚାରୀ ଥିଲେ ଓ ତାଙ୍କର ଅକାଳମରଣରେ ତାଙ୍କ ପରିବାର ବନ୍ଧୁମାନେ ସନ୍ତପ୍ତ ଥିଲେ ଏବଂ ଶୋକସମ୍ବାଦ ଯାହା ଆମ୍ଭମାନଙ୍କୁ ଜଣାଇବାକୁ ହେଉଛି ।

ମାନ୍ଦ୍ରାଜର ଶିଳ୍ପସମାଜର ଯତ୍ନରେ ଆଗାମୀ ଜାନୁଆରୀ-ମାସରେ ଉକ୍ତ ନଗରରେ ଗୋଟିଏ ଶିଳ୍ପ ପ୍ରଦର୍ଶନୀ ହେବ ।

Split by PDF Splitter
Digitized by srujanika@gmail.com

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଗତ ୫ ଖ ୩୭ ସଂଖ୍ୟକ ଉତ୍କଳଦୀପିକାରେ ଯାହା ଚଣ୍ଡୀକଟ୍ଟାନିବାସୀ ଶ୍ରୀଯୁକ୍ତ ନୀଳକଣ୍ଠ ଦାସ ଲେଖିଥିଲେ କି ବସୂଚୀପ୍ରଣାଳିମା ବଟିକା ଉପର ଯତ୍ନରେ ପ୍ରସ୍ତୁତ କରି କେତେକ ସ୍ଥାନରେ ରଖିଥିଲେ କେତେ କାଳ ପର୍ଯ୍ୟନ୍ତ ବ୍ୟବହାରରେ ସଫଳ ହୋଇ ପାରେ ତାହାର ବିବରଣ ଏତନ୍ନିମ୍ନେ ପ୍ରକାଶ କଲୁଁ ଯଥା—

ସାଧାରଣ ବଟିକା ପ୍ରସ୍ତୁତ କରିବା ପରି ଉପସ୍ଥିତ କାଳି ମର୍ଦ୍ଦନ କରିସାରି ଶୁଷ୍କ ହେଲା ପରେ କାଚନଳାରେ କିମ୍ବା ବାଁଶନଳାରେ ଓ ହାଡବାକ୍ସଦାମୀରେ ରଖି ବ୍ୟବହାର କରିଯିବ ଆଉ ଏହି ଔଷଧର ଗୁଣ ଏକବର୍ଷରୁ ଊଣା ସମୟରେ ନଷ୍ଟ ହୋଇ ପାରିବ ନାହିଁ । ବର୍ଷକ ବାଦେ ଅନ୍ୟ ନୂତନ ଔଷଧ ପ୍ରସ୍ତୁତ କରିବାକୁ ହେବ ଯାହାକ ବର୍ଷଃକ୍ରମେ ଔଷଧ ବଟିକା ପ୍ରୟୋଗ କରିବାର ଲେଖାପ୍ରଣାଳୀ କେବଳ ସାମର୍ଥ୍ୟର କାରଣ ଅଟେ ।

୨୧।୧୦।୮୮ ଖଡ଼ିଅଲ } ଶ୍ରୀ ବ୍ରଜରାଜ ସିଂହ ଦେବ ଯୁବରାଜ ଖଡ଼ିଅଲ

---

ମହାଶୟ !

ଅମ୍ଭର ଏହି ନିମ୍ନଲିଖିତ ବିଷୟଟିକୁ ସଂଯୋଜନାକରି ଆପଣଙ୍କ ବିଖ୍ୟାତ ପତ୍ରିକାରେ ପ୍ରକାଶ କରି ବାଧିତ କରିବେ ।

ଚଳିତବର୍ଷ ଉପଯୁକ୍ତ କାଳରେ ଉତ୍ତମ ବୃଷ୍ଟି ନ ହେବାରୁ ଧାନ ମାଣ୍ଡିଆ ପ୍ରଭୃତି କ୍ଷେତର ଶସ୍ୟରୁ ବେଶୀ ହୋଇପାର ନାହିଁ । ଗତ ଭାଦ୍ରବ ଅମାବାସ୍ୟା ତିଥିରୁ କେତେ ଅଳ୍ପ ବର୍ଷିବାରୁ ଏହି ଗଞ୍ଜାମର କେତେକ ନଦୀ ଓ କାଳ-ଜଳସ୍ରୋତମାନେ ନଦୀ ଅଉ ନଦୀକୂଳରୁ ପାଣି ଛାଡ଼ି କରିକି ରୂଅ ବେହୁଡ଼ା କାର୍ଯ୍ୟ କରି କରି ଶସ୍ୟ ପାଇବାର ମନସ୍ଥ କରିଥିଲେ ମାତ୍ର ସ୍ୱତନ୍ତ୍ର ପୂର୍ତ୍ତିମାହାଲଠାରୁ ଏକାଲରେ ଅର୍ଦ୍ଧେ ଜଳକୁ ରୂପାର ନୋହିବାରୁ ଲୋକଙ୍କ ବିଲମାନରେ ପାଣି ମିଳିବାର ଦେଖେଣ ଆଉ ଅଉ କେତେଦିନ ଗଲେ ସ୍ନାନପାନକୁ ମଧ୍ୟ ଜଳ ମିଳିବାର ଦୁସ୍ତର ହେବ ଅକାଳ ଶସ୍ୟର ପ୍ରାଦୁର୍ଭାବରୁ ଜଣା ଯାଉଅଛି ଏପର ଭୀଷଣ ଦୁର୍ଭିକ୍ଷରୁ ଓ ଗୋଷରେ ଅତି ଶୀଘ୍ର ଲୋକେ ବହୁଦୁଃଖ ଅନୁଭବ କରୁଅଛନ୍ତି ବର୍ତ୍ତମାନ ଟ ୧ କା ଦେଲେ ଅ ୧୩ ଗ୍ରା ଚାଉଳ ମିଳୁ ନାହିଁ ଚଳିତ ମାସ ତା ୧୮ ରାତ୍ରରେ ଅସିବାରେ ତା ୧୯ ଦିନରେ ରସୁଲକୁଣ୍ଡାରେ ଆଉ ଘୁମୁସର ତାଲୁକର କେତେକ ଗ୍ରାମମାନଙ୍କରେ ଗରିବ ଇତରଶ୍ରେଣୀ ଦୁଃଖିଲୋକେ ହାଟ ଲୋଟିଆ ଲୁଟ କରୁଅଛନ୍ତି ଚଳିତମାସ ତା ୨୦ ରିଖ ସନ୍ଧ୍ୟାସମୟରେ ମଧ୍ୟ ରସୁଲକୁଣ୍ଡା ବଜାରରେ ଚାଉଳ ଲୁଟିବାରୁ ଭାରି ଗୋଳମାଳ ଚଳିଲା । ଉକ୍ତଦିନ ରାତ୍ରରେ ମଫସଲର ଗ୍ରାମମାନଙ୍କରେ ଧାନ ମାଣ୍ଡିଆ ଲୁଟ ହେଲା ଏହେତୁରୁ ଅମ୍ଭମାନଙ୍କୁ ଭୀଷଣ ଦୁଃଖ ବୋଧ ହେଉଅଛି କି ଆଉ କେତେଦିନ ଗଲେ ଲୋକେ ବିଶେଷ ଅନ୍ନକଷ୍ଟରେ ମରିବେ ଏଣେ ଗତ ନଅଙ୍କର ବାଧା ସ୍ମରଣ ହେଲେ ହୃଦୟର ରକ୍ତ ଜଳକୁ ଶୁଖିଗଲାପରି ଲାଗେ କାରଣ ଯେ ଯାହାର ପୁଅକୁ ସାପ କାମୁଡ଼ିଥାଏ ତାର ମା ଲୁଅବିଡ଼ିକୁ ସାପବୋଲି ଡରୁଥାଏ । ସୁତରାଂ ଅମ୍ଭମାନଙ୍କର ପ୍ରଜାପାଳକ ନ୍ୟାୟବାନ୍ ଇଂରାଜୀ ଗଭର୍ଣ୍ଣମେଣ୍ଟ ଏବେବେଳୁ ଜାଗର୍ତ୍ତ ନ ହେଲେ ତାଙ୍କର ସନ୍ତାନ ପ୍ରଜାମାନେ ଅନ୍ନକଷ୍ଟରେ ଶମନସଦନକୁ ବିଦାୟ ନେବେ । ଇତି ।

୨୦।୧୦।୮୮ } ଆପଣଙ୍କ ବଶମ୍ବଦ ଶ୍ରୀ ବାଲୁକେଶ୍ୱରଦାସ ନିବାସ ଥିଅଗଡ

---


## ବିଜ୍ଞାପନ ।

**TO THE DEAF.**

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ଉପର ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ସ୍ତାର ପୁସ୍ତକ ମୂଲ୍ୟ ଟ ୦।୬ କଲିକତା ଓଲ୍ଡ କୋର୍ଟହାଉସ ଷ୍ଟ୍ରିଟ ନ ୫ ନମ୍ବର ଭବନରେ ଡାକ୍ତର ନିକଲ୍‌ସନଙ୍କ ଠାରେ ପାଇଯିବ ।

## ସଚିତ୍ର ଚିଠିର କାଗଜ

ଚିଠି ଲେଖିବାର ଏପର କାଗଜ ଓଡ଼ିଶାରେ ଏହି ନୂତନ । ପ୍ରତ୍ୟେକ କାଗଜରେ ହିନ୍ଦୁ-ଦେବଦେବୀ ଅର୍ଥାତ ରାଧାକୃଷ୍ଣ, ଜଗନ୍ନାଥ, ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ପ୍ରତିମୂର୍ତ୍ତିମଧ୍ୟରୁ ଗୋଟିଏ ଲେଖାଏ ଓ ତହିଁତଳେ ତାଙ୍କର ବନ୍ଦନା ସଂସ୍କୃତଶ୍ଳୋକରେ ଦିଆ ଯାଇଅଛି ଯାହା କି ପତ୍ର ଆରମ୍ଭରେ ଲେଖିବା ବିଧେୟ । ଆଉ ମଧ୍ୟ ଗୋଟିଏ ପକ୍ଷୀ ପତ୍ର ବୋଲି ଭୂତ ଯାଉଅଛି ତାହା ତଳେ ଗୋଟିଏ କବିତା । ଅବଲମ୍ବେ ଆହୁରି ଅନେକ ପ୍ରକାର କାଗଜ ବାହାରୁଅଛି । ମୂଲ୍ୟ ୧୦୦ କୁ ଟ ୦।୬; ଯଥା-ସାରେ ଦୁଇଖଣ୍ଡ ; " କଟକ ପ୍ରିଣ୍ଟିଂକୋମ୍ପାନୀର ସେକ୍ରେଟେରୀ " ଙ୍କ ନିକଟରେ ପ୍ରାପ୍ତବ୍ୟ ।

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିଉକା ଟ ୫। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦।୬ ପଡ଼ିବ ।

---

ଅମ୍ଭର ତତ୍ତ୍ୱଧୂମ୍ରବଜାରସ୍ଥିତ ଦୋକାନରେ ଗନ୍ଧମଇ ଉତ୍ତମ ମଏଦା ଓ ଅଟ୍ଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ଖଲ୍ଲସକଳେ ପାଇପାରିବେ । ସେଥିରେ ଗହମ ଇତ୍ୟାଦି କିଛି ବଜାରପ୍ରାୟ ମିଶ୍ରିତ ନାହିଁ ଅଉ ଯାହାଙ୍କର ବୃହତ କର୍ମ ପାଇଁ ବେଶୀ ମଏଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସଦେଲେ ଅମ୍ଭେ ତାଙ୍କୁ ବସାଇଦେବୁଁ (ଫଳେଇ ଯନ୍ତ୍ରଚାଳିତ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୧୧।୮୮ କଟକ } ଶ୍ରୀ ଅରବିନ୍ଦବଲ୍ଲଭ ।

---

ଶିକ୍ଷାର୍ଥୀ ପଠିତବ୍ୟଂ

କଟକଜିଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସ୍କୁଲସାବ କଲବଳ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଭଣ୍ଡାରରେ


Digitized by srujanika@gmail.com

ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ଦ୍ୱାରା ଅଚିକିତ୍ସ୍ୟ ଲଭ ଅଛନ୍ତି । ତାହାଙ୍କ କମ୍ପିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ଅଳ୍ପମତେ ସେବନ କଲେ କାଲର ହସ୍ତରୁ ରକ୍ଷା ପାଇବେ । ତାହାଙ୍କ କମ୍ପିତ ହେମାଦି ବଲ୍ଲ ନାମକ ଜ୍ୱରସଂହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବନ୍ଦ୍ୟୋପାଧ୍ୟାୟଙ୍କର ଗୃହରୋଗୀ କ୍ୱଚିତ୍‌ରୋଗ ଯେଉଁ ମାନଙ୍କୁ ହେଉ ମା ୨ ସ, କେହି ବା ମା ୫ ସ, କେହି ୨, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏକ ୨ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାଶୟ କଲେ ବୌଦ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରଙ୍କର ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ କାଶି, ଡାକ୍ତର ଓ କବିରାଜମାନଙ୍କ ଏବଂ କଣ୍ଠାଗତପ୍ରାଣଗତ ମୂତ୍ରକୃଚ୍ଛ୍ରାକାନ୍ତ ରୋଗିଲ ରୋଗମୁକ୍ତ, ଦୃଢ ଓ ସ୍ୱବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏଥର ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜା, ଯୋଜାପୁର, ଭଦ୍ରଖ, ମାଣିକପଟ୍ଟଣା, ଆଖୁଆପଦା, ଏରମା, ମେଦନୀପୁର, ବୌଦ, ବାଲିପଟ୍ଟଣା, ରଣପୁର, ଓ କମାପଡା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ଦନ୍ତଅରସ, ଓଲାଉଠା, ଆମାଶୟ, ମେଲେରିଆଜ୍ୱର, ସର୍ବକାଳସ୍ଥାୟିଜ୍ୱର, ଉଦାବର୍ତ୍ତିଜ୍ୱର, ପାଳିଜ୍ୱର, ଦାଦୁ, ବାତ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାସ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ଯାଇ ନିଜେ ବା ଡାକଟିକଟ ସହ ପତ୍ର ଲେଖିଲେ ଅଗ୍ରଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## ବାଲିକାଗଜ ।

କଲିକତାର ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜ୍ଜୁନ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣ୍ଡି କାଗଜ | ପ୍ର ୧୮ | ଟ ୨୦/ | ପ୍ର ୧୮ | ଟ ୦ ୮/୭ |
| ୧୫ ପଣ୍ଡି | ,, | ,, ଟ ୨୯ | ,, | ଟ ୦ ୮/୦ |
| ୧୨ ପଣ୍ଡି | ,, | ,, ଟ ୨୧ | ,, | ଟ ୦ ୮/ |
| ୨୨ ପଣ୍ଡି ଡବଲଫୁଲସ୍କେପ୍ | ,, | ଟ ୪। | ,, | ଟ ୦ ୮/୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍କଳମୁଦ୍ରାଯନ୍ତ୍ରର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ଫରାସଡାଙ୍ଗାର ଲୁଗା ଓ ଷ୍ଟ୍ରେସନେରି ଓ କଲିକତା ନମାଖ ପ୍ରଭୃତିର ବିକ୍ରୟ ହେଉ ଅଛି ତାହା ସମସ୍ତ ସ୍ଥାନବାସୀଙ୍କ ମଧ୍ୟରେ ବିଦିତ ଅଛି । ଇତ୍ୟାଦି ଆଉ ଯେତେକ ଫେନ୍‌ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଲେତି ଶାଢୀ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେଉଁ ଖରିଦ କରିବାକୁ ଇଚ୍ଛିଲେ ତାହା ବିକ୍ରୟ କରାଯିବ । ଯଦି କେହି ଜିନିଷମାନ ବିକ୍ରୟ ହେବା ପାଇଁ ଆପଣା ମଫସଲର ସକାଶେ ଲୋଡା ପଠାନ୍ତି ତେବେ ଏକ ସିକିରୁ ଟ ୨୦/୭ ହିସାବରେ ଲଭା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ଥିବ । ଖର୍ଚ୍ଚ ହେଲେ ଜିନିଷର ଦାମ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫେନ୍‌ସି ।

| | |
|---|---|
| କଲର ଖେଲଣା ଓ ଖଟ୍ଟିରେ ଲଗା ପେଟେଲ ବୁଲେ । | କପଡା ଅଛ । |
| ଫେଲ୍ଟ ଟୋପି | କ୍ରୋକେଟ୍‌ଜାଲ । |
| ବ୍ରଜେଲିକ୍ ତେଲ ଲଗା ପେଟେଲ ଷ୍ଟାର ଓ ଝୋଲା ଚସମା । | କାଚ ଗିଲାସ ଓ ଚିନା ଗଢିବ ଓ ପ୍ଲେଟ |
| ଚୁଡି, ଅର୍ଥାତ୍ ଚକଟା ଚାନ୍ଦି କାଚକ ପେଟେଇ ଓ ଲଲନ । | ଲଣ୍ଠନ |
| ସେଫ୍‌ଟିପିନ୍ ବାକ୍ସ । | ଇଙ୍ଗଲିସ ଗୁଡଫଟ୍‌ସ୍କେଲ ସେଟଗ୍ଲାସ ଦୁଇ |
| ନାନା ପ୍ରକାର ଛାତି ଝାଡେ ଓ ଲଗାଗ ନେକଟାଇ | ଜେଲସଙ୍କ ଡଟୋର ଓ ବିଦେଶୀ ଅଡର |
| ଟେବଲ ଛୁରୀ | ଏ, ଟୋଡର ସହ ରେଡ |
| ପଇସା ଥଳି । | ବାଡେରି ଓ ଝୁଲା । |
| ଟାଇମ ପିସ ଓ ଘଣ୍ଟା ଅର୍ଥାତ୍ ପ୍ରକୃତ କାରଖାନା ପୁଞ୍ଜି । | ଚସମା ଅବକୋଟ ଓଜନ ଓଡ଼ର । |
| ଅର୍ଥାତ୍ ଗ୍ଲେଟ—ଅର୍ଥାତ୍ ସୁନାଲି ଗହଣା । | ଅଣ୍ଟୋସିକ ପେନ୍‌ସିଲ ଥିବି ୧ ଦିଅଁସିଲରେ ଲେଖି ବସିଲ ହେଉ ଲେଖା ଉଠାଇ ସେହି ପେନ୍‌ସିଲ ଲେଖା କ ଉପରେ ହେଉ ଉପର ହେଲେ ଉଡ଼ ନ ଯାଇ ନ ପୁଛିବ । |
| ଅବଲ ସୁତା । | |
| ଔଷଧର ସୁନ୍ଦର ଶିଶି । | |

ପୋର୍ଟମ୍ୟାଣ୍ଟ ଓ ଟିନ୍‌କର ହେଣ୍ଡବ୍ୟାଗ ଓ ଚମଡା ଉପରେ ଲଗେ

କ୍ରୁଶ୍ ଭାଗ ଅର୍ଥାତ୍ ଜେର୍ଗିକାରେ ଯନ୍ତ ଓ ସୁଇରେ କଲା ହେବ ।

ଅଏଲ କ୍ଲଥ

୧୬×୧୦ ଇଞ୍ଚ

୧୪×୧୨ ଇଞ୍ଚ

୧୬×୧୪ ,,

ମୋଜା ଓ ମୋଜାବନ୍ଧ

ଛତ୍ରମ ଏଥି କଲଙ୍କିତ କଟାଗ ସାବୁନ ଲଗା ଓ ଚବକା

ଭେଲଭେଟ୍‌ଶୋଭ ।

କଙ୍କି ଓ ପାଉଡରକୋଟ ଫିତା

କଲିକତା ଟେଲରେ କଟ ଜାମାକାର ଖାଦ୍ୟ ମହଣଦାନ

ରେଡ କ୍ରସ୍ ପେନ୍‌ସିଲ

କଞାଦଶୀ ଶାଢୀ ଓ ... ଓ କର

ମନିବ୍ୟାଗ ଓ ଏକ ପାଉ ଚାମଡା ଓ ଶାଢୀ ।

ଟ୍ରିଙ୍କ ଚାବି

ଏଣ୍ଟିମୋନି ଅର୍ଥାତ୍ ରଙ୍ଗା ଷ୍ଟିଜ ଗ୍ଲାସର ଅଙ୍କର ଉପରେ ହବା ଭନରେ ପଛକାର ହୁଏ ।

## ବିଜ୍ଞାପନ ।

ଏ ଗୋଟିକୁ ଯେଉଁମାନେ ଯାହାରେ ରଖିବେ ତାହାଙ୍କୁ ଉଚିତ ଯେ ଦୋକାନର ପାଟରେ ଦେଲେ ପାଣିଗଲା ବନ୍ଦ ହେବ ପତ୍ର ମଧ୍ୟ ଅଧିକେ ଲେପିଦେଲେ ମଜବୁତ ଓ ଭଲ ଅଛିବ ନାହିଁ ।

ବଗିଚା ଚମଡା ଓ ଖାଟରେ ଲଗାଇବାର ଜାତି ମଧ୍ୟ ଅଛି ।

ଅର୍ଜ୍ଜୁନଦାସ କର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

ଧାଡପ୍ରତି ଟ ୦୵

ପଞ୍ଚମ୍ବଳ ଟ ୵୦

ପୂର୍ଣ୍ଣ ଏକ ଲମ୍ବରୁ ଟ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚା ଟ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଥରର ଅଧା ଓ ତ୍ରିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସମ୍ବାଦପତ୍ର କଟକ ଉତ୍କଳମୁଦ୍ରାଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଶ ସଂ ୪୬ ଶ । | ତା ୩ ରଦ ମାହେ ନବମ୍ବର ସନ ୧୮୮୮ ଇସିହା । ମୁ । କାର୍ତ୍ତିକ ଦ ୨୦ ହ ସନ ୧୨୯୬ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩, ପଶ୍ଚାଦ୍ଦେୟ ଟ ୬୲

ବଡ଼ଲାଟ ଡଫରିନ ବାହାଦୁର ଅରଲ ଥିଲେ ବର୍ତ୍ତମାନ ମାରକୁଇସ ପଦକୁ ଉନ୍ନତ ପାଇ ମାରକୁଇସ ଅବ ଡଫରିନ ଓ ଆଭା ଏବଂ ଅରଲ ଅବ ଅଭା ଉପାଧି ପାଇଅଛନ୍ତି । ଅଭା ବ୍ରହ୍ମଦେଶର ପ୍ରାଚୀନ ରାଜଧାନୀ ବଡ଼ଲାଟ ଡଫରିନ ବ୍ରହ୍ମ ଜୟକରିବାରୁ ତହିଁର ସ୍ମରଣଚିହ୍ନସ୍ୱରୂପ ଉକ୍ତନାମ ତାହାଙ୍କ ଉପାଧିରେ ଲଗି ରହିଲା ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଇଣ୍ଡିଆଗେଜେଟରେ ପାଠକଲୁଁ କି ମାନ୍ୟବର ବିମ୍ବରପଡ କନିଂହାମ ସାହେବ ପଦତ୍ୟାଗ କରିବାରୁ ତାହାଙ୍କ ସ୍ଥାନରେ ଡାକ୍ତର ଗୁରୁଦାସ ବାନୁର୍ଯ୍ୟା କଲିକତା ହାଇକୋର୍ଟର ଜଣେ ବିଚାରପତି-ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ଏହାଙ୍କୁ ମିଶାଇ ହାଇକୋର୍ଟରେ ତ * ଣ ଦେଶୀୟ ଜଜ ହେଲେ ବଡ଼ ଆହ୍ଲାଦର ବିଷୟ ଅଟଇ । ଡାକ୍ତର ଗୁରୁଦାସ ବାନୁର୍ଯ୍ୟା ଏ ପଦନିମନ୍ତେ ସମ୍ପୂର୍ଣ୍ଣରୂପେ ଯୋଗ୍ୟ ଏବଂ ତାହାଙ୍କଦ୍ୱାରା ଉକ୍ତ ଧର୍ମାଳୟର ମର୍ଯ୍ୟାଦା ରକ୍ଷା ହେବ ଏଥିରେ ସନ୍ଦେହ ନାହିଁ ।

---

କାବୁଲର ଅମିର ତୁର୍କିସ୍ଥାନର ଶାସନକାର୍ଯ୍ୟର ବନ୍ଦୋବସ୍ତ କରିବାକାରଣ ଶୀଘ୍ର ସେଠାକୁ ଯାତ୍ରା କରିବାର ଆବଶ୍ୟକ ହେବାରୁ ତାହାଙ୍କ ନିକଟକୁ ଇଂରାଜ ଦୂତ ପଠାଇବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ରହିତ ହେଲା । ତୁର୍କିସ୍ଥାନର ଶାସନକର୍ତ୍ତା ଇସାକଖାନ ବିଦ୍ରୋହୀ ହୋଇଥିଲେ ମାତ୍ର ଅମିରଙ୍କ ସେନା ତାହାଙ୍କୁ ପରାସ୍ତ କରିବାର କଥିତ ହୁଅଇ । ତେବେ ଅମିର କାହିଁକି ଏବେ ତତ୍କାଳ ସେଠାକୁ ଯାଉଅଛନ୍ତି । ଯାହା ହେଉ କାବୁଲକୁ ଇଂରାଜଦୂତ ଯିବାର ବନ୍ଦ ହେବା ସୁଲକ୍ଷଣର ବିଷୟ ଅଟଇ ଏବଂ ଏଥିପାଇଁ ଆମ୍ଭେମାନେ ଆନନ୍ଦିତ ଅଟୁଁ ।

---

ଗଞ୍ଜାମଜିଲ୍ଲାରେ ଦୁର୍ଭିକ୍ଷର ଆଶଙ୍କା ବିଷୟରେ ଗତସପ୍ତାହରେ ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଥିଲା । ଏ ସପ୍ତାହରେ ଆସିଥିବା ଏକ ପତ୍ରରୁ ଜଣାଯାଏ ସେଠା ଅବସ୍ଥା କ୍ରମଶଃ ମନ୍ଦ ହେଉଅଛି । ଦଙ୍ଗା ହଙ୍ଗାମା ଲୁଟପାଟ ବୃଦ୍ଧି ହୋଇଅଛି ଏବଂ ଧରାପଡ଼ିଥିବା ଆସାମିମାନଙ୍କୁ ଦ୍ୱୀପାନ୍ତର ପଠାଇବାର ପ୍ରସ୍ତାବ ହେଉଅଛି । ଗତ ତା ୨୭ରିଖର ତାରସମ୍ବାଦରୁ ପ୍ରକାଶ ଯେ ଏକ ଲୁଟ ମୋକଦମାରେ ଜ ୭୨ଣ ଆସାମୀ ଧରା ପଡ଼ି ଅଛନ୍ତି । ମାନ୍ଦ୍ରାଜରେଭିନ୍ୟୁବୋର୍ଡ଼ର ଜଣେ ମେମ୍ବର ଗାର୍ଷ୍ଟିନ ସାହେବ ସ୍ୱୟଂ ମାନ୍ଦ୍ରାଜରୁ ଗଞ୍ଜାମକୁ ଯାତ୍ରା କରିଅଛନ୍ତି ସେ ପ୍ରକୃତ ଅବସ୍ଥା ଦେଖି ପ୍ରୟୋଜନାନୁସାରେ ପ୍ରତୀକାରର ବନ୍ଦୋବସ୍ତ କରିବେ ।

---

ବର୍ତ୍ତମାନର ଜଳକଷ୍ଟସମୟରେ କେତେକ ସ୍ଥାନର ପ୍ରଜାମାନେ ଅନନ୍ୟୋପାୟ ହୋଇ ସପ୍ଲାଇକାନାଲରେ ବନ୍ଧ ପକାଇ ସେଥିର ଜଳଦ୍ୱାରା କ୍ଷେତ ରକ୍ଷାକରିବାର ଇଚ୍ଛା ପ୍ରକାଶ କରିବାରୁ ଉତ୍କଳସଭା ତାରଡାକଯୋଗେ ଗବର୍ଣ୍ଣମେଣ୍ଟଙ୍କୁ ଏହି ପ୍ରାର୍ଥନା କରିଥିଲେ କି ଖେତ ବଞ୍ଚାଇବା ଉଦ୍ଦେଶରେ ସପ୍ଲାଇକାନାଲ ବନ୍ଦ କରି ପାଣି ନେବାର ଅନୁମତି ଦେବାକାରଣ ଓଡ଼ିଶାର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ପ୍ରତି ଆଦେଶ ପ୍ରଦାନ ହେଉ । ଏଥିରେ ଗବର୍ଣ୍ଣମେଣ୍ଟ କି ଆଜ୍ଞା ଦେଇଅଛନ୍ତି ସଭାକୁ ଜଣା ନାହିଁ । ମାତ୍ର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ କଥାରୁ ଜଣାଯାଇଅଛି କି ପ୍ରଜାମାନେ [illegible] ସପ୍ଲାଇକାନାଲ ବନ୍ଦ କରି ପାଣି ନେବା କାରଣ ଅନୁମତିର ପ୍ରାର୍ଥନା କଲେ ସେ ତହିଁର ସୁବିଚାର କରିବେ । ଅତଏବ ଆମ୍ଭେମାନେ ପ୍ରଜା ଓ ଜମିଦାରଙ୍କୁ ଜଣାଇଦେଉଅଛୁଁ କି ଯାହାଙ୍କର ସପ୍ଲାଇକାନାଲରେ ବନ୍ଧପକାଇ ଜଳ ନେବାର ପ୍ରୟୋଜନ ହେବ ସେମାନେ ଅବିଳମ୍ବେ ତହିଁର ଅନୁମତିସକାଶେ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କଠାରେ ଆବେଦନ କରିବେ ।

---

ଏଥରକାର ଫସଲର ଅବସ୍ଥା ପ୍ରାୟ ଗତସପ୍ତାହ ପରି ରହିଅଛି । ଏ ସହରରେ ଟଙ୍କାକୁ ସେ ୧୨ ସେ ୧୩ ର ଚାଉଳ ମିଳୁଅଛି ଏବଂ ପ୍ରଚୁରପରିମାଣରେ ମୋଫସଲକୁ ଅମଦାନି ହେଉଅଛି । ମାତ୍ର ଏଥିର କାରଣ ମୋଫସଲର ଅବସ୍ଥା ଭଲହେବାରୁ ଉପସ୍ଥିତ ଲୁଟବନ୍ଧର ଭୟ

Digitized by srujanika@gmail.com

ଅଧିକ ହୋଇ ଜଣାଯାଏ । କଟକ ଗ୍ରାମ ପାଖ ବନ ହେଲ ଅକାଶ ମେଘଚ୍ଛନ୍ନ ରହିଅଛି ଓ ମୋଫସଲର ନାନାସ୍ଥାନରେ ବର୍ଷା ହେବାର ସମ୍ବାଦ ଆସିଅଛି ମାତ୍ର ଜଗତ୍‌ସିଂହପୁର ଏଲାକାର କେତେକସ୍ଥାନ ଛଡ଼ା ଅନ୍ୟ କୌଣସିଠାରେ ପ୍ରଚୁର ବୃଷ୍ଟି ହେବାର ଜଣାପଡ଼ି ନାହିଁ । ଅଛି ଅମାବସ୍ୟା ଏବଂ ଷଷ୍ଠି ବଡ଼ାସ୍ୱର ଯୋଗ ଏଥିରେ ଯେବେ ପ୍ରଚୁରପରିମାଣରେ ବୃଷ୍ଟି ହେବ ତେବେ ଜଡ଼ ଫସଲ ରକ୍ଷା ହୋଇ ପାରେ ନଚେତ୍ ବଡ଼ ଚିନ୍ତାର ବିଷୟ ହେବ । ଅତ ମେଘ ନ ହୋଇ ଅକାଶ ପରିଷ୍କାର ହୋଇଗଲେ ଲୋକେ ଅସ୍ଥିର ହେବେ ଏବଂ ସମ୍ଭବତଃ ସାହାଯ୍ୟର ବନ୍ଦୋବସ୍ତ କରିବାକୁ ହେବ । ଭାଗ୍ୟର ବିଷୟ ଯେ ମାନ୍ୟବର ଲେଫ୍‌ଟେନାଣ୍ଟ ବାହାଦୂର ଏସମୟରେ ଏ ପ୍ରଦେଶକୁ ଆସୁଅଛନ୍ତି । ସେ ଏଠାର ଅବସ୍ଥା ସ୍ୱୟଂ ଦେଖି ପ୍ରାଣରକ୍ଷାବିଷୟରେ ବହୁତ ବନ୍ଦୋବସ୍ତ କରିବେ ।

---

ବ୍ୟାୟାମଶିକ୍ଷା—ଜର୍ଜ ଫରେଷ୍ଟ ସାହେବଙ୍କ କୃତ ଇଂରାଜୀ ପୁସ୍ତକରୁ ଗଞ୍ଜାମଜିଲ୍ଲା ବ୍ରହ୍ମପୁର ନଗରର ଡେପୁଟୀ ଇନ୍‌ସ୍ପେକ୍ଟର ବାବୁ ଭଗବତୀଚରଣ ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ଉତ୍କଳଭାଷାରେ ଅନୁବାଦିତ ଏବଂ ମାନ୍ଦ୍ରାଜସ୍ଥସ୍କୁଲମ୍ରାଲୟରେ ମୁଦ୍ରିତ ଏଠା ସ୍କୁଲବୁକ ସୋସାଇଟୀଦ୍ୱାରା ପ୍ରକାଶିତ—ଅମ୍ଭେମାନେ ଅନୁବାଦକଙ୍କଠାରୁ ଏ ପୁସ୍ତକ ଉପହାର ପାଇଥିବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏ ପୁସ୍ତକର କଲେବର ପୃ ୫୬ ଖଣ୍ଡ ଏବଂ ମୂଲ୍ୟ ଟ ୦ ।/ ଏଥିରେ ଅନେକଗୁଡ଼ିଏ ଚିତ୍ର ସନ୍ନିବେଶିତ ହୋଇଅଛି ଏବଂ ଏଥିର ଭାଷା ପିଲାମାନଙ୍କ ବୁଝିବାପର ସହଜ ହୋଇଅଛି । ଅମ୍ଭେମାନେ ଓଡ଼ିଆଭାଷାରେ ବ୍ୟାୟାମଶିକ୍ଷାର ଏମନ୍ତ ସୁନ୍ଦର ପୁସ୍ତକ ଦେଖି ନାହୁଁ । ଗ୍ରନ୍ଥକାର ଲେଖିଅଛନ୍ତି ଯେ ବ୍ୟାୟାମସାଧନ ସମ୍ବନ୍ଧରେ ଯାହା ବକ୍ତବ୍ୟ ତାହାସବୁ ଏ ପୁସ୍ତକରେ ଅଛି ଏମନ୍ତ ନୁହେ । ପ୍ରକୃତରେ ତାହା କରିବାକୁ ଗଲେ ବୃହତ୍‌ଗ୍ରନ୍ଥ ଲେଖିବାକୁ ପଡ଼ିବ । ଯେଉଁସବୁ ବ୍ୟାୟାମଗୁଡ଼ିକ ସ୍ୱୟଂ ସାଧନ କରିଅଛନ୍ତି ଏବଂ ଯେଉଁସବୁ ଫଳରୂପେ ଅଭ୍ୟାସକଲେ ପ୍ରାୟ ସର୍ବବିଧ ବ୍ୟାୟାମ ସହଜରେ ଅଭ୍ୟସ୍ତ ହୋଇପାରିବ ସେସବୁ ଏଥିରେ ବର୍ଣ୍ଣିତ ହୋଇଅଛି । ଅତଏବ ଏଥି ଲିଖିତ କୌଣସି ବ୍ୟାୟାମର ଅସାଧ୍ୟ ହୋଇ ସନ୍ଦେହ କରିବାର କାରଣ ନାହିଁ । ଅମ୍ଭେମାନେ ଆଶା କରୁଁ କି ଓଡ଼ିଶା ଶିକ୍ଷାବିଭାଗର କର୍ମଚାରୀମାନେ ଏ ପୁସ୍ତକର ପ୍ରଚାରବିଷୟରେ ସାହାଯ୍ୟ କରିବେ ।

---

ଖୋର୍ଦ୍ଧାର ଅନ୍ନକଷ୍ଟ ଓ ସାହାଯ୍ୟଦାନର ଯେଉଁ ବିବରଣ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ତାହା ଗତ ସେପ୍ଟେମ୍ବର ମାସ ତା ୧୭ ରଖର ଅଟଇ । ତହିଁରୁ ପ୍ରକାଶ ଯେ ସେ ସମୟରେ ଯେଉଁ ବନ୍ୟା ଓ ତହିଁସଙ୍ଗେ ବୃଷ୍ଟି ହୋଇଥିଲା ତଦ୍ୱାରା ବିଶେଷ ଉପକାର ହୋଇଥିଲା ଓ ବଅନକଣ୍ଟା ଓ ମାଣ୍ଡିଆ ଇତ୍ୟାଦି ପାଚିବାର ଆରମ୍ଭ ହେବାରୁ ଲୋକଙ୍କର କଷ୍ଟ ଶୀଘ୍ର ନିବାରଣ ହେବାର ସମ୍ପୂର୍ଣ୍ଣ ଆଶା ହୋଇଥିଲା । ଯେବେ ମୋଫସଲରେ ଜଡ଼ ଖଡ଼ ହୋଇ ନ ଥିବ ଏବଂ ଶାରଦ ଫସଲସବୁକୁ ଯଥେଷ୍ଟ ଜଳ ହୋଇଥିବ ତେବେ ସାହାଯ୍ୟକାର୍ଯ୍ୟ ଶୀଘ୍ର ଉଠିଯିବ । ମାତ୍ର ଅଦ୍ୟ ଯଥେଷ୍ଟ ଜଳ ହେବାର ସମ୍ବାଦ ଅମ୍ଭେମାନେ ପାଇ ନାହୁଁ ବରଂ ଫସଲ ଖଡ଼ ହେବାର ଶୁଣାଯାଉଅଛି । ନିକଟରେ ବୃଷ୍ଟି ହେଲେ ସବୁ ଯାତନା ଦୂର ହେବାର ସମ୍ଭାବନା ।

ଏହି ରିପୋର୍ଟରୁ ଅମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ପୁରୀର ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ରକ୍ଷିତ ହୋଇଥିବା ଭଣ୍ଡାରର ଓ ତାଙ୍କ ମୌଜାମହଲର ସାହାଯ୍ୟନିମିତ୍ତ ଟ ୧୦୦୦୲ ଙ୍କା ଦାନ କରିଅଛନ୍ତି ଏବଂ ଏଥିମଧ୍ୟରୁ ଲେଃ ହିନ୍ଦୁକାର୍ଯ୍ୟରେ ଟ ୫୦୦୲ ଙ୍କା ଏବଂ ଦରିଦ୍ରମାନଙ୍କ ସାହାଯ୍ୟନିମିତ୍ତ ଟ ୫୦୦୲ ଙ୍କା ବ୍ୟୟ ହେବାର ବନ୍ଦୋବସ୍ତ ହୋଇ କର୍ମାରମ୍ଭ ହୋଇଅଛି । ମାନ୍ୟବର ଲେଫ୍‌ଟେନାଣ୍ଟ ବାହାଦୂର ଏହି ପ୍ରଶସ୍ତଦାନନିମିତ୍ତ ଶ୍ରୀମତୀ ମହାରାଣୀ ପାଟମହାଦେଈଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଏପରି ଖୋର୍ଦ୍ଧାର ଫସଲର ଅବସ୍ଥା ସାବଧାନପୂର୍ବକ ନିର୍ଣ୍ଣୟ କରିବାକାରଣ ଆଦେଶ ଦେଇଅଛନ୍ତି ।

---

ଅନୁଗୁଳର ଅବସ୍ଥା ତଦନ୍ତ କରିବା କାରଣ ଉତ୍କଳସଭା ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କନିକଟକୁ ଯେଉଁ ଆବେଦନପତ୍ର ପଠାଇଥିଲେ ତହିଁର ଉତ୍ତର ଆସିଥିବାରୁ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହେଲା । ତହିଁରୁ ପାଠକମାନେ ଦେଖିବେ ଯେ ଓଡ଼ିଶା ଦୁର୍ଭିକ୍ଷସମ୍ବନ୍ଧରେ ଯେ ସବୁ କଥା ପ୍ରଚାରିତ ହୋଇଅଛି ସାହେବଙ୍କ ବିବେଚନାରେ ସେସମସ୍ତ ଅତିରଞ୍ଜିତ ଅଟଇ ଏବଂ ଉତ୍କଳସଭା ଯେବେ ସଠିକ ବିବରଣ ଜଣାଇବାକୁ ସକ୍ଷମ ହେବେ ସାହେବ ତାହା ଆନନ୍ଦ ସହିତ ଗ୍ରହଣ କରିବେ ।

NO. 1836

FROM

C. F. WORSLEY ESQUIRE C. S.
*Superintendent of Try. Mehals.*

To The Honorary Secretary to the Orissa Association, Cuttack

Dated Cuttack the 8th October 1888.

Sir,

With reference to your letter dated 6th instant stating that reports have reached the association to the effect that there is distress in Angul owing to scarcity, that deaths from starvation have actually occured, and that relief operations have been opened at the Head Quarters of that Estate by means of private subscriptions, " and requesting " that a special officer be deputed to Angul" to find out whether the state of things there does not demand that such action should be taken as has been taken in Khoorda and Banki, I have the honor to refer you to the correspondence published in the Calcutta Gazette of the 3rd instant, and to observe that the latest official reports received from Angul are of a very satisfactory nature.

If the members of the Association will be good enough to peruse the reports submitted by responsible officers in Khorda Sub-Division they will see that at the present time there is a strong tendency to attribute deaths to famine which have resulted from mixed causes, and which in ordinary years would probably have been ascribed to the disease most prevalent for the time being. The same disposition to exaggerate incidents has been evinced in respect of Angul, and if the

Digitized by srujanika@gmail.com

Split by PDF Splitter



association were of opinion that special enquiries should be made in that District I ought at least to have been furnished with the names of the persons or some of the persons who are alleged to have died of starvation.

I shall be very glad to receive from the association any well authenticated information that can be supplied regarding distress in any part of this Province, but such extraordinary "reports" are now being circulated on the subject of what is called "Famine in Orissa" that in the absence of details I am unable to attach more importance to the repors that have reached the Association than to those which have found their way in certain news papers.

I have the honor to be
Sir,
Your most obedient servant
C. F. Worsley.
Superintendent of Try. Mehals.

---

## ହଜାର ଯୁଦ୍ଧ ।

ଗତମାସରେ ଯେଉଁ ସମୟରେ ଅମ୍ଭେମାନେ ଅନ୍ନଦମୟୀ ଦୁର୍ଗାଙ୍କ ପୂଜାରେ ଏବଂ ତହିଁ ଉପଲକ୍ଷରେ ବର୍ଷାନ୍ତେ ପାଇଥିବା ଅବକାଶ ଭୋଗ କରିବାରେ ବ୍ୟସ୍ତଥିଲୁଁ ସେହି ସମୟରେ ଅମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ କଳାପାହାଡ଼ିୟାମାନେ ପାର୍ବତୀୟ ଜାତିଙ୍କର ଉପଦ୍ରବ ଦମନକରିବା ଉଦ୍ଦେଶରେ ସେମାନଙ୍କ ସହିତ ଯୁଦ୍ଧ କରିବାରେ ନିୟୁକ୍ତଥିଲେ । ଯୁଦ୍ଧର ପ୍ରସ୍ତାବ ଓ ଆୟୋଜନ ତହିଁପୂର୍ବରୁ ହୋଇ ପ୍ରଧାନ ସେନାପତି ମାକ୍‌କୁଇନ ବାହାଦୁର ୧୨ ହଜାର ସୈନ୍ୟସହିତ ପର୍ବତର ପାର୍ଶ୍ୱଦେଶରେ ଉପସ୍ଥିତ ହୋଇଥିଲେ । ଗତମାସ ତା ୩ ରିଖରେ ଯୁଦ୍ଧଯାତ୍ରା ଆରମ୍ଭ ହେଲା । ସୈନ୍ୟମାନେ ଶ୍ରେଣୀଶ୍ରେଣୀରେ ବିଭକ୍ତ ହୋଇ ଉଚ୍ଚ ଶୃଙ୍ଗମାର୍ଗରେ ଆରୂଢ଼ ହେଲେ । ରଣକୁଶଳ ଇଂରାଜ ସେନା ସମ୍ମୁଖରେ ପାର୍ବତୀୟ ସୈନିକଙ୍କର ବଳ କେତେ ? ପାପିଷ୍ଠମାନେ ସମ୍ମୁଖରେ ପରାଜୟପ୍ରାପ୍ତ ହୋଇପଡ଼ିଲେ । ଇଂରାଜଙ୍କ ପକ୍ଷରୁ କପ୍ତାନ ବେଲ ପ୍ରଭୃତି କର୍ମଚାରୀ ଏବଂ କେତେଜଣ ଦେଶୀୟ ସୈନ୍ୟ ମରିପଡ଼ିଲେ । ପାହାଡ଼ିୟାଙ୍କମଧ୍ୟରୁ କେତେକ ମଲେ ତହିଁର ସଂଖ୍ୟା ଠିକ କରୁଅଛୁ । ସେମାନେ ଘରଦ୍ୱାର ଛାଡ଼ି ପଳାଇଲେ ଓ ଇଂରାଜସେନା ସେମାନଙ୍କର ଗ୍ରାମମାନ ପୋଡ଼ିଦେଲେ ଏହିରୂପେ ପାହାଡ଼ିଆମାନେ ଲଣ୍ଡଭଣ୍ଡ ହୋଇ ବଶତା ସ୍ୱୀକାର କରିବାର ଆରମ୍ଭ କରିଅଛନ୍ତି ଏବଂ କାର୍ଯ୍ୟତଃ ଇଂରାଜଙ୍କର ଜୟଲାଭ ହୋଇଅଛି । ଏହି ପାହାଡ଼ିଆ ଜାତିର ଅନେକ ଶାଖା ଅଛି ଯଥା ଅକାଜାଇ ଅସ୍ତଜାଇ ହାସନଜାଇ, ଖଗାରଜାଇ ଇତ୍ୟାଦି । ଏମାନଙ୍କମଧ୍ୟରୁ କେହି କେହି ସନ୍ଧିକରିବା ଉଦ୍ଦେଶରେ ଦୂତ ପଠାଇଅଛନ୍ତି ଏବଂ କେହି କେହି ଅର୍ଥଦଣ୍ଡ ଦେବାକୁ ସ୍ୱୀକାର କରିଅଛନ୍ତି । ଭରସାହୁଏ ଶୀଘ୍ର ଇଂରାଜସେନା କାର୍ଯ୍ୟ ଶେଷକରି ପ୍ରତ୍ୟାଗମନ କରିବେ । ଏମାନଙ୍କ ରାଜ୍ୟ ଅଧିକାର କରିବା ଇଂରାଜଙ୍କର ବାସନା ନୁହେ ମଧ୍ୟ ସେଥିରେ କିଛି ଫଳନାହିଁ । ଇଂରାଜ ରାଜ୍ୟର ସୀମାମଧ୍ୟରେ ପ୍ରବେଶ କରି ଦୌରାତ୍ମ୍ୟ କରୁଥିବାରୁ ସେମାନଙ୍କୁ ଦଣ୍ଡ ଦିଆଗଲା । ଆପଣା ରାଜ୍ୟରେ ଥାଇ ଶାନ୍ତ ହୋଇ ରହିଲେ ସେମାନଙ୍କସହିତ ଆଉ କୌଣସି ବିବାଦ ହେବ ନାହିଁ । କେବଳ ଅସଭ୍ୟତା ହେତୁରୁ ପୁନଃ ପୁନଃ ଶାସ୍ତି ପାଉଥିଲେହେଁ ସେମାନେ ସ୍ଥିର ହୋଇ ରହୁନାହାନ୍ତି ।

---

## ଦରବାରର ବ୍ୟବସ୍ଥା ।

ହିନ୍ଦୁପେଟ୍ରିଅଟ୍ ଲେଖିଅଛନ୍ତି ଯେ ମାନ୍ୟବର ଗ୍ରେଟଲଣ୍ଟ ବାହାଦୁର ଏହିମାସ ତା ୧୨ ରିଖରେ ଖୁରଦାରୋଡ଼ଠାରେ ପହଞ୍ଚିବେ ଏବଂ ଏଠାରେ ଶୁଣାଯାଉଅଛି ଯେ ତା ୧୬ ରିଖରେ ଏ ନଗରରେ ପହଞ୍ଚିବେ ଓ ତା ୧୭ ରିଖରେ ଦରବାର ହେବ ବୋଲି ଆମନ୍ତ୍ରଣପତ୍ର ବାହାରିଅଛି । ବୋଧ ହୁଏ ଆଜିକାର କଲିକତା ଗେଜେଟରେ ମାନ୍ୟବରଙ୍କ ଯାତ୍ରାର ବିବରଣ ଜଣାଯିବ । ଫଳତଃ ମାନ୍ୟବରଙ୍କ ଶୁଭାଗମନ ନିଶ୍ଚୟ ହୋଇଅଛି ଏବଂ ତାହାଙ୍କ ଅଭ୍ୟର୍ଥନା ଓ ଦରବାରର ନିମନ୍ତେ ଆୟୋଜନ ଲାଗିଅଛି । ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ପୂର୍ବାପେକ୍ଷା ଅତିଅଳ୍ପ ଦେଶୀୟଲୋକେ ଏଥର ଦରବାରକୁ ଅମନ୍ତ୍ରିତ ହେବାର ସ୍ଥିର ହୋଇଅଛି ଅଥଚ ଇଂରାଜମାନେ ପ୍ରାୟ ସମସ୍ତେ ଅମନ୍ତ୍ରିତ ହୋଇଅଛନ୍ତି । ଅମଲାମାନେ ଦରବାରର ଅଯୋଗ୍ୟ ହୋଇଅଛନ୍ତି ଏବଂ ମିଉନିସିପାଲ କମିଶନର ଓ କେତେକ ଅନରେରି ମାଜିଷ୍ଟ୍ରେଟ ସୁଦ୍ଧା ଉପେକ୍ଷିତ ହୋଇଅଛନ୍ତି । ଗତ ୨୦ ବର୍ଷ ମଧ୍ୟରେ ଯେତେ ଦରବାର ହୋଇଅଛି ପଞ୍ଚାଶଟଙ୍କା ଓ ତଦୂର୍ଦ୍ଧ୍ୱ ବେତନର ଅମଲାମାନେ ଦରବାର ଆମନ୍ତ୍ରିତ ହେବାର ଅମ୍ଭେମାନେ ଦେଖି ଆସିଅଛୁଁ ଏବଂ ସ୍କୁଲର କମିଶନରମାନେ ଦେଖାଇ ଦେଇଅଛନ୍ତି ଯେ ଅମଲା ଓ ଡେପୁଟୀକଲେକ୍ଟର ମାନଙ୍କର ସାମାଜିକ ମର୍ଯ୍ୟାଦା ସମାନ ଅଟଇ ଏପରି ସ୍ଥାନୀୟ କର୍ତ୍ତୃପକ୍ଷ ଅନ୍ତତଃ ସିରସ୍ତାଦାର ଓ ହେଡ଼ କିରାଣୀଙ୍କ ମର୍ଯ୍ୟାଦା ସାମାନ୍ୟ ନୁହଇ । ଏମାନଙ୍କୁ ଦରବାରରୁ କାଟିଦେଇ ସାଧାରଣଙ୍କଠାରେ ଅମର୍ଯ୍ୟାଦା କରାଇବା କଦାପି ଉଚିତ ବୋଲାଯାଇ ନ ପାରେ । ମିଉନିସିପାଲ କମିଶନର ଓ ଅନରେରି ମାଜିଷ୍ଟ୍ରେଟଙ୍କ କଥା ଅଦ୍ଭୁତ ଗତଶ୍ରୁତ ଅଟଇ । ଏମାନେ ଗେଜେଟଭୁକ୍ତ ବିନାବେତନର କର୍ମଚାରୀ ସୁତରାଂ ଗବର୍ଣ୍ଣମେଣ୍ଟଙ୍କଠାରେ ମାନ୍ୟ ପାଇବାର ଅଧିକ ଯୋଗ୍ୟ । ବିଶେଷତଃ ମିଉନିସିପାଲ କମିଶନରମାନଙ୍କର ପ୍ରତିନିଧି ସେମାନଙ୍କୁ ଦରବାରକୁ ନ ଡାକିବା ସମସ୍ତ ନଗରବାସିଙ୍କୁ ଅନାଦର କରିବାତୁଲ୍ୟ ଅଟଇ । ସ୍ଥାନୀୟ ହାକିମମାନେ କେଉଁ ବିବେଚନାରେ ଏମାନଙ୍କୁ ଦରବାରର ଅଯୋଗ୍ୟ ସ୍ଥିର କରିଅଛନ୍ତି ଅମ୍ଭେମାନେ ତାହା ନ ପାରୁଁ କେହି କେହି ଏଥିରୁ ଏହି ଅର୍ଥ କରନ୍ତି ଯେ ସ୍ଥାନୀୟ ହାକିମଙ୍କର ଆତ୍ମଶାସନ ପ୍ରଣାଳୀପ୍ରତି ଆଦୌ ସହାନୁଭୂତି ନାହିଁ ଏବଂ ଏହାକୁ ଉଣାଦୃଷ୍ଟିରେ ଦେଖନ୍ତି । ମାନ୍ୟବର ସର୍ ଷ୍ଟୁଆର୍ଟ ବେଲିଙ୍କର ଆତ୍ମଶାସନ ପ୍ରଣାଳୀ ସହାନୁଭୂତିର ପ୍ରଶଂସା ସର୍ବତ୍ରରେ ହେଉଥିବାସ୍ଥଳେ ସ୍ଥାନୀୟ କର୍ମଚାରୀଙ୍କ କାର୍ଯ୍ୟହେତୁ ଓଡ଼ିଶାବାସିମାନେ ତାହା ସମ୍ୟକ୍ ଗ୍ରହଣ କରିବାକୁ ଅକ୍ଷମ ହେବେ ଏକଥା ଅମ୍ଭମାନଙ୍କୁ ବଡ଼ ବାଧୁଅଛି ଅତଏବ ଆଶା କରୁଁ କି କମିଶ୍ନର ସାହେବ ଦରବାର ତାଲିକାର ପୁନର୍ବିଚାର କରିବେ ।

---

## ଅନୁଗୁଳର ଅବସ୍ଥା ।

ଗତମାସ ତା ୨୮ ରିଖରେ ଅନୁଗୁଳରୁ ଯେଉଁ ସମ୍ବାଦ ଆସିଅଛି ତହିଁର ମର୍ମ ଏହିକି ଗତ ସେପ୍ଟେମ୍ବରମାସ ତା ୨୦ ରିଖଠାରୁ ଏପର୍ଯ୍ୟନ୍ତ ଆଦୌ ବୃଷ୍ଟି ନ ହେବାରୁ ଧାନବିଲ ସବୁ ଶୁଖି ଫାଟିଗଲାଣି ଏବଂ ଲୋକେ ଜଳବୋହି ଗଡ଼ିଆ ପୋଖରୀସବୁ ଶୁଖାଇଦେଲେଣି ସୁଦ୍ଧା ଫସଲ ରକ୍ଷାପାଇବ ନାହିଁ ଏବଂ ଦୁର୍ଭିକ୍ଷରୁ ଜଳକଷ୍ଟର ଆଶଙ୍କା ମଧ୍ୟ କରୁଅଛି ।

Digitized by srujanika@gmail.com

Split by PDF Splitter



ଗତସପ୍ତାହରେ ପୁରୁଣାଗଡ଼ରେ ଗ୍ରହଣ ଟଙ୍କାରୁ ସେ ୧୦ ର ହୋଇଥିଲା ଏ ସପ୍ତାହରେ ଅଠସେର ହୋଇଅଛି ଏବଂ ମିଳବାର କଷ୍ଟ । ପୁରୁଣାଗଡ଼ର ଭଲଲୋକ ବ୍ୟକ୍ତିମାନେ ଅନାହାରରେ ମରିବାର ଜଣାଯାଉଅଛି. ଯଥା ।

ମୁକୁନ୍ଦଦେଓ ପାଣିଗ୍ରାହୀ ବୟସ ବ ୬୫ ବର୍ଷ
ଲୁବୁପ ନାୟକ ମହାପାତ୍ର „ ବ ୭୦
ବଳଭଦ୍ର ବେହେରା କରମଙ୍ଗାସାହି
ବୟସ ବ ୫
ଶ୍ରମାନ ସିଂହ ଗୌଡ଼ସାହି „ ବ ୫୦
ମାଣିକ ବେହେରା ହଇଫୁଲସାହି
ବୟସ ବ ୬୦

ମୋଫସଲରେ କେଉଁଠାରେ କେତେ ଲୋକ ମରୁଅଛନ୍ତି ତାହା କଣ ବୁଝୁଅଛୁ ଏ କଥାରେ ଯେତେ ମୃତ୍ୟୁରିପୋର୍ଟ ଥାନାରୁ ଆସେ ତାହା ଧରାପଡ଼ିଲା । ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ରିପୋର୍ଟମାନରେ ସାଧାରଣବର୍ଷର କୌଣସି ସମୟରେ କୌଣସି ରୋଗ ପ୍ରବଳ ହେବାରୁ ଯେତେ ମୃତ୍ୟୁ ଘଟିଥାନ୍ତି ବର୍ତ୍ତମାନ ସେତେ ମୃତ୍ୟୁ ଅନାହାରହେତୁ ଘଟିଥିବାର ଲୋକେ କହୁଅଛନ୍ତି କିନ୍ତୁ ବାସ୍ତବରେ ଅନୁସନ୍ଧାନ ବାକି ନାହିଁ । ସାହେବଙ୍କର ଏ ସମ୍ବାଦ କାହିଁ ଦେଲେ ଆମ୍ଭେମାନେ କହି ନ ପାରୁଁ । ସମସ୍ତେ ଜାଣନ୍ତି ଯେ ଅନ୍ନକଷ୍ଟରୁ ନାନାରୋଗ ଜାତ ହୁଅନ୍ତି ଏବଂ ଯେଉଁସ୍ଥଳେ ଗତବର୍ଷଠାରୁ ଫସଲହାନି ହେବାରୁ ଦାନା ନ ପାଇ କେତେକେତେକ କଙ୍କାଳରୂପ ଧାରଣ କରିଅଛନ୍ତି କେତେ ଗଛପତ୍ର ଖାଇ ପୀଡ଼ାରେ ମରୁଅଛନ୍ତି କେତେ ଦେଶାନ୍ତରକୁ ପଳାଉଅଛନ୍ତି ଓ ପଳାଉଅଛନ୍ତି ଏବଂ ସ୍ଥାନୀୟ ଲୋକେ ସେମାନଙ୍କ ଦୁଃଖରେ ଦୁଃଖିତ ହୋଇ ଯଥାସାଧ୍ୟ ଅର୍ଥ ସଂଗ୍ରହଦ୍ୱାରା ମୁଷ୍ଟିଭିକ୍ଷା ଦେଉଅଛନ୍ତି ସେସ୍ଥଳେ କପରି କୁହାଯିବ ଯେ ଏ ସମସ୍ତ ସାଧାରଣ ଅବସ୍ଥା ଏବଂ ଅନ୍ନକଷ୍ଟ ବାକି ନାହିଁ । ଫଳତ କଡ଼ଲେକଙ୍କୁ ଉତ୍ତର ନାହିଁ ଅଥବା ଦୈବ ବାମ ହେଲେ କଏ ଅବା ରକ୍ଷାକରିପାରେ ! ଆମ୍ଭେମାନେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ଏକାନ୍ତ ଅନୁରୋଧ କରୁଅଛୁ କି ଅନ୍ନକଷ୍ଟରେ ମରୁଅଛନ୍ତିବୋଲି ଯେଉଁ ପାଞ୍ଚଜଣଙ୍କର ନାମ ଉପରେ ଲେଖାଗଲା ସେମାନେ କପରି ମଲେ ଅନୁଗ୍ରହପୂର୍ବକ ଅନୁସନ୍ଧାନ କରି ସର୍ବସାଧାରଣଙ୍କୁ ଜଣାଇ ଦେଉନ୍ତୁ ତାହା ହେଲେ ସକଳଚିନ୍ତା ଦୂର ହେବ ।

ପରିଶେଷରେ ଦୁଃଖିତହୃଦୟରେ ପାଠକମାନଙ୍କୁ ଜଣାଉଅଛୁଁ ଯେ ଗବର୍ଣ୍ଣମେଣ୍ଟଙ୍କର ସହାନୁଭୂତି ନ ହେବାରୁ ସେଠାରେ ଯେଉଁ ଦୁର୍ଭିକ୍ଷ ନିବାରଣୀ ସଭା ହୋଇଥିଲା ସେ ସବୁ ଉପଯୁକ୍ତ ପରିମାଣରେ ଅର୍ଥସଂଗ୍ରହ କରିପାରିଲେ ନାହିଁ । ଯାହା ପାଇଥିଲେ ସାହାଯ୍ୟଦାନରେ ସବୁ ବ୍ୟୟ ହୋଇଯିବାରୁ କାର୍ଯ୍ୟ ବନ୍ଦ କରି ବସିଅଛନ୍ତି ସୁତରାଂ ଦୁଃଖିମାନଙ୍କର ଆଉ କୌଣସି ଉପାୟ ନାହିଁ ।

---

## ସାଧାରଣଶିକ୍ଷାର ବ୍ୟବସ୍ଥା ।

ଆମ୍ଭମାନଙ୍କ ଗବର୍ଣ୍ଣର ଜେନରଲ ଲର୍ଡ ଡଫରିନ ଆପଣା ଶାସନକାଳ ରାଜ୍ୟଲାଭ ଓ ରାଜ୍ୟରକ୍ଷାର ଚିନ୍ତାରେ ଅତିବାହିତ କରି ଶେଷସମୟରେ ସାଧାରଣହିତ ଚିନ୍ତାଏ ମନୋଯୋଗୀ ହୋଇଅଛନ୍ତି ଏବଂ ତହିଁର ଫଳସ୍ୱରୂପ ଯୋଡ଼ିଏ ଚର୍ଚ୍ଚାଲିପି ବାହାରିଅଛି ଅର୍ଥାତ ଗୋଟିଏ ସାଧାରଣଶିକ୍ଷା ଓ ଗୋଟିଏ ସାଧାରଣସ୍ୱାସ୍ଥ୍ୟରକ୍ଷାବିଷୟରେ । ଆମ୍ଭେମାନେ ଅଦ୍ୟ ପ୍ରଥମଟିର ସଂକ୍ଷିପ୍ତ ପରିଚୟ ଦେଉଅଛୁଁ ।

ସାଧାରଣଶିକ୍ଷାଦାନ ସମ୍ବନ୍ଧୀୟ ଯେଉଁ ତାଲିକା ପ୍ରସ୍ତୁତ ହୋଇଅଛି ତହିଁରୁ ପ୍ରକାଶ ଯେ ଶିକ୍ଷାଦାନରେ ଏକବର୍ଷରେ ଗବର୍ଣ୍ଣମେଣ୍ଟଙ୍କର ୮୫ ଲକ୍ଷ ସ୍ଥାନୀୟ ଓ ମିଉନିସିପାଲଟିମାନଙ୍କର ୪୯ ଲକ୍ଷ ଏବଂ ଲୋକମାନଙ୍କର ୧୧୭ ଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ଏଥିରୁ ଲର୍ଡ ମହାତ୍ମା ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଶିକ୍ଷାଦାନ ସରକାରଙ୍କର କର୍ତ୍ତବ୍ୟ ହେଲେହେଁ ଲୋକେ ଆପଣା ଶିକ୍ଷାର ଉପାୟ ଆପେ କରିପାରିଲେ ସରକାରଙ୍କର ହାତ ଉଠାଇବାର ଉଚିତ । ସରକାର ଲୋକଙ୍କୁ ବାଟ ଦେଖାଇଦେଇ ଅଲଗା ହୋଇଯିବେ କେବଳ ଆବଶ୍ୟକମତେ ସାହାଯ୍ୟ କରୁଥିବେ । ଏଣୁ ଶିକ୍ଷାବିଷୟରେ ସରକାରୀ ଖର୍ଚ୍ଚ ବର୍ଷକୁବର୍ଷ ଊଣା ହେଉଥିବ । ଏହି ନୀତିପ୍ରତି ଦୃଷ୍ଟି ରଖିଲେ ଆଉ ନୂଆ କଲେଜ କି ହାଇସ୍କୁଲ ବସାଇବାକୁ ହେବ ନାହିଁ ବରଂ ଯେଉଁଠାରେ ଲୋକେ ନିଜ ଖର୍ଚ୍ଚରେ ବିଦ୍ୟାଳୟ ଚଳାଇପାରିବେ ସେଠାରୁ ସରକାରୀ ବିଦ୍ୟାଳୟମାନ ଉଠିଯିବ । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ଶିକ୍ଷାବିଭାଗର ବ୍ୟୟ ଊଣା କରିବା ମୂଳ ଉଦ୍ଦେଶ୍ୟ ଅଟଇ ଏବଂ ଏଥିରେ ଯେତେ ଶିକ୍ଷାର ଉନ୍ନତି ହେବ ତାହା ଅନାୟାସରେ ବୁଝା ଯାଉଅଛି । ଅନ୍ତଃପ୍ରାଥମିକ ଶିକ୍ଷାଦାନ ଉଦ୍ଦେଶ୍ୟ ଓ ଅପେକ୍ଷାକାର ସକଳଦେଶରେ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ବୋଲି ସ୍ୱୀକୃତ ହୋଇଥିବା ସ୍ଥଳେ ଭାରତୀୟ ଗବର୍ଣ୍ଣମେଣ୍ଟ ସେ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ସ୍ପଷ୍ଟରେ ଲେଖି ନାହାନ୍ତି । ଆମ୍ଭେମାନେ ଏପ୍ରକାର ନୀତିକୁ ଉଦାର ବୋଲି କହି ନ ପାରୁଁ । ଲୋକମାନେ ଏତେବେଳେସୁଦ୍ଧା ସରକାରୀ ଖର୍ଚ୍ଚାର ଦୁଇଗୁଣ ଶିକ୍ଷାବିଷୟରେ ଖର୍ଚ୍ଚ କରୁଅଛନ୍ତି ଏବଂ ଅନ୍ତତ ଅଧିକ ଖର୍ଚ୍ଚ କରିବେ କିନ୍ତୁ ଗବର୍ଣ୍ଣମେଣ୍ଟଙ୍କ ଦାୟିତ୍ୱ ଛାଡ଼ ହୋଇ ନ ପାରେ ଓ ତାହା ଛାଡ଼ିଦେଲେ ଉଚିତ ନ ହୋଇ ଅନ୍ୟାୟ ହେବ ।

ଆମ୍ଭେମାନେ ଆଶା କରିଥିଲୁଁ ଯେ ଲର୍ଡ ଡଫରିନ ଯେତେବେଳେ ସାଧାରଣଶିକ୍ଷା ପ୍ରତି ଦୃଷ୍ଟି ପକାଉଅଛନ୍ତି ସେତେବେଳେ ଶିଳ୍ପାଦିକାର୍ଯ୍ୟର ଶିକ୍ଷାଦାନ ବିଷୟରେ କିଛି ସୁବ୍ୟବସ୍ଥା କରିବେ । ଏଥିରୁ ଲର୍ଡ ମହାତ୍ମା କହୁଅଛନ୍ତି କି ଭାରତବର୍ଷରେ ଅଦ୍ୟାପି ଶିଳ୍ପକାର୍ଯ୍ୟ ଓ ବ୍ୟବସାୟର ବିଶେଷ ଚର୍ଚ୍ଚା ଯେପର୍ଯ୍ୟନ୍ତ ହୋଇ ନାହିଁ ସେପର୍ଯ୍ୟନ୍ତ ଲୋକଙ୍କୁ ଶିକ୍ଷା ଦେଲେ କେବଳ କାର୍ଯ୍ୟ ଖୋଜିବୁଲିବାରେ ବ୍ୟସ୍ତ ହେବେ ଏବଂ ସରକାରଙ୍କୁ ବିରକ୍ତ କରିବେ । ରେଲବାଟ ଓ କଳକାରଖାନା ଫିଟିବାଦ୍ୱାରା କେତେପ୍ରକାର ଶିଳ୍ପକାର୍ଯ୍ୟର ପ୍ରୟୋଜନ ବର୍ତ୍ତମାନ ଦେଖା ଯାଉଅଛି ଏବଂ ଏସବୁ ବିଷୟରେ ଶିକ୍ଷା ଦେବାର ଉପାୟ କରିଦେବାକୁ ଗବର୍ଣ୍ଣମେଣ୍ଟ ଆବଶ୍ୟକ ଜ୍ଞାନ କରନ୍ତି । କିନ୍ତୁ କେଉଁକାର୍ଯ୍ୟର ଶିକ୍ଷା କେଉଁସ୍ଥାନରେ ଦେଲେ ଆଶାନୁରୂପ ଉପକାର ହେବ ତାହା ଜାଣିବାର କୌଣସି ଉପାୟ ହୋଇ ନାହିଁ ଓ ପ୍ରଧାନ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ହୋଇ ନ ପାରେ । ଅତଏବ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସ୍ଥାନୀୟଗବର୍ଣ୍ଣମେଣ୍ଟମାନଙ୍କୁ ପରାମର୍ଶ ଦେଇଅଛନ୍ତି ଯେ ସେମାନେ ଆପଣା ଏଲାକାମଧ୍ୟରେ କେଉଁ ସ୍ଥାନରେ କିପ୍ରକାର ଶିଳ୍ପବ୍ୟବସାୟ କେତେ ପରିମାଣରେ ହେଉଅଛି ତହିଁର ଅନୁସନ୍ଧାନ କରିବେ ଏବଂ ସେହି ଅନୁସନ୍ଧାନକାର୍ଯ୍ୟ ଶେଷ ହେଲରୁ ପ୍ରତ୍ୟେକ ସ୍ଥାନର ଅବସ୍ଥା ଦୃଷ୍ଟିରେ ଯେପ୍ରକାର ଶିକ୍ଷାଦାନର ଉପାୟ କରିବାର ଉଚିତ ବୋଧହେବ ତାହା କରିବା ପାଇଁ ଏ ବିଷୟରେ ପାରଦର୍ଶିତା ଲାଭ କରିଥିବା ଲୋକଙ୍କର ଗୋଟିଏ ସମିତି ଗଠିତ ହେବ ଯେ ସେମାନେ ଶିଳ୍ପଶିକ୍ଷା ବିଷୟକ ସ୍ଥାନୀୟ କମିଟିମାନଙ୍କ ନିର୍ଦ୍ଦିଷ୍ଟମାର୍ଗରେ

Digitized by srujanika@gmail.com

ଉନ୍ନତିର ବ୍ୟବସ୍ଥା କରନ୍ତେ । ପ୍ରଥମେ ପ୍ରଦେଶୀୟ ଶିଳ୍ପବିଦ୍ୟାଳୟମାନ ବସିବ ଓ କ୍ରମଶଃ ତାହାର କାର୍ଯ୍ୟ ବିସ୍ତାର ହେଲେ ଏ ବିଷୟର ବିଶ୍ୱବିଦ୍ୟାଳୟ ବସାଇବାର ଚେଷ୍ଟା ହେବ ।

ନୀତିଶିକ୍ଷା ବିଷୟରେ ଏଥିପୂର୍ବେ ଯେଉଁ ନିର୍ଦ୍ଧାରଣ କରାଯାଇଥିଲା ବର୍ତ୍ତମାନ ନିର୍ଦ୍ଧାରଣର ମଧ୍ୟ ସେହି କଥାମାନ ଲେଖାଅଛି । କେବଳ ଅଧିକା ଏତିକି ଯେ ନୀତିଶିକ୍ଷା ବିଷୟରେ ଶିକ୍ଷାସମିତିର ପ୍ରସ୍ତାବମତେ ଖଣ୍ଡେ ପୁସ୍ତକ ରଚନା ହୋଇ ସମସ୍ତ ବିଦ୍ୟାଳୟର ପାଠ୍ୟପୁସ୍ତକ ହେବ । କିନ୍ତୁ ରେଜୋଲ୍ୟୁସନ ମଧ୍ୟ ଏଥିରେ ଏକମତ ହୋଇଅଛନ୍ତି । ପୁସ୍ତକ ପାଠଦ୍ୱାରା ନୀତିଶିକ୍ଷାର ବିଶେଷ ସାହାଯ୍ୟ ହେବ ବୋଲି ଆମ୍ଭମାନଙ୍କର ମନକୁ ଦିଶୁ ନାହିଁ । ଆଉ ଶିଳ୍ପବିଦ୍ୟାଶିକ୍ଷାବିଷୟକ ଉପରେ ଯାହା ଲେଖାଗଲା ତାହା ଶୀଘ୍ର କାର୍ଯ୍ୟ ହେବାର ଆଶା ନାହିଁ ।

# ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କ କମିଶ୍ନରସାହେବ କଲିକତା ଯାଇଅଛନ୍ତି ଆଗାମି ସୋମବାର ଫେରିଆସିବେ ।

ଅଦ୍ୟତନର ଉତ୍କଳଦୀପିକା ମେ ଜଣମାନ ଅସାମାନ୍ୟ ନେ ପୌରସୂପର୍ଦ୍ଧ ହେଉଅଛନ୍ତି ।

ଗତ ଦୁର୍ଗାପୂଜା ସମୟରେ ସାଲେପୁର ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦରେ ଗୋଟିଏ ଡକାଇତି ହୋଇଥିଲା । ସେଠାରେ ଦୋକାନ ଦେଉଥିବା ଜଣେ ସ୍ତ୍ରୀ ସଙ୍ଗେ ସନ୍ଧ୍ୟାରେ ଡକାଏତମାନେ ପଶି ତାହାର ଦେହରୁ ଅଳଙ୍କାର ଓ ସଇଲ ଟଙ୍କା ନେଇଗଲେ ମାତ୍ର ସ୍ତ୍ରୀ ସବୁଦ୍ରବ୍ୟ ଦେବାରୁ ତାହା ଶରୀରରେ ଆଘାତ କରି ନାହାନ୍ତି । ପୋଲିସ ଏଥିରେ ଜଣେ ଆସାମୀ ଗୁଲଜ କରୁଅଛି ଏବଂ ସେମାନେ ହାଜତରେ ଅଛନ୍ତି ।

ପୁରୀର ଠିକା ଡେପୁଟୀ କଲେକ୍ଟର ବାବୁ ଗଙ୍ଗାଚରଣଦାସ ସାଇଣ୍ଟଙ୍କ ପଦର ମୁକ୍ତାମଲୁ ବଦଳ ହୋଇଅଛନ୍ତି ।

ଓଡ଼ିଶା ପେଟ୍ରିଅଟରେ ପାଠକଙ୍କୁ ବ ଜଣେ ମେର ସୁପରିଣ୍ଟେଣ୍ଡେଣ୍ଟ ରିଲେଟିଭ ଲାଇସେନ୍ସ ବାବୁଙ୍କୁ ବଧ ଓ ଅପର କନଷ୍ଟେବଳଙ୍କୁ ଆଘାତ କରିଅଛି ।

ବାଲେଶ୍ୱରର ଡେପୁଟୀ ମାଜିଷ୍ଟ୍ରେଟ ଟି, ଜେ, ମେଣ୍ଡିସ ସାହେବ ଫଉଜଦାରୀ କାର୍ଯ୍ୟବିଧି ଆଇନର ୧୯୦, ୧୯୩ ଓ ୪୩୫ ଧାରା ଅନୁସାରେ କ୍ଷମତା ପାଇଅଛନ୍ତି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଗାମୀ ତା ୧୨ ଦିନରେ ସିମଲାଠାରୁ ଯାତ୍ରା କରିବାର ସ୍ଥିର ହୋଇଅଛି ।

ଡାକସିଂଉପଦ୍ୱୀପରେ ଅଳ୍ପଦିନରେ ଉତାଳୀରେ ବୁଡ଼ିଗୋଟି ଜାହାଜ ନଷ୍ଟହୋଇ ଯାଇଥିବାର ସମ୍ବାଦ ମିଳିଅଛି । କଲମ୍ବ ଏବଂ ଗଙ୍ଗାପ୍ରସାଦ ନାମକ ଦୁଇଟି ଜାହାଜ ଅନୁମାନ ଟ ୪୦୦୦ ଙ୍କାର ମସଲା ନେଇ ବୋମ୍ବାଇକୁ ଯାଉଥିବା ସମୟରେ ବାଟରେ ଅଚଳ ହୋଇଗଲେ ଏବଂ ଜାହାଜଦ୍ୱାରା ବାରୁଦରେ ଆସି ଲାଗିଲା ଜାହାଜ ଉପରକୁ ଉଡ଼ିଯାଇ ମାଲ ଲୁଟ କରି ନେଇ ପଳାଇଗଲେ । ଗଙ୍ଗାପ୍ରସାଦ ଜାହାଜର ଲୋକ ବାଧା ଦେବାରୁ ଅଳ୍ପ ଲଢାଇ ହୋଇଗଲା । ଅନେକମାନେ ଉକ୍ତ ଜାହାଜର ଜଣେ ଖଲାସିକୁ ମାରିପକାଇ ଏବଂ ଅବଶିଷ୍ଟମାନଙ୍କୁ ଆହତ କରିଅଛନ୍ତି । ଏ ଦାଙ୍ଗାରେ ଜଣ ମଧ୍ୟ ଦସ୍ୟୁମାନେ ଧରା ପଡ଼ିଲେ ସୁତରାଂ ସେମାନେ ବୋହୁ କୋଣି ଅଛି । ମାନସ କିଛି ପାଇ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ପ୍ରଧାନ ସେକ୍ରେଟେରିଙ୍କ ସମୀପକୁ ପତ୍ର ଯାଇଅଛି ।

କୁଟୋନ୍ଦ କାଣ୍ଡସମ୍ବନ୍ଧରେ ଥାନାର ଦରଜା ଦ୍ୱାରପାଳ କଲେକ୍ଟର ସସ୍ପେଣ୍ଡ ହୋଇଥିବାର ସମ୍ବାଦ ମିଳିଲା । ଏ ଦାରୋଗା ଇନ୍ସପେକ୍ଟର ପଦୋନ୍ନତି ପାଇଥିଲେ ମାତ୍ର ଅଧିକଦିନ ଭୋଗ ହେବ ନାହିଁ ପରି ।

ବୋମ୍ବାଇଠାରେ ଗତ ଅକ୍ଟୋବରମାସ ତା ୨୩ ଦିନରେ ଗୋଟିଏ ଅଗ୍ନିକାଣ୍ଡ ଘଟିଥିବାର ସମ୍ବାଦ ମିଳିଲା । ଜଣେ ଗୃହସ୍ଥ ଗୃହରେ ବାଇସିକଲ ପ୍ରଦୀପ ରଖିଥିଲା । ତାକୁ ମାଙ୍କଡ଼ ଫୋପାଡ଼ି ଦେବାରୁ ଘରେ ନିଆଁଲାଗି କ୍ରମେ ସେ ନିଆଁ ବିସ୍ତୃତ ହୋଇ ନିକଟବର୍ତ୍ତୀ ଅନେକ ଗୃହ ଏବଂ ଓ ପ୍ରାୟ ଦଶସହସ୍ର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାର କଥିତ ହୁଏ । ମାଙ୍କଡ଼ କ ଏହା ବୁଝିଥିଲା ?

ବୋମ୍ବାଇ ସହରର କମିଶ୍ନର ଜ୍ୟୁପାର୍ଡ଼ ସାହେବଙ୍କ ଦପ୍ତର କମିଶନଦ୍ୱାରା ହେବାର ପ୍ରସ୍ତାବ ହୋଇଥିଲା । ଉକ୍ତ କମିଶନ ଗତ ଅକ୍ଟୋବରମାସ ତା ୨୩ ଦିନରୁ ବସି ଦପ୍ତର କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଏ ସାହେବଙ୍କ ନାମରେ ମୋଟ ୩୩ ଟି ଅଭିଯୋଗ ହୋଇଅଛି । ଏଥିମଧ୍ୟରୁ ମୋଟ ୩୨ ଟି ଅଭିଯୋଗରେ ସାହେବ ନିର୍ଦ୍ଦୋଷୀ ଥିବାର ଆପତ୍ତି କରିଅଛନ୍ତି । ଅନ୍ୟ ଏକ ଅଭିଯୋଗ ସାହେବ ଆପଣା ଉପକାରୁ ଟଙ୍କା କର୍ଜ ନେଇଥିବା ବିଷୟର ଥିଲା । ଏଥିର ସାହେବ ଜବାବ ଦେଇଅଛନ୍ତି ଯେ ଗୋଟିଏ ବଣିକାର ନିକଟ କର୍ଜ ଯୋଗା ଦେବା ନିମିତ୍ତ ସେ ବାଧ୍ୟ ହୋଇ କେତେକ ଟଙ୍କା କର୍ଜ କରିଥିଲେ ମାତ୍ର ଫେରିଆସି ତାହା ସମୁଦାୟ ପରିଶୋଧ କରିଅଛନ୍ତି । କୌଣସି କର୍ମଚାରୀଠାରୁ ସେ ଟଙ୍କା କର୍ଜ କରି ନାହାନ୍ତି । ବର୍ତ୍ତମାନ ସାକ୍ଷିମାନଙ୍କର ଜୋବାନବନ୍ଦୀ ହେଉଅଛି ।

ମେଦନୀପୁରର ନାନାସ୍ଥାନରେ ଦୁଃଖ ପଡ଼ିଥିବାରୁ ତହିଁର ସାହାଯ୍ୟ ନିମିତ୍ତ ଗୋଟିଏ କମିଟୀ ବସିଅଛି ଏବଂ ବଙ୍ଗଳାର ଦୁଃଖନିବାରଣୀ ସଭା ଉକ୍ତ କମିଟୀକୁ ଏକହଜାର ଟଙ୍କା ଦାନ କରିଅଛନ୍ତି ।

ଇଉନାଇଟେଡ ଷ୍ଟେଟ୍ସରେ କଲମ୍ବିୟାରେ ୧୫୧୦୦ ଖଣ୍ଡ ସାମୟିକ ପତ୍ର ପ୍ରକାଶିତ ହୁଏ ଯେ ତହିଁମଧ୍ୟରେ ୧୬୦୦ ଖଣ୍ଡ ଦୈନିକ ଏବଂ ତହିଁରୁ ଦୈନିକ ସମ୍ବାଦପତ୍ର ସର୍ବାପେକ୍ଷା ଅଧିକ ପ୍ରଚାର ତହିଁର ଛପାସଂଖ୍ୟା ୫୫୦୦୦ । ଇଂଲଣ୍ଡରେ ପ ୪୫୦୦ ଖଣ୍ଡ ସାମୟିକପତ୍ର ଅଛି ଯେ ତହିଁମଧ୍ୟରେ ୩୮୦୦ ଖଣ୍ଡ ଦୈନିକ ଓ ତହିଁମଧ୍ୟରେ ଟେଲିଗ୍ରାଫ ନାମକ ଦୈନିକ ସମ୍ବାଦପତ୍ର ପ୍ରତିଦିନ ଅଢ଼େଇଲକ୍ଷ ଛପା ହୁଏ । ଲେଡ଼ିନ୍ସୁଜ ଓ ଟାଇମସର ଛପାସଂଖ୍ୟା ଦଶାନ ଏକଲକ୍ଷ ଲେଖାଏଁ ଅଟଇ । ଇଂଲଣ୍ଡପର ଅନ୍ୟ କୌଣସି ସ୍ଥାନରେ କୌଣସି ଏକ ସମ୍ବାଦପତ୍ର ଏତେଅଧିକ ଛପା ହୁଏ ନାହିଁ ।

ନାଇନଟାଲର ଡାକଘରେ ଦୁଇଜଣ ସୁଶିକ୍ଷିତ ସ୍ତ୍ରୀ ତାରବାର୍ତ୍ତା କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ସ୍ତ୍ରୀମାନେ ଡାକଘରେ କର୍ମ ପାଇବାର ଏହି ପ୍ରଥମେ ବନ୍ଦୋବସ୍ତ ହେଲା ପରି ।

## କୁଜଙ୍ଗ—ସମ୍ବାଦ ।

ଅଳକୁ ପ୍ରାୟ ଏକମାସ ହେଲା ଏଠାରେ ବର୍ଷା ହୋଇ ନ ଥିବାରୁ ଚତୁର୍ଦ୍ଦିଗରେ ହା, ହା,କାର ରବ ପଡ଼ିଅଛି କେବଳ ଗତ ତା ୨୭ ଦିନରେ କିଞ୍ଚିତ ବୃଷ୍ଟି ହୋଇଥିଲେହେଁ ହା,ହା,କାର ରବ କମ ନାହିଁ । ଦୁର୍ଭିକ୍ଷ ହେବକି ?

ଶୁଣି ଦୁଃଖିତ ଅଛୁଁ ଯେ ଏଠାର ଷ୍ଟାମ୍ପ ମ୍ୟାନେଜର ବାବୁ ପେନସନ ନେଇ ଯାଉଅଛନ୍ତି ତାହାଙ୍କ କର୍ମରେ ଜୋର୍ଦ୍ଦାର ସବ୍ରୀ ପାଟ ମୁନସି ଦାଦରଙ୍କୁ ଅବୁଅଛନ୍ତି ।

ଏଠାରତହସିଲ ଅଫିସର ହେଡ୍‌କ୍ଲର୍କ ଓ ଏକାଉଣ୍ଟେଣ୍ଟ ପଦରେ କେବଳ ସତ୍ୟବାଦୀ ସବ୍‌ଡିଭିଜନର ୨ ସ୍ତ୍ରୀ ପୂର୍ବ ଶ୍ରୀ ବାବୁ ଗୌରଚରଣ ଦାସ ଅତି ବିଶେଷ ପରିଶ୍ରମ ଓ ଯତ୍ନର ସହିତ କର୍ମ କରୁଅଛନ୍ତି ।

ଗତ ତା ୨୭ ଦିନରେ ପୋଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଗସ୍ତରେ ଆସି ଏଠା ପୋଷ୍ଟାଫିସ ଦେଖି ବିଶେଷ ସନ୍ତୋଷ ଲାଭ କରି ଯାଇଅଛନ୍ତି ।

ଏଠାରେ ଡାକେଟିବାଠ ନଥିବାରୁ ଦେଶବାସୀଙ୍କ ପକ୍ଷେ ବିଶେଷ ଅସୁବିଧା ଓ କଷ୍ଟଜନକ ହେଉଅଛି ଯଥା କରି ନୂତନ ମ୍ୟାନେଜରଙ୍କଦ୍ୱାରା ଏହା ନିରାକରଣ ହୋଇପାରିବ ।

## ଧର୍ମପ୍ରେରକଙ୍କ ପ୍ରତି ।

U. H. Somaj Parla khimidy—Informs Inquisitive man that he would get the desired information if he applied to the President and secretary if the same Somaj instead of rushing into newspaper correspondence.

ଶ୍ରୀରାମଚନ୍ଦ୍ର ସ୍ୱାମୀଧିକାରୀ—ସମ୍ବଲପୁର ଅଞ୍ଚଳରେ ବିଶେଷ ଯୋଗ ମାଡ଼ ଧାନକ୍ଷେତସବୁ ନଷ୍ଟ କରୁଥିବାବିଷୟ ଏବଂ କୃଷିପରିବାରମାନେ ଉପାୟ କଲେ ଯୋଗ ମରିଯିବା ବିଷୟ ପଦ୍ୟରେ ବର୍ଣ୍ଣନା କରିଅଛନ୍ତି । ସ୍ଥାନାଭାବରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଶ୍ରୀଭଗବାନଚନ୍ଦ୍ର ବଡ଼ଗଡ଼—କପାଳ ବଡ଼ କ ଉଦ୍‌ଯୋଗ ବଡ଼ ଏଥିର କବିତା ନିମିତ୍ତ ସ୍ଥାନ ଯୋଗାଇବାକୁ ଅକ୍ଷମ ଓ ତାହା ସମ୍ବାଦପତ୍ରର ବିଷୟ ନୁହଇ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ,

ପୂଜ୍ୟ ବିଦ୍ୟାବାରିଧି ନୀଳକଣ୍ଠ ପଣ୍ଡିତ ସମ୍ପାଦକ ମହାଶୟ ଗତ ଦୀପିକାରେ ପ୍ରାୟ ପଞ୍ଚାଂଶତସଂଖ୍ୟକ ପଣ୍ଡିତମାନଙ୍କ ଏକତ୍ରିତ କରି କାଳୀଘାଟ, ମୁଣ୍ଡମୁସାଳପ୍ରଭୃତି ଧର୍ମଶାସ୍ତ୍ରମାନଙ୍କ ପର୍ଯ୍ୟାଲୋଚନା ସହକାରେ ଗତ ମହାଷ୍ଟମୀ ବଳିଦାନ ଓ କ୍ରିଡ଼ନପୂଜାର ଯେଉଁ ବିଧିମାନ ଧାର୍ଯ୍ୟ କରି ପ୍ରକାଶ କରିଥିଲେ ସେ ସମ୍ବନ୍ଧରେ ଆମ୍ଭମାନଙ୍କର ଯାହା ବକ୍ତବ୍ୟ ଥିଲା, ଦୀପିକା

Digitized by srujanika@gmail.com

Split by PDF Splitter



ଦୁଇସପ୍ତାହ ପାଠକମାନଙ୍କଠାରୁ ବିଦାୟ ଗ୍ରହଣ କରିଥିବାରୁ ସେ ବିଷୟରେ ଅଗତ୍ୟା ଆମ୍ଭମାନଙ୍କୁ ନୀରବ ହେବାକୁ ହୋଇଥିଲା । ବର୍ତ୍ତମାନ ସାଧାରଣଙ୍କ ଜାଣିବା କାରଣ ପ୍ରକାଶ କଲୁଁ ।

ପଣ୍ଡିତମାନେ, ଗୁରୁବାର ସପ୍ତମୀ ଦଣ୍ଡ ୫୭।-୧୦ ଥିବା ସ୍ଥଳେ ଅଷ୍ଟମୀବିହିତ ପୂଜା ଓ ବଳିଦାନ କିପରି ନିଷେଧ କଲେ ? ତାହା ନିଷେଧ କଲେ କେଉଁଦିନ ଅଷ୍ଟମୀ କାର୍ଯ୍ୟ କରାଯିବ ଓ ବଳିଦାନର କେଉଁ ସମୟ ଶାସ୍ତ୍ରାନୁମୋଦିତ ? ଏହିବିଷୟରେ ସେମାନେ କଣ୍ଠମାତ୍ର ଅର୍ଥବୋଧ ବା ଯୁକ୍ତି ଦର୍ଶାଇ ନାହାନ୍ତି । ଆଉ ମଧ୍ୟ ସାମିଷ ବିଲ୍ୱପୂଜା ବୁଧବାର ଷଷ୍ଠୀଠାରୁ ଓ ପତ୍ରିକାପ୍ରବେଶ ଗୁରୁବାରଠାରୁ ଆରମ୍ଭ ହେବ ବୋଲି ଯାହା ଲେଖିଅଛନ୍ତି ଅମ୍ଭେମାନେ ପଚାରୁଁ ଏହା କେଉଁ ଶାସ୍ତ୍ରରୁ ସେମାନେ ପାଇଲେ ? ଏପରିସ୍ଥଳେ କେବଳ ପୁଣ୍ୟକ୍ଷେତ୍ର ଓ ମହନ୍ତଲୋକମାନଙ୍କ ନାମ ନେଇ ସମ୍ପାଦକ ମହାଶୟ ଯେଉଁ ଆଦେଶ ପ୍ରେରଣ କରିଅଛନ୍ତି ତାହା ସର୍ବସମ୍ମତ ହେଉ ନାହିଁ । ଅମ୍ଭେମାନେ ଗଦାଧରପଦ୍ଧତି, ପଣ୍ଡିତସର୍ବସ୍ୱ ଓ କାଳନିର୍ଣ୍ଣୟ ପ୍ରଭୃତି ଧର୍ମଶାସ୍ତ୍ର ଆଲୋଚନା କରି, ବଳିଦାନଂ ଭଦ୍ରୋବଦ୍ୟ ଦର୍ଦ୍ଧଗ୍ରହଂ ନ ନ୍ୟସ୍ୟତଃ; ଏପ୍ରକାର ବାଚସ୍ପତିଙ୍କ ବଚନାନୁସାରେ ବଳିଦାନର ଅର୍ଦ୍ଧରାତ୍ର ନିରୂପିତ କାଳ ବୋଲି ସ୍ଥିର କରିଅଛୁଁ । ମଧ୍ୟ ଭଗବତୀ ଦୁର୍ଗାଷ୍ଟମୀରେ ଯେପରି ଶ୍ରୀହରିଙ୍କର ଅର୍ଦ୍ଧରାତ୍ର ନ ଅତିକ୍ରମ ହେବାରୁ ଅର୍ଦ୍ଧରାତ୍ର ସେତ୍ପରି ଅନୁଷ୍ଠାନକାଳ, ସେହିପରି ଜଗଦ୍ଦେବୀଙ୍କର ଜାଗୃତି ହେବାରୁ ଅର୍ଦ୍ଧରାତ୍ର ଧର୍ମକାଳ । ଉପରଲିଖିତ ସ୍ମୃତିକାରମାନେ ଉକ୍ତ ବାକ୍ୟ ଓ ଯୁକ୍ତି ଅନୁସାରେ ସ୍ଥିର କରିଅଛନ୍ତି ଯେ, ତିଥି ଦ୍ୱୈଧ ହେଲେ ଯେଉଁଦିନ ଅଷ୍ଟମୀ ଧର୍ମକାଳକୁ ପ୍ରାପ୍ତ ହେବ ସେହିଦିନ ବଳିଦାନାଦି କରାଯିବ, ଉଭୟଦିନକୁ ପ୍ରାପ୍ତ ହେଲେ ପୂର୍ବଦିନ ଓ ଦୁଇଦିନକୁ ନ ପାଇଲେ ସଙ୍କଳ୍ପକାଳ ବ୍ୟାପକରୁ ପରଦିନ କରାଯିବ । ମଧ୍ୟ ଦେବୀଙ୍କର ଷୋଡ଼ଶୋପଚାର ପୂଜା ମୁଖ୍ୟପକ୍ଷ ଏହି ପୂଜା ତିଥିକ୍ଷୟ ନ ହେଲେ ପଞ୍ଚଦଣ୍ଡ ବା ସପ୍ତଦଣ୍ଡ ପର୍ଯ୍ୟନ୍ତ ହେବା ସମସ୍ତଙ୍କର ଅନୁମୋଦନୀୟ ଏବଂ ଶାସ୍ତ୍ରୀୟ । ଏଥିରୁ ଏବର୍ଷ ଦୁର୍ଗାଷ୍ଟମୀ ଶୁକ୍ରବାର ହୋଇଥିବାରୁ ଗୁରୁବାର ମହାଷ୍ଟମୀ ହେଲେ ଚତୁର୍ଦ୍ଦଶୀବିଦ୍ଧ ପୂଜା ହେଉଅଛି । ଅତଏବ ଶୁକ୍ରବାର ମହାଷ୍ଟମୀ ସର୍ବସଂସ୍ମତ । ଏବଂ ବିଲ୍ୱନପୂଜା, ତୃଣ ପ୍ରପୂଜ୍ୟେତ୍ ଦେଶଂ ସପ୍ତମ୍ୟାଦ ଦିନତ୍ରୟଂ, ଏତାଦୃଶ ଅର୍ଥବଚନବଳରେ ଗୁରୁବାର ସପ୍ତମୀଠାରୁ ଆରମ୍ଭ ହେବା କର୍ତ୍ତବ୍ୟ । ଯାହା ହେଉ ଶେଷରେ ଅମ୍ଭମାନଙ୍କର ଏହିକି ମାତ୍ର ଅନୁରୋଧ ଯେ, ସରଳମତି ପଣ୍ଡିତମାନେ ପକ୍ଷପାତ ତ୍ୟାଗ କରି ଏବଂ ଗର୍ବାନ୍ୱିତ ନ ହୋଇ କେଉଁଶାସ୍ତ୍ରର କେଉଁ ବାକ୍ୟାନୁସାରେ ଗୁରୁବାର ଅଷ୍ଟମୀପୂଜା ଓ ବୁଧବାର ବିଲ୍ୱନପୂଜା ନିର୍ଦ୍ଦେଶ କରିଅଛନ୍ତି ଅନୁଗ୍ରହ କରି ଦୀପିକାରେ ପ୍ରକାଶ କଲେ ଚରିତାର୍ଥ ହେବୁଁ । ଇତି ।

| | |
|---|---|
| ନମାପଡ଼ା | ବଶମ୍ବଦ |
| | ଶ୍ରୀଜଗନ୍ନାଥ ରଥଶର୍ମା |
| | ଶ୍ରୀମୃତ୍ୟୁଞ୍ଜୟ ମିଶ୍ର ଶର୍ମା |
| | ଶ୍ରୀବସନ୍ତ ମହାପାତ୍ର ଶର୍ମା |
| ୨୨।୧୦।୮୮ | ଶ୍ରୀମହେଶ୍ୱର ମହାପାତ୍ରଶର୍ମା |
| | ଶ୍ରୀବଳଭଦ୍ର ମିଶ୍ର ଶର୍ମା |

---

ମହାଶୟ !

ଅମ୍ଭର ଏହି କେତେକ ପଂକ୍ତିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନ କରି ଚରିତାର୍ଥ କରିବା ହେବେ ।

ମହାଶୟ !

ଅମ୍ଭେ ଏକଦିନ ଦେଖିଲୁଁ ଯେ କେତେଗୋଟି ମଧ୍ୟମଶ୍ରେଣୀସ୍ଥ ବିଦ୍ୟାଳୟର ଛାତ୍ର ଏକସ୍ଥାନରେ ବସି ପାଠାଭ୍ୟାସ କରୁଅଛନ୍ତି, ଅମ୍ଭେ ପଚାରିଲୁଁ ତୁମ୍ଭେ କି କି ସାହିତ୍ୟ ଅଧ୍ୟୟନ କରୁଅଛ ଅମ୍ଭକୁ କହି ଶୁଣାଇବ, ଅନନ୍ତର ସେମାନେ ପ୍ରବନ୍ଧମାଳାରୁ ନିଉଟନଙ୍କ ବୃତ୍ତାନ୍ତ ଓ କବିତାବଳୀରୁ କେତେକଠାରୁ ପାଠ କଲେ ଅମ୍ଭେ ଶୁଣିଥିଲୁଁ ଏହି ଦୁଇ ଗ୍ରନ୍ଥ ବର୍ତ୍ତମାନ ସର୍ବୋତ୍କୃଷ୍ଟ ହୋଇଅଛି, କିନ୍ତୁ ଦେଖିବାରେ ଏଥିରେ ବାହ୍ୟାଡ଼ମ୍ବରହିଁ ସାର, ଏଥିରେ ଯେ କେତେ ଅସଙ୍ଗତ ଅଛି ତାହା କି ଲେଖିବ, ପ୍ରବନ୍ଧମାଳାରେ ଗ୍ରନ୍ଥକର୍ତ୍ତା କେବଳ ସଂସ୍କୃତ ପଦ ପ୍ରୟୋଗ କରିବାରେ ବ୍ୟସ୍ତ ହୋଇ କର୍କଶ ଓ ଅପ୍ରଚଳିତ ଅଭିଧାନର ପଦ ଏତେ ପ୍ରୟୋଗ କରିଅଛନ୍ତି ଯେ ଗ୍ରନ୍ଥ ଶ୍ରୁତିକଟୁତା ଓ ଅପ୍ରଯୁକ୍ତତା ଦୋଷରେ ପରିପୂର୍ଣ୍ଣ ହୋଇଅଛି, ଆଉ ସେ ଶବ୍ଦମାନଙ୍କ ସର୍ବାର୍ଥ ବିଷ ସେ ପଙ୍କରେ ଦୃଷ୍ଟି ନିକ୍ଷେପ କରି ନାହାନ୍ତି ଯଥା; "ନିଉଟନ ଜନ୍ମପରିଗ୍ରହ କରିଥିଲେ" ଏଥିରେ "ଜନ୍ମୋଜନନ ଜନ୍ମାନ ଜନିରୁତ୍ପତ୍ତିରୁଦ୍ଭବଃ" ଇତ୍ୟମରଃ, ତାହା ହେଲେ ଯୁକ୍ତ ଶବ୍ଦପ୍ରୟୋଗବିଶିଷ୍ଟ ନାମ କନ୍ୟ କନ୍ୟ କେବଳ ଗୋଟିଏ କ୍ରିୟାପଦ ସେ ଲକ୍ଷ୍ୟ ଧ୍ୱଂସି, ପରିଗ୍ରହ ଶବ୍ଦର ଶବ୍ଦାର୍ଥ ଜଡ଼ପଦାର୍ଥକୁ ସର୍ବତୋଭାବରେ ବସ୍ତୁ ସ୍ୱୀକରଣ, ଅତଏବ, ଜନ୍ମପରିଗ୍ରହ ହୋଇ ପାରେନ୍ତି ? । ତାହା ହେଲେ ଏ ଗ୍ରନ୍ଥ ପଢ଼ି ଯେଉଁ ଛାତ୍ରମାନେ ବ୍ୟୁତ୍ପତ୍ତି ଲାଭ କରିବେ ସେମାନେ ମୃତ୍ୟୁ ପରିଗ୍ରହ କଲେ, ଗ୍ରେଜନ ପରିଗ୍ରହ କଲେ, ଏପରି ଚାହିଁକି ନ ଲେଖିବେ । ଅନ୍ୟତ୍ର ଲେଖିଛନ୍ତି " ବୃତ୍ତି ସମ୍ପାଦନ କରୁଥିଲେ " " ବୃତ୍ତି ବର୍ତ୍ତନ ଜୀବନେ " ଇତ୍ୟମରଃ; ସମ୍ପାଦନ ଶବ୍ଦର ଶବ୍ଦାର୍ଥ କେତେକଗୁଡ଼ିଏ ଜଡ଼ପଦାର୍ଥ ଏକତ୍ର ସଂଗ୍ରହ କରିବା କେତେକେ ବୃତ୍ତି ସଂଗ୍ରହ ହୋଇ ପାରେନ୍ତିକି ? । ଅନ୍ୟତ୍ର ଲେଖିଅଛନ୍ତି " ସମସ୍ତ କଷ୍ଟଭଙ୍ଗ ଛିନ୍ନକରିଦେଇ ପ୍ରତିଗତ ହେଲ " "ଖରବାଳୀ" "ଗରେଭ୍ରକରଣୀୟ" ଏ ସବୁ କର୍କଶ ଶବ୍ଦ ଲେଖିବାର ଅର୍ଥ କଣ ? ଅନ୍ୟତ୍ର ଲେଖିଅଛନ୍ତି "କଶୋରାବସ୍ଥାରେ ପିତୃହୀନ ହେବାରୁ ନିଉଟନଙ୍କୁ ସ୍ତ୍ରୀପୁଂ ଜନନୀସମୀପରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବାକୁ ହୋଇଥିଲା, ଦ୍ୱାଦଶ ବର୍ଷ ବୟଃକ୍ରମକାଳରେ ନିଉଟନ ଗ୍ରାନ୍ଥାମ୍ ନଗରସ୍ଥ ପାଠଶାଳାକୁ ପ୍ରେରିତ ହେଲେ " ମହାଶୟ ! "କୌମାରଂ ପଞ୍ଚମାବ୍ଦାନ୍ତଂ ପୌଗଣ୍ଡଂ ଦଶମାବଧି, କୈଶୋରମାପଞ୍ଚଦଶାଦ୍ ଯୌବନନ୍ତୁ ତତଃ ପରଂ " ଇତି ସ୍ମୃତଃ, ଏକାଦଶ ବର୍ଷଠାରୁ ପଞ୍ଚଦଶ ବର୍ଷପର୍ଯ୍ୟନ୍ତ କଶୋରାବସ୍ଥା—ତାହା ହେଲେ କଶୋରାବସ୍ଥାରେ ମାତାଙ୍କଠାରେ ପଢ଼ି ଦ୍ୱାଦଶବର୍ଷରେ ଗ୍ରାନ୍ଥାମନଗରସ୍ଥ ପାଠଶାଳାକୁ ପ୍ରେରିତ ହେଲେ ଏ କେତେ ଦୂର ଅସଙ୍ଗତ ଲେଖା ଦେଖନ୍ତୁ ।

ଆଉ କବିତାବଳୀରେ ଯଥା; " ତଥାପିର ବାଣୀ ବିଶ୍ୱବିମୋହନ, ଷଣ୍ଡ ଚୋଟ ପଶ ସୁନ୍ଦର କାରଣୀ, ଚିଦାନନ୍ଦମୟୀ, ଅରୂପଧାରିଣୀ ଭିନ୍ନ ଜଗତର ସୃଷ୍ଟି ପ୍ରକାଶିନୀ" ଏ ପଦମାନେ ତାହାର ଲକ୍ଷଣ, ଯେବେ ବୋଲ ତଥାପିର ବାଣୀ ସେ ଚିଦାନନ୍ଦମୟୀ କି ତଥାପି ଚିଦାନନ୍ଦମୟ, ତଥାପିଙ୍କର ବାଣୀ ବିଶ୍ୱବିମୋହିନୀ, କି ତାଙ୍କର ମାୟା ବିଶ୍ୱବିମୋହନୀ ? ତଥାପି ସୃଷ୍ଟିପ୍ରକାଶକ, କି ତାଙ୍କର ବାଣୀ ସୃଷ୍ଟିପ୍ରକାଶିନୀ ? ବାଣୀ ଜଡ଼ ଓ ଶବ୍ଦଲକ୍ଷଣଧର୍ମୀ ତାହାର କି ଏହା ସବୁ କରିବାର ସମର୍ଥ ଅଛି; କେଉଁ ଦର୍ଶନଶାସ୍ତ୍ରରେ ଏହାର ପ୍ରମାଣ ଅଛି ? । ପୁନଶ୍ଚ "ଶରତ୍ସ୍ତ୍ରୀବାଳେ ଭଗବଦ୍ଦେବେ, ଅବତୀର୍ଣ୍ଣ ହୋଇ ଅମରଦେଶେ, ହେମଦଳାଶନେ,

Digitized by srujanika@gmail.com

କରି ସ୍ୱରଗଣେ, କ୍ଷେପିଲେ ଲୁପ୍ତମ ଅବକା-
ଶେଷେ, ତାପିଲ ଶୋ ତନୁ ତନ୍ତୁ କଷେଷେ" ଏହାର ଅନ୍ୱୟ ଓ ଅର୍ଥ କପର । ଅଉ ଏ ଦୁଇଗ୍ରନ୍ଥରେ ଯେ ଅଳଙ୍କାରର କେତେ ଦୋଷ ଅଛି ତାହା ଲୁହାଯାଇ ନ ପାରେ ଯେବେ ମହାଶୟ ଅନୁଗ୍ରହ କରିବେ ତେବେ ଅମ୍ଭେ ଏ ଦୁଇଗ୍ରନ୍ଥଙ୍କୁ ଅରେ ଅଲୋଚନା କରିବୁ ଇତି ।

ଆପଣଙ୍କର ବଶମ୍ବଦ
ଶ୍ରୀ ଜ

ଅନୁଗୁଳ ଦୁର୍ଭିକ୍ଷନିବାରଣୀସଭାର ସାହାଯ୍ୟାର୍ଥେ ନିମ୍ନଲିଖିତ ବ୍ୟକ୍ତିମାନେ ଗତ ପ୍ରକାଶିତ ହିସାବ ଭିନ୍ନ ଯେଉଁ ଚାନ୍ଦା ପ୍ରଦାନ କରିଥିବାର କୃତଜ୍ଞତା-ସହିତ ସ୍ୱୀକାର କରୁଅଛୁଁ ।

ବାବୁ ଗୋବିନ୍ଦବଲ୍ଲଭ ଦେ ଅନୁଗୁଳ ଟ ୧୮
" ଚତୁର୍ଭୁଜ ପଟ୍ଟନାୟକ " ଟ ୦୫
" ଗୌରାଙ୍ଗପଟ୍ଟନାୟକ " ଟ ୨୮
" ବୈକୁଣ୍ଠଗଡ଼ନାୟକ " ଟ ୧୮
" ଅଚ୍ୟୁତ ବାରିକରଣ ରାୟ " ଟ ୨୮
" ଗୋବର୍ଦ୍ଧନ ଘୋଷାଲ
ଦେୱାନ ହିନ୍ଦୋଳ ଟ ୧୮
" ଫକୀରମୋହନ ସେନାପତି
ଦେୱାନ କେନ୍ଦୁଝର ଟ ୨୮
ମୁନ୍‌ସି ସେଖ ଖୋଦାବକ୍ସ ଅନୁଗୁଳ ଟ ୧୮
ବାବୁ ଛକୁଲାଲ ସରକାର " ଟ ୧୮
" କୈଳାସଚନ୍ଦ୍ର ସରକାର " ଟ ୦୫
" ଗୌରୀଶଙ୍କର ରାୟ କଟକ ଟ ୧୦୮
" ଯଦୁନାଥ ଦେବ ଅନୁଗୁଳ ଟ ୧୮
" ସାଉ ସୂର୍ଯ୍ୟମଲ ମାରୱାଡ଼ି " ଟ ୧୮
" କାଶୀନାଥ ପଟ୍ଟନାୟକ " ଟ ୦୫
" ମୁକୁନ୍ଦ ସାହୁ " ଟ ୦୫
" ମୁକୁନ୍ଦ ସେଠ " ଟ ୦୫
" ଗୋପେଶ୍ୱର ତ୍ରିପାଠୀ " ଟ ୧୮
ତାଉଜିଡାକ୍ତରୀ ସେଟେଲମେଣ୍ଟ ଅଫିସ କର୍ମଚାରୀଙ୍କଠାରୁ ଚାନ୍ଦା ସଂଗ୍ରହ କରି ପଠାଇଥିବା ଶ୍ରୀଯୁତ ବାବୁ ଚନ୍ଦ୍ରଚୂଡ଼ ସରକାରଙ୍କ } ମୟୂରଭଞ୍ଜ ଟ ୧୨୶
ବାବୁ ଅଶାରାମ ମାରୱାଡ଼ି
ମାସିକ ଅନୁଗୁଳ ଟ ୦୫

୨୮।୧୦।୮୮
ଅନୁଗୁଳ ଦୁର୍ଭିକ୍ଷନିବାରଣୀସଭା ଫୁରଣାଗଡ଼ } ଶ୍ରୀ ଚକ୍ରପାଣି ପଟ୍ଟନାୟକ ସମ୍ପାଦକ,


# ବିଜ୍ଞାପନ ।

## କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉକ୍ତକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନିଙ୍କ ଦୋକାନରେ, ଉତ୍କଳଅପ୍ରେସରେ ଓ ବାବୁ ରାମପ୍ରସାଦ ମୁଖୋପାଧ୍ୟାୟଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

## TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା କପରି ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ଖାର ପୁସ୍ତକ ମୂଲ୍ୟ ଟ ୦।୶ କଲିକତା ଓଲଡ଼ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବ ।

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦୶ ପଡ଼ିବ ।

## ସଚିତ୍ର ଚିଠିର କାଗଜ

ଚିଠି ଲେଖିବାର ଏପରି କାଗଜ ଓଡ଼ିଶାରେ ଏହି ନୂତନ । ପ୍ରତ୍ୟେକ କାଗଜରେ ହିନ୍ଦୁ-ଦେବଦେବୀ ଅର୍ଥାତ ରାଧାକୃଷ୍ଣ, ଜଗନ୍ନାଥ, ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ପ୍ରତିମୂର୍ତ୍ତିମଧ୍ୟରୁ ଗୋଟିଏ ଲେଖାଏ ଓ ତହିଁତଳେ ତାଙ୍କର ବନ୍ଦନା ସଂସ୍କୃତଶ୍ଳୋକରେ ଦିଆ ଯାଇଅଛି ଯାହା ନ ପତ୍ର ଆରମ୍ଭରେ ଲେଖିବା ବିଧେୟ । ଅଉ ମଧ୍ୟ ଗୋଟିଏ ପକ୍ଷୀ ପତ୍ର ଯେନ ଉତ ଯାଉଅଛି ତାହା ତଳେ ଗୋଟିଏ କବିତା ଅବଲମ୍ବେ ଅଛିର ଅନେକ ପ୍ରକାର କାଗଜ ବାହାରୁଅଛି । ମୂଲ୍ୟ ୧୦୦ ରୁ ଟ ୦।୴; ପଇସାରେ ଦୁଇଖଣ୍ଡ ; " କଟକ ପ୍ରିଣ୍ଟିଂକୋମ୍ପାନୀର ସେକ୍ରେଟରୀ " ଙ୍କ ନିକଟରେ ପ୍ରାପ୍ତବ୍ୟ ।

## ମେହରୋଗ ।

୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନାର୍ଦ୍ଧ ରୋଗ ଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହ ରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଆମ୍ଭର ବିଜ୍ଞାପନରେ ପ୍ରତାରଣା ନ ହେଲେ ଅଛି ପର ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅପ୍ପରଚିତପୁର ୬ ନମ୍ବର ଭବନରେ ଏ, କେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ ୨। ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍ ।

ଆମ୍ଭର ଚାନ୍ଦିନୀଚୌକଜାର ସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟା ବିକ୍ରୀ ସର୍ବଦା ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଗହଳ ଇତ୍ୟାଦି କିଛି ବଜାରପ୍ରାୟ ମିଶ୍ରିତ ନାହିଁ ଅଉ ଯାହାଙ୍କର ବୃହତ କର୍ମ ପାଇଁ ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ତିଆର କରିଦେବୁଁ (ଫଲେଇ ପରିଚୀୟରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୧୧।୮୮
କଟକ } ଶ୍ରୀ ଅରିତବଲ୍ଲଭଳାଲ ।


## ଶିକ୍ଷୟିତ୍ରୀ ପଠିତବ୍ୟଂ

କଟକଜିଲ୍ଲାଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିବର ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ତତ୍ତ୍ୱାବଧାନରେ

Split by PDF Splitter

Digitized by srujanika@gmail.com

ଅନେକାନେକ ଶୂଳବ୍ୟାଧି ରୋଗୀ ଓ ଡାକ୍ତର ଓ କବିରାଜଙ୍କଦ୍ୱାରା ରୋଗୀ ଆରୋଗ୍ୟ ନହୋଇ ଅଛନ୍ତି । ତାହାଙ୍କ ନିର୍ମିତ ଓଲାଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା ବର୍ଷମଧ୍ୟେ ସେବନ କଲେ କାଳର ହସ୍ତରୁ ନିସ୍ତାର ପାଇବେ । ତାହାଙ୍କ ନିର୍ମିତ ହେମାଦ୍ରି ବଟୀ ନାମକ ଜ୍ୱରହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ର ବଡ଼ପଣ୍ଡାଙ୍କର ଗୃହଲୋକଙ୍କ ଜ୍ୱରରୋଗମଧ୍ୟରୁ କେହି ମା ୭ ସ, କେହିବା ମା ୫ ସ, କେହି ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହି ୬ ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାଶୟ କଲେ ବୈଦ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲାଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାଧି, ଡାକ୍ତର ଓ କବିରାଜଙ୍କଦ୍ୱାରା ଏବଂ କଣାଗ୍ରନ-ସ୍ନାଣଗତ ମୂର୍ଚ୍ଛାନ୍ତ ରୋଗିଲୁ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯାଜପୁର, ବଦରଖ, ମାଣିକପଟ୍ଟଣା, ଅଷ୍ଟାପଦା, ଏଢମା, ମେଦନୀ-ପୁର, କୈନ୍ଦ, ବାଲିପଟ୍ଟଣା, ଚଣାହଟ୍ଟା, ଓ ଜମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେହ, ଅପସ୍ମାର, ଶୂଳ, ରକ୍ତଅତିସାର, ଓଲାଉଠା, ଅମାଶୟ, ମେଲେରିଅଜ୍ୱର, ସର୍ଦ୍ଦିକାଶଶ୍ଲେଷ୍ମଜ୍ୱର, ଚତୁର୍ଥିକଜ୍ୱର, ପାଳିଜ୍ୱର, ଦାଦୁ, କାଛୁଆଣ୍ଟି, ଗ୍ରହଣୀ, ଅର୍ଶଗ୍ରନ୍ଥି, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଚିକିତ୍ସାରେ ନୈରାଶ୍ୟ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷୀମାନେ ସ୍ୱୟଂ ଆସି ବା ଡାକଟିକଟ-ସହ ପତ୍ର ଲେଖିଲେ ଆଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

## ବିଜ୍ଞାପନ ।

ଭଲଭଲିଆ ଶସ୍ତା ଦରରେ ଏହିକ ପତ୍ର ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଶେଖର କର୍ମକାରଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

୧୭ ପଟି ବାଲ ୦।୧୯ ୫ ୬୦ ୦ ୧୮ ୫ ୦ ୬୦
୧୮ ପଟି „ „ ୫ ୬୫ „ ୫ ୦ ୬୦
୧୯ ପଟି „ „ ୫ ୬୦ „ ୫ ୦ ୬
୨୨ ପଟି ଜବଲପୁରଷ୍ଟ୍ରେଟ „ ୫ ୬୦ „ ୫ ୦ ୬୦

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନରଖୋଣା ଓ ବିଲାତି ଓ ବେଲେସନୀଓଗେର ଲୁଗା ଓ ଷ୍ଟେସନେରୀ ଓ ନାନା ଜାତି ଜିନିଷ ସବୁଦିନେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦାନୀନ୍ତ ଅଭ୍ୟ କେତେକ ଫେସନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବହୁବିଧ ଜାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ନିକଟକୁ ପଠାଯିବ । ଯଦି ଉକ୍ତ ଜିନିଷମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଦରକାର ହେବ ତେବେ ଏକ ସ୍ୱତନ୍ତ୍ର ଫି ଶତ ୫୦୬ ହିସାବରେ କମିଶନ ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଓ ଯାତାୟାତର ଭାର ତାଙ୍କ ଉପରେ ଥିବ । ଖର୍ଚ୍ଚ ହେଲେ ଜିନିଷର ପରେ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ।

| | |
|---|---|
| ଉତ୍ତମ ରେଶମୀ ଓ ପଶମିଆ ଦରି ବେଲେ ଷ୍ଟଲ । | କପୂରି ଅର୍ଦ୍ଧ । |
| କଲେବଣାକ | ବ୍ଲୋକେଡାଇନ୍ । |
| ବଣ୍ଡେଶୀନ୍ ଦେଶ କଟକ ପେଣ୍ଡ ସାପା ଓ କୋଟ ସବୁତ । | ବାଡ ପିନ୍ସନ ଓ ବଡ଼ ରଙ୍ଗିନ ଓ ସାଦା ସଢ଼ୀ |
| ଭୁଜ ଅର୍ଥାତ୍ ଚକଣା ବଡ଼ବା ବାଙ୍କ ପେନ୍ସିଲ ଓ କଲମ । | ଜର୍ମ୍ମନ ପୁଲିଙ୍ଗସବୁ ଏକଫଳ ବୁସ |
| ସେପ୍ଟିଲ ଡାବ୍ବା ସବୁ । | ନେଲିପ୍ସନ ଝପୋଳ ସନ ବେଷନ ଅଏଲ |
| ନାନା ପ୍ରକାରର ଚିଠି କାଗଜ ଓ ଲଫାପା କେହି ବୁଷ | ଏ ଶୋଷକ ସବୁଦେଶ ବାନୀଶ ଓ ବୁରୁଷ । |
| ପିତ୍ତଳ ଛାଞ୍ଚ । | ସବୁଶା ଅବରୋଷ ଏକଡ ବାରଷ । |
| ରଙ୍ଗଶ ଷାବୁନ । | ଅଷ୍ଟନୋଟ ପେଞ୍ଜିଲ |
| ତାମାଖୁ ଖାଇବା ସଙ୍ଗେ ଲୁଗା ବନ୍ଧାଣ ହୁଏ । | ଥିବ ଏ ପେନ୍ସିଲରେ ଲେଡି ଲପେଟ ଥାଏ |
| ଅଷ୍ଟୋଲ ଲେଡ—ଅର୍ଥାତ୍ ସୁରଣୀଗୁଲି । | ଉପ ଉପାର ସେହି ପେନ୍ସିଲ ଲେଖା ପ୍ରଥମେ ରେଡ ଦଟାଇ |
| ଅବଲ ବୁଷ । | କେଶେ ହେବା ଯାହା |
| ଓଆଟର ପ୍ରୁଫ୍ ଛତା । | ଲ ଇଭେ । |
| ଗୋର୍ଡିଲ୍ଟନ ଓ ପିତ୍ତଳର କେଶର ମେନ ଓ ତରଚ ଭଲେ ସାଜ | ବଟେ ଓ ପାଇକବକୋଷ ପିତା |
| ଟିଫିନ୍ ଲାଠ ଅର୍ଥାତ୍ ଲେଡିମାନଙ୍କେ ସୁନ ଓ ସୁନିରେ ଭଲ ଥିବ । | ଦବରିଙ୍ଗ ରେଲକେ ଝଟ ଲାପରାଲ ଗାତ ମନ୍ଦାମା |
| ଶଗଳା ଖଡ୍ଗା | ରେଭ୍ଲ ଭ୍ଲ ଫେତିନ |
| ୧୨ × ୧୦ ଇଞ୍ଚ | ବଜାରୀ ଗାଡ଼ି ଓ ଘୋଡ଼ା ଓ ଜିନ |
| ୧୪ × ୧୨ ଇଞ୍ଚ | ମଚ୍ଛିଦାନୀଆ ଓ ଓଡ଼, |
| ୧୬ × ୧୪ „ | ପାଦ ପାଇପୋଷ ଓ ଶାଢ଼ୀ । |
| ମୋଜା ଓ ମୋଜାବନ୍ଧ | ହ୍ୱିସ୍କି ଭାଟ |
| ଗିଲ୍ଟିନ ଏଥ ତଳଙ୍ଗଟ୍ | ଏଭିମୋଷ ଅର୍ଥାତ୍ ଇଷ୍ଟାଟ୍ଟ ଲାଗାଇ ଥିବାର |
| ଚକଚ ସାନ୍ତୁନ ଛତା ଓ ସ୍ଟିକ | ଉପ୍ସର ବଚକା କମରେ |
| ଉଡେମେଷ୍ଟଷ୍ଟେକ । | ଦରକାର ହୁଏ । |

## ପିଚଗାର ।

ଏ ଯାବତ୍ କେହିଏଣି ଯାହରେ ରଖି କଥଁରେ ଭରିକାଲ ହୋପାଇଚର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ପଇରି ମଝି-ଅରେ ଲେପିଦେଲେ ମଞ୍ଜୁଳ ଓ ଭଲ ଧରିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର କାମ ମଧ୍ୟ ଅଛି ।

ଅରୁଣବହିତ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡିପ୍ରତି | ଟ ୦୬ |
| ଅଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଶର୍ତ୍ତ ଟ ୦୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳସେବା ଯନ୍ତ୍ରରେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଚୌଧୁରୀ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଶ
ସଂ ୪୩ ସଂଖ୍ୟା

ତା ୧୦ ଇଣ ମାହେ ନବମ୍ବର ସନ ୧୮୮୮ ଇଂରାଜୀ । ମୁ । କାର୍ତ୍ତିକ ତ ୨୭ ଶ ସନ ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩୲

ଏବର୍ଷ ପଯ୍ୟୃଅମାବାସ୍ୟାର ସ୍ନେହଲାଭ ଏ ନଗରରେ ନିତାନ୍ତ ସାମାନ୍ୟ ହୋଇଅଛି । ଖାଦ୍ୟର ଦୁର୍ମୂଲ୍ୟ ଏବଂ ତୋଫାନର ଆଶଙ୍କା ହେତୁ ଅନେକ ଲୋକ ଅନ୍ୟାନ୍ୟ ବର୍ଷପରି ସ୍ନେହଲାଭର ଆୟୋଜନ କଲେ ନାହିଁ ଏବଂ ଯାହା ହୋଇଥିଲା ମେଘୁଆପବନଯୋଗେ ଅଧୃ ହୋଇ ପାରିଲା ନାହିଁ ।

---

ମହାମାନ୍ୟ ବଡ଼ଲାଟ ବାହାଦୁର ଚଳିତମାସ ତା ୧୩ ରିଖରେ ସିମଲାଠାରୁ ଯାତ୍ରା କରି ଲାହୋର ପହଞ୍ଚିଲେ ଓ ଅଲିଗଡ଼ ରେଲବାଟେ ଭ୍ରମଣ କରି ସାହେବଗଞ୍ଜଠାରୁ ଜାହାଜରେ ନାରାୟଣଗଞ୍ଜକୁ ଏବଂ ସେଠାରୁ ପୁଣି ରେଲ-ବାଟରେ ଢାକାକୁ ଯିବେ । ଢାକାରୁ ଚଳିତ-ମାସ ତା ୨୮ ରିଖରେ ଯାତ୍ରା କରି ତା ୨୯ ରିଖ ଅପରାହ୍ନ ଘ ୫ ଟା ସମୟରେ କଲିକତାକୁ ଶୁଭାଗମନ କରିବେ ।

---

ସମ୍ପ୍ରତି ଜଣାଯାଇ ହୋଇଅଛି ଯେ ବଙ୍ଗଦେଶର ଲେପ୍ଟେନାଣ୍ଟ ଗଭର୍ଣ୍ଣର ସର ଷ୍ଟୁଆର୍ଟ ବେଲି ବାହାଦୁର ଗ୍ରନବାଲବାଟେ ଆଗାମି ଶୁକ୍ରବାର ସକାଳ ଘ ୫।୦ ଟା ସମୟରେ ଏନଗରରେ ବିଜେକମାନ ହେବେ ଏବଂ ତା ୧୭ ରିଖରେ ବାହାର କରିବେ । ଏଠାରେ ଶୁଭଦନ ରହିବାର କଥା । ଓଡ଼ିଶାର ଅନ୍ୟାନ୍ୟ ସ୍ଥାନ ଭ୍ରମଣର ଅନୁଷ୍ଠାନପତ୍ର ଅଚିରାତ୍ କଲିକତା-ଗେଜେଟରେ ବାହାରିବାର ସମ୍ଭାବନା ।

---

ତାକା ମିଉନିସିପାଲଟୀ ବିରୁଦ୍ଧରେ ହୋଇ-ଥିବା ମୋକଦମାର ଫଳ ଦେଖି ଆମ୍ଭେମାନେ ମନେ କରୁଥିଲୁଁ କି ଅନ୍ୟାନ୍ୟ ମିଉନିସିପାଲଟୀ-ମାନେ ସାବଧାନ ହେବେ । ମାତ୍ର ପୁରୀ ମିଉନି-ସିପାଲଟୀ ତହିଁରେ ଭ୍ରୂକ୍ଷେପ ନ କରି ମାନ୍ୟ-ବର ଟ୍ରେଜଲର ବାହାଦୁରଙ୍କ ଅଭ୍ୟର୍ଥନାର୍-ଥାଶେ ଟ ୨୦୦୲ ଙ୍କା ବ୍ୟୟ କରିବାର ସ୍ଥିର କରିଅଛନ୍ତି । ଏଠାରେ କେହି ଶିକ୍ଷାଦେବାର ଲୋକ ନାହିଁ ବୋଲି ଏ ସାହସ ହୋଇ-ଅଛିପରି ।

---

ଜଙ୍ଗଲି ପଶୁପକ୍ଷି ରକ୍ଷାବିଷୟକ ଅଇନାନୁ-ସାରେ ଏଠା ପଲଟିକଲ କମାଣ୍ଡିଂ ଅଫିସର କେତେଗୁଡ଼ିଏ ନିୟମ କରି ଓଡ଼ିଆଗେଜେଟରେ ବିଜ୍ଞାପନ ଦେଇଅଛନ୍ତି ଯେ ଉକ୍ତ ନିୟମ ବିରୁଦ୍ଧ-ରେ କାହାର ଆପତ୍ତି ଥିଲେ ଚଳିତ ମାସ ତା ୮ ରିଖଠାରୁ ଦ ୧୫ ନ ମଧ୍ୟରେ ତାହା ଜିଲ୍ଲା ସାହେବଙ୍କ ନିକଟକୁ ଲେଖି ପଠାଇବେ ତହିଁଉତ୍ତାରୁ କାହାର ଆବେଦନପତ୍ର ଗୃହୀତ ହେବ ନାହିଁ । ଏ ବିଜ୍ଞାପନ ଏବଂ ଏଥି ସମ୍ପର୍କିତ ନିୟମାବଳୀ ଓଡ଼ିଆଭାଷାରେ ପ୍ରକାଶ କରୁ-ଥିଲେ ଭଲ ହୋଇଥାନ୍ତା । ଓଡ଼ିଆଗେଜେଟ ଓ ଇଂରାଜୀଭାଷା ଉଭୟ ଏଠା କାଣ୍ଟେନମେଣ୍ଟ-ର ଅଧିକାଂଶ ଲୋକଙ୍କଠାରେ ଅପରିଚିତ ।

---

ଏବର୍ଷର ବର୍ଷାଋତୁକୁ ବଡ଼ ସଙ୍କଟକୁ ବୋଲି-ବାକୁ ହେବ ଅଥବା ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଧର୍ମବଳ ଅଧିକ ହେବାରୁ ହେତାଖରାର ଇନ୍ଦ୍ର-ଦେବ ତହିଁର ସମ୍ପୂର୍ଣ୍ଣ ପୋଷକତା କଲେ । ଯେହେତୁ ଦଶହରା ପରଠାରୁ ପଯ୍ୟା ଅମା-ବାସ୍ୟା ପର୍ଯ୍ୟନ୍ତ ବୃଷ୍ଟି ନ ହେବାରୁ ଲୋକେ ବ୍ୟାକୁଳିତ ହୋଇ ଯେତେ ଜମିରେ ଜାଲରୁ ଜଳ ମଡ଼ା ଯାଇପାରେ ପ୍ରାୟ ସେ ସମସ୍ତ-ସକାଶେ ଜଳର କରନ୍ଦ୍ରିତ ଦେବାକୁ ବାଧ୍ୟ ହେଲେ । ନାଳକର୍ମଚାରୀମାନେ ଏଥର ପାଞ୍ଚ-ବର୍ଷକୁ ବାଚିଲେ । ଓଡ଼ିଶାରେ ପ୍ରାୟ ଏପରି ନାଳଜଳ କବୁଲିୟତ ହେବେ ହୋଇ ନାହିଁ । ବର୍ତ୍ତମାନ ବୃଷ୍ଟି ହେବାରୁ ଅନେକଲୋକ ଅନୁ-ତାପ କରୁଅଛନ୍ତି ଓ ପାଞ୍ଚବର୍ଷର ନିମନ୍ତେ ନିମିତ୍ତ କବୁଲିୟତ ନ ଦେବାର ଓ ଅବଶ୍ୟକ-ମତେ ପାଣ୍ଟାଳୀ ବନ୍ଦକରି ନ ପାରିବାର ଯେଉଁ କଠିନ ନିୟମମାନ ହୋଇଅଛି ତହିଁର ଯଥୋଚିତ ନିନ୍ଦା କରୁଅଛନ୍ତି । ବାସ୍ତବରେ ଗବର୍ଣ୍ଣମେଣ୍ଟଙ୍କର ଏ ନିୟମମାନ ବଡ଼ ନିଷ୍ଠୁର ଅଟଇ ।

---

ସିକମଯୁଦ୍ଧ ଶେଷହେଲା ବୋଲିବାକୁ ହେବ । ସିକମ ରଜାଙ୍କସକାଶେ ଗବର୍ଣ୍ଣମେଣ୍ଟ ଥିବେଟସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ପ୍ରଥମଯୁଦ୍ଧରେ ଥିବେଟିୟ ସେନା ପରାଜୟ ପାଇ ବିଲକ୍ଷଣ ବୁଝିପାରିଲେ ଯେ ଇଂରାଜଙ୍କ-ସହିତ ଯୁଦ୍ଧ କରିବା ସହଜବ୍ୟାପାର ନୁହେ

Digitized by srujanika@gmail.com

ସୁତରାଂ ଆଉ ଅଗ୍ରସର ହେଲେ ନାହିଁ । ସେନ୍ତମସାଙ୍କ ଷ୍ଟିଫେନ୍ସ ସଙ୍ଗେ କନ୍ଦୁରା ଜାଉ ଦରବାରରେ ପଡିବାରୁ ସେ ସଂସର୍ଗ ପରିତ୍ୟାଗପୂର୍ବକ ଇଂରାଜଙ୍କ ବଶ୍ୟତା ସ୍ୱୀକାର କଲେ ଏବଂ ବର୍ମାୟ ଗ୍ରେଟ୍ଲାଟେଙ୍କସହିତ ସାକ୍ଷାତ କଲେ । ମାନସରେ ଡାର୍ଲିଙ୍ଗ ଅସିବାକୁ ପ୍ରସ୍ତୁତ ଥିଲେ ମତ ଗ୍ରେଟକର୍ଣ୍ଣ ତାହାଙ୍କୁ ଅପେକ୍ଷା କଲେ ନ ଅଗ୍ରେ ସ୍ଥାନୀୟ ସୁଶାସନର ବନ୍ଦୋବସ୍ତ କଲେ ପଛେ ଶାନ୍ତିଭଙ୍ଗର କରାଯିବ । ରାଜା ଏହି ଉପଦେଶାନୁସାରେ କାର୍ଯ୍ୟ କରୁଅଛନ୍ତି । ବିବାଦ ସହକାରେ ଭାଙ୍ଗିଗଲ ପ୍ରୁଷରିବସାୟ ଅଟଣ ଜନ୍ମ ଏଥିରେ ଦେଢ଼କୋଟି ଟଙ୍କା ବ୍ୟୟ ହୋଇଗଲା ଓ ତାହା ଅମ୍ଭମାନଙ୍କୁ ସହିବାକୁ ହେବ । ବର୍ତ୍ତମାନର ଅର୍ଥକଷ୍ଟ ସମୟରେ ଏହିବ୍ୟୟ ସାମାନ୍ୟ ନୁହଇ । ଆଉ ଅଧିକ ନ ପଡିଲ ଏହାକୁ ଭାଗ୍ୟ ବୋଲିବାକୁ ହେବ ।

---

ଅମ୍ଭମାନଙ୍କ କଲେକ୍ଟର ସାହେବଙ୍କର ଅନେକସ୍ଥଳେ ଫସଲର ଅବସ୍ଥା ଦେଖିବା ଓ ଲୋକଙ୍କ ହାତରେ ସମ୍ବାଦ କେତେ ଅଛି ତହିଁର ତଦନ୍ତ କରିବା କାରଣ ବାବୁ ବସନ୍ତକୁମାର ନାୟକ ଡେପୁଟୀ କଲେକ୍ଟର ଓ ସଦରକାନୁନଗୋ ଏବଂ ଅବକାରୀ ଇନସ୍ପେକ୍ଟର ମୋଫସଲର ଭିନ୍ନ ଭିନ୍ନ ସ୍ଥାନକୁ ଗଡଗଡ଼ବାର ଯାଇଅଛନ୍ତି । ସବଡିଭିଜନ ଥାନାରେ ସବଡିଭିଜନର ହାକିମମାନେ ଓ ଖାସମହାଲ ଓ ବୋର୍ଡ ଅଫ ୱାର୍ଡସ ମହାଲରେ ମାନେଜରମାନେ ଏହିପରି ତଦନ୍ତ କରୁଅଛନ୍ତି । ଅତଏବ ସ୍ଥୂଳ ସମ୍ବାଦର ଠିକ ତଦନ୍ତ ହେବାର କଠିନ ହେବ ନାହିଁ ତହିଁର ବିବରଣୀ ଆସି ପହଞ୍ଚୁଅଛି ଓ ପ୍ରତିଉତ୍ତରମାନେ ମିଳୁଅଛି ନ ତା ଓ ଫସଲର ପ୍ରକୃତଅବସ୍ଥା ଜଣାପଡ଼ିବ ଏ ସଂକ୍ରାନ୍ତରେ ହାକିମମାନଙ୍କର କମ୍ପା ଲୋକଙ୍କର ଭ୍ରମ ଭାଙ୍ଗିଯିବ । ଅତଏବ ସାହେବ ମହୋଦୟଙ୍କର ଏ କାର୍ଯ୍ୟଟି ଉତ୍ତମ ହୋଇଅଛି । ଯାଜପୁର ସବଡିଭିଜନର ଅବସ୍ଥା ବଡ଼ ମନ୍ଦ ଅଟେ । ଗତବୁଧବାର ପର୍ଯ୍ୟନ୍ତ ସେ ଅଞ୍ଚଳରେ ଅଦୌ ବର୍ଷା ହୋଇ ନ ଥିଲା । ମାତ୍ର ଗୁରୁବାରଦିନ ଉତ୍ତମବୃଷ୍ଟି ହେବାରୁ ଅନେକ ଉପକାର ହୋଇଅଛି । କେନ୍ଦ୍ରାପଡ଼ାର ଅବସ୍ଥା ଯାଜପୁର ଅପେକ୍ଷା ଭଲ ବୋଲିବସି ପ୍ରଗଣା- ପ୍ରଭୃତି ଯେ ଭୂମିଖଣ୍ଡ ମହାନଦୀ ଓ ଲୁଣନଦୀ ଓ ଚନ୍ଦ୍ରଭାଗା ମଧ୍ୟରେ ଅଛି ତହିଁରେ ଆଦୌ ଜଳ ନାହିଁ । ସେ ଅଞ୍ଚଳରେ ବର୍ତ୍ତମାନ ବର୍ଷା ହୋଇଅଛି ମାତ୍ର ଏଥିପୂର୍ବରୁ ଅନେକପରିମାଣରେ ଫସଲ ମରିଯାଇଥିଲା । ଡିପୁଟୀ କର୍ମଚାରୀମାନଙ୍କର ରିପୋର୍ଟ ପ୍ରାପ୍ତି ହେଲେ ପ୍ରକୃତଅବସ୍ଥା ଜଣାପଡ଼ିବ ।

---

ଲୋକଙ୍କର ହାହାକାର ଶୁଣି ଭଗବାନ୍‌ଙ୍କରୀ ଆଉ ସହି ନ ପାରି ଆକାଶର ଦ୍ୱାର ଫିଟାଇ ଦେଲେ ଏବଂ ଅଜସ୍ର ବାରିଧାରଦ୍ୱାରା ପ୍ରାଣୀମାନଙ୍କୁ ଦୁର୍ଭିକ୍ଷର କରାଳକବଳରୁ ରକ୍ଷାକଲେ । ଗତ ସପ୍ତାହରେ ଯେଉଁ ମେଘଅଭାବର କଥା ଲେଖିଥିଲୁଁ ଗତ ଗୁରୁବାରପର୍ଯ୍ୟନ୍ତ ସେହି ଭାବ ରହିଥିଲା । ଏଥିରେ ଏକ୍‌ଦିନ ଏବଂ ସ୍ଥାନରେ ପ୍ରଚୁର ବୃଷ୍ଟି ହୋଇ ମୃତପ୍ରାୟ ଧାନ୍ୟକ୍ଷେତ୍ରକୁ ପୁନର୍ଜୀବିତ କରିଅଛି । ଓଡ଼ିଶାର ମୋଗଲବନ୍ଦୀ ଓ ଗଡ଼ଜାତର ପ୍ରାୟ ସମସ୍ତ ସ୍ଥାନରୁ ସୁବୃଷ୍ଟିର ସମ୍ବାଦ ଆସୁଅଛି ଏବଂ ତହିଁସଙ୍ଗେ ଧାନ ଶସ୍ୟ ପ୍ରାପ୍ତି ହେବାର ଅରମ୍ଭ ସୁଲଭ ମଧ୍ୟ ହୋଇଅଛି । ମୃତଦେହରେ ନବଜୀବନ ସଞ୍ଚାର ହେଲା ପ୍ରାୟ ଲୋକେ ଆନନ୍ଦିତ ହୋଇଅଛନ୍ତି । କୌଣସି ସ୍ଥାନରେ ପ୍ରଚୁର ବୃଷ୍ଟି ହୋଇ ନାହିଁ ବୋଲି କଥିତ ହୁଅଇ ମାତ୍ର ସେପରି ସ୍ଥାନ ଅଳ୍ପ ଏବଂ ମୋଟରେ ଆଠଅଣା କ୍ଷେତ ଭଲ ହେବାର ଆଶା ହୋଇଅଛି ଏବଂ ସାଧାରଣର ଧାରଣା ଏହି ଯେ ଉକ୍ତ ଅବସ୍ଥା ନ ହେଲେ ସୁଦ୍ଧା ଲୋକେ ପ୍ରାଣଧାରଣ କରିବାକୁ ସକ୍ଷମ ହେବେ । କେବଳ ସ୍ଥାନବିଶେଷର ଦୁଃଖିତଲୋକଙ୍କୁ ସାହାଯ୍ୟ ଦେବାର ପ୍ରୟୋଜନ ହେବ । ଏହିବୃଷ୍ଟି ଗୋଟିଏ ତୋଫାନର ଫଳ ଅଟଇ ତାହା ପ୍ରବଳବେଗରେ ମାନ୍ଦ୍ରାଜଠାରେ ଗତମାସ ଶେଷଦିନରେ ପ୍ରତ୍ୟକ୍ଷ ହୋଇଥିଲା ଓ ତହିଁରେ ଅନେକ ଘର ଓ ବୃକ୍ଷ ଭାଙ୍ଗି ପଡ଼ିଅଛି ଏବଂ ଦକ୍ଷିଣର ସକଳ ସ୍ଥାନରେ ଘୋରବୃଷ୍ଟି ହୋଇଅଛି । ତୋଫାନଟି ପୂର୍ବୋତ୍ତରଦିଗରୁ ସରଳରେଖାରେ ପଶ୍ଚିମ ଉପକୂଳକୁ ବାହାରିଗଲା । ଯେଉଁ ସବୁସ୍ଥାନରେ ପବନ ପ୍ରବଳ ଥିଲା ସେଠାରେ ଧାନର କ୍ଷତି ହୋଇଥିବ । ଓଡ଼ିଶାରେ ସେପରି ହୋଇ ନାହିଁ । ସୁତରାଂ କୁରୁକ୍ଷେତ୍ରଯୋଗର ଅନ୍ତଦାରୁଣ ଫଳକୁ ଅମ୍ଭେମାନେ ଭଗା ପାଇଅଛୁଁ ।

---

ଗତ କଲିକତାଗେଜେଟରେ ଦେଖିଲୁଁ ଯେ ୨ ଜଣ ନୂତନ ଡେପୁଟୀ କଲେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି । ଗତ ପରୀକ୍ଷାରେ ଯେଉଁ ୬ ଜଣ ଉକ୍ତପଦର ଯୋଗ୍ୟ ବୋଲି ନିର୍ବାଚିତ ହୋଇଥିଲେ ସେମାନଙ୍କ ମଧ୍ୟରୁ ୩ ଜଣ ଓ ଅନ୍ୟାନ୍ୟ ସରକାରୀ କର୍ମ କରୁଥିବା ୪ ଜଣ । ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରୁ ୩ ଜଣ କର୍ମ ପାଇବା ପୂର୍ବରୁ ଯେଉଁକାଳେ ମହାମାନ୍ୟ ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଆଜ୍ଞାରେ ୪ ଜଣ ନିଯୁକ୍ତ ହେଲେ ସେସ୍ଥଳେ ଓଡ଼ିଆପରି ଅନୁନ୍ନତ ପ୍ରଦେଶର ଲୋକ ଗୋଟିଏ ମୁଦ୍ରା ନ ପଡ଼ିବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ଓଡ଼ିଶା ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଅନୁଗ୍ରହର ପାତ୍ର ଏକଥା ଗବର୍ଣ୍ଣମେଣ୍ଟ ପୂର୍ବରୁ ସ୍ୱୀକାର କରି ପୂର୍ବ କମିଶନର ଶ୍ରୀଯୁକ୍ତ ମେଟକାଫ ସାହେବଙ୍କ ସନ୍ନତମେ ମାନ୍ୟବର ସର, ଋବର୍ଟ ଷ୍ଟାମସନ ଦୁଇଜଣ ଏ ପ୍ରଦେଶୀୟ ଯୋଗ୍ୟଲୋକଙ୍କୁ ଡେପୁଟୀକଲେକ୍ଟରୀ ଦେଇଥିଲେ ଏବଂ ସେମାନେ ଆପଣା ଆପଣା କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିବାଦ୍ୱାରା ଦେଖାଇଅଛନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କର ଏହି ବିଶେଷ ଅନୁଗ୍ରହ ଅପାତ୍ରରେ ପତିତ ହୋଇ ନାହିଁ । ଅମ୍ଭେମାନେ ଆଶା କରିଥିଲୁଁ ଯେ ଅନ୍ତତଃ ପାଞ୍ଚ- ସାତବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଜଣେଲେଖାଏଁ ଉତ୍କଳବାସୀ ଏହିପଦର ମନୋନୀତ ହେବେ ମାତ୍ର ଗତବର୍ଷରୁ ସେ ଆଶା ପୂର୍ଣ୍ଣ ହୋଇ ନାହିଁ । ସୌଭାଗ୍ୟବଶତଃ ବର୍ତ୍ତମାନ ମାନ୍ୟବର ଲେପ୍ଟେନାଣ୍ଟ ବାହାଦୁର ଓଡ଼ିଶାକୁ ବିଶେଷ କରୁଅଛନ୍ତି । ଏ ସମୟରେ ଅମ୍ଭେମାନେ ବିନୀତଭାବରେ ଅମ୍ଭମାନଙ୍କର କମିଶନର ଓର୍ଫ୍ଲେସାହେବଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଏ ବିଷୟ ଶୀଘ୍ର ତାଙ୍କ ଗୋଚରରେ ଆଣନ୍ତୁ ଓ ଯେପରି ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ଜଣେଲେଖାଏଁ ଉତ୍କଳୀୟ ଡେପୁଟୀ କଲେକ୍ଟର ପଦ ପାଇପାରିବେ ତହିଁର ଯଥୋଚିତ ଚେଷ୍ଟା କରନ୍ତୁ । ସେ ଚେଷ୍ଟା ନ କଲେ ଅପାତତଃ ଏ ପ୍ରଦେଶୀୟ ଶିକ୍ଷିତଯୁବାମାନଙ୍କର ବିଶେଷତ ଯେଉଁମାନେ ସରକାରୀ କାର୍ଯ୍ୟ ପ୍ରଶଂସନୀୟରୂପେ ନିର୍ବାହ କରି ଉକ୍ତ ପଦର ଯୋଗ୍ୟ ହୋଇଅଛନ୍ତି ଅଥଚ ବୟସର ସୀମା ଲଙ୍ଘିଥିବାରୁ ପ୍ରତିଯୋଗିତା ପରୀକ୍ଷାରେ ଉପସ୍ଥିତ ହୋଇ ନ ପାରନ୍ତି ସେମାନଙ୍କର ଅନ୍ୟ ଗତି ନାହିଁ ।

---

ସ୍ୱର୍ଗୀୟ ବିଦ୍ୟାସାଗର ପଣ୍ଡିତ ବାହାଦୁରଙ୍କୁ ସମ୍ମାନ ଉପାଧି ପ୍ରଦାନ କରିବା ବିଷୟରେ ମାନ୍ୟବର

ଷ୍ଟେଟକଟ ବାହାଦୂରଙ୍କୁ ଅନୁରୋଧକରେ କଲିକତାର ଷ୍ଟେଟ୍ସମ୍ୟାନ ସମ୍ବାଦପତ୍ର ଅମ୍ଭମାନଙ୍କର ମୁହଁର କଥା ଛଡ଼ାଇ ନେଇଅଛନ୍ତି ଏବଂ ଏବିଷୟରେ ଓଡ଼ିଶାପ୍ରତି ଗବର୍ଣ୍ଣମେଣ୍ଟଙ୍କର ଅମନୋଯୋଗିତା ସମ୍ପର୍କରେ ଯାହା ଲେଖିଅଛନ୍ତି ତାହା ଅମ୍ଭମାନଙ୍କ ମନକୁ ବଡ଼ ବେଦନାପ୍ରଦ । ସ୍ମିଥ୍ ବାହାଦୂରଙ୍କର ସାଧାରଣ ମଙ୍ଗଳକର କାର୍ଯ୍ୟରେ ବଦାନ୍ୟତା ଓ ସୌଜନ୍ୟତା ଏବଂ ସାଧୁସ୍ୱଭାବ ବାର୍ତ୍ତା ଓଡ଼ିଶାର ଚତୁର୍ଦ୍ଦିଗରେ ବ୍ୟାପ୍ତଅଛି ଏବଂ ଆମ୍ଭେମାନେ ତାହାସବୁ ପୁନଃ ପ୍ରକାଶକର ତାହାଙ୍କୁ ରାଜା ଉପାଧି ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ବରବର ଅନୁରୋଧ କରୁଅଛୁଁ । ମାତ୍ର ଦୁଃଖର ବିଷୟ ଯେ ଭାରତବର୍ଷ ନାନାପ୍ରଦେଶର ଯୋଗ୍ୟଲୋକମାନେ ଏପ୍ରକାର ଉପାଧିମାନ ପାଉଥିଲେ ହେଁ ଓଡ଼ିଶା କଥା ଆଦୌ ଗବର୍ଣ୍ଣମେଣ୍ଟଙ୍କ ମନରେ ପଡ଼ୁ ନାହିଁ । ଷ୍ଟେଟ୍ସମ୍ୟାନ ଯଥାର୍ଥ କହିଅଛନ୍ତି ଯେ ପ୍ରାୟ ଏଶତାବ୍ଦିର ଆରମ୍ଭରୁ ଓଡ଼ିଶା ଇଂରାଜଙ୍କ ଅଧୀନରେ ଆସିଲା ମାତ୍ର ଶାସନକର୍ତ୍ତାମାନେ ଏଠାର ଲୋକମାନଙ୍କୁ ସନ୍ତୁଷ୍ଟ କରିବାକଥା ଚିନ୍ତା କଲେ ନାହିଁ । ଭାରତବର୍ଷର ଅନ୍ୟାନ୍ୟ ସ୍ଥାନଠାରୁ ଓଡ଼ିଶାର ଲୋକମାନେ ଅଧିକ ଉପାଧି ପ୍ରିୟ ଏବଂ ତାହା ପାଇବାର ଯୋଗ୍ୟବ୍ୟକ୍ତି ଥିବା ପ୍ରତ୍ୟକ୍ଷେ ଗବର୍ଣ୍ଣମେଣ୍ଟଙ୍କର ତହିଁପ୍ରତି ଦୃଷ୍ଟି ପଡ଼ୁ ନାହିଁ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଦୁଃଖିନୀ ଓଡ଼ିଶାର ସୁସନ୍ତାନ ପୁତ୍ରମାନେ ରାଜଦ୍ୱାରରେ ଉପଯୁକ୍ତ ସମ୍ମାନ ନ ପାଇଲେ କିପରି ଏପ୍ରଦେଶର ଉନ୍ନତି ହେବ ଏବଂ ସାଧାରଣ ହିତକାର୍ଯ୍ୟରେ ଲୋକେ ଅଧିକ ପ୍ରବୃତ୍ତ ହେବେ ଅମ୍ଭେମାନେ ବୁଝି ପାରୁ ନାହୁଁ । ମାନ୍ୟବର ଷ୍ଟେଟକଟ ବାହାଦୂର ଏ ନଗରରେ ଥିବାସମୟରେ ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ ଲେଡିଷ୍ଟାମସନ୍ ନାମକ ସ୍ତ୍ରୀ ଚିକିତ୍ସାଳୟର ପ୍ରତିଷ୍ଠା କାର୍ଯ୍ୟ ନିର୍ବାହ କରିଥିଲେ । ରାୟ ବୈଦ୍ୟନାଥପଣ୍ଡିତ ବାହାଦୂର ଏଥିପାଇଁ ଗୋଟିଏ ସୁନ୍ଦର ଅଟ୍ଟାଳିକା ବହୁ ବ୍ୟୟରେ ନିର୍ମାଣ କରାଇ ଦେଇଅଛନ୍ତି ଏବଂ ଏଥିର କାର୍ଯ୍ୟ ନିର୍ବାହ ନିମିତ୍ତ ମାସିକ ଟ ୭୦୲ ଙ୍କା ସାହାଯ୍ୟ କରୁଅଛନ୍ତି । ଅମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ମାନ୍ୟବର ମହୋଦୟ ଏହି ସୁଯୋଗକୁ ଉପେକ୍ଷା କରିବେ ନାହିଁ ।

ଉପସଂହାରରେ ଅମ୍ଭେମାନେ ତାଳଚେର ରାଜାଙ୍କର ନାମ ଉଲ୍ଲେଖ ନ କରି ଏ ପ୍ରସ୍ତାବରୁ କ୍ଷାନ୍ତ ହୋଇ ନ ପାରୁଁ । ତାହାଙ୍କର ଯଶ ଅନେକକାଳ ଓଡ଼ିଶାର ସର୍ବତ୍ରରେ କୀର୍ତ୍ତିତ ହେଉଅଛି ଏବଂ ଗଡ଼ଜାତର ସୁପ୍ରସିଦ୍ଧ ଯେବେ ତାହାଙ୍କୁ ଉଚ୍ଚସମ୍ମାନ ଦେବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ ତେବେ ଅମ୍ଭେମାନେ ବଡ଼ ଆନନ୍ଦିତ ହେବୁଁ ।

---

## ପୁରୀ ମିଉନିସିପାଲିଟୀ-ବିରୁଦ୍ଧରେ ସଭା ।

ଶ୍ରୀ ଜଗନ୍ନାଥଦେବଙ୍କ ମନ୍ଦିରଉପରେ ପାଠଶାଳା ଓ ଅନ୍ୟପ୍ରକାର ଅଫିସ ବସାଇବା ଏବଂ ସିଂହଦ୍ୱାରସ୍ଥ ରାମାନୁଜଙ୍କ ଆଶ୍ରମ ପ୍ରାଚୀନ ବଡ଼ଛତା ଉଠାଇଦେବା ମର୍ମରେ ପୁରୀ ମିଉନିସିପାଲିଟୀ ଯେଉଁ ପ୍ରସ୍ତାବମାନ ଧାର୍ଯ୍ୟ କରିଅଛନ୍ତି ତାହା ହିନ୍ଦୁଧର୍ମ୍ମର ନିତାନ୍ତ ବିରୋଧୀ ଥିବାରୁ ଏଠା ଭଗବଦ୍ଭକ୍ତିପ୍ରଦାୟିନୀ ସଭାର ଯତ୍ନ ଓ ଉଦ୍ୟମରେ ଗତ ରବିବାର ଅପରାହ୍ଣ ଘଟିକାସମୟରେ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ଏକ ବିରାଟସଭା ହୋଇଥିଲା । ଅନ୍ୟୂନ ଛ ୫୦୦ ଶ ଲୋକ ଉକ୍ତ ସଭାରେ ଉପସ୍ଥିତ ଥିଲେ । ବାବୁ ବୈଦ୍ୟନାଥ ପଣ୍ଡିତ ରାୟବାହାଦୂର ସଭାପତିର ଆସନ ଗ୍ରହଣ କଲାରୁ ବାବୁ କାଳୀପଦ ବାନାର୍ଜ୍ଜୀ ମିଉନିସିପାଲିଟୀର ଉପରୋକ୍ତ କାର୍ଯ୍ୟ ହିନ୍ଦୁସମାଜ ଓ ହିନ୍ଦୁଧର୍ମର ନିତାନ୍ତ ବିରୋଧୀ ଥିବା ବିଷୟ ବିସ୍ତରରୂପେ ସଭ୍ୟମାନଙ୍କୁ ବୁଝାଇଦେଇ କହିଲେ ଯେ ବଡ଼ଛତା ଅନ୍ୟୂନ ବ ୯୦୦ ବର୍ଷ ହେଲା ସଂସ୍ଥାପିତ ହୋଇଅଛି ଏବଂ ଶ୍ରୀ ଶ୍ରୀଜଗନ୍ନାଥଜୀଉଙ୍କ ସେବା ପୂଜାସହିତ ସେଥିର ଘନିଷ୍ଠ ସମ୍ବନ୍ଧ ଅଛି । ଉକ୍ତ ବଡ଼ଛତା ରାମାନୁଜଙ୍କ ଆଶ୍ରମ ଏବଂ ତହିଁରେ ଶ୍ରୀଶ୍ରୀ ଜଗନ୍ନାଥଜୀଉଙ୍କ ସେବକର-ବ୍ୟବହାରନିମିତ୍ତ ଯଜ୍ଞାଗ୍ନି ସର୍ବଦା ସଂରକ୍ଷିତହୋଇ ଆସୁଅଛି । ଏମନ୍ତସ୍ଥଳେ ତାହା ଉଠାଇଦେବା ଯେ ହିନ୍ଦୁ ସନାତନଧର୍ମ୍ମର କେତେଦୂର ବିରୋଧୀ ତାହା ବୁଝାଇଦେବାର ଆବଶ୍ୟକ ନାହିଁ ଏବଂ ବଡ଼ଛତା ଉଠାଇଦେବା ଶ୍ରୀ ମନ୍ଦିର ଉଠାଇଦେବାସଙ୍ଗେ ସମାନ ଅଟଇ । ମଧ୍ୟ ଉକ୍ତ ବଡ଼ଛତା ଉଠାଇଦେବା ମର୍ମ୍ମରେ ପୁରୀ ମିଉନିସିପାଲିଟୀ ଯେଉଁ ନୋଟିସ ଦେଇଅଛନ୍ତି ତହିଁର ମିଆଦ ଶୀଘ୍ର ଶେଷହୋଇ ଯାଉଥିବା ଓ ବର୍ତ୍ତମାନ ଅମ୍ଭମାନଙ୍କର ଶ୍ରଦ୍ଧାସ୍ପଦ କମିଶନର ସାହେବ ଏଠାରେ ନ ଥିବାରୁ ଏ ବିଷୟରେ ଆଶୁ ପ୍ରତୀକାର ପାଇବାର ଉପାୟ ଅବଲମ୍ବନ କରିବା ଉଚିତ । ବାବୁ ମହାଶୟ ପ୍ରାୟ ଏକଘଣ୍ଟାକାଳ ଏହି ମର୍ମ୍ମରେ ବକ୍ତୃତା ପ୍ରଦାନକରି ଶ୍ରୋତୃବର୍ଗଙ୍କ [illegible] ଅନୁମୋଦନ ପ୍ରାପ୍ତହୋଇ ଆସନଗ୍ରହଣ କଲାରୁ ନିମ୍ନଲିଖିତମତେ ପ୍ରସ୍ତାବମାନ ଧାର୍ଯ୍ୟହେଲା ।

୧ । କମିଶନର ସାହେବ ବର୍ତ୍ତମାନ ଏଠାରେ ନ ଥିବାରୁ ଆଶୁ ପ୍ରତୀକାର ପାଇବା ପାଇଁ ସେ ପାରେ ଏବଂ ମିଉନିସିପାଲ ଆଇନର ୬୬ ଧାରାନୁସାରେ କମିଶନର ସାହେବ ଏ ବିଷୟ ନିଷ୍ପତ୍ତି କରିବାପର୍ଯ୍ୟନ୍ତ ପୁରୀ ମିଉନିସିପାଲିଟୀର ବଡ଼ଛତାସମ୍ବନ୍ଧୀୟ କାର୍ଯ୍ୟାବଳୀ ରହିତକରିବା କାରଣ ମାନ୍ୟବର ଷ୍ଟେଟକଟ ସାହେବ ମହୋଦୟଙ୍କ ନିକଟକୁ ତାରବାର୍ତ୍ତା ପଠାଯାଉ ।

୨ । ପୁରୀ ଲୋକମାନଙ୍କଠାରୁ ବାବୁ କାଳୀପଦ ବାନାର୍ଜ୍ଜୀଙ୍କ ମାରଫତେ ପଠାଯାଇଥିବା ଦରଖାସ୍ତ ଏ ସଭାର ବିବରଣୀସହିତ ଶ୍ରୀଯୁତ କମିଶନର ସାହେବଙ୍କ ନିକଟକୁ ପଠାଯାଉ ଏବଂ ସାହେବ ପ୍ରଶଂସିତ ହିନ୍ଦୁଧର୍ମ୍ମବିରୋଧୀ ପୁରୀ ମିଉନିସିପାଲିଟୀର ଉପରୋକ୍ତ କାର୍ଯ୍ୟାବଳୀ ରଦକରନ୍ତୁ । ଏଥିଉତ୍ତାରୁ ଏ ସମ୍ବନ୍ଧୀୟ କାର୍ଯ୍ୟ ନିର୍ବାହକରିବା ଏବଂ ଚାନ୍ଦାଦ୍ୱାରା ଅର୍ଥସଂଗ୍ରହ କରିବା କାରଣ କମିଟୀମାନ ନିଯୁକ୍ତ ଓ ଆବଶ୍ୟକୀୟ ବିଷୟ ତଦାରକ ନିମିତ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କୁ ପ୍ରତିନିଧି ପଠାଇବା ବିଷୟରେ ପ୍ରସ୍ତାବମାନ ଧାର୍ଯ୍ୟହୋଇ ସଭା ଭଙ୍ଗହେଲା ।

ଯେତେବେଳେ ହିନ୍ଦୁମାନଙ୍କୁ ବାଧିତହୋଇ ଗବର୍ଣ୍ଣମେଣ୍ଟ ମନ୍ଦିରମୋକଦ୍ଦମା ଆପୋଷରେ ରଫା କରିଦେଲେ ତେତେବେଳେ ପୁରୀ ମିଉନିସିପାଲିଟୀ କି ଯହିଁର ଅଧିକାଂଶ ମେମ୍ବର ହିନ୍ଦୁ ଅଟନ୍ତି ସେମାନେ ହିନ୍ଦୁଧର୍ମବିରୋଧୀ କେତେଗୁଡ଼ିଏ ନିତାନ୍ତ ଅନ୍ୟାୟକାର୍ଯ୍ୟ କରିବାକୁ କେଉଁ ମତରେ ପ୍ରବୃତ୍ତ ହେଲେ ଅମ୍ଭେମାନେ ବୁଝିପାରୁ ନାହୁଁ । ଭରସା କରୁଁ କର୍ତ୍ତୃପକ୍ଷମାନେ ଏ ବିଷୟ ହୃଦୟଙ୍ଗମ କରି ଆଶୁ ପ୍ରତୀକାର ପ୍ରଦାନ କରିବାକୁ ତତ୍ପର ହେବେ ।

---

## ଲୁଣ ଶସ୍ତା ହେବାର ଉପାୟ ।

### ୨ୟ ପ୍ରସ୍ତାବ

ଶ୍ରୀଯୁକ୍ତ ଟୁଇଟସାହେବଙ୍କ ୨ ୟ ପ୍ରସ୍ତାବ ଏଜିଲ୍ଲାରେ ଗୋଡ଼ାଲୁଣ ଫୋଲ୍ଲାକ କରିବା । କଲିଙ୍ଗିଲୁଣ ଆଣାଇବାଠାରୁ ଏ ପ୍ରସ୍ତାବଟି ଅନେକାଂଶରେ ଭଲ ସନ୍ଦେହ ନାହିଁ ଏବଂ ପ୍ରକୃତକଥା ଏହିକ ସ୍ଥାନୀୟ ଫୋଲ୍ଲାକନା ଲୁଣ ଶସ୍ତା ହେବ ନାହିଁ କମ୍ପା ସମୁଦ୍ରକୂଳୀୟ ଗରିବ

Split by PDF Splitter
Digitized by srujanika@gmail.com

Split by PDF Splitter

354



ଲୋକଙ୍କ ଦୁଃଖ ଘୁଞ୍ଚିନାହିଁ । ମାନ୍ଦ୍ରାଜର ନମକ କମିଶନର ଏ ଜିଲାରେ ଗୋଡ଼ାଲୁଣ ପୋଲ୍ଙ୍ଗାନ ସଦାପେ ବନ୍ଦ କରି ଦେବାକୁ ପ୍ରସ୍ତୁତ ଅଛନ୍ତି କିନ୍ତୁ ଲୋକେ ତାହା ନେବାକୁ ପ୍ରସ୍ତୁତ ନାହାନ୍ତି କାରଣ ସମସ୍ତଙ୍କର ଧାରଣା ଯେ ଏଠାରେ ଗୋଡ଼ାଲୁଣ ପ୍ରସ୍ତୁତ ହୋଇ ପାରିବ ନାହିଁ ଓ କେହି୨ କହନ୍ତି ପୂର୍ବେ ଏଥିର ଚେଷ୍ଟା ହୋଇଥିଲା ତାହା ବିଫଳ ହୋଇଅଛି । ତଥାପି ଯେବେ ଟ୍ରୁଏଟ ସାହେବ ଗୋଡ଼ାଲୁଣ ପୋଲ୍ଙ୍ଗାନର ପକ୍ଷପାତୀ ହେବେ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ନମକ କମିସନରଙ୍କ ପରାମର୍ଶରେ ପରୀକ୍ଷା ସ୍ୱରୂପ ସେହି ପୋଲ୍ଙ୍ଗାନ ଆରମ୍ଭ କରିବା ଉଚିତ ତାହା ହେଲେ ସେପରି ପୋଲ୍ଙ୍ଗାନ ହୋଇ ପାରିବ କି ନାହିଁ ଜଣାଯିବ ଏବଂ ହୋଇପାରିଲେ ଲୋକେ ତାହା ଶିଖିବେ ଏ ପ୍ରଦେଶରେ ଲୁଣ ପୋଲ୍ଙ୍ଗାନ କାର୍ଯ୍ୟ ବିସ୍ତାର ହୋଇବ । ଟ୍ରୁଏଟ ସାହେବଙ୍କୁ ଏ ବିଷୟରେ ବିଶେଷ ମନୋଯୋଗୀ ହେବା କାରଣ ଆମ୍ଭେମାନେ ବାରମ୍ବାର ଅନୁରୋଧ କରୁଅଛୁଁ ।

ପତ୍ରପ୍ରେରକଙ୍କ ମତରେ ସରକାର ମାସୁଲ କମାଇବା ଏବଂ ପୂର୍ବପ୍ରାୟ ପଙ୍ଗାଲୁଣ ପୋଲ୍ଙ୍ଗାନର ଅନୁମତି ଦେବା ଉଚିତ । ମାସୁଲ କମ ହେଲେ ସେଥିପ୍ରତି ଏକପଇସାକୁ ଅଧିକ ଲଭ ନାହିଁ ଏବଂ ଉହାର ବିଷୟର ସରକାରଙ୍କର ଆର୍ଥିକ ଅବସ୍ଥା ସହିତ ସମ୍ବନ୍ଧ ରଖୁଥିବାରୁ ଆମ୍ଭେମାନେ ସହସା କିଛି ମତ ଦେଇ ନ ପାରୁଁ କିନ୍ତୁ ପଙ୍ଗାଲୁଣ ପୋଲ୍ଙ୍ଗାନର ଅନୁମତି ଦେବା ଯେ ନିତାନ୍ତ ଆବଶ୍ୟକ ଏକଥା ଆମ୍ଭେମାନେ ପୁନଃ୨ କହୁଅଛୁଁ ଏବଂ ବର୍ତ୍ତମାନ ସୁଦ୍ଧା ପତ୍ରପ୍ରେରକଙ୍କ ସହିତ ଐକ୍ୟ ହୋଇ କହୁଅଛୁଁ ଯେ ଲୁଣ ପୋଲ୍ଙ୍ଗାନ ନ ହେବା ପର୍ଯ୍ୟନ୍ତ ଏଠା ଗରିବଲୋକଙ୍କ ଦୁଃଖ ଘୁଞ୍ଚିବ ନାହିଁ । ମାନ୍ଦ୍ରାଜର କମିଶନର କେବଳ ଚୋର କାରବାର ଭୟରେ ପଙ୍ଗାଲୁଣ ପୋଲ୍ଙ୍ଗାନ ବନ୍ଦ କରିଅଛନ୍ତି କିନ୍ତୁ ତାହାଙ୍କର ଏବ୍ୟବସ୍ଥା ମଶାମାରିବାସକାଶେ ଘର ପୋଡ଼ି ଦେବା ନ୍ୟାୟ ହୋଇଅଛି । ଚୋର କାରବାର ବନ୍ଦ କରିବା କାରଣ ପୁଲିସର ବନ୍ଦୋବସ୍ତ କର ଓ ଅପରାଧୀଙ୍କୁ ଧର କଠିନଦଣ୍ଡ ଦିଅ ଏଥିରେ କାହାର ଆପତ୍ତି ନାହିଁ । କିନ୍ତୁ ଚୋରି ହେବା କଠିନ ବୋଲି ଗରିବଲୋକଙ୍କର ଗୋଟିଏ ଜୀବିକାର ବାଟ ବନ୍ଦ କରି ସେମାନଙ୍କୁ ଅନାହାରରେ ମାରିବା ଏବଂ ଅପର ଲୋକଙ୍କ ଅଧିକ ମୂଲ୍ୟରେ ଲୁଣ କିଣିବାକୁ ବାଧ୍ୟ କରିବାଦ୍ୱାରା କ୍ଲେଶ ଦେବା କଦାପି ସୁନୀତି ଓ ପ୍ରଜାପାଳନର ଅନୁକୂଳ ନୁହଇ । ଅନିବାର୍ଯ୍ୟ ରୂପେ ଚୋରି ହେବାଦ୍ୱାରା ସରକାରଙ୍କର କିଛି କ୍ଷତି ହେଲେ ବରଂ ତାହା ସହିବା ଭଲ କିନ୍ତୁ ଲକ୍ଷ୨ ଲୋକଙ୍କୁ କଷ୍ଟ ଦେବା ଦୟାଳୁ ସରକାରଙ୍କ ପକ୍ଷରେ କଦାପି ଉଚିତ ନୁହଇ ।

———

## ପ୍ରାଦେଶୀୟ-ସମିତି ।

ବଙ୍ଗଳାର ପ୍ରାଦେଶୀୟ ସମିତି ପୂର୍ବ ପ୍ରସ୍ତାବ ମତେ ଗତମାସ ତା ୨୫।୨୬ ଓ ୨୭ ରିଖମାନଙ୍କରେ କଲିକତାର ଗ୍ରାଣ୍ଟହଲ ଗୃହରେ ବସିଥିଲା ଏବଂ ପ୍ରାୟ ଶତାଧିକ ପ୍ରତିନିଧି ତହିଁରେ ଉପସ୍ଥିତ ଥିଲେ । ହୁଗଲୀର ଏହି ସମିତି ସଭାପତି ପାଞ୍ଚଜଣ ପ୍ରତିନିଧି ମନୋନୀତ କରିଥିଲେ ତହିଁମଧ୍ୟରୁ କେବଳ ବାବୁ [illegible] ଘୋଷ ଉପସ୍ଥିତ ଥିବାର ପ୍ରକାଶିତ ହୋଇଅଛି । ସମ୍ବାଦପତ୍ରମାନଙ୍କର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ଡାକ୍ତର ମହେନ୍ଦ୍ରଲାଲ ସରକାର ସଭାପତିର ଆସନ ଗ୍ରହଣ କରିଥିଲେ । ନିମ୍ନଲିଖିତ ପ୍ରସ୍ତାବମାନ ଧାର୍ଯ୍ୟ ହେଲା ଯଥା ।

୧ । ସମ୍ବାଦପତ୍ର ଏବଂ [illegible] ଆବେଦନପତ୍ରରେ ପ୍ରକାଶିତ ହୋଇଥିବା କଥାମାନଙ୍କ ଦୃଷ୍ଟିରେ ଆସାମ ଚା-ବଗିଚାରେ କର୍ମ କରୁଥିବା କୁଲିଙ୍କ ଅବସ୍ଥା ଅନୁସନ୍ଧାନ କରିବା କାରଣ ଗୋଟିଏ ସ୍ୱାଧୀନ କମିଶନ ବସାଇବାର ଆବଶ୍ୟକ ହୋଇଅଛି । ଏହି କମିଶନଙ୍କ ରିପୋର୍ଟରେ ସେହି ସବୁ ଦୁଃଖର କଥା ପ୍ରକାଶ ପାଇବ ତହିଁର ନିବାରଣ ଉଦ୍ଦେଶରେ ଆଇନ କରିବାକୁ ହେବ ।

୨ । ଲୋକଙ୍କ ଦରିଦ୍ରତା ଏବଂ [illegible] ଅବସ୍ଥା ଉନ୍ନତ କରିବାର ଆବଶ୍ୟକତା ଦୃଷ୍ଟିରେ ଏ ପ୍ରଦେଶର ଅବସ୍ଥା ଉପଯୋଗୀ ଶିଳ୍ପାଦିର ଶିକ୍ଷା ଦେବାର ଉପାୟ ଆରମ୍ଭ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା ହେଉ ଏବଂ ଏ ସମିତି ବିବେଚନା କରନ୍ତି କି ଏ ସମ୍ପର୍କୀୟ ସମ୍ବାଦମାନ ସଂଗ୍ରହ ଓ ଉପାୟ ସ୍ଥିର କରିବା କାରଣ ଗୋଟିଏ କମିଶନ ନିଯୁକ୍ତ କରିବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରଯାଉ ।

୩ । ପୁଲିସର ଗୁପ୍ତ ସର୍କ୍ୟୁଲାରଦ୍ୱାରା ଧର୍ମ ଓ ରାଜନୀତି ସଭାମାନଙ୍କ କାର୍ଯ୍ୟ ପର୍ଯ୍ୟବେକ୍ଷଣର ଭାର ପୁଲିସପ୍ରତି ଅର୍ପିତ ହୋଇଅଛି ତଦ୍ଦ୍ୱାରା ମୋଫସଲବାସିଙ୍କର ସାଧାରଣ କାର୍ଯ୍ୟରେ ସାହସର ବ୍ୟାଘାତ ଘଟୁଥିବା ଏବଂ କେତେକ ସ୍ଥାନରେ ପୁଲିସର [illegible] କାର୍ଯ୍ୟ [illegible] ହେଉଥିବାରୁ ଏହି ସମିତି ପ୍ରାର୍ଥନା କରୁଅଛନ୍ତି କି ଅନ୍ତତଃ ରାଜନୀୟ ଓ ଧର୍ମସମ୍ପର୍କୀୟ ସଭାସମୂହରେ ଉକ୍ତ ସର୍କ୍ୟୁଲର [illegible] ରହିତ ହେଉ ।

୪ । ସ୍ଥାନୀୟ ଆତ୍ମଶାସନ ପ୍ରତି ମାନ୍ୟବର ଲେଃଗଭର୍ଣ୍ଣର ବାହାଦୁର ବିଶେଷ ସହାନୁଭୂତି ଦେଖାଇ କେତେସ୍ଥାନରେ ମିଉନିସିପାଲ କମିଶନରମାନଙ୍କୁ ଆପଣା୨ ଚେୟାରମାନ ମନୋନୀତ କରିବାର ଅଧିକାର ଦେଇଥିବା ଏବଂ [illegible] ଜଣ [illegible] କମିଶନରମାନଙ୍କ [illegible] ନିର୍ବାଚନଦ୍ୱାରା ମନୋନୀତ ହେବା ବିଷୟରେ ଆଇନ ସଂଶୋଧନ କରିବାର ପ୍ରସ୍ତାବ କରିଥିବାରୁ ଏ ସଭାରୁ ତାହାଙ୍କୁ ବିଶେଷ ଧନ୍ୟବାଦ ଦିଆଯାଉ ।

୫ । ମିଉନିସିପାଲ ଏକ୍ଟ ସଂଶୋଧନ ବିଷୟରେ କମିଶନରମାନଙ୍କର ସ୍ୱାଧୀନତା ଖର୍ବ ହେଉଥିବାରୁ ଏ ସଭା [illegible] ଜଣା ଦେବା [illegible] ପ୍ରସ୍ତାବ କରୁଅଛନ୍ତି କି ମିଉନିସିପାଲ ଆଇନ ଏପରି ଭାବରେ ସଂଶୋଧନ ହେଉ ଯେ [illegible] ସଂଶୋଧନର ଭାର [illegible] କମିଶନରଙ୍କ ହାତରୁ କାଢ଼ିନିଆଯାଇ ପୂର୍ବପ୍ରାୟ ଗବର୍ଣ୍ଣମେଣ୍ଟଙ୍କୁ ଅର୍ପିତ ହେଉ ।

୬ । ହାବଡ଼ା ଓ ହୁଗଲି ଜିଲାମାନଙ୍କରେ [illegible] କାର୍ଯ୍ୟ ଅନୁସନ୍ଧାନ କରିବାର ଆଦେଶ ଦେଇଥିବାରୁ ଏ ସଭା ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କୁ ଅଗଣ୍ୟ ଧନ୍ୟବାଦ ଦେଇ ପ୍ରାର୍ଥନା କରୁଅଛନ୍ତି କି ଉକ୍ତ ଅନୁସନ୍ଧାନର ଫଳ ଦୃଷ୍ଟିରେ [illegible] ପ୍ରଥା ଉଠାଇ ଦିଆଯାଇ [illegible] ସ୍ଥାନରେ ପ୍ରଚଳିତ ହେଉ ।

୭ । ଏ ପ୍ରଦେଶର ପୁଲିସପ୍ରଣାଳୀ ପୁନର୍ଗଠନର ନିତାନ୍ତ ଆବଶ୍ୟକ ହୋଇଥିବାରୁ ଏ ସଭା ପ୍ରସ୍ତାବ କରୁଅଛନ୍ତି କି ନିମ୍ନଲିଖିତ ରୂପେ ତାହା ସଂଶୋଧିତ ହେଉ, ଯଥା ।

(୧) ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦମାନ କେତେକ ଅଂଶ ଯୋଗ୍ୟ ଇନସ୍ପେକ୍ଟରମାନଙ୍କୁ ପଦୋନ୍ନତ କରିବାଦ୍ୱାର ଏବଂ କେତେକ ଅଂଶ ଡେପୁଟୀ କଲେକ୍ଟରମାନଙ୍କ ମଧ୍ୟରୁ ବାଛି ନେବାଦ୍ୱାରା ପୂରଣ କରଯାଉ ।

(୨) ପୁଲିସର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦ ଉଠାଇ ଦିଆଯାଉ ।

Digitized by srujanika@gmail.com

(୩) ଦେଶୀ କଲେକ୍ଟର ଓ ସବ୍ ଇନସ୍ପେକ୍ଟରଙ୍କ ବେତନ ବୃଦ୍ଧି ଦେଇ ଏବଂ ଏ ଶ୍ରେଣୀର କର୍ମଚାରୀଙ୍କଠାରୁ ଅଧିକ ଯୋଗ୍ୟତା ନେଇଯାଉ ।

୮ । ଏ ସଭା ପ୍ରକାଶ କରୁଅଛନ୍ତି କି ଜାତୀୟ ସମିତି ସହିତ ଏହାର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ଆଗାମି ସମିତିରେ ଯେସବୁ ବିଷୟ ବିଚାରିତ ହେବ ଓ ଯହିଁର ତାଲିକା ନମ୍ରେ ପ୍ରଦର୍ଶିତ ହେଲା ତାହାସବୁ ଏ ସଭା ମଞ୍ଜୁର କରୁଅଛନ୍ତି, ଯଥା;

(୧) ଭାରତବର୍ଷୀୟ ଶାସନପ୍ରଣାଳୀ (୨) ଭାରତବର୍ଷର ଅବସ୍ଥା ତଦନ୍ତ ନିମିତ୍ତ ପାର୍ଲିଆମେଣ୍ଟ କମିଶନ ନିଯୋଗ (୩) ପ୍ରତିନିଧିପ୍ରଣାଳୀଦ୍ୱାରା ବ୍ୟବସ୍ଥାପକସଭାର ସଭ୍ୟ ନିର୍ବାଚନ କରିବା (୪) ସୈନ୍ୟଦଳର ଖର୍ଚ୍ଚ (୫) ପବ୍ଲିକ ସରଭିସ କମିଶନଙ୍କ ରିପୋର୍ଟ (୬) ବିଚାର ଓ କାର୍ଯ୍ୟବିଭାଗର ପାର୍ଥକ୍ୟ (୭) ଅସ୍ତ୍ର ବ୍ୟବହାର ବିଷୟକ ଆଇନ (୮) ଭଲଣ୍ଟିଅର ପ୍ରଥା ।

୯ । ବଙ୍ଗଳାର ଅଫିସିଆଲମାନେ ଯୋଗ ହୋଇଥିବା ଦୃଷ୍ଟିରେ ଏହି ସମିତିର କମିଟୀ ପ୍ରତି ଭର ଦିଆଯାଉ କି ସେମାନେ ତହିଁର ତଦନ୍ତ କରି ଅବଶ୍ୟକୀୟ ପ୍ରତିକାର ପାଇବାର ଉପାୟ କରନ୍ତୁ ।

୧୦ । ଏହି ସମିତିର ଆଗାମି ଅଧିବେଶନ ଆଗାମୀ ଦୁର୍ଗାପୂଜା ଛୁଟୀ ସମୟରେ ହେବ ଏବଂ କମିଟୀ ତହିଁର ଦିନ ଧାର୍ଯ୍ୟ କରିବେ ।

୧୧ । ପ୍ରଥମ ଅଠଚାଳିଶର ପ୍ରତିଲିପି ବଙ୍ଗଦେଶର ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଏବଂ ଗୁରୁ ଭାରତବର୍ଷର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସୁବିଧାର ନିମିତ୍ତ ସେମାନଙ୍କ ନିକଟକୁ ପଠାଯାଉ ।

ପରିଶେଷରେ ବକ୍ତବ୍ୟ ଏହି କି ଉପରଲିଖିତ ନିର୍ଦ୍ଧାରଣମାନଙ୍କ ମଧ୍ୟରୁ କେବଳ ଯୋଡ଼ିଏ ଅର୍ଥାତ୍ ଶିଳ୍ପବିଦ୍ୟାଶିକ୍ଷା ଦେବା ଏବଂ ପୁଲିସ ଷ୍ଟେସନ ବହିତ ହେବା ବିଷୟରେ ଉତ୍କଳ ମତଭେଦ ହୋଇଥିବାରୁ ଅଧିକାଂଶଙ୍କ ମତରେ ଓ ଅବଶିଷ୍ଟ ନିର୍ଦ୍ଧାରଣମାନ ସର୍ବସମ୍ମତରେ ଗ୍ରାହ୍ୟ ହେଲା ଏବଂ ସଭାର କାର୍ଯ୍ୟ ଏମନ୍ତ ସୁଶୃଙ୍ଖଳରେ ନିର୍ବାହିତ ହୋଇଥିଲା ଏବଂ ବକ୍ତାମାନେ ଏମନ୍ତ ସ୍ୱଦେଶହିତୈଷିତାର ପ୍ରଭାବ ଦେଖାଇଥିଲେ ଯେ ଅତ୍ୟନ୍ତ କଠିନହୃଦ୍ୟ ନୃପକାଣ ମଧ୍ୟ ଅମଙ୍ଗଳବାସନାର ଚିହ୍ନ ଦେଖାଇପାରିବେ ନାହିଁ । ଏପରି ସଭାର ଦିନ ପ୍ରତି ବୃଦ୍ଧି ହେଉ ଅମ୍ଭମାନଙ୍କର ଏହି ବାସନା ।

---

# ସାପ୍ତାହିକ ସଂବାଦ ।

ଗତ ବୁଧବାର ଏଠା ପାଗଳଖାନା ନିକଟରେ ଏକ ଦୋକାନଘରେ ସିନ୍ଧ ଦେଇ ଚୋରମାନେ ସେଥି ଗୁଡ଼ ଇତ୍ୟାଦି ନେଇ ପଳାଇଅଛନ୍ତି । ପୁଲିସ ଚୋର ଧରି ପାରିବେ କି ?

ଗତ ମଙ୍ଗଳବାର ଏ ନଗରର ଓଡ଼ିଆବଜାରରେ ଘରଣ୍ଟିଆ ଘର ପୋଡ଼ିଗଲା । ଗୃହସ୍ୱାମିର ଅସାବଧାନତାରୁ ଅଗ୍ନି ଜାତ ହେବାର କଥିତ ହୁଏ ।

ଓଡ଼ିଆରେ ପାଠକଙ୍କୁ କି ବାଲେଶ୍ୱରର ପୁଲିସ ଇନସ୍ପେକ୍ଟରଙ୍କ ଘରେ ଗତପୂଜା ରବିବାର ସନ୍ଧ୍ୟାରେ ଚୋରି ହୋଇଥିଲା । 'ଜଳ ରକ୍ଷଣ ଅସମ୍ଭବ । ସେ କାହୁଁ ପରକୁ ରଖିବ ।'

## କଲିକତା-ଗେଜେଟ ।

ସର୍ଜନ ଜେ, ଏଚ୍, ଟି ଉଆଲ୍ସ ସାହେବ ଅନ୍ୟାନ୍ୟ ପର୍ଯ୍ୟନ୍ତ ପୁରୀର ସିଭିଲ ସର୍ଜନ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଓ ସେଠାର ବର୍ତ୍ତମାନ ଅଫିସିଏଟିଂ ସିଭିଲ ସର୍ଜନ ଜେ, ଅର୍, ଅଡ କଲିକତାର ଇଡେନ୍ ହସପିଟଲର ରେସିଡେଣ୍ଟ-ସର୍ଜନରେ ନିଯୁକ୍ତ ହୋଇଅଛନ୍ତି ।

ଗତବାର ଓ କଲିକତା ସାହାଯ୍ୟପ୍ରାପ୍ତିମାନଙ୍କରେ ଶିକ୍ଷକମାନଙ୍କ ପରୀକ୍ଷା କରିବା ବିଷୟରେ ନୂତନ ନିୟମ ହୋଇଥିବାର ବିଜ୍ଞାପନ ଗତ ଗେଜେଟରେ ପ୍ରକାଶିତ ହୋଇଅଛି କାହାର କୌଣସି ଆପତ୍ତି ଥିଲେ ଏହି ମାସମଧ୍ୟରେ ଦାଖଲ କରିବେ ।

ମୁସଲମାନମାନଙ୍କ ଇଂରାଜୀ ଶିକ୍ଷାର ଉତ୍ସାହ ପ୍ରଦାନାର୍ଥେ ଖାନ ସାହେବ ଶେଖ ଖାଁବାହାଦୁର ପାଟନା ଇଂରାଜୀ ଅଟେସ ସ୍କୁଲ ଏଣ୍ଟ୍ରେନ୍ସ କ୍ଲାସର ସର୍ବୋତ୍କୃଷ୍ଟ ଛାତ୍ରକୁ ମାସିକ ଟ ୪୧ ଙ୍କା ବୃତ୍ତି ଦେବା ନିମିତ୍ତ ଟ ୧୨୦୦ ଙ୍କା ପ୍ରଦାନ କରିଅଛନ୍ତି ଲେଫ୍ଟେନାଣ୍ଟ ବାହାଦୁର ଉକ୍ତ ଦାନ ଗ୍ରହଣ କରି ଖାନ ବାହାଦୁରଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

ମିଃ ଏ, ଜେ, ଉଡ୍ ଯେ କି ବର୍ତ୍ତମାନ କୃଷିବିଭାଗର ଡାଇରେକ୍ଟରଙ୍କ ଅଧୀନରେ କାର୍ଯ୍ୟ କରୁଅଛନ୍ତି, ଡେପୁଟୀ-ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ଏକଟିଂ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

---

କଲିକତାର ବାବୁ ପ୍ରତାପଚନ୍ଦ୍ର ରାୟ ମହାଭାରତର ଯେଉଁ ଇଂରାଜୀ ଅନୁବାଦ କରୁଅଛନ୍ତି ସେ କାର୍ଯ୍ୟ ନିମନ୍ତେ ନିଜାମ୍ସର ସରକାର ତାହାଙ୍କୁ ଟ ୮୦୦୧ ଙ୍କାର ସାହାଯ୍ୟ ଦାନ କରିଥିବାର ସମ୍ବାଦ ମିଳଇ । ଏ ଦାନ ପ୍ରଶଂସ୍ତ ଅଟେ ।

କୃଷ୍ଣପଞ୍ଚଳର ଯେ ସମସ୍ତ ସମ୍ବାଦ ଆସୁଅଛି ତାହା ସମସ୍ତ ଶୁଭସୂଚକ ଅଟଇ । ଜନ ମାକ୍ରଇନ ସହଜରେ ସେମାନଙ୍କୁ ବଶୀଭୂତ କରୁଅଛନ୍ତି ଏବଂ ଅକାଜାଇ ଜାତିମାନେ ନଗଦ ଏବଂ ଯୋମେଷାଦ୍ୱାରା ଟ ୪୦୦୦୧ ଙ୍କା ଅର୍ଥଦଣ୍ଡ ଦାଖଲ କରୁଅଛନ୍ତି । ବର୍ତ୍ତମାନ ସେଠା ସୈନ୍ୟ ଶାନ୍ତଭାବ ଧାରଣ କରିଥିବାର କଥିତ ହୁଏ ।

କାଶ୍ମୀର, ଗୁଜରାଟ ଏବଂ ଝଙ୍ଗମାନଙ୍କ ମୂଳକ ପ୍ରାନ୍ତଦେଶମାନଙ୍କରେ ଦୁର୍ଭିକ୍ଷ ଉପସ୍ଥିତ ହୋଇଥିବାର ସମ୍ବାଦ ମିଳଇ । କାଶ୍ମୀରୁ ଏବଂ ଗୁଜରାଟରୁ ଅନେକ ଲୋକ ଦୁର୍ଭିକ୍ଷ ଭୟରେ ପଳାଇ ଯାଉଅଛନ୍ତି ଏବଂ ପ୍ରାୟ ଦୁଇଶତ ଜଣ ଲୋକ ବୋମ୍ବାଇ ସହରକୁ ଯାଇଁ ମାଗିଖାଇ ବୁଲୁଅଛନ୍ତି । ଅନାବୃଷ୍ଟିଯୋଗେ ନଭାନଙ୍କର ଦଂଶଳଙ୍ଗ ଟଙ୍କାର କ୍ଷତି ହେବାର ଅନୁମାନ ହୋଇଅଛି ।

ଅପୂର୍ଣ୍ଣଶ୍ରମକାରୀ ଗିରଫ୍ତାର କାଣ୍ଡ ଅଦ୍ୟ ଶେଷ ନ ପାଇ ଏକପ୍ରକାର ପଡ଼ି ରହିଅଛି । ଲଣ୍ଡନଠାରୁ ଆସିଥିବା ଗତ ଅକ୍ଟୋବର ମାସ ତା ୨୮ ରିଖର ସମ୍ବାଦରୁ ପ୍ରକାଶ ଯେ ଜଅର ମିଷ୍ଟର ସିହାନ ନାମକ ଆଉ ଏକଜଣ ପାର୍ଲିଆମେଣ୍ଟର ମେମ୍ବର ଲୋକମାନଙ୍କୁ ଉତ୍ତେଜନା କରିବା ଅପରାଧରେ ଧୃତ ହୋଇଅଛନ୍ତି ।

ଅଲିପୁରର ଡେପୁଟୀ ମେଜେଷ୍ଟ୍ରେଟଙ୍କ ଅଦାଲତରେ ମୋକ୍ଷଦାନାମ୍ନୀ ଏକ ହିନ୍ଦୁ ସ୍ତ୍ରୀ ଏହି ମର୍ମରେ ନାଲିସ କରିଥିଲା କି ହରିଚରଣ ନାଗ ନାମକ ଏକବ୍ୟକ୍ତି ତାହା ଶରୀରରେ ଯବକ୍ଷାରଜାନ ( Nitric acid ) ପକାଇ ତାହାକୁ ଆଘାତ କରିଅଛି । ଆସାମୀ ପଳାଇ ଯାଇଥିବାର ରିପୋର୍ଟ ହେବାରୁ ଅଦାଲତରୁ ତାହାର ଗିରଫ୍ତାର ୱାରେଣ୍ଟ ବାହାର କଲାରୁ ପୁଲିସ ହରିଚରଣ ମଣ୍ଡଳକୁ ଗିରଫ୍ତାର କରି ଆଣିଲେ ମାତ୍ର ମୋକ୍ଷଦା ସେ ବ୍ୟକ୍ତି ଆସାମୀ ନ ଥିବାର କହିବାରୁ ଅଦାଲତ ତାହାକୁ ଛାଡ଼ିଦେଲେ । ହରିଚରଣ-ମଣ୍ଡଳ ମୁକ୍ତ ହୋଇ ଖେସାରତି ଦାବି କରିବାରୁ ଅଦାଲତ ତାହା ନାମଞ୍ଜୁର କରି କହିଲେ କି ଏତେ ଶୀଘ୍ର ଯେ ମୁକ୍ତି ପାଇଲା ଏଥିରେ ତାହାର ସନ୍ତୁଷ୍ଟ ହେବାର ଉଚିତ ଥିଲା । ଠିକ କଥା ! ଅମ୍ଭେମାନେ କହୁଁ ବରଂ ଉପଛକି ମୋକ୍ଷଦା ଦୋକାନ ଦଖଲ କରିବାକୁ ପଡ଼ିବାରୁ ହରିଚରଣଠାରୁ କିଛି ଅର୍ଥଦଣ୍ଡ ଯାହା ଅଦାଲତ ନ ନେଲେ !

ଫଳଦ୍ୱାରା ଗୋରୁ ଛୁଇଁବା ଏ ପର୍ଯ୍ୟନ୍ତ ବନ୍ଦ ହୋଇ ନ ଥିବାର ଦେଖାଯାଏ । ଅଳ୍ପଦିନ ହେଲା ଏକ ମୋକଦ୍ଦମାରେ କଲିକତାର ପ୍ରେସିଡେନ୍ସି ମେଜେଷ୍ଟ୍ରେଟଙ୍କ ଅଦାଲତରେ କେତେକଜଣ ଆସାମୀ ଏହି ଅପରାଧ ନିମିତ୍ତ ଟ ୫୧ ଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ ।

## ଯାଜପୁର–ସମ୍ବାଦ ।

ବର୍ତ୍ତମାନ ଏ ନଗରରେ କୌଣସି ପ୍ରକାର ରୋଗର ବିଶେଷ ପ୍ରାଦୁର୍ଭାବ ନାହିଁ କେବଳ ଲୋକମାନେ ପେଟ-ପୀଡ଼ାରେ ବ୍ୟସ୍ତ ଅଛନ୍ତି ।

ମହାମାନ୍ୟ ଶ୍ରୀଯୁକ୍ତ ଶ୍ରୀ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ମହୋଦୟଙ୍କ ଦରବାରରେ ଉପସ୍ଥିତ ହେବା କାରଣ ଏ ସହରର ଜଣେମାତ୍ର ପ୍ରଧାନ ଜମିଦାର ଶ୍ରୀ ରଘୁନାଥ ହରିଚନ୍ଦନ-ମହାପାତ୍ର ଆମନ୍ତ୍ରିତ ହୋଇଅଛନ୍ତି ।

ମନ୍ମଥନାଥ ରକ୍ଷିତ ଷ୍ଟେଶନ ପଠାଇବାରୁ ତାହା ହୋଇଥିବାରୁ ଲୋକମାନେ ଅନେକରେ ଡାକଦ୍ୱାରା ଖବର ପଠାଉଅଛନ୍ତି ଓ ରେଳ ଜମିଦାରମାନେ ଅନେକସମୟଙ୍କୁ କ୍ଷମା ପାଉଅଛନ୍ତି ।

## ପୁରୀ–ସମ୍ବାଦ ।

ଗତମାସ ବୃଷ୍ଟିଅଭାବରୁ ଦୁର୍ଭିକ୍ଷର ଶଙ୍କା ହୋଇଥିଲା, କିନ୍ତୁ କେତେକ ପଣ୍ଡିତ ବ୍ରାହ୍ମଣ ମନୋଯୋଗୀ ହୋଇ ଜଗନ୍ନାଥ ଅଗ୍ରେ କରିବାର ସ୍ଥିର କରି ସ୍ୱନାମରେ ଟଙ୍କା ସଂଗ୍ରହ କରି ମାର୍କଣ୍ଡେୟ ତୀର୍ଥରେ ଶତାଧିକ ଲୋକ ବ୍ରାହ୍ମଣମାନଙ୍କୁ ବରଣ କରାଇ ୧୧ ଦିନ କର୍ମ କରିବାରେ କର୍ମ ସଫଳ ହୋଇ କର୍ମ ହେବା ମଧ୍ୟରେ ଅସରନ୍ତି ବର୍ଷା ହୋଇଥିଲା । କର୍ମ ଶେଷ ହେଲା ଉତ୍ତାରୁ ଚତୁର୍ଦ୍ଦଶୀ ଦିନଠାରୁ ଚତୁର୍ଦ୍ଦିଗ ମେଘ ଧରି ଦଶାବଧି ବୃଷ୍ଟି ହେବାରେ ଫସଲ ପ୍ରତି ବିଶେଷ ଉପକାର ହୋଇଅଛି ଅଦ୍ୟପର୍ଯ୍ୟନ୍ତ ମେଘ ଛାଡ଼ି ନାହିଁ । ସଙ୍କଟ ନ ଥାଇ ଯେ ଉତ୍ତମ ବୃଷ୍ଟି ହେଉଅଛି ଏହାକୁ ସୁବୃଷ୍ଟି ବୋଲି ବୋଲିବାକୁ ହେବ । ଏହି ବର୍ଷାରେ ଦୁର୍ଭିକ୍ଷର କୋଳାହଳ ଉପଶମ ହୋଇଗଲା । ଅନ ପେଟିମାନେ ଦେବତା ବ୍ରାହ୍ମଣମାନ୍ୟ କି ସୁଲେ ସେମାନେ ଅଜ୍ଞାନ !

Split by PDF Splitter

Digitized by srujanika@gmail.com

ବର୍ଷା ହେବାରୁ ସହରକୁ ଯାହା ଚାଉଳ ଆସୁ ନ ଥିଲା ସେ ତ ଆସୁଅଛି । ତାହା ଦେଖି ଶ୍ରୀଯୁତ ମେଜିଷ୍ଟ୍ରେଟ ସାହେବ ଜଗନ୍ନାଥବଲ୍ଲଭ ମଠରେ ଚାଉଳ ଜମା କରିଲ ଦରିଦ୍ରମାନଙ୍କୁ ମନା କରି ପୁଲିସ ଓ ଅନେକ ମୁହରିର ଜଗାଇଦେଇଅଛନ୍ତି । ସେମାନେ ଆଣି ଚାଉଳ ସେ ୧୦।୧୪ ର ଟଙ୍କାରୁ ବିକ୍ରୟ କରୁଅଛନ୍ତି ଅରୁ ଯେଉଁ ଦକ୍ଷିଣୀ ମହାଜନମାନେ ସହଜାରୁ ଚାଉଳ ଖରିଦ କରୁଥିଲେ ସେମାନଙ୍କୁ ମନା କରି ଦେଇଅଛନ୍ତି ।

ଉକ୍ତ ମଠରେ ଜଣେ ଗୋଟାଏ ଗାଈ ଚୋରିକରି ନେଇ ଯାଉଥିଲା । ପୁଲିସ ହାତ ଧରି ହୋଇ କ୍ରିମିନେଲକୋର୍ଟ ସେସନରେ ରଖା ଯାଇଥିଲା । ସହରରେ ଚୋର ବ ମନେ କରି ସେଠାରୁ ଗୋଟାଏ ଠେଙ୍ଗା ଧରି ଜଣେ କନେଷ୍ଟବଲକୁ ପ୍ରହାର କରି ପଳାଇ ଯାଉଥିଲା ଦେଖିବାସ ଚୋରକୁ ଧରି ସୁଜଷ୍ଟ କାଏଦାରେ ରଖିଲେ ମାତ୍ର କନେଷ୍ଟବଲ ଗୁରୁତର ପ୍ରହାର ହେତୁ ମରିଗଲା । ଚୋରକୁ ଅସାବଧାନତା ପୂର୍ବକ ରଖିବାରୁ ସବ୍ଇନ୍ସପେକ୍ଟର ସସ୍ପେଣ୍ଡ ହୋଇ ମକଦମା ବିଚାରାଧୀନରେ ଅଛି ।

ଅବେ ଯେଉଁ ଚୋର ବଡ଼ଦେଉଳ ଶରଣ୍ଣପାଠାଭୂଷଣୀଙ୍କ ଅଳଙ୍କାର ଚୋରି କରି ଧରା ହୋଇଥିଲା ତାକୁ ପୌଷ ପୂର୍ବେ ଦଣ୍ଡ କରାଯାଇ ଅଛି ।

ପୂର୍ବେ ଏମାରମଠର ଗୁମାସ୍ତା ମୁହାମ ନାୟକ ଘରେ ଯେଉଁ ଡକାଏତି ହୋଇଥିଲା ସେ ମକଦମା ଶ୍ରୀଯୁତ କମିଶନର ସାହେବ ସଦୋଷୀଙ୍କ ବିଚାରାଧୀନରେ ଥାଇ ପ୍ରମାଣାଭାବରୁ ସେମାନଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି ।

ବଡ଼ଜଗା ଉଠିଯିବା ପାଇଁ ମିଉନିସିପାଲିଟି ଗତମାସ ତା ୨୨ ରିଖରେ ବ ୧୪ ଦିନ ମିଆଦ ଦେଇ ନୋଟିସ ଜାରି କରିଥିଲେ ସେ ମିଆଦ ଶେଷ ହେଲେହେଁ ଜଗାଘର ଉଠି ଯାଇ ନାହିଁ ଶ୍ରୀଯୁକ୍ତ ମେଜିଷ୍ଟ୍ରେଟସାହେବ ତାକୁ ଉଠାଇଦେବା ସକାଶେ ଯେପରି ମନୋଯୋଗୀ ହୋଇଅଛନ୍ତି ବୋଧ ହୁଏ ମିଉନିସିପାଲିଟିର ପ୍ରାର୍ଥନାମତେ ସାହେବ ମହୋଦୟ ତାହା ଉଠାଇଦେବା ବିଷୟରେ ବହୁତ ପ୍ରୟାସ କରିବେ ।

ପ୍ରାୟ ୨୦ ମାସ ହେଲା ବଡ଼ଦାଣ୍ଡର ଦୁଇ ତରଫରେ ପଥରଚଟା ପ୍ରସ୍ତୁତ ହେଉଅଛି । ଗୁଣ୍ଡିଚାଘରଠାରୁ ଜଗନ୍ନାଥ ମନ୍ଦିର ପଶ୍ଚିମ ତରଫ ନଦୀ ଯାଏଁ ବଲଗଣ୍ଡିସୁରୁଙ୍ଗା ଶଙ୍ଖବାଟେ ମିଳିବ । ପୂର୍ବ ତରଫ ନହରଘାଟ ଠାରୁ ନରେନ୍ଦ୍ରପର୍ଯ୍ୟନ୍ତ ଯାଇଁ ଏହି ନର୍ଦ୍ଦମା ସେତୁ ଶଙ୍ଖବଙ୍ଗ ମିଳିବ । ବଡ଼ଦାଣ୍ଡ ମଧ୍ୟ ଦେଇ ବଡ଼ଦେଉଳ ସହିତ ସଙ୍ଗେ ଯୋଗ ହୋଇ ଅଠରନଳା ସଡ଼କରେ ମିଶିବା ସକାଶେ ବାନ୍ଧି ଦେଇଅଛି । ବୋଧ ହୁଏ ଅଳ୍ପ ଦିନମାସ କାମ ଚଳିବ । ଏଥିରେ ମନୁଷ୍ୟମାନଙ୍କର ବହୁତ ଉପକାର ହୋଇଅଛି ।

ମାନ୍ୟବର ଶ୍ରୀଯୁକ୍ତ ଲେଫ୍ଟେନେଣ୍ଟ ଗବର୍ଣ୍ଣର ମହୋଦୟଙ୍କ ଶୁଭାଗମନ ଉପଲକ୍ଷେ ଏଠାରେ ବଡ଼ ହୋଇ ମିଉନିସିପାଲିଟିରୁ ୫ ୭୦୦୯ ଙ୍କା ଅଲ ଖାଜନା ବ୍ୟୟ ୫ ୬୦୦୯ ଙ୍କା ଏପରି ୫ ୬୦୦୯ ଙ୍କା ଦେଇ ମରହିମତ ଅଲଙ୍କାରରେ ଘରହେଲା ସକାଶେ ବନ୍ଦୋବସ୍ତ କରିଅଛି ।

---

ପତ୍ରପ୍ରେରକଙ୍କ ପ୍ରତି ।

କୃଷ୍ଣଦେବଙ୍କୁ ଜୟପୁର—ସମ୍ପ୍ରତି ବୃଷ୍ଟି ହେବାରୁ ଅସଲ୍ଲା ଦୂର ହୋଇଅଛି ।

ଜଣେ ହିନ୍ଦୁ—ଡାକ୍ତରଖାନାର ଔଷଧସବୁ ଖ୍ରୀଷ୍ଟିୟାନଙ୍କ ହାତରେ ପ୍ରସ୍ତୁତ ହୋଇଥିବା-ପ୍ରଯୁକ୍ତେ ଖ୍ରୀଷ୍ଟିୟାନଡାକ୍ତରଙ୍କଦ୍ୱାରା ତାହା ବନ୍ଟନ ହେବାରେ ହିନ୍ଦୁଙ୍କର ଅପବିତ୍ର ହେବୁ କ ରହିଲ ଅମ୍ଭେମାନେ ବୁଝି ପାରିଲୁଁ ନାହିଁ ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତଉପରେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-

ସମୀପେଷୁ

ମହାଶୟ !

ଏ ଖଣ୍ଡପଡ଼ାଅଞ୍ଚଳ ଇଲାକାରେ ଗତସନ ଫସଲର ଅବସ୍ଥା ଉତ୍ତମ ନ ଥିବା ଓ ସନହାଲର ଧାନଫସଲ ବର୍ଷାଭାବରୁ ନଷ୍ଟ ହୋଇଯିବାରୁ ଗରିବ ପ୍ରଜାମାନଙ୍କର ଜୀବନରକ୍ଷାର କୌଣସି ଉପାୟ ଦେଖା ନ ଯିବାରୁ ଅମ୍ଭମାନଙ୍କର ଦୟାଳୁ ରାଜାସାହେବ ନଇଗଡ଼ ମୁକାମରେ ଏକଗୋଷ୍ଠି ଅନ୍ନଛତ୍ର ମା ୬ ସ ହେବ ସଂସ୍ଥାପନ କରିଦେଇଅଛନ୍ତି ଯେ ସେଥିରେ ପ୍ରାୟ ପ୍ରତିଦିନ ଦୁଇସହସ୍ରଧିକ ଦରିଦ୍ର ଲୋକ ଭୋଜନ କରୁଅଛନ୍ତି ରାଜାସାହେବଙ୍କର ଏରୂପ ବଦାନ୍ୟତାପଣକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ସ୍ଥାନଦାନ ଦେଇ ଚରିତାର୍ଥ କରିବାହେବେ ଇତି ।

୨।୧୧।୮୮ । ମୁ । ନଇଗଡ଼ । ଡ । ଖଣ୍ଡପଡ଼ା ।

ବଶମ୍ବଦ,

ରାଜମଣି ଦାସ ସିରସ୍ତାଦାର

କ୍ଷ୍ମା, ରାଜା । ଡ । ଖଣ୍ଡପଡ଼ା

---

ମହାଶୟ !

ନିମ୍ନଲିଖିତ ପଂକ୍ତିନିଚୟକୁ ଆପଣଙ୍କର ଜଗଦ୍‌ବିଖ୍ୟାତ ପତ୍ରିକାପାର୍ଶ୍ୱରେ ସ୍ଥାନଦାନ କରି ଚରିତାର୍ଥ କରିବା ହେବେ ।

ଅମ୍ଭମାନଙ୍କର ଏହି ସୁନ୍ଦରଗ୍ରାମରେ କତିପୟ ବର୍ଷରୁ ଗୋଟିଏ ମାଇନର ସ୍କୁଲ ସ୍ଥାପିତହୋଇ ଏହି ସ୍ଥାନର ଏବଂ ସନ୍ନିକଟବର୍ତ୍ତୀ ଗ୍ରାମସମୂହର ଲୋକମାନଙ୍କର ବହୁବିଧ ଉପକାର ସାଧନ କରୁଥିଲା କିନ୍ତୁ ଦୁଃଖର ବିଷୟ ଯେ ଅକ୍ଟୋବରମାସ ତା ୨୫ ରିଖଠାରୁ ସମ୍ପାଦକ ତତ୍ତ୍ୱଧାରୀ ଶ୍ରୀ କୃତ୍ତିବାସ ଦାସଙ୍କ ଅବହେଳାନୁଯାୟୀ ଉକ୍ତ ସ୍କୁଲ ଇଙ୍ଗାରପୁରନିକଟସ୍ଥ ନନ୍ଦପୁର ମୌଜାକୁ ସ୍ଥାନାନ୍ତରିତ ହୋଇଅଛି । କେହିଁ ଅନୁକମ୍ପାକରତଃ ସମ୍ପାଦକ ମହାଶୟଙ୍କର ସ୍ୱଭାବଚରିତ୍ରରେ ଏପରି ଭାବ ଉଦୟ ହେଲା ତାହା ଏହି ସ୍ୱଳ୍ପବୁଦ୍ଧି ଲେଖକମାନଙ୍କର ଅନ୍ତଃକରଣକୁ ସ୍ପର୍ଶ କରିପାରିଲା ନାହିଁ, କେହିଁ କହନ୍ତି ଯେ ତତ୍ତ୍ୱଧାରୀମହାଶୟ ସ୍କୁଲଗୃହର ଜୀର୍ଣ୍ଣାବସ୍ଥା ହେତୁରୁ ନୂତନଗୃହନିମିତ୍ତ ସ୍ଥାନାନ୍ତର କରିବାକୁ ମନସ୍ଥ କରିଅଛନ୍ତି, କିନ୍ତୁ ଯଦ୍ୟପି ତାହାଙ୍କର ସ୍କୁଲ ଏହିସ୍ଥାନରେ ରଖିବାକୁ ଅଭିଳାଷ ଥାଆନ୍ତା ତାହା ହେଲେ ସ୍କୁଲଗୃହର ସମୁଦାୟ ଦୁରବସ୍ଥା ଗତ ଦୁଇ ବର୍ଷ ମଧ୍ୟରେ ଦୂର ହୋଇଥାଆନ୍ତା, ତେବେ ସ୍କୁଲକୁ ଗ୍ରୀଷ୍ମାବକାଶପର୍ଯ୍ୟନ୍ତ ଏହି ସ୍ଥାନରେ ରଖାଇ ଛୁଟିମଧ୍ୟରେ ଗୋଟିଏ ଗୃହନିର୍ମାଣ କରିଥିଲେ ଭଲ ହୋଇଥାଆନ୍ତା, କିନ୍ତୁ ସେ ତାହା ନ କରି ସ୍କୁଲକୁ ଏକାବେଳକେ ଏ ସ୍ଥାନରୁ ଉଠାଇନେବାଦ୍ୱାରା ସ୍ଥାନୀୟ ପରୀକ୍ଷାର୍ଥୀ ଗରିବ ବାଳକମାନଙ୍କର ଏବଂ ସ୍କୁଲର ସମସ୍ତ ଅଶା ବିଲୁପ୍ତ କରିଅଛନ୍ତି ସ୍କୁଲଟି ଯେଉଁଠାରେ ଥିଲା ତାହା ଲୋକସ୍ତ୍ରୀର ଠିକ ଧାରରେ ଅବସ୍ଥିତ ଥିଲା ଏବଂ ସୁନ୍ଦରଗ୍ରାମର ମଧ୍ୟସ୍ଥି କେଶବର ଭିନ୍ନ ଦୁଇଗ୍ରାମର ପ୍ରାୟ ୩୦।୪୦ ଜଣ ଛାତ୍ର ଏହି ସ୍କୁଲରେ ଅଧ୍ୟୟନ କରନ୍ତି କିନ୍ତୁ ଭିନ୍ନ ଦୁଇଗ୍ରାମର ବାଳକମାନଙ୍କ ପକ୍ଷେ ପ୍ରତିଦିନ ୩।୪ ମାଇଲ ପଥ ଯାଇଁ ଇଙ୍ଗାରପୁରରେ ଅଧ୍ୟୟନ କରିବା ନିତାନ୍ତ ଅସମ୍ଭବ ତେଣୁ ଏହି ଗରିବ ବାଳକମାନେ ( ଯେଉଁମାନେ ସ୍କୁଲରେ ଏକଘଣ୍ଟା ପଇସା ଦରମା ଦେବାକୁ ଅକ୍ଷମ ) ସେ ସେଠାରେ କଷ୍ଟାପୂର୍ବ କଲ ରହି ପଢ଼ିପାରିବେ ତାହା ମଧ୍ୟ ଚିନ୍ତାକରିବା ବୃଥା । କେହିଁ କହନ୍ତି ଯେ ତତ୍ତ୍ୱଧାରୀମହାଶୟ ଆପଣାପିଲାମାନଙ୍କର ପଢ଼ାରୁ ସୁବିଧାନିମିତ୍ତ ସ୍କୁଲ ଏସ୍ଥାନରୁ ଉଠାଇ ନେଇଅଛନ୍ତି, କିନ୍ତୁ ଏପରିସ୍ଥଳେ ଯେ ମହାଶୟ ସମସ୍ତଙ୍କ ଆଶା-ଭରସା ଛେଦନ କରି ଅପଣାର ମନୋଭିଷ୍ଟ ପୂରଣ କରିଅଛନ୍ତି ତାହା ସେହିଶ୍ରେଣୀୟ ଲୋକମାନଙ୍କର ଉଚିତ ନୋହେ ଅସମ୍ଭବ, ସମ୍ପାଦକ ମହାଶୟଙ୍କର ଯେପରି କ୍ଷମତା ସେ ଅପଣାର ପିଲାମାନଙ୍କର ପଠନନିମିତ୍ତ ଅନ୍ୟ କିଛି ସୁବିଧା କରିପାରନ୍ତେ ତେବେ ଅପଣା ଜମିଦାରୀମଧ୍ୟରେ ଏପରି ୪।୫ ଗୋଟା ସ୍କୁଲ ସ୍ଥାପନ କରିପାରନ୍ତି ଏତେବଡ଼ କ୍ଷମତା ଥିବାସ୍ଥଳେ ତାହାଙ୍କର ଅମ୍ଭମାନଙ୍କପରି ଗରିବଲୋକମାନଙ୍କୁ ହତୋତ୍ସାହ କରିବା ଅନୁଚିତ, ତେବେ ବର୍ତ୍ତମାନ ସେହିସ୍ଥାନକୁ ସ୍କୁଲ ସ୍ଥାନାନ୍ତରିତ ହୋଇଅଛି ସେଠାରେ ସ୍କୁଲର ସ୍ଥାୟିତ୍ୱ ଏବଂ ଉନ୍ନତି ସମ୍ପ୍ରତିରୂପେ ପରିବର୍ତ୍ତନୀୟ, ଅତଏବ ସ୍କୁଲକୁ

Split by PDF Splitter
Digitized by srujanika@gmail.com

ସମ୍ପାଦକ ଏବଂ ଡିଷ୍ଟ୍ରିକ୍ଟ ବୋର୍ଡର ମେମ୍ବର-ମାନଙ୍କୁ ସବିନୟ ପ୍ରାର୍ଥନା ଯେ ଯେଉଁସ୍ଥାନରେ ସ୍କୁଲର ସ୍ଥାୟୀ ହେବ ଅର୍ଥାତ ଯେଉଁଠାରେ ଅନେକ ବାଳକ ଅଧ୍ୟୟନ କରିପାରିବେ ଏବଂ ସ୍କୁଲର ଉନ୍ନତି ହେବ ସେହିସ୍ଥାନରେ ସ୍କୁଲ ରଖିବା ତାହାଙ୍କ କର୍ତ୍ତବ୍ୟ ବିଶେଷତଃ ସୁନ୍ଦର-ଗା ଏବଂ ଝିଙ୍କଲେପ୍ରତି ଦୃଷ୍ଟିପାତ କରି ଏକାନ୍ତ କର୍ତ୍ତବ୍ୟ, ଇତି ।

୨।୧୧।୮୮ }
ଷାଉଲେ } ଶ୍ରୀ——ଚରଣ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଉମାଚରଣ ଦାସ | କଟକ | ଅଗ୍ରିମ | ଟ ୬୧ |
| „ ହରେକୃଷ୍ଣଦାସ ସୂତାହାଟ | | „ | ଟ ୧୧ |
| ମାନେଜର ଇଷ୍ଟେଟ | ଢେଙ୍କାନାଳ | „ | ଟ ୩୧ |
| ବାବୁ ବଳ୍ଲଭାସ୍ଵ | | „ | ଟ ୩୧ |
| ପଣ୍ଡିତ ପ୍ରାଣବନ୍ଧୁ ବଦ୍ୟାରତ୍ନ | କଟକ | „ | ଟ ୩୧ |
| ବାବୁ ମାଗୁଣିଦାସ | „ | „ | ଟ ୧୧ |
| ଚୌଧୁରୀ ଉମାକାନ୍ତ ବଡ଼ପଣ୍ଡା ଯାଜପୁର | | „ | ଟ ୩୧ |
| ବାବୁ କୃଷ୍ଣମୋହନ ଘୋଷ | କଟକ | „ | ଟ ୩୧ |
| „ ଗୋବିନ୍ଦପ୍ରସାଦ ସାହୁ ଗୋପୀବଲ୍ଲଭପୁର „ | | | ଟ ୩୧ |
| „ ବାଲୁକେଶ୍ଵରଅଚରୁଦି ବୈଦେଶ୍ଵର ବାଙ୍କୀ „ | | | ଟ ୧୮ |
| „ ଚନ୍ଦ୍ରମଣି ମିଶ୍ର ଅଠମଲ୍ଲିକ | | „ | ଟ ୩୧ |
| „ ଜଗନ୍ନାଥପଣ୍ଡା ବାଣପୁର | | „ | ଟ ୩୧ |
| „ ଫକୀରଚରଣ ଦାସ ଢେଙ୍କାନାଳ | | „ | ଟ ୬୧ |
| ପଣ୍ଡିତ ଉମାଚରଣ ଭଟ୍ଟାଚାର୍ଯ୍ୟ | | „ | ଟ ୩୧ |
| „ | „ | ବକାୟା | ଟ ୪୧ |
| ବାବୁ ଜଗବନ୍ଧୁ ମହାନ୍ତି ଅଠଗଡ଼ | | ଅଗ୍ରିମ | ଟ ୩୧ |
| „ ଦାମୋଦର ସାହୁ | କଟକ | „ | ଟ ୧୧ |
| „ ରଘୁରାମ ସାହୁ | „ | „ | ଟ ୦୫ |
| „ ହରେକୃଷ୍ଣଦାସ | „ | „ | ଟ ୧୧ |
| „ ବୈଦ୍ୟନାଥପଣ୍ଡିତ ରାୟବାହାଦୁର „ | | „ | ଟ ୩୧ |
| „ ନନ୍ଦକୁମାର ଘୋଷ ଅସ୍କଣ୍ଠେ | „ | „ | ଟ ୩୧ |
| „ ହାଡ଼ିବନ୍ଧୁଦାସ ପାଳଲହଡ଼ା | | „ | ଟ ୩୧ |
| „ ରାଧାମୋହନ ଘଲ କଟକ | | „ | ଟ ୬୧ |

## ବିଜ୍ଞାପନ ।

**NOTICE**

Is hereby given that the accommodation Boat "CLARA" lying at the Pooree-ghat will be sold by public Auction on Thursday the 22nd November, 1888 at 9 A. M.

K. B. Bose,
Overseer,
In charge No. 2
Sub-Division
Pooree Dn.

## କୋଷ୍ଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ ଉକ୍ତଷ୍ଟକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକୋମ୍ପାନୀଙ୍କ ଦୋକାନରେ, ଉତ୍କଳଆପ୍ରେସରେ ଓ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

## TO THE DEAF.

A 132 pages Illustrated Book on deafness Noises in the head how cured at your homes.

Price 6 annas; Address Dr. Nicholson, 5 Old Court House Street, Calcutta.

## ବଧୀରଙ୍କପ୍ରତି ।

ବଧୀରତା ଓ କାନଭିତରେ ଶବ୍ଦ ହେବା ଉପର ଘରେ ବସି ଆରୋଗ୍ୟ ହେବାବିଷୟକ ସଚିତ୍ର ପୃ ୧୩୨ ପୃଷ୍ଠାର ପୁସ୍ତକ ମୂଲ୍ୟ ଟ ୦।୬ କଲିକତା ଓଲ୍ଡ କୋର୍ଟହାଉସ ଷ୍ଟ୍ରିଟ ନ ୫ ମ୍ବର ଭବନରେ ଡାକ୍ତର ନିକଲସନଙ୍କ ଠାରେ ପାଇବ ।

## ଫୌଜଦାରୀ କାର୍ଯ୍ୟବିଧି ଆଇନ ।

ଭାରତବର୍ଷୀୟ ସନ ୧୮୮୨ ସାଲର ୧୦ ଆଇନ, ସନ ୧୮୮୬ ସାଲର ୧୦ ଆଇନ ଓ ସନ ୧୮୮୭ ସାଲର ୫ ଆଇନ ସହିତ ମିଳିତ ଓ ସଂଶୋଧିତ ହୋଇ କଟକ ପ୍ରିଣ୍ଟିଂ-କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ପାଞ୍ଚସିକା ଟ ୧। ଡାକରେ ନେଲେ ମୂଲ୍ୟ ଛଡ଼ା ମାସୁଲ ଟ ୦।୬ ପଡ଼ିବ ।

## ସଚିତ୍ର ଚିଠିର କାଗଜ

ଚିଠି ଲେଖିବାର ଏପରି କାଗଜ ଓଡ଼ିଶାରେ ଏହି ନୂତନ । ପ୍ରତ୍ୟେକ କାଗଜରେ ହିନ୍ଦୁ-ଦେବଦେବୀ ଅର୍ଥାତ ରାଧାକୃଷ୍ଣ, ଜଗନ୍ନାଥ, ଲକ୍ଷ୍ମୀ, ସରସ୍ଵତୀ ଓ ଦୁର୍ଗାଙ୍କ ପ୍ରତିମୂର୍ତ୍ତିମଧ୍ୟରୁ ଗୋଟିଏ ଲେଖାଏ ଓ ତହିଁତଳେ ତାଙ୍କର ବନ୍ଦନା ସଂସ୍କୃତଶ୍ଳୋକରେ ଦିଆ ଯାଇଅଛି ଯାହା କି ପତ୍ର ଆରମ୍ଭରେ ଲେଖିବା ବିଧେୟ । ଆଉ ମଧ୍ୟ ଗୋଟିଏ ପକ୍ଷୀ ପତ୍ର ଦେଇ ଉଡ଼ି ଯାଉଅଛି ତାହା ତଳେ ଗୋଟିଏ କବିତା । ଅବଲମ୍ବେ ଅନ୍ତର ଅନେକ ପ୍ରକାର କାଗଜ ବାହାରୁଅଛି । ମୂଲ୍ୟ ୧୦୦ ରୁ ଟ ୦।୬; ପଇଂସାରେ ଦୁଇଖଣ୍ଡ; "କଟକ ପ୍ରିଣ୍ଟିଂକୋମ୍ପାନୀର ସେକ୍ରେଟରୀ" ଙ୍କ ନିକଟରେ ପ୍ରାପ୍ତବ୍ୟ ।

## ମେହରୋଗ ।

ଘଣ୍ଟା ମଧ୍ୟରେ ସମସ୍ତ ଜ୍ଵାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ଗୌ-ରବରାଶି ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ-ସକାଶେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ବୁଝିବେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମରାଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୋର ନଂ ମ୍ବର ଭବନରେ ସ, କେ, ରାଜ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨। ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ୍ ।

ଆମ୍ଭର ଚାନ୍ଦିଥିରିବଜାରସ୍ଥିତ ଦୋକାନରେ ଗହମର ଉତ୍ତମ ମଇଦା ଓ ଅଟା ବିକ୍ରୀସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଗୁଣ୍ଡି ଇତ୍ୟାଦି କିଛି ବଜାରପ୍ରାୟ ମିଶ୍ରିତ ନାହିଁ ଆଉ ଯାହାଙ୍କର ବୃହତ କର୍ମ ଥିବା ବେଶୀ ମଇଦା ଦରକାର ହେବ ତାଙ୍କର କର୍ମର ଆଠଦଶଦିନ ପୂର୍ବରୁ ଫରମାସ ଦେଲେ ଅମ୍ଭେ ତିଆର କରାଇଦେବୁଁ (ଫେରିକ ପରିଚୟରେ) ବଜାର ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୧୧।୮୮ }
କଟକ } ଶ୍ରୀ ଅଭୟବନ୍ଧୁବଳର ।

### ଶ୍ରଦ୍ଧାସ୍ପଦ ପଠିକବର୍ଗ

କଟକଜିଲ୍ଲାଅନ୍ତର୍ଗତ ହେନ୍ଦ୍ରାପଡ଼ାସ୍ଥ ସୁବର୍ଣ୍ଣଝାଳ ବଣିକ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ତତ୍ତ୍ଵାବଧାନରେ

Digitized by srujanika@gmail.com

ଅନେକାନେକ ଦୁଃସାଧ୍ୟ ରୋଗୀ ଓ ଡାକ୍ତର ଓ କବିରାଜମାନଙ୍କ ରୋଗୀ ଅରୋଗ୍ୟ ଲଭ କରନ୍ତି । ତାହାଙ୍କ ନିର୍ମିତ ଓଲଉଠା ରୋଗର ଔଷଧ ଅତୀବ ପ୍ରଶଂସନୀୟ । ଏହା କଥିମତେ ସେବନ କଲେ କାଳର ହସ୍ତରୁ ରକ୍ଷା ପାଇ ପାଇବେ । ତାହାଙ୍କ ନିର୍ମିତ ହେମାଦି ବଟୀ ନାମକ ଜ୍ୱରହାରକ ଔଷଧର ଆଶ୍ଚର୍ଯ୍ୟ ଶକ୍ତି । ଢେଙ୍କାନାଳ ନିବାସୀ ଶ୍ରୀ ରାମଚନ୍ଦ୍ରବଡ଼ପଣ୍ଡାଙ୍କର ଗୃହଗୋଷ୍ଠି ଜ୍ୱରରୋଗିମାନଙ୍କରୁ କେହି ମା ୭ ସ, କେହିବା ମା ୫ ସ, କେହି ୬, ୯ ଓ ୧୦ ମାସର ରୋଗୀ ଥିଲେ ଏମାନେ ଏହି ପାନ ସେବନ କରି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହୋଇଅଛନ୍ତି । ମହାଶୟ କଲେ ବୌଦ୍ଧ ଓ ଶ୍ରୀ ଯୁକ୍ତ ବାବୁ ଗୌରୀଶଙ୍କରରାୟ ଓଲଉଠା ରୋଗର ଔଷଧ ପରୀକ୍ଷାକରି ଅତ୍ୟନ୍ତ ପ୍ରୀତ ହୋଇ ଅଛନ୍ତି । ବାଙ୍କୀ ନିବାସୀ ଶ୍ରୀ ବାବୁ ଶିବଚନ୍ଦ୍ରପଟ୍ଟନାୟକଙ୍କର ବର୍ଷାଧିକ ବ୍ୟାପି, ଡାକ୍ତର ଓ କବିରାଜମାନଙ୍କ ଏବଂ ଜଣାସ୍ତ୍ରନ୍ତ୍ରାଦିଗଣ ମହକୁଲ୍ଲାକାନ୍ତ ରୋଗିଭ ରୋଗମୁକ୍ତ, ଦୃଢ଼ ଓ ସବଳକାୟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇ ଅଛନ୍ତି । ଏପରି ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ପୁରୀ, କଟକ, ପିପିଲି, ଗଞ୍ଜାମ, ଯେଜାପୁର, ଭଦ୍ରଖ, ମାଣିକପଟ୍ଟଣା, ଆଖୁଆପଦା, ଏକମା, ମେଦନୀପୁର, ବୌଦ୍ଧ, ବାଲିପଟ୍ଟଣା, ରଣପୁଟ୍ଟା, ଓ ନିମାପଡ଼ା ପ୍ରଭୃତି ସ୍ଥାନମାନଙ୍କରୁ ମେଦ, ଅପସ୍ମାର, ଶୂଳ, ଦନ୍ତଅରିଷ, ଓଲଉଠା, ଆମାଶୟ, ମେଲେରିଆଜ୍ୱର, ସାର୍ବକାଳସ୍ଥାୟିଜ୍ୱର, ଉନ୍ମାଦ, ଜର୍ଣ୍ଣଜ୍ୱର, ପାଳିଜ୍ୱର, ଦାଦୁ, କାଳାଜିର୍ଣ୍ଣ, ଗ୍ରହଣୀ, ଅଜୀର୍ଣ୍ଣ, ପ୍ରମେହ, ମୂତ୍ରକୃଚ୍ଛ୍ର, କାଶ, ଶ୍ୱାସ ଓ ଉଦରୀ ଆଦି ନାନାପ୍ରକାର ରୋଗୀ ସ୍ଥାନୀୟ ଅବସ୍ଥାରେ ନୈରାଶ ହୋଇ ଉକ୍ତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ଅଛନ୍ତି । ଆରୋଗ୍ୟାକାଂକ୍ଷିମାନେ ଋଷ୍ଟାଇକାଡ଼ ବା ଡାକଟିକଟ ସହ ପତ୍ର ଲେଖିଲେ ଅଶୁଫଳପ୍ରଦ ଔଷଧର ବ୍ୟବସ୍ଥା ପାଇ ପାରିବେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତ

---

# ବାଲିକାଗାନ ।

ଉଲଲିଖିତ ପୁସ୍ତକ ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୦ ଇଞ୍ଚ ବାଇ ଘ ୧୬ | ଟ ୨୮୵ | ଘ ୧୬ ଟ ୦ ୮/୭ |
| ୧୪ ଇଞ୍ଚ .. | .. ଟ [illegible] | .. ଟ [illegible] |
| ୧୬ ଇଞ୍ଚ .. | .. ଟ [illegible] | .. ଟ [illegible] |
| ୧୨ ଏବି ଉକଲଫୁଲସ୍କେପ .. | ଟ [illegible] | .. ଟ ୦ ୮/୭ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ନଙ୍ଗଳା ଓ ରେଶମାର୍ଡଗେର ଲୁଗା ଓ ସେଣ୍ଟ୍ରାଲଗା ଓ ନାନା ଜାତି ଇମାରତ ସରଞ୍ଜାମ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଏହାଭିନ୍ନ ଅନ୍ୟ କେତେକ ଫେନ୍ସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏଉତ୍ତା ଆମ୍ଭେମାନେ ଶଲେଉ ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଇଚ୍ଛିଲେ ତାଙ୍କ ନିମନ୍ତେ ଜମାଖିବ । ଯଦି ଉକ୍ତ ଖାତାମାନ ବିକ୍ରୟ ହେବା ପକ୍ଷ ଅପେକ୍ଷା ମଫସଲ ସହାସେ ବଡ଼ା ଲଗାନ୍ତି ତେବେ ଏହି ଗ୍ରନ୍ଥରୁ ଯେ ବଣା ଟଂ୨/୬ ହିସାବରେ ଉତ୍ତା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖଣ୍ଡନଚର ଗାର ଭାଗ ଉପରେ ଥିବ । ସବୁ ହେଲେ ଖାତାର ପତ୍ର ମୂଲ୍ୟ ତାଙ୍କ ଦେବାକୁ ହେବ ।

## ଫର୍ଦ୍ଦହିଲ ।

| | |
|---|---|
| କଲର ରେଳଣା ଓ ଉଣ୍ଟରେ ଚୁଡ଼ ହେଲେ ଯୁଳେ । | ଦର୍ପଣ ଅର୍ଦ୍ଧ । |
| ଡରେଷ୍ଟାକ | କ୍ଷୋରକୋଷଣା । |
| କଫେସାଜ୍ ତେଲ କରିବା ଯେଉଁ ଶିଶି ଓ କୋଣ ସବୁତ । | କାତ ସିଲର ଓ ଫଳ ଗର୍ଜିନ ଓ ଗାଡ଼ୀ |
| ଜୁତା ଅର୍ଥାତ୍ ଚକଣ୍ଡ ବନ୍ଧା କାଗଜ ପେନ୍ସିଲ ଓ ଲଣ୍ଟନ । | ସଙ୍ଗୀ |
| ପେନ୍ସିଲ କାଟିବା ଛୁରି । | ରବର୍ଟ ବୁଟମଜବୁତ ଏକପଟ ଲୁଚ |
| ନାନା ପ୍ରକାରର ଝର୍ଣ୍ଣା କଲମ ୨ ଇଞ୍ଚିଆ ଟେବଲ ଚୁଷ | କେଳସନ ଦାଗେଇ ସମ ଡେସକ ଅଫିସ |
| ପିତଳ ଚୂଡ଼ି | ୧ ଗ୍ରୋସର ସ୍କ୍ରୁଡେଡ |
| ଦରଜା ତାଲୁକ । | କାଗଜ ଓ ଲୁଗା । |
| ତାଳାଢ ବାକାନ ସନ୍ଧିରେ ଲୁଗା ସଜାଇବା ଲୁଗ । | ବଜାର ଅବରୋଧ ଏକର ବାଇସ । |
| ଅଫୋର୍ଡ ଗ୍ରେଡ—ଅର୍ଥାତ୍ ସୁନ୍ଦର ଲୁଗ । | ଅନେକ ଦେଶୀ ଜିନିଷ ଅଛି ଏ ହେବାବେଳେ ଯେଉଁ କଟିଙ୍ଗ ତେଲ ଲଗାଇ ଦେଖିବ ପେଚ୍ଛିଲ ଲେଖା ସକଳେ ଦେଇ ତଥାପି ବେଳର ଚତୁର ଭ, କର ଲ ଲଗିବ । |
| ଅଏଲ ଲୁଗ । | |
| ଓଲିଭର ପୁସ୍ତକ ହକା । | |
| ଯୋର୍ଷ୍ଣୁଲେଲ ଓ ପିତ୍ତଳର ଲେମ୍ପ ସେଡ ଓ ଚିମନି ଲଣ୍ଟ ସେଲ | ବଟି ଓ ପାଉଡରଶିଶି ପେଟା |
| ନୂତନ ଢାଞ୍ଚ ଅର୍ଥାତ୍ ଲେଖିବାବେଳେ ଘଡ଼ ଓ ଶୁଖିଲେ ବଡ଼ା ହେବ । | କସ୍ତୁରିକ ତେଲରେ ଦିଆ ଯାଇବାର ଶାଗ ମନସାମା |
| ଅଲିନ ଜ୍ଞାତ ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ „ | ଲେଡ଼ ବୁ ପେନ୍ସିଲ କାଗଜଭରା ଗାଡ଼ୀ ଓ ଯୋଡ଼ା ଓ କଳ |
| ମୋଜା ଓ ମୋଜାବନ୍ଧ | ନବଦ୍ୱୀପକାଗ ଓ ଗିଲାପାଦ ପାଉଁଶୋଷ ଓ ଯାତ୍ରୀ । |
| ଲଣ୍ଠନ ୪ଥ ଲଣ୍ଠନସାଇ ଜଙ୍ଗ ସାଇଜ କଟା ଓ ସୁଜଣା | ଟ୍ରିଙ୍ଗ କାଢ |
| ଭେଣ୍ଟିଲେସନ । | ଏଣ୍ଟିମୋନି ଅର୍ଥାତ୍ ରସାଞ୍ଜନ ସପାର ଅକ୍ଷର ଲଗ୍ନର ଜଳଖା କମରେ ତରବାର ଲୁଗ । |

# ପିଚକାର ।

ଏ ଦାଗକୁ ଯେକୌଣସି ପାଦରେ ଗଞ୍ଜି କର୍ଣ୍ଣର ଉଦ୍ଦିଜାଳ ଲୋଦାସରିତ ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ସବୁର ମଣ୍ଡିଗରେ ଲେପିଦେଲେ ମଇଦୃଷ୍ଟ ଓ ଉଇ ଧରିବ ନାହିଁ ।

କରିଉ ଉମଣ୍ଡା ଓ ସାଜରେ ଲଗାଇବାର ଜାଗ ମଧ୍ୟ ଅଛି ।

ଅଉଡ଼କ୍ତୁରିଉ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୵ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଉହିଁର ଖର୍ଚ୍ଚ ଟ ୵୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହରା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ଜିଲା କଟକ ଉତ୍କଳପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୩ ଶ / ସଂ ୪୮ ସଂଖ୍ୟା } ତା ୨୭ ଶେ ମାହେ ନବମ୍ବର ସନ ୧୮୮୮ ମସିହା । ମୁ । ମାର୍ଗଶିର ବ ୫ ଦି ସନ ୧୨୯୬ ସାଲ ଶନିବାର { ଅ ବାର୍ଷିକ ମୂଲ୍ୟ ଟ ୩। / ପଶ୍ଚାଦେୟ ଟ ୬।

ଗୁଜରାଟରେ ଚଳିତମାସ ତା ୯ ଖର ସପ୍ତାହରେ ଖୁବ ବୃଷ୍ଟି ହୋଇଅଛି ଏବଂ ବମ୍ବେଇରୁ ଏକବ୍ୟକ୍ତି ଏହିପରି ଭାରତସମ୍ବାଦ ପତ୍ରିକାରେ ଲେଖିଅଛନ୍ତି ସେପ୍ରଦେଶରେ ଅତି ଦୁର୍ଭିକ୍ଷ ବା ଖାଦ୍ୟ ଅପ୍ରାପ୍ତିର ଭୟ ନାହିଁ । ଲେଖକଙ୍କ ଅନୁମାନ ସତ୍ୟ ହେଲେ ବଡ଼ ସୁଖର କଥା ହେବ ।

---

ଭବଅ ଓ ହାଜାର ଯୁଦ୍ଧମାନ ଶେଷ ନ ହେଉଣୁ ଚଟ୍ଟଗ୍ରାମର ସୀମା ପ୍ରଦେଶରେ ପୁଣି ଏକ କ୍ଷୁଦ୍ରଯୁଦ୍ଧର ସୂଚନା ହୋଇ ଦୁଇପଲ୍ଟନ ଗୁରଖାସୈନ୍ୟ ଏକ ପଲ୍ଟନ ଅଶ୍ୱାରୋହୀ ଏବଂ ଦୁଇଟା ତୋପ ପଠାଯିବାର ବନ୍ଦୋବସ୍ତ ଲାଗିଅଛି । ଲର୍ଡ଼ଡଫରିନଙ୍କର ଅମଳଟା କେବଳ ସୀମା ଦୃଢ଼କରିବା ଏବଂ କ୍ଷୁଦ୍ର ଯୁଦ୍ଧରେ ଶେଷ ହେଲା । ଏ କଷ୍ଟସମୟରେ ଗତ ବର୍ଷ ହେଉଁଠାରୁ ଏତେ ଯୁଦ୍ଧବ୍ୟୟ ଯେ ... ଚ ।

---

ବାରବୋଟିଆ ଓ କେନ୍ଦୁପାଟଣା ମଧ୍ୟରେ କେନ୍ଦ୍ରପଡ଼ା କାନାଲର ବାମପାଖ ଅର୍ଥାତ୍ ଚଳିତ ଗର ବନ୍ଧ ଏକସ୍ଥାନରେ ପ୍ରାୟ ୩୦ ହାତ ଲମ୍ବରେ ଗତ ସପ୍ତାହର ଭାଙ୍ଗିଯିବାରୁ ତନ୍ନିକଟବର୍ତ୍ତୀ ଜାହାଜ ଗତାୟାତ ବନ୍ଦ ହୋଇଥିଲା । ମାନ୍ୟବର ଷ୍ଟେଟ୍‌ସାହେବଙ୍କ ଅସିବାର ଥିବାରୁ ତତ୍ସାତ୍ ପଶ୍ଚିମ ଦଉ କାଉନମାସ୍ତର ତାହାକୁ ମରାମତ କରଦେଲେ ଏବଂ ସେତ ରୁଧିବାର ସ୍ଥାନମନେ ବାର ଜାହାଜମାନ ଗନ୍ତବ୍ୟସ୍ଥଳକୁ ଗଲା । ବନ୍ଧରେ କଣ୍ଟିନ ଜଳ ମାଡ଼ଯାଇ ପାଡ଼ଲଙ୍ଘି ଧାନର କିଛି କ୍ଷତି କରିଅଛି ।

---

ଓଡ଼ିଶା ତଳିକରୂପେ ହୀନ ପ୍ରଦେଶ ବୋଲି ଅମ୍ଭମାନଙ୍କର ବର୍ତ୍ତମାନ ଲେପ୍ଟେନାଣ୍ଟ ଗଭର୍ନର ନିର୍ଦ୍ଧାରଣରେ ଲେଖିଥିଲେ । ସେହି ମହୋଦୟଙ୍କର ଏଠାରୁ ଶୁଭାଗମନସମୟରେ ହିନ୍ଦୁଙ୍କର ଯୋଡ଼ିଏ ଶୁଭାର ପ୍ରଦତ୍ତ ହୋଇଅଛି ଅର୍ଥାତ୍ ଏଠା ଗଡ଼ଜାତ ଗଡ଼ଜିତ୍ୟାବାରପାଠ ବନ୍ଦକରିବାରୁ ପଲଟନ ସାହେବଙ୍କର ଆଦେଶ ଏବଂ ପୁଣି ବଡ଼ଲାଟ ଉପରେ ସେଠା ମିଉନିସିପାଲିଟୀର ଅଭ୍ୟାଗତ । ମାନ୍ୟବର ମହୋଦୟ ଏସବୁର ଅବଶ୍ୟ ସୁବିଚାର କରିବେ ।

---

ଗଞ୍ଜାମରେ ପ୍ରଚୁରପରିମାଣରେ ବୃଷ୍ଟି ହୋଇଅଛି ମାତ୍ର କଥିତ ହୁଏ ଯେ ପୂର୍ବରୁ ଧାନଗଛ ସବୁ ପୋଡ଼ିଯାଇ ଥିବାରୁ ଏ ବୃଷ୍ଟିଦ୍ୱାରା ବିଶେଷ ଉପକାର ହୋଇ ନାହିଁ । ସେଠାରୁ ଗତସପ୍ତାହରେ ଯେଉଁ ପତ୍ର ପାଇଥିଲୁଁ ତହିଁରେ ପ୍ରଜାଙ୍କର ଘୋର କଷ୍ଟର କଥା ଲେଖାଥିଲା । ଲୁଟତରାଜ ବିଶେଷ ଲାଗି ରହିଅଛି । ଟେକରଗଡ଼ ଏଲାକା ଗୋବିନ୍ଦପୁର ଗ୍ରାମ ଲୁଟ ହୋଇଗଲା ଏବଂ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ତଦାରଖ କରିବାକୁ ଅସିବାରୁ ତାହାଙ୍କୁ କେତେକ ପଥର ପକାଇଲେ । ଏଥିପାଇଁ ବ୍ରହ୍ମପୁରଠାରୁ ସେଠାକୁ ଏକ କମ୍ପାନି ସିପାହି ପ୍ରେରିତ ହୋଇଥିଲେ ।

---

ଗତ ଅମାବାସ୍ୟାଠାରୁ ଯେଉଁ ମେଘସଞ୍ଚାର ହୋଇଥିଲା ଅଦ୍ୟ ସମ୍ପୂର୍ଣ୍ଣରୂପେ ଛାଡ଼ି ନାହିଁ ଅକାଶରେ ପ୍ରାୟ ମେଘ ରହିଅଛି କୁଆଡ଼େ ଥର ଅଳ୍ପବୃଷ୍ଟି ମଧ୍ୟ ହୋଇଥିଲା । ଏହିବାର ଫସଲର ଅବସ୍ଥା ଓ ଧାନ ଗୃହଜାତର ଭାର ଗତସପ୍ତାହପରି ରହିଅଛି ଏବଂ ଖାଲଜମି ନାଳରେ ଅନେକ ମଞ୍ଜୁସା ଲାଗିଥିବାରୁ କଷ୍ଟ ଜଣାଯାଉ ନାହିଁ ମାତ୍ର ପୁରୀଜିଲାରେ ଅନ୍ନକଷ୍ଟର ବିଲକ୍ଷଣ ସୂଚନା ଦେଖାଯାଉଅଛି । ପୁରୀସହରରେ ପୁଲିସ ରହି ଜଣକ ଚଢ଼ାଇ କରୁଅଛନ୍ତି ଓ ଟଙ୍କାକୁ ସେ ୬।୧୨ ରରୁ ଅଧିକ ମିଳୁ ନାହିଁ । କଙ୍ଗାଲମାନେ ଛାଡ଼ି ଯେଉଁ ବୁଲିବାର ଅରମ୍ଭ କଲେଣି । ମାନ୍ୟବର ଷ୍ଟେଟ୍‌ସାହେବ ବାହାଦୁର ସ୍ୱୟଂ ସେଠାର ଅବସ୍ଥା ଦେଖି ଉଚିତ ଉପାୟ କରିବେ ।

---

ମାନ୍ୟବର ଛୋଟଲାଟ ବାହାଦୁର ଏ ନଗରରେ ଯେଉଁଦିନ ଯାହା କରିବେ ତାହା ନିମ୍ନଲିଖିତ ରୂପେ ଅବଧାରିତ ହୋଇଅଛି । ଯଥା

ଅଦ୍ୟ ଶନିବାର—ପ୍ରାତଃକାଳରେ ଭଲଣ୍ଟିୟରର ପଲ୍ଟନ ଦର୍ଶନ । ଅପରାହ୍ନ ପ ୩ ଘ ସମୟରେ ଦରବାର । ଏ ଦରବାର ବନ୍ଦ-

Digitized by srujanika@gmail.com

ଅନୁଷ୍ଠାନ ପଢ଼ିଯିବେ ହେବ । ନିମନ୍ତ୍ରିତ ବ୍ୟକ୍ତି-
ମାନେ ଏହିଦିନ ପୂର୍ବରୁ ଅର୍ଥାତ୍ ପ ୭ ଘ
ଘଣ୍ଟା ସମୟରେ ଆପଣା ସ୍ଥାନରେ
ବସିବେ । ମାନ୍ୟବର ଲେଫ୍ଟେଣ୍ଟ ପଣ୍ଡିତ ୮ ଘଣ୍ଟା
ବାଜିବାବେଳେ ଉପସ୍ଥିତ ହେବେ ।

ରବିବାର—ବିଶ୍ରାମ ।

ସୋମବାର—କଲେଜ ଓ ଚାରିଟେବୁଲମାନ
ଦର୍ଶନ । ଅପରାହ୍ନ ପ ୨୫ ଘଣ୍ଟା ସମୟରେ ଲେଡି
ଡଫରିନ ଫଣ୍ଡର ପ୍ରଦର୍ଶନ ଓ ପ ୩୫ ଘଣ୍ଟା
ସମୟରେ ମେଡିକାଲକଲେଜରେ ପୁରସ୍କାର
ବିତରଣ ।

---

ଭାରତବର୍ଷର ଶିକ୍ଷାସମ୍ବନ୍ଧୀୟ ଯେଉଁ
ବିବରଣ ମାନ୍ୟବର କଫ୍ଟ ସାହେବ ପ୍ରସ୍ତୁତ
କରିଥିଲେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବିଲାତର
ସେକ୍ରେଟେରୀଙ୍କ ନିକଟକୁ ତାହା ପଠାଇବାରୁ
ସେକ୍ରେଟେରୀ ମହୋଦୟ ତହିଁରେ ସନ୍ତୋଷ
ପ୍ରକାଶ କରି କଫ୍ଟ ସାହେବଙ୍କୁ ଧନ୍ୟବାଦ
ଦେଇଅଛନ୍ତି । ଗତ ପାଞ୍ଚବର୍ଷରେ ସ୍କୁଲର
ସଂଖ୍ୟା ଏକ ତୃତୀୟାଂଶ ଓ ଛାତ୍ର ସଂଖ୍ୟା ଚତୁର୍ଥ
ବୃଦ୍ଧି ହୋଇଅଛି ଏବଂ ଲୋକମାନଙ୍କ ମଧ୍ୟରେ
କ୍ରମଶଃ ଶିକ୍ଷା ବିସ୍ତାର ହେଉଅଛି । କେବଳ
ସ୍ତ୍ରୀ ଶିକ୍ଷା ନିତାନ୍ତ ଉଚ୍ଚ ଅର୍ଥାତ୍ ଶତକଡ଼ା
ଦୁଇଜଣରୁ ଅଧିକ ନ ଥିବାରୁ ସେକ୍ରେ-
ଟେରୀ ଦୁଃଖ ପ୍ରକାଶ କରି ଇଣ୍ଡିଆ ଗବର୍ଣ୍ଣ-
ମେଣ୍ଟଙ୍କୁ ଲେଖିଅଛନ୍ତି ଯେ ଲୋକଙ୍କ ସ୍ୱଭାବସି-
ଦ୍ଧ ଯଥୋଚିତ ଦୃଷ୍ଟି ରଖି ସ୍ତ୍ରୀ ଶିକ୍ଷା ବିସ୍ତାର-
ପକ୍ଷରେ ଯଥାସାଧ୍ୟ ଉନ୍ନତି ଉଦ୍ୟମ କରିବାକୁ
ହେବ । ଏଣିକି ପାଞ୍ଚବର୍ଷରେ ଥରେ ଏହିପରି
ଶିକ୍ଷାବିବରଣ ପ୍ରସ୍ତୁତ କରି ପଠାଇବାକୁ
ହେବ ।"

---

ବଙ୍ଗଳାର ଦୁର୍ଭିକ୍ଷପୀଡ଼ିତ ମାରୱାଡ଼ିଭାଇ-
ମାନେ ମେଦିନୀପୁରର ବିପନ୍ନ ବ୍ୟକ୍ତିଙ୍କ ସାହାଯ୍ୟ
ନିମିତ୍ତ ଟ ୧୦୦୦୯ ଙ୍କା ଦେଇଥିଲେ ପୁଣି
ଏକହଜାର ଦେଇଅଛନ୍ତି । ଏ ରୂପେ ମେଦି-
ନୀପୁରର ସାହାଯ୍ୟକମିଟିକି ଟ ୨୦୦୦୯ ଙ୍କା
ଦେଲେ । ଓଡ଼ିଶାର କମିଶନରଙ୍କ ନିକଟକୁ
ମଧ୍ୟ ସେମାନେ ଟ ୧୦୦୯ ଙ୍କା ପଠାଇଅଛନ୍ତି
ଏବଂ କଟକ କଲେକ୍ଟରଙ୍କୁ ଲେଖିଅଛନ୍ତି ଯେ
ଏଥିପୂର୍ବେ ଯେଉଁ ଟଙ୍କା ସାହାଯ୍ୟ ନିମିତ୍ତ
ପଠାଇଥିଲେ ତହିଁରୁ କିଛି ବାକି ଉଦ୍ଧୃତ
ତାହାଙ୍କ ହାତରେ ଥିଲେ ତାହା ସୁଦ୍ଧା କମିଶନର

ସାହେବଙ୍କୁ ଦେବେ । ଶ୍ରୀମନ୍ତସମାଜ ଲେଖି-
ଅଛନ୍ତି ଯେ ବଙ୍ଗଳାର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ
ପ୍ରାର୍ଥନାମତେ ମାରୱାଡ଼ିମାନେ ଉପର-
ଲିଖିତ ସାହାଯ୍ୟମାନ ଦାନ କରିଅଛନ୍ତି ଏଥିରୁ
ସ୍ପଷ୍ଟ ପ୍ରକାଶ ଯେ ସାହାଯ୍ୟ ଦେବା ବିଷୟରେ
ଶେଠ ଲଛ୍ମୀ ବାହାଦୁର ଅଗ୍ରଣୀ ଥିଲେ ।
କମିଶନର ସାହେବ ଏ ଟଙ୍କା କି ପ୍ରକାର ବ୍ୟୟ
କରୁଅଛନ୍ତି ବା କରିବାର ପ୍ରସ୍ତାବ କରୁଅଛନ୍ତି
ଅଦ୍ୟାବଧି ଜଣା ଯାଇ ନାହିଁ ।

---

ଅସ୍ମମାନଙ୍କ ଲେଫ୍ଟେନାଣ୍ଟ ସର ଷ୍ଟୁଆର୍ଟବେଲି
ଗତ ତା ୧୨ ଇଖରେ ଦାର୍ଜିଲିଂଠାରୁ କଲି-
କତାକୁ ଫେରିଅସି ତା ୧୪ ଇଖରେ ସେଠାରୁ
ଯାତ୍ରା କରି ତା୧୫ ଇଖରେ ଚାନ୍ଦବାଲିରେ ଓ
ତା ୧୬ ଇଖରେ ଏଠାରେ ପହଞ୍ଚିଲେ ।
ଏଠାରେ ତା ୧୯ ଇଖ ପର୍ଯ୍ୟନ୍ତ ଅବସ୍ଥିତି କରି
ତା୨୦ ଇଖରେ ଖୋର୍ଦ୍ଧାକୁ ଯିବେ ଏବଂ
ସେଠାରେ ଏକଦିନ ରହି ପୁରୀକୁ ତା ୨୨
ଇଖରେ ଓ ଏକଦିନ ସେଠାରେ ରହି କଟ-
କକୁ ତା ୨୪ ଇଖରେ ଗମନକରିବେ ଓ
ତା ୨୫ ଇଖରେ ବାଲେଶ୍ୱରରେ ପହଞ୍ଚିବେ ।
ତା ୨୬।୨୭ ଇଖରେ ସେଠାରେ ରହିଣି
ହେବ ତା ୨୮ ଇଖରେ ମେଦିନୀପୁର ଯାଇ
ସେହିଦିନ ଫେରିଆସିବେ ଏବଂ ତା ୨୯ ଇଖ-
ରେ ବାଲେଶ୍ୱରଠାରୁ ଯାତ୍ରା କରି ତା୩୦ଇଖରେ
କଲିକତାରେ ପହଞ୍ଚିବେ । ଏଥର ଲାଟସାହେବ
ଭ୍ରମଣ ସମୟରେ କେବଳ ମଫସଲ ପରିଦର୍ଶନ ହେଲା ।
ଯାହା ହେଉ ମାନ୍ୟବର ଦ ୧୩।୧୬ ଦ ଓଡ଼ି-
ଶାରେ ରହିବେ ବଡ଼ ଆନନ୍ଦର ବିଷୟ
ଅଟଇ ।

---

ଚାନ୍ଦବାଲି ଓ ବାସୁଦେବପୁର ପ୍ରଭୃତି
ସ୍ଥାନରେ ଅନ୍ନକଷ୍ଟ ନିବାରଣ ନିମିତ୍ତ ଚାଉଳ-
ଘର ଓ ଦାତବ୍ୟ ରିଲିଫ ସ୍ଥାନରେ ଦେବା
ଅସ୍ତୁଗିତ ହେଉଅଛି । ବାଲେଶ୍ୱରରେ ଏଥି-
ପୂର୍ବେ ଟ ୧୧୮୯ ଙ୍କା ଦେବା ଉଠିଥିବାର
ଲେଖିଥିଲୁଁ ବର୍ତ୍ତମାନ ଓଡ଼ିଆମାନେ ଅବଗତ
ହେଲୁଁ ଯେ ଆଉ ଟ ୫୮୯ ଙ୍କା ଦେବା
ହୋଇଅଛି । ସୁତରାଂ ବାଲେଶ୍ୱରର ଦେବା
ସର୍ବସୁଦ୍ଧା ଟ ୧୪୩୦୯ ଙ୍କା ହେଲା ତନ୍ମଧ୍ୟରେ
ଏକାବେଳକେ ଟ୩୦୦୦୯ ଦେବା ସ୍ୱୀକାର ଓ
ତହିଁ ମଧ୍ୟରୁ ପ୍ରାୟ ଟ୨୯୦୦ ଙ୍କା ଅସୁଲ ହୋଇ-
ଅଛି । ଧରମଗଡ଼ ବାବୁ ବୃନ୍ଦାବନପାଢ଼ି ଟ୫୦୦୯ଙ୍କା

ଧାମନଗରର ମୁନ୍ସୀ ମହମ୍ମଦ ମଜିଦର
ଟ ୩୫୦୯ ଙ୍କା ଉଦ୍ଧ୍ୱ ସଦାବର୍ତ୍ତ ମଠର ମହନ୍ତ
ଶ୍ରୀରାମ ଦାସ ଟ ୨୩୦୯ ଙ୍କା କାଳିପୁରର ବାବୁ
ବଂଶୀଧର ଗୁପ୍ତ ମହାଶୟ ଓ ନରସିଂହର ଚୌଧୁରୀ
ବୃନ୍ଦାବନ ଚନ୍ଦ୍ରସେନ ଟ ୧୫୦୯ ଙ୍କା ଲେଖାଏଁ
ଦାନ କରିଅଛନ୍ତି । ଏତଦ୍ଭିନ୍ନ ରାୟ ହରିଚରଣ
ଘୋଷ ବାହାଦୁର ମୁନସି ଅବଦୁଲ ଗନି ବାବୁ
ଗୋବିନ୍ଦଚନ୍ଦ୍ର ଗୁପ୍ତ ଏବଂ ବାବୁ ରାମଚନ୍ଦ୍ର
ସିଂହ ଜମିଦାରମାନେ ଦ ୭୦୦ ଲେଖା ଦାନ
ଦାନକରିଅଛନ୍ତି ଏବଂ ଏଥି ମଧ୍ୟରୁ ଦ ୫୦୦ଲେଖା
ଅସୁଲ ହୋଇଅଛି । ଏ ସମସ୍ତ ଦାନ ପ୍ରଶଂ-
ସନୀୟ ଅଟେ ଏବଂ ବାଲେଶ୍ୱର ସଦର ମୁନ୍ସି-
ମଙ୍କ ଉଦ୍ୟମ ବଦାନ୍ୟତାରେ ଜଣିବା ଅଧିକ
ପ୍ରଶଂସାର ବିଷୟ ଅଟେ ।

---

କଲିକତାଠାରେ ଦୁର୍ଗପ୍ରଳୟରେ ଏକ ଦୟ-
ନୀୟ ଜାହାଜ ବୁଡିଯିବାର ସମ୍ବାଦ ଆସିଅଛି ଗତ-
ପୂର୍ବ ସୋମବାର ବାରିକିନ ନାମକ ନମ୍ବର ଜାହାଜ
ନାମକ ଜାହାଜ ଗୁଜରାତରୁ ଯାତ୍ରୀ ନେଇ
ମାର୍ଟିନବର୍ଣ୍ଣ ଘାଟକୁ ଆଉ ଯାତ୍ରୀ ନେବା-
ସକାଶ ଆସୁ ଥିଲା ନାମକ ଜାହାଜର
ସମ୍ମୁଖରେ ପଡ଼ିଗଲା । ମଙ୍ଗଳାର ସାରଙ୍ଗ ବଡ଼-
ଜାହାଜକୁ ଦେଖି ପଛକୁ ନ ରହି ଅଗ୍ରସର
ଗଲା ବନ୍ଦ କରାଇବ ବେଗେ ଯାଉଥିଲା ଯେ
ଗଲ ବନ୍ଦ କଲା ପୁଣି ପ୍ରାନ୍ତ ଦେବାକୁ ସମ୍ଭାଳି
ପାରିଲା ନାହିଁ । ବେଗରେ ମଙ୍ଗଳାକୁ ଏମନ୍ତ
ଧକ୍କା ଦେଲା ଯେ ମଙ୍ଗଳାର କଳ ଭାଙ୍ଗିଗଲା ଓ
ଦୁଇଖଣ୍ଡରେ ଫାଟିଯାଇ ତତ୍କ୍ଷଣାତ୍ ଜଳମଗ୍ନ
ହେଲା । ଏଥିରେ ପ୍ରାୟ ଦେଢ଼ଶହଲୋକ
ଥିଲେ ଓ ପ୍ରାୟ ୮୦ ଦ ୧୦୦ ଜଣ ମଗ୍ନ ହୋଇ-
ଅଛନ୍ତି । ପୁଲିସ ଏପର୍ଯ୍ୟନ୍ତ ୭୮ ମୃତଦେହ
ପାଇଅଛି ଯେ ତନ୍ମଧ୍ୟରେ ଜଣେ ବଙ୍ଗଳା ଓ
ଜଣେ ଡାକ୍ତର ଥିବାର ଜଣା ଯାଇଅଛି ।
ଗୋଟିଏ ଗର୍ଭିଣୀ ସ୍ତ୍ରୀର ମଧ୍ୟ ଲାସ ମିଳିଅଛି ମାତ୍ର
ଚିହ୍ନାପଡ଼ ନାହିଁ । ସନ୍ଧ୍ୟା ପ ୬ ଘଣ୍ଟା ସମୟରେ
କଲିକତା ନିକଟବର୍ତ୍ତୀ ବନ୍ଦରୀ ଓ ଅନ୍ୟାନ୍ୟ
ଲୋକମାନେ ସେହି ଜାହାଜରେ ଘରକୁ
ଫେରି ଯାଉଁ ଏହି ବିପଦରେ ପଡ଼ିଲେ । କି
ଦୁଃଖର କଥା ! ଏକବସ୍ତ୍ର ମଧ୍ୟରେ ଏତେଲୋ-
କଙ୍କର ସର୍ବନାଶ ! ଲୋକେ ଏହି ଦାରୁଣ
ଘଟିଥିବ ମନେ କଲେ ହୃଦୟ ବିଦୀର୍ଣ୍ଣ ହେଉ-
ଅଛି । ସମସ୍ତ ଦୈବଇଚ୍ଛା !

---

Split by PDF Splitter

Digitized by srujanika@gmail.com